# ସମାରୋହ

ମଇ ୨୦୨୬

www.samaroha.in



# KALINGA COMMERCIAL CORPORATION LTD

**A Leading Turnkey Service Provider for Mining Sector**

**(ISO 9001 : 2008 Certified)**

*Our Strength is-*
*Unity &*
*Teamwork with*





*Commitment and*
*Dedication*

*Our Motto –*
*No Words but Deeds*





*Aiming for Excellence*
*in Achievement with*
*Customer Satisfaction*

Our Vision:
Aspire to set Benchmark on Global Mining, Value Creation and Corporate Social Responsibility

***CORPORATE OFFICE***

**A/47, NILAKANTHA NAGAR, NAYAPALLI, BHUBANESWAR, ODISHA 751012**
**MOB: 9937559264**
**WEB: www.kccl.co.in**


Bringing SMILE
to the Rural Life...
Agritech
Education
Green Energy
Power & Steel
Mining
SNM
SNM GROUP
Weigh Bridge Road, Barbil, Dist : Keonjhar - 758 035, Odisha
Website: www.snmgroups.com

With Best Complements From



The No.1 Outdoor Media in the State of Odisha

torrent
ADVERTISERS

R.Shed No.37,Rasulgarh Ind. Estate
Bhubaneswar - 751010, Odisha
Mob - 9437021015
Email - torrentadv1 @gmail.com

Branch Office
Cuttack, Sambalpur, Rourkela, Behrampur, Puri

- Deals In -
Hoarding, Bulletin, Kiosks, Backlit, Mobile Van
Hi-tech Bus Shelters

# ସମାରୋହ

( କଳା, ସାହିତ୍ୟ, ସଂସ୍କୃତିର ପାରିବାରିକ ମାସିକ ପତ୍ରିକା )


**Editor:**
Sailorani Mishra
**ସଂପାଦିକା:**
ଶୈଳରାଣୀ ମିଶ୍ର
**Associate Editor:**
Rabi Narayna Nanda
Kishore Kumar Mohanty
**ସହଯୋଗୀ ସଂପାଦକ:**
ରବି ନାରାୟଣ ନନ୍ଦ
କିଶୋର କୁମାର ମହାନ୍ତି
**Publisher:**
Bibhuti Bhusan Nanda
Gandarpur, Cuttack-753003
**ପ୍ରକାଶକ:**
ବିଭୂତି ଭୂଷଣ ନନ୍ଦ
ଗଣ୍ଡରପୁର, କଟକ-୭୫୩୦୦୩
**DTP:**
Printtech Offset Pvt. Ltd.
Bhubaneswar-24
**ଡିଟିପି:**
ପ୍ରିଣ୍ଟଟେକ୍ ଅଫ୍‌ସେଟ୍ ପ୍ରା:ଲି
ଭୁବନେଶ୍ୱର-୨୪
**Printer:**
Bibhuti Bhusan Nanda
Lipsa Printers, Gandarpur, Cuttack
**ମୁଦ୍ରଣ:**
ବିଭୂତି ଭୂଷଣ ନନ୍ଦ
ଲିପ୍‌ସା ପ୍ରିଣ୍ଟର୍ସ, କଟକ
**Managing Editor:**
Kalyani Nanda
**ପରିଚାଳନା ସଂପାଦିକା:**
କଲ୍ୟାଣୀ ନନ୍ଦ

**Volume - 35 Issue - 8**
**May - 2026**
**Price- Rs. 20/-**

*Owned, Printed and Published by*
*Bibhuti Bhusan Nanda, Gandarpur, Cuttack, Odisha*


## ସୂଚୀପତ୍ର

### ପ୍ରବନ୍ଧ


**ଆମ ଶିଶୁ କବିତାର ସ୍ୱରୂପ ଓ ସ୍ୱାତନ୍ତ୍ୟ**
ଡକ୍ଟର ସୁନାମଣି ରାଉତ...... ୬


### କଥା ଓ କାହାଣୀ


**ଘୋଟାଲା** — ତରୁଣ କୁମାର ସାହୁ.......... ୧୨
**ତେଜ୍ୟପୁତ୍ର** — କାଳିନ୍ଦୀ ଚରଣ ଭଞ୍ଜ......... ୧୪
**ଶେଷ ନିଷ୍ପତ୍ତି** — ଡ. ମହେଶ୍ୱର ଜେନାସାମନ୍ତ.. ୨୦
**କେହି ଜଣେ ଅପରିଚିତ** — ସୁଷମା ପରିଜା................ ୨୫
**ନେମ୍‌ପ୍ଲେଟ୍** — ଶଶିଭୂଷଣ ମହାନ୍ତି........... ୨୮
**ସେ ଓ ତା ସ୍ୱପ୍ନ** — ବାସନ୍ତୀ ଦାସ................ ୩୬
**ଅଶାନ୍ତ ଗ୍ରହ** — ଦାଶରଥି ଭୂୟାଁ...............୩୯
**ଶୁଧାର ଟଙ୍କା** — ପ୍ରଶାନ୍ତ ତ୍ରିପାଠୀ.............. ୪୨


### କବିତା


**ପଳାତକ ଅତୀତକୁ** — ଅଶ୍ୱିନୀ କୁମାର ମିଶ୍ର......... ୪୫
**କଙ୍କାଳ କୋହ** — ପିନାକୀ ମିଶ୍ର.................୪୬
**ପ୍ରେମ-୭** — ସରୋଜିନୀ ମିଶ୍ର (ଏମ୍.ଏ.).. ୪୬
**କିଛି ରହିନାହିଁ** — ସୁଶୀଲ କୁମାର ପାଣିଗ୍ରାହୀ..... ୪୭
**ଘାଟ** — ଶିବ ଶଙ୍କର ଦାସ............ ୪୭
**ବ୍ୟଥା** — ଡ.ଚନ୍ଦ୍ରକଳା ନାୟକ......... ୪୮
**ସମ୍ପର୍କ କାଲି ଓ ଆଜିର** — କବିତା ମହାନ୍ତି............... ୪୮
**ପୂରିବା ଆଗରୁ କାଳ** — ରବୀନ୍ଦ୍ର କୁମାର ମହାପାତ୍ର..... ୪୯
**ସପନ ଡଙ୍ଗା** — ପୀୟୂଷ ପଟ୍ଟନାୟକ.......... ୪୯
**...ମା'ର ଘର...** — ଦେବସ୍ମିତା ବେହେରା......... ୫୦
**ମା'ର ହସ..** — ମନୋଜ କୁମାର ବେହେରା... ୫୧
**କର୍ମରେ ବିଶ୍ୱାସ** — ମନ୍ମଥ କୁମାର ସାହୁ...... ୫୧
**ପ୍ରଥମ ପ୍ରେମ** — ଅଶ୍ୱନୀ କୁମାର କର......... ୫୨
**କାମନାର କଦନ** — ଅନସୂୟା ପଣ୍ଡା...............୫୨

## ସମାରୋହ ନିୟମାବଳୀ

- ଏହା ପ୍ରତିମାସର ଦ୍ୱିତୀୟ ସପ୍ତାହରେ ପ୍ରକାଶ ପାଏ ।
- ସମାରୋହ ସମସ୍ତ ଲେଖକ ଲେଖିକାଙ୍କୁ ସମାନ ଗୁରୁତ୍ୱ ପ୍ରଦାନ କରେ ଓ ବିଶେଷତଃ ନୂତନ ଲେଖକଙ୍କୁ ଉତ୍ସାହିତ କରିବାରେ ବିଶ୍ୱାସ କରେ, କିନ୍ତୁ ଲେଖା ଉନ୍ନତମାନର ହୋଇଥିଲେ ହିଁ ଏହା ପ୍ରକାଶିତ ହୁଏ ।
- ଲେଖା ପଠାଇବା ସମୟରେ ଏହାର ଏକ ନକଲ ପାଖରେ ରଖନ୍ତୁ କାରଣ ଅମନୋନୀତ ଲେଖା ଫେରସ୍ତ ଦିଆଯାଏ ନାହିଁ ।
- ଲେଖା ସହିତ ନିଜର ସଂପୂର୍ଣ୍ଣ ଠିକଣା, ଦୂରଭାଷ ନମ୍ବର ଓ ପରିଚୟ ପଠାନ୍ତୁ ।
- ଅନ୍ୟ ପତ୍ରିକାରେ ପ୍ରକାଶିତ ହୋଇଥିବା କିମ୍ବା ପ୍ରକାଶ ପାଇଁ ଦେଇଥିବା ଲେଖା ପଠାନ୍ତୁନାହିଁ ।
- ଲେଖା ପଠାଇବାର ୬ ମାସ ମଧ୍ୟରେ ଏହା ପ୍ରକାଶିତ ନ ହୋଇଥିଲେ କିମ୍ବା କୌଣସି ଉତ୍ତର ନପାଇଲେ ଲେଖାଟି ଅମନୋନୀତ ବୋଲି ଧରିନେବେ ।
- ଲେଖାଟିଏ ସମାରୋହକୁ ପ୍ରକାଶ ପାଇଁ ପଠାଇବା ପରେ ୬ ମାସ ପର୍ଯ୍ୟନ୍ତ ତାହା ଅନ୍ୟତ୍ର ପ୍ରକାଶ ପାଇଁ ଦିଅନ୍ତୁ ନାହିଁ ।
- ଚାହିଁଲେ ଆପଣ ଲେଖାକୁ (ଶ୍ରୀଲିପି / ଆକୃତି)ରେ ପଠାଇ ପାରନ୍ତି । ପଠାଇବାର ଇ-ମେଲ୍ ଠିକଣା:- thesamaroha@gmail.com
- ହାତଲେଖା ସ୍ପଷ୍ଟ ହୋଇନଥିଲେ ଏବଂ ପଢ଼ି ହେଉନଥିଲେ ଲେଖା ପ୍ରକାଶ ନିମନ୍ତେ ବିଚାରକୁ ନିଆଯିବ ନାହିଁ ।
- ଫିଚର, ମହିଳା ମହଲ, ତନ୍ମାତ୍ର, ବ୍ୟକ୍ତିତ୍ୱ, ଖେଳ ଖେଳାଳୀ ପ୍ରଭୃତିର ପୃଷ୍ଠା ନିମନ୍ତେ ଉତ୍ତମ ମାନର ତଥ୍ୟ ସମ୍ବଳିତ ଲେଖା ପ୍ରକାଶ ଯୋଗ୍ୟ । ତେବେ ଏ ସମସ୍ତ ଲେଖା ପଠାଇବା ପୂର୍ବରୁ ସଂପାଦିକାଙ୍କ ସହିତ ଯୋଗାଯୋଗ କରି ଅନୁମତି ନେବା ଆବଶ୍ୟକ ।

**ସମସ୍ତ ଲେଖା, ମନିଅର୍ଡ଼ର ପଠାଇବା ନିମନ୍ତେ ଏବଂ ସମସ୍ତ ଯୋଗାଯୋଗ ନିମନ୍ତେ ଡି-୯, ବିଜେବି ନଗର ପରିବର୍ତ୍ତେ ସହଯୋଗୀ ସଂପାଦକଙ୍କର ନିମ୍ନୋକ୍ତ ଠିକଣାଟି ବ୍ୟବହାର କରିବାକୁ ଅନୁରୋଧ ।**

**ପରିଚାଳନା ସଂପାଦିକା**

**ସମାରୋହ ଆଜୀବନ ପୃଷ୍ଠପୋଷକ**

**- ଡା. ଅମରେନ୍ଦ୍ରନାଥ ଦାସ**

**- ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀ**

**- ଶ୍ରୀ ଲକ୍ଷ୍ମୀକାନ୍ତ ମିଶ୍ର**

## ରମ୍ୟରଚନା

**ମାଗିଅଣା ତିଅଣ ସୁଡୁକେ** ବୀରେଶ୍ୱର ମହାନ୍ତି.................. ୫୪

## ତନ୍ମାତ୍ର

**ନୂଆ ଓଡ଼ିଆ ଚଳଚ୍ଚିତ୍ର ସମ୍ପର୍କରେ** .......................... ୫୬

## ଖେଳ ଓ ଖେଳାଳୀ

**ବିଶ୍ୱକପ୍ ହକି - ୨୦୨୬**.......................................... ୫୭

**ପଢ଼ନ୍ତୁ ! ପଢ଼ନ୍ତୁ !**

**ମାସିକ ଓଡ଼ିଆ ପତ୍ରିକା**



**ଯୋଗାଯୋଗ ଠିକଣା**
**ସହଯୋଗୀ ସଂପାଦକ : ସମାରୋହ**
**ସି-୧୬୩, ବିଡିଏ ଡୁପ୍ଲେକ୍ସ, ପ୍ରଜ୍ଞାବିହାର, ବରମୁଣ୍ଡା, ଭୁବନେଶ୍ୱର-୩**
**ଫୋନ୍ ନମ୍ବର : ୦୬୭୪-୨୩୫୪୮୭୩, ମୋବାଇଲ ନମ୍ବର : ୯୦୯୦୪୬୮୦୪୬**
E-mail: thesamaroha@gmail.com

| **ସମାରୋହର ଦେୟ** | |
|---|---|
| | ବାର୍ଷିକ................ଟ. ୩୦୦.୦୦    ଦ୍ୱିବାର୍ଷିକ..............ଟ. ୬୦୦.୦୦ |
| | ୩ ବର୍ଷ ପାଇଁ..........ଟ. ୯୦୦.୦୦    ୫ ବର୍ଷ ପାଇଁ..........ଟ. ୧୫୦୦.୦୦ |
| | *ପ୍ରତ୍ୟେକ ମାସିକ ସଂଖ୍ୟା ଡାକ ଯୋଗେ ଗ୍ରାହକଙ୍କ ନିକଟକୁ ପଠାଇଦିଆଯିବାର ବ୍ୟବସ୍ଥା ରହିଛି ।* |

# ସଂପାଦକୀୟ

ଚକ୍ଷୁକୁ ଦୃଶ୍ୟମାନ ନହେଲେ ମଧ୍ୟ ପ୍ରତି ମୁହୂର୍ତ୍ତରେ ଘୂର୍ଣ୍ଣୟମାନ ପୃଥିବୀରେ ପରିବର୍ତ୍ତନ ହୋଇଚାଲିଛି। ମେ ମାସର ସମ୍ପାଦକୀୟଟିକୁ ପୃଥିବୀର ଚକ୍ର ସହିତ ଘୁରାଇ ଲେଖିବା ସମ୍ଭବ ହେବନାହିଁ। ନିଜର ବୟସ ପ୍ରତି ବର୍ଷର ମେ ମାସ ବେଳକୁ ଗୋଟିଏ ବର୍ଷ ଆଗେଇ ଚାଲିଛି। ଛବିଶ ମସିହାର ସମ୍ପାଦକୀୟ ଏହି ଘୂର୍ଣ୍ଣୟମାନ ପୃଥିବୀ ସହିତ ଚାଲିବା ସମ୍ଭବ ହେବନାହିଁ। କାରଣ ଚିରନ୍ତନ ପୃଥିବୀ ବର୍ଷ ବା ବୟସ ସେହି ଅନୁପାତରେ ଆଗେଇ ଚାଲିଛି। ବର୍ତ୍ତମାନ ପୃଥିବୀରେ ଚତୁର୍ଦ୍ଦିଗରେ ଯାହା ପରିବର୍ତ୍ତନ ଦେଖିବାକୁ ମିଳୁଛି, ତା ସହିତ ତାଳ ଦେଇ ଚାଲିବା ଅସମ୍ଭବ। ତେଣୁ ଆଜିର ସମ୍ପାଦକୀୟ ଯଦି ଭିନ୍ନ ରୂପ ନେବ କହିହେବନି। ନିଜର ବୟସ ଲୁଚାଇବାକୁ ସମସ୍ତେ ଚାହାଁନ୍ତି। ଉଣେଇଶ ଶହ ବତିଶି ମସିହାର ମେ ପନ୍ଦର ଦିନ ଜନ୍ମିତ ଏହି ନାରୀଟିର ସାମର୍ଥ୍ୟକୁ ଆପଣମାନେ ଚିନ୍ତା ନକରି ମଧ୍ୟ ଅନୁମାନ କରି ପାରୁଥିବେ। ଏ ପର୍ଯ୍ୟନ୍ତ ମୋତେ ସମ୍ପାଦକୀୟ ଲେଖିବାକୁ ସୁଯୋଗ ଦେଇଥିବା କର୍ମକର୍ତ୍ତାଙ୍କୁ ଅନ୍ତରରୁ ଆଶୀର୍ବାଦ ଓ ଧନ୍ୟବାଦ ଦେଇ ଭାବୁଛି ଏହାକୁ ମୋର ଶେଷ ଲେଖା ବୋଲି ଗ୍ରହଣ କରିବେ। କାରଣ ଏତେବଡ଼ ସଂସାର ମଧ୍ୟରେ ମୋର ବୋଲି କହୁଥିବା ନିଜର ସଂସାର ବହୁତ ସୀମିତ ହୋଇଗଲାଣି। ତେଣୁ ଭାବୁଛି ଏହା ମୋର ଶେଷ ଲେଖା ବୋଲି। କ'ଣ ଲେଖିବି ? ସମସ୍ତିଙ୍କ ଚକ୍ଷୁ ସମ୍ମୁଖରେ ଟି.ଭି. ଅଛି, ଫୋନ୍ ଅଛି, ଖବରକାଗଜ ମାନ ଅଛି। ସେଥିରୁ ସେମାନେ ମୋ ଠାରୁ ଅଧିକ ଜ୍ଞାନ ଆହରଣ କରିପାରୁଥିବେ।

ନିଜେ ଗ୍ରହଣ କରି ନେଇଥିବା କାର୍ଯ୍ୟଟିକୁ ମନ ମୁତାବକ କରି ନପାରିଲେ ତୃପ୍ତି ପରିବର୍ତ୍ତେ ଅତୃପ୍ତି ଆସିଥାଏ। ଆଜି ପର୍ଯ୍ୟନ୍ତ ଏ ସୁଯୋଗ ମତେ ମିଳିଥିବାରୁ ମୁଁ ଗର୍ବିତ ବା ଦୁଃଖିତ ନିଜେ ଜାଣିପାରୁନାହିଁ। ଆପଣମାନଙ୍କର ମନ ଅନୁସାରେ ମୋର ଏହି ଉକ୍ତିଟିକୁ ଗ୍ରହଣ କରିବେ। ଏହି ମେ ମାସ ପନ୍ଦର ତାରିଖରେ ମୋର ଜନ୍ମ ହୋଇଥିଲା। ମୋର ଏହି ଜନ୍ମଦିନରେ ସାରା ସୃଷ୍ଟିକୁ ଉତ୍ତୋରତ୍ତର ଉନ୍ନତି କରିବା ପାଇଁ ସର୍ବମୟ କର୍ତ୍ତା ଜଗତର ନାଥ ଶ୍ରୀ ଶ୍ରୀ ଜଗନ୍ନାଥଙ୍କୁ କୋଟି କୋଟି ପ୍ରଣାମ କରି ମିନତି କରୁଛି ଏତିକିରେ ସମାପ୍ତ ହେଉ। ତେଣିକି ତାଙ୍କ ଇଚ୍ଛା। ସେ ପୂର୍ଣ୍ଣ, ସେହି ପୂର୍ଣ୍ଣରୁ ମୁଁ ଆସିଛି ଏବଂ ଯିବା ଦିନ ତାଙ୍କୁ ଜଣା ଅଛି। ଅନ୍ଧଟିଏ ନିଜକୁ ଦିଶୁନଥିଲେ ମଧ୍ୟ ଅନ୍ଧାରରେ ବାଡ଼ି ବୁଲାଇ ପଥ ଖୋଜୁଥାଏ। ବୋଧହୁଏ ଏହାହିଁ ମୋ ଜୀବନର ଲକ୍ଷ୍ୟ। କେତେ ଦୂର ଆସିଲି ଆଉ କେତେଦୂର ଯିବି ଜଣାନାହିଁ। ବୟସ ସହିତ ବିଜ୍ଞତା, କର୍ମଦକ୍ଷତା, ବୁଦ୍ଧିର ବିଚକ୍ଷଣତା ସମସ୍ତ ମ୍ରିୟମାଣ ହୋଇ ଆସିଲେଣି। ଆଉ କେତେ ଦୂର ଯିବାକୁ ହେବ ଜାଣିନି, ତଥାପି ଏତେବଡ଼ ଜୀବନରେ ବୁଝିପାରିଛି ଯେ ପ୍ରତ୍ୟେକ ଜୀବନର କିଛି ଉଦ୍ଦେଶ୍ୟ ଅଛି। ସେ ନିଜେ ତା'ର ନିର୍ମାଣକର୍ତ୍ତା ନୁହେଁ। ନିୟନ୍ତ୍ରଣ ଅନ୍ୟ ହାତରେ ଅଛି। ତାଙ୍କୁଇ ଆଶ୍ରା କରି ଏତେବାଟ ଆଗେଇ ଆସିଛି, ତେଣିକି ଇତି ବା ପୂର୍ଣ୍ଣଚ୍ଛେଦ ତାଙ୍କ ହାତରେ ବୟସ୍କ ଅନୁସାରେ ସାରାବିଶ୍ୱକୁ ଆଶୀର୍ବାଦ କରି ପ୍ରତିଦ୍ୱନ୍ଦିତା, କଳହ, ବିଦ୍ରୋହ ଓ ଅସହିଷ୍ଣୁ ହୋଇ ବିବ୍ରତ ନହୋଇ ସ୍ଥିର ଚିତ୍ତରେ ଶେଷ ନିଶ୍ୱାସ ନେବାର ଭରସା ରଖି ମୁଁ ନିବୃତ୍ତ ହେଲି।

ହରିଓଁ ତତ୍‌ସତ୍
ବ୍ରହ୍ମାର୍ପଣମସ୍ତୁ

ସୌଦାମିଣୀ ମିଶ୍ର

ପ୍ରବନ୍ଧ

# ଆମ ଶିଶୁ କବିତାର ସ୍ୱରୂପ ଓ ସ୍ୱାତନ୍ତ୍ର୍ୟ

ଡକ୍ଟର ସୁନାମଣି ରାଉତ

ସାହିତ୍ୟର ଆଦ୍ୟ ଓଁକାର ଧ୍ୱନି ହେଉଛି କବିତା ବା ଗୀତ । ସୃଷ୍ଟିର କେଉଁ ଆଦିକାଳରୁ ଏଇ ଗୀତସବୁର ସୃଷ୍ଟି ତାହା କହିବା ମୁସ୍କିଲ । ବୋଧହୁଏ ପାହାଡ଼ୀ ଝରଣାରୁ କୁଳୁକୁଳୁ ସ୍ୱର, ମନ୍ଦ ମନ୍ଦ ପବନର ସୁଭ ସୁଭ ନିଃସ୍ୱନ, ବନ ବିହଗର ସୁମଧୁର କାକଳି ଅଥବା ଶ୍ରାବଣ ବର୍ଷର ରିମ୍‌ଝିମ୍ ନିକ୍ୱଣରେ ଦାନା ବାନ୍ଧିଛି । ସାହିତ୍ୟର ଏଇ ସୁକୁମାର କଳା କାରିଗରୀ । ଅବଶ୍ୟ ଗୀତ ଓ କବିତା ଏକାକଥା ନହେଲେ ବି ଏ ଦିହିଁଙ୍କ ଭିତରେ ଅନେକ ଅନ୍ତରଙ୍ଗ ସାମଞ୍ଜସ୍ୟ ଲକ୍ଷ୍ୟ କରାଯାଏ । ଗୀତ ଗାୟନଧର୍ମୀ ଓ କବିତା ଆବୃତ୍ତି ଧର୍ମୀ ହେଲେ ମଧ୍ୟ କବିତାକୁ ଗୀତ ସ୍ୱରରେ/ତାଳରେ ବୋଲାଯାଇପାରେ ଓ ଗୀତକୁ କବିତା ରୂପେ ଆବୃତ୍ତି କରାଯାଇପାରେ । ଆଦିକବି ବାଲ୍ମୀକିଙ୍କ ଲେଖନୀ ନିଃସୃତ 'ମା' ନିଷାଦ ପ୍ରତିଷ୍ଠା ତ୍ୱଂଗମ ଶାଶ୍ୱତ ସମାଃ'ଠାରୁ ଆରମ୍ଭ କରି ଆମଗାଁ ବାଲୁଙ୍କୀ ବୁଢ଼ୀ ତୁଣ୍ଡର 'ଧୋ'ରେ ବାଇଆ ଧୋ' ... ଗୀତ ପର୍ଯ୍ୟନ୍ତ ଏଇକ ସୁଦୀର୍ଘ ଓ ସୁଦୃଢ଼ ପରମ୍ପରାରେ ବାନ୍ଧି ହୋଇ ରହିଛି ଆମ ଗୀତ ସାହିତ୍ୟ ।

ଓଡ଼ିଆ ଶିଶୁ ସାହିତ୍ୟ ଏଇ ପରମ୍ପରାର ଏକ ସରସ ଓ ସମୃଦ୍ଧ ବିଭବ । ଆମ ଲୋକ ସାହିତ୍ୟର ଲୋକ ଗୀତିକା ହେଉଛି ଏହାର ପ୍ରାଣ । ପୁରୁଷ ପୁରୁଷ ଧରି ତୁଣ୍ଡରୁ ତୁଣ୍ଡ ହୋଇ ଏଇ ଗୀତସବୁ ନିଜର ସାବଲୀଳତା, ସାଂଗୀତିକତା ଓ ସାମାଜିକ ପ୍ରତିବଦ୍ଧତାକୁ ଅକ୍ଷୁର୍ଣ୍ଣ ରଖି ଆସିଛି । ଲୋକ ଗୀତିକାର ବ୍ୟାପକ ପରିସର ଭିତରୁ 'ଶିଶୁ ଗୀତିକା'ର ସ୍ୱାଦ ନିଆରା । ସରସ ସୁନ୍ଦର ଓ ସାବଲୀଳ ଢଙ୍ଗରେ ବୋଲାଯାଉଥିବା ଏଇ ଗୀତରେ ରହିଛି ହୃଦୟର ଅକୁହା ଆବେଗ ଓ ତାଳଲୟ ଛନ୍ଦର ଏକ ଅପୂର୍ବ ଭାବ ସ୍ପନ୍ଦନ ।

ଓଡ଼ିଆ ଶିଶୁ ଗୀତ / କବିତାକୁ ମୁଖ୍ୟତଃ ଦୁଇ ଭାଗରେ ବିଭକ୍ତ କରାଯାଇପାରେ । ପ୍ରଥମଟି ହେଲା 'ପିଲାଙ୍କ ପାଇଁ' ଓ ଦ୍ୱିତୀୟଟି ହେଲା 'ପିଲାମାନଙ୍କ ଦ୍ୱାରା' ବୋଲାଯାଉଥିବା ଗୀତ । ଅବଶ୍ୟ କେତେଜଣ ଏଥିରୁ କଲିକେନା କାଢ଼ି ଏହି ବିଭାଗକୁ ଆହୁରି ବ୍ୟାବକ ଓ ସମ୍ପ୍ରସାରିତ କରିପାରନ୍ତି, ମାତ୍ର ମୁଖ୍ୟତଃ ଏହି ଦୁଇଟି ପର୍ଯ୍ୟାୟ ଶିଶୁଗୀତର ସୃଷ୍ଟି ଓ ବିକାଶର ନିୟାମକ ବୋଲି କହିଲେ ଭୁଲ ହେବନାହିଁ । ଏଥର ଏ ସମ୍ପର୍କରେ ସବିଶେଷ ଆଲୋଚନା କରାଯାଉ ।

୧) ଶିଶୁମାନଙ୍କ ପାଇଁ ବୋଲାଯାଉଥିବା ଗୀତ:

ଶିଶୁମାନେ ସ୍ୱଭାବତଃ ଅବୁଝା, ଅଝଟିଆ, ଅଇନିଆଁ, ଅମାନିଆ, ଅଇଗୁଣିଆ, ଅଥରପା' ଏବଂ ଅରମାପଥର ଯାତ୍ରୀ । ସାଧାରଣତଃ ଆଗକାଳରେ ଖାଇବା ପାଇଁ, ପିଇବା ପାଇଁ, ଦଳଦୀ ଲଗାଇବା ପାଇଁ, ଶୋଇବା ପାଇଁ ଏମିତିକି ଗାଧୋଇବା ପାଇଁ ପିଲାମାନେ ଭାରି ହଇରାଣ କରୁଥିଲେ । ଏଥିସକାଶେ ସେକାଳର ମା' ଓ ବୁଢ଼ୀମାନେ ପିଲାମାନଙ୍କୁ ବୁଝେଇ ସୁଝେଇ, କଅଁଳେଇ ସଅଁଳେଇ, କୋଳରେ ଝୁଲେଇ, କାଉ, ପାରା, ବଣି ଅଥବା ଜହ୍ନ ଦେଖେଇ, ପିଠି ଥାପୁଡେଇ, ମୁଣ୍ଡ ଆଉଁସି ଦେଇ, ହୁଳହୁଳି ପକେଇ, ଘଣ୍ଟି ନ ହେଲେ କବାଟ କଡିଆ ବାଡ଼େଇ, ମନରୁ ଗୀତ ଫାନ୍ଦି ବୁଝେଇବାର ଉଦ୍ୟମ କରୁଥିଲେ । ଏହା ଦ୍ୱାରା ଉଭୟ ପିଲା ଓ ମା'ମାନଙ୍କୁ ଏକ ପ୍ରକାର ଆଶ୍ୱସ୍ତି ପ୍ରାପ୍ତ ହେଉଥିଲା । ମାତ୍ର ଏବେ ଆମ ସମୟର ପିଲାମାନଙ୍କ ଏହି ସ୍ୱଭାବ ସୁଲଭ ପ୍ରକୃତିକୁ ଜବରଦସ୍ତ ଚାପି ଦିଆଯାଉଛି ବା ହତ୍ୟାକରାଯାଉଛି କହିଲେ ଭୁଲ ହେବନାହିଁ । ମା' ବାପା ଓ ଗୁରୁଜନଙ୍କଠାରୁ ଟିକିଏ ସ୍ନେହ, ଆଦର, ଗେହ୍ଲା ପାଇବା ପାଇଁ ଆଜିର ପିଲାଏ କାନ୍ଦିବାକୁ, ରୁଷିବାକୁ, ଘୋଷା ହେବାକୁ, ଗୋଡ କଚାଡିବାକୁ, ମିଛି ମିଛିକା ଉଁ ....ଉଁ ... ହେବାକୁ, ନାକ ସୁଁ ... ସୁଁ... କରିବାକୁ, ଫୁଲେଇ ହେବାକୁ, ସାକୁଲେଇ ହେବାକୁ ଭୟ କରୁଛନ୍ତି ନ ହେଲେ ଏତେକଥା ହେବାକୁ ତାଙ୍କ ପାଖରେ ଆଜି ବେଳ ନାହିଁ ।

ଅଥଚ ସେତେବେଳର ସେହି ଅନପଢ ମା'-ବୁଢ଼ୀମାମାନଙ୍କ ତୁଣ୍ଡରୁ ଝରି ପଡୁଥିବା ସେଇ ଗୀତସବୁରୁ ସତେ ଯେମିତି ଅମୃତ ଝରି ପଡୁଥିବା ପରି ଶିଶୁ ଅନୁଭବ କରୁଥିଲା । ସାପୁଆ କେଳାର ପଦ୍ମତୋଳା ଶୁଣି ସାପ ବଶ ହେବା ସହ ସେଇ ମା' ଓ ବୁଢ଼ୀମାମାନଙ୍କ ଗୀତଶୁଣି ଶିଶୁଟି ଖାଲି ବଶୀଭୂତ ହେଉନଥିଲା; ସେ ଅନୁଭବ କରୁଥିଲା ସ୍ନେହ, ଶ୍ରଦ୍ଧା, ଭଲ ପାଇବାର ରୂପ ଓ ସ୍ୱାଦଟି କେମିତି ! କବିତ୍ୱର ସ୍ୱତଃ ସ୍ଫୁର୍ତ୍ତ ସୁକୁମାର କଳାଟି କେମିତି, କେମିତି ଅପସରି ଯାଏ ରାଗରୁଷା, ଅଭିମାନ, ଓ ଅଝଟ ପଣର ଶକ୍ତ କଳା ପରଦା ! ଯୁଗ ପରେ ଯୁଗ, ପିଢ଼ି ପରେ ପିଢ଼ି ବିତି ଯାଉଥିଲେ ବି ସେଦିନର ମା' ଓ ବୁଢ଼ୀମା'ଙ୍କ ଗୀତସବୁ ଏବେ ବି ଅଙ୍ଗାର ନିଆଁରେ ସୁନା ଦାଉ ଦାଉ ଝଟକିବା ପରି ଝଟକୁଛି ଓ ଝଟକୁଥିବ ଚିରକାଳ ।

'ସୁନ୍ଦରେ ତୃପ୍ତିର ଅବସାଦ ନାହିଁ' ନ୍ୟାୟରେ ଯା'କୁ ଯେତେ ଶୁଣୁଥିଲେ ବି ନୂଆ ଲାଗୁଥିବ କାନକୁ ମନକୁ ହୃଦୟକୁ। ତା'ର କେତୋଟି ଉଦାହରଣ ଏଠାରେ ଲକ୍ଷ୍ୟ କରନ୍ତୁ –

"ବାଇ ଚଢ଼େଇରେ ବାଇ ଚଢ଼େଇ
ତୋ' ମାଆ ଯାଇଛି ଗାଇ ଚରେଇ।
ଗାଇରୁ ଆଣିବ ପାଚିଲା ବେଲ
ତୁ' ଖାଇକରି ହେବୁରେ ଗେଲ।"

XXX XXX XXX

"ବାଇଆ ମାଆ ଯେ ନ ଖାଏ କୁଣ୍ଡା
ପୁଅ ଦେଇଅଛି ଲଙ୍ଗଳ ମୁଣ୍ଡା
ପୁଅକୁ ଶୁଇଲା ହିଡ଼ ମୁଣ୍ଡରେ
ପିମ୍ପୁଡ଼ି ଖାଇଲା ନାଇ ମୁଣ୍ଡାରେ।"

ଏସବୁ ଗୀତର ଭାବ ନିରର୍ଥକ ହେଲେ ବି ଏହାର ସ୍ୱର, ଲୟ ଓ ତାଳ ମାଧୁର୍ଯ୍ୟ ଏତେ ମନୋମୁଗ୍ଧକର ଯେ ଶିଶୁଟିଏ ଏହାକୁ ଶୁଣୁ ଶୁଣୁ କାନ୍ଦ ବନ୍ଦ କରିଦିଏ। ଖାଇଦିଏ ନ ହେଲେ ଚୁପ୍‌ଚାପ୍ ଶୋଇପଡ଼େ ମା କୋଳରେ।

ଏହା ଛଡ଼ା ଶିଶୁକନ୍ୟା ( ) ଙ୍କ ପ୍ରତି ସ୍ନେହ, ଶ୍ରଦ୍ଧା ଓ ଭଲ ପାଇବାର ନମୁନା ଓ ଉପଦେଶ ଆମ ଶିଶୁ ଗୀତରେ ଅଭାବ ନାହିଁ। ତା'ର ଗୋଟିଏ ଉଦାହରଣ ଦେଖନ୍ତୁ –

" କହିବୁ ସତକଥାଟି
କଟିଯାଉ ପଛେ ନିଜ ମଥାଟି. ଗୋ କନକଲତା
କୋଟି ପୁଣ୍ୟବଳ ସେଟି।
ଅଧୀର ନୋହିବୁ କେବେ
ଅଜାଡ଼ି ପଡ଼ିବ ବିପଦ ଯେବେ, ଗୋ କନକଲତା
ଅତର ସବୁ ଏ ଭବେ।
ନମିବୁ ଗୁରୁଜନଙ୍କୁ
ନ ମାରି ଭଉଣୀ ଭାଇମାନଙ୍କୁ ଗୋ କନକଲତା
ନେବୁ ସ୍ନେହେ କିଣି ତାଙ୍କୁ ।।"( ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀ
କନକଲତା ଭାଇଭଉଣୀ – ଗ୍ରନ୍ଥାବଳୀ ୨୦୬/୨୦୭)

ଏହି ଗୀତରୁ ଆମ ସମାଜରେ କୁନି ଝିଅମାନଙ୍କ ପ୍ରତି କେତେ ସ୍ନେହ ଶ୍ରଦ୍ଧା ସୋହାଗ ଅଜାଡ଼ି ହୋଇ ପଡୁଥିଲା ତାହା ସହଜରେ ଅନୁମାନ କରାଯାଇପାରେ। ମାତ୍ର ଆଜିର ଝିଅମାନଙ୍କ କଥା ଚିନ୍ତା କଲାବେଳେ ଘୋର ଲଜ୍ଜା ସରମ ଅପମାନରେ ମୁଣ୍ଡ ତଳକୁ ହୋଇଯାଉଛି। ବେଙ୍ଗାଲୁର ଭିବଶ୍ୱୋର ହାଇସ୍କୁଲର ପ୍ରଥମ ଶ୍ରେଣୀରେ ପଢୁଥିବା ଓଡ଼ିଆ କୁନିଟି ଝିଅ ପ୍ରତି ପାଶବିକ ଅତ୍ୟାଚାର, ହାଇଦ୍ରାବାଦର କାକିନାଡାରେ ଦୃଷ୍ଟିହୀନ ସ୍କୁଲ ଅଧକ୍ଷଙ୍କ ତିନିଜଣ ପିଲାଙ୍କୁ ଗୋରୁଗାଇ ପରି ନିସ୍ତୁକ ମାଡ, କୋଲ୍‌କତାର ଗୋଟିଏ ସ୍କୁଲର ଜଣେ ଚାରି ବର୍ଷର ପିଲାକୁ ଟିଉସନ୍ ଶିକ୍ଷୟିତ୍ରୀଙ୍କ ନିର୍ଦ୍ଦୟ ଓ ଅମାନୁଷିକ ପ୍ରହାର ଅଥବା ଆସିକାରେ ଖଣ୍ଡେ ଖାତା ଓ ଗୋଟେ ପେନ୍‌ସିଲ ପାଇଁ କୁନିଝିଅ ବନିତାର ଆତ୍ମହତ୍ୟା କିମ୍ବା ନବରଙ୍ଗପୁର ପାପଡ଼ାହାଣ୍ଡି ବ୍ଲକ୍‌ର ଖୁଟୁଗୁଡ଼ା ଗାଁର କୁନିଝିଅ କନକ ସ୍କଉଲ ଫି ୧୪୮ ଟଙ୍କା ଦେଇ ନପାରି ଦେହରେ ନିଆଁ ଲଗାଇ ଦେବା କଥା ଭାବିବା ବେଳେ ସ୍ୱାଧୀନତାର ୭୭ ବର୍ଷ ପରେ ବି ଆମ ପିଲାଏ କେତେ ଦୁଃସ୍ଥ, ଅବହେଳିତ ଓ ନିର୍ଯ୍ୟାତିତ ତାହା ସହଜରେ ଅନୁମାନ କରିହୁଏ। ଏହା ସତ୍ତ୍ୱେ ବି ଆମ ସାଂପ୍ରତିକ କାଳର ଶିଶୁଗୀତରେ ଶିଶୁକନ୍ୟାକଙ୍କ ପ୍ରତି ସ୍ନେହ, ଆଦର ଓ ଶ୍ରଦ୍ଧା ତଥାପି ଅତୁଟ ରହିଛି –

" ଠଣକ ଠଣକ ଠଣକ ଠଣ
ଚଗଲା ପିଟୁଛି ଖଣ୍ଡିଆ ଟିଣ
କାନରେ ଅତଡ଼ା ଖସେ,
ଝୁମୁରି ଆଖିରେ କଇଁଆ ନିଦ
ନିଦ ମଳମଳ ଦିଶେ।
ସାଇଁକି ସାଇଁକି ସାଇଁକି ସାଇଁ
ବରଷା ସୁଆଡି ଥିଲାରେ କାହିଁ
ସକାଳୁ ଉେଟିଲା ମେଘ
ଝୁମୁରି କୁରୁଳେ ହେବରେ ଛୁଟି
ଡ଼ଙ୍ଗା ଭସେଇବ ଆମ।"
(ଦାଶ ବେନହୁର -କୁନା ପାଇଁ ଅନାବନା ଗୀତ, ପୃ-୧୫)

XXX XXX XXX

" ଆମ କୁନି ଝିଅ କୁଲ୍ କୁଲ୍
କଥା କହୁଥିଲେ ଶୁଣାଯାଏ ଅବା
ଗୀତ ଗାଉଅଛି ବୁଲ୍‌ବୁ
ଶୋଇ ପଡ଼ିଥିଲେ ତୁନ୍‌ତାନ୍
ବଇଶାଖ ମାସ ଖରାବେଳ ପରି
ଘରଟା ଲାଗଇ ଶୂନ୍‌ଶାନ୍।"
(ସ୍ନେହଲତା ମହାନ୍ତି- ଝୁଲ୍‌ରେ ହାତୀ – ଝୁଲ୍ ପୃ-୯)

XXX XXX XXX

"ସଢ଼େଇରେ ଭାତ ତିଅଣ କେତେ
କରିଛି ମାମୁନି କେମିତି ଏତେ।
ଖାଇବାକୁ ଦେବ ଯତନ କରି
ପାଖରେ ବସିବ ମାଆଟି ପରି।
ଗେଲକରି ବାପା ନେଲେ କାଖେଇ
ମାମୁନି ହସିଲା କାଖରେ ଥାଇ।"

ମନୋରମା ବିଶ୍ୱାଳ ମହାପାତ୍ର – ବଜାରେ ବଜା ରସଗୋଲା ଖିଆ କେମିତି ମଜା – ପୃ – ୨୧)

ଆମ ଶିଶୁ ସାହିତ୍ୟରେ ଗଣ ଅପେକ୍ଷା ଗୀତର ପ୍ରାଧାନ୍ୟ ଅଧିକ ଅନୁଭୂତ ହୁଏ। ମୋର ମନେଅଛି ମୋ' ପିଲାଦିନେ କଲୁରୀବେଣ୍ଟ 'ଗପ କହିଲାବେଳେ ମୋ' ବୁଢ଼ୀମା' ସେଥିରେ ଗୀତ ପଦେ ପଦେ ଯୋଡ଼ି ଦେଉଥାଏ 'କଲୁରୀବେଣ୍ଟ'ର କଥାଭାଗଟି ମତେ ଯେତିକି ଭଲ ଲାଗୁଥିଲା ତାଠୁଁ ବେଶୀ ଭଲ ଲାଗୁଥିଲା ଗୀତଭାଗଟି ଶୁଣିବାକୁ। ମୋ'ବୁଢ଼ୀମା' ତା' ରାଉତିଆ ପାଟିରେ ଛନ୍ଦ ପକେଇ ଗାଉଥିଲା –

"ଦେକମାର ଦେ ଦା', କାଟେ ଘାସ,
ଖାଉ କାଳିଗାଇ ଦଉ ଦୁଧ
ଖାଉ ମିରିଗ ଦଉ ଶିଙ୍ଗ, ଖୋଳେ ମାଟି
ଗଢୁ କୁମ୍ଭାର କଳସୀ ଗୋଟି

କାଢ଼େ ପାଣି, ଧୁଏ ଥଣ୍ଡ
ଧାଇଁ ଧାଇଁ ଖାଏ କଲୁରୀ ବୋଣ୍ଡ।"

ଏ ଗୀତଟି ମଧ୍ୟ ବଂଗଳା ଭାଷାରେ ଦେଖିବାକୁ ମିଳେ। ଶିଶୁର ସ୍ୱଭାବ ଯେପରି ସାର୍ବଜନୀନ ତା'ର ସାହିତ୍ୟର ଭାଷା ଭିନ୍ନ ଭିନ୍ନ ହେଲେ ମଧ୍ୟ ବହୁତ କ୍ଷେତ୍ରରେ ସାମଞ୍ଜସ୍ୟ ପରିଲକ୍ଷିତ ହୋଇଥାଏ। ବଂଗଳାରେ ରହିଛି –

"ଦେ କମାର ଦେ' କାସ୍ତେ, କାଟିବ ଘାସ ଖାବେ ଗରୁ
ଦେବେ ଦୁଧ ଖାବେ ହରିନ୍ ଦେବେ ଶିଙ୍ଗ୍ ତୁଲବେ ମାଟି
ଦେବେ କୁମ୍ଭାରକେ ଗଡୁକେ ଟାଟି, ଗଙ୍ଗା ଦେବେ ଭଲ୍ ଫିଟିକ୍
କଦମ୍ ଗଛେ ବମେ ଖାବେ ଗଡୁଇ ମାଛେର ମୁଠି।"

ଓଡ଼ିଆ ଘରର ମା' ବୁଢ଼ୀମାନଙ୍କ ମନଗଢ଼ା ଗୀତସବୁ ବିଞ୍ଚିବୁଣି ହୋଇ ପଡ଼ିଛି ଆମ ଶିଶୁ ସାହିତ୍ୟର ବଡ଼ଦାଣ୍ଡରେ। ଏସବୁ ହେଉଛି ନାନାବାୟା ଗୀତ। ଓଡ଼ିଆରେ ଯେମିତି 'ନାନାବାୟା ଗୀତ' ରହିଛି, ସେମିତି ଅସମୀୟାରେ 'ନୀଚୁକାନୀ ଗୀତ' ବଂଗଳାରେ ଛେଲେ ଭୁଲ ନୋ ଛଡ଼ା, ହିନ୍ଦୀରେ 'ଲୋରୀ', ତେଲୁଗୁରେ 'ଲାଲୀ ପଟାଲୁ ଡ଼ୋଲା ପଟାଲୁ', 'ଇଂରାଜୀରେ 'ନର୍ସରୀ ରାଇମ୍'ର ଗୁରୁତ୍ୱ ଉପଲବ୍ଧି କରାଯାଏ। ଏସବୁ ଗୀତରେ ଶିଶୁର ସରଳ, ସ୍ୱଚ୍ଛନ୍ଦ, ଅଝଟିଆ ମନଟି ପରିଷ୍କୃତ ଓ ପରିମାର୍ଜିତ ହୋଇ ଆହୁରି ସ୍ୱଚ୍ଛ, ସୁନ୍ଦର ଓ ସମାଜିକ ହେବା ପାଇଁ ପ୍ରେରଣା ଲାଭ କରିଥାଏ। ସଂପ୍ରତି ଓଡ଼ିଆ ଶିଶୁଗୀତରେ ଏଇ 'ନାନାବାୟା ଗୀତ'ର ଧାରାଟି ଯେଉଁମାନଙ୍କ ଲେଖନୀରେ ଅଧିକ ଜୀବନ ଓ ରସୋତ୍ତୀର୍ଣ୍ଣ ହୋଇପାରିଛି ସେମାନଙ୍କ ମଧ୍ୟରେ ସ୍ନେହଲତା ମହାନ୍ତି ଦାଶ ବେନହୁର, ସଙ୍କର୍ଷଣ ସାମଲ, ରଘୁନାଥ ରାଉତ, ନିରଂଜନ ବେହେରା, ରବୀନ୍ଦ୍ରନାଥ ମାଝୀ, ବୀରେନ୍ଦ୍ର ମହାନ୍ତି ଏବଂ ଆଉ କେତେ ଜଣଙ୍କ ନାମ ବେଶ୍ ଉଲ୍ଲେଖ ଯୋଗ୍ୟ। ଏହାର ଉଦାହରଣ ତ ଅସୁମାର। ତେବେ ଗୋଟିଏ ଦୁଇଟି ନମୁନା ଦେଖନ୍ତୁ –

"ଝାଇଁକି ଝୁମ୍ପା ଗୁଆ ଖୋଳପା
ଦୋଳିରେ ଝୁଲିଚି ଝୁମରୀ ଅପା
ଗୋଡ଼ରେ ନାଇଚି ଖୋଳପାଯୋତା , ପାଲି ଅଳତା।
ଝୁମୁରୁ ମୁନୁରୁ ଖଇର କାତି
ଝୁମରୀର ନାହିଁ ଜାତି ଅଜାତି
ସଭିଙ୍କର ସେ'ତ ଆଦର ମଣି, ଝୁମୁରୀ ରାଣୀ।"
(ବୀରୋନ୍ଦ୍ର ମହାନ୍ତି – ଥୁକଲୁ ଥୁକୁଲୁ ଥା – ପୃ- ୧୧

XXX XXX XXX

ଇତିଲି ମତିଲି କିତିଲି କାତି
ଝୁଲୁଚି ଆମର ଗୁଣ୍ଢୁଣି ହାତୀ
ଗୁଣ୍ଢୁଣି ହାତୀର ଯୋଡ଼ିଏ ଦାନ୍ତ
କାନ ଦିଇଟା କୁଲା ଯେମନ୍ତ।"
(ରବୀନ୍ଦ ନାଥ ମାଝୀ– ମାଣିକ ରାଣୀ – ପୃ –୪)

ସ୍ୱାଧୀନତା ପରବର୍ତ୍ତୀ କାଳରେ ଓଡ଼ିଆ ଶିଶୁ ଗୀତ / କବିତାର ପ୍ରଚାର ଓ ପ୍ରସାର ଦିଗରେ ଉଭୟ ମୁହଁ ଓ ବୈଦ୍ୟୁତିକ ଗଣମାଧ୍ୟମର ଭୂମିକାକୁ ଅସ୍ୱୀକାର କରି ହେବ ନାହିଁ। ଆକଶବାଣୀର ଶିଶୁ ସଂସାର, କିଶୋର ଚକ୍ର, ଚକା ଚକା ଭଉଁରୀ ଏବଂ ପ୍ରାଥମିକ ବିଦ୍ୟାଳୟ କାର୍ଯ୍ୟକ୍ରମରେ ଉଭୟ ଶିଶୁ ଓ ଶିଶୁ ସାହିତ୍ୟିକମାନଙ୍କ ସଂପୃକ୍ତି ଏ ଦିଗରେ ଉଲ୍ଲେଖନୀୟ। ପିଲାମାନଙ୍କ ପାଇଁ ଆକାଶବାଣୀରେ ତ୍ରୈମାସିକ 'ଶିଶୁଶ୍ରୀ' ଓ 'କିଶୋର ଦର୍ପଣ' ପତ୍ରିକା କାର୍ଯ୍ୟକ୍ରମ ଏବଂ ସର୍ବୋପରି ଶିଶୁ ସଂଗୀତର ପ୍ରଚାର ଫଳରେ ଅନେକ ଶିଶୁଗୀତର ସୃଷ୍ଟି ସମ୍ଭବ ହୋଇ ଆଦୃତିଲାଭ କରିଛି। ସେଥିମଧ୍ୟରୁ ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀଙ୍କ ଧାରାବାହିକ 'ଶିଶୁ ତୋଷ ରାମାୟଣ' ନଦୀୟା ବିହାରୀ ମହାନ୍ତି ( ବନଭାଇ) ଙ୍କ 'ହସ ବିକି ଆସିଛି ମୁଁ ନାଁ ମୋର ହସୱାଲା'....., 'ଚାନ୍ଦଦେଶେ କିଏ ସେ ଯିବ ଆସରେ ଆସ ଆସ ....", " ଏ ଚଇତନା ଚୁଟି ......' ଏବଂ ଏହାଛଡ଼ା କ୍ଷୀରୋଦ ଚନ୍ଦ୍ର ପୋଥାଳ, ସ୍ନେହଲତା ମହାନ୍ତି, ସୁରେନ୍ଦ୍ର ନାଥ ବିଦ୍ୟାଧର, ନବୀନ ପଟ୍ଟନାୟକ, ବୀରେନ୍ଦ୍ର କୁମାର ଭୂୟାଁ, ପ୍ରମୁଖଙ୍କ ଶିଶୁଗୀତଗୁଡ଼ିକ ପ୍ରସାରିତ ହୋଇ ବେଶ୍ ଲୋକପ୍ରିୟତା ଅର୍ଜନ କରିଥିଲା। ଏଥି ସହିତ ଦୂରଦର୍ଶନ ଓ ସମ୍ବାଦପତ୍ରରେ ଏକ ନିର୍ଦ୍ଦିଷ୍ଟ ଦିନରେ ପିଲାମାନଙ୍କ ପାଇଁ ଯଥାକ୍ରମେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଓ ପୃଷ୍ଠା ରଖାଯାଇ ଶିଶୁଗୀତର ବିକାଶପଥକୁ ସୁଗମ କରାଇଛି। ଦୈନିକ ସମାଜରେ 'ଶିଶୁରାଇଜ', 'ପ୍ରଜାତନ୍ତ' ରେ 'ମୀନାବଜାର' 'ସମ୍ବାଦ'ରେ 'ଫୁଲଝରି'/ ପିଲାଙ୍କ ସମ୍ବାଦ', 'ଧରିତ୍ରୀ'ରେ 'ପିଲାଙ୍କ ଧରିତ୍ରୀ', ପ୍ରଭୃତି ପ୍ରକାଶିତ ହୋଇ ଶିଶୁଗୀତ/ କବିତାର ପରିସରକୁ ପରିବର୍ଦ୍ଧିତ କରିଛି।

ଓଡ଼ିଆ ଶିଶୁ ଗୀତ / କବିତାର ବିକାଶ ଧାରାରେ ଶିଶୁ ପତ୍ରପତ୍ରିକାର ଭୂମିକା ଅନସ୍ୱୀକାର୍ଯ୍ୟ।

ପ୍ରଥମ ଓଡ଼ିଆଶିଶୁ ପତ୍ରିକା 'ପ୍ରଭାତ' (୧୯୦୯) ଠାରୁ ଆରମ୍ଭ କରି 'ପଞ୍ଚାମୃତ' (୧୯୨୦), 'ଜହ୍ନମାମୁଁ'(୧୯୩୨), 'ମୋ'ଦେଶ' (୧୯୪୨, ୧୯୪୮) 'ମୀନାବଜାର' (୧୯୫୦/୫୨), 'ସଂସାର'(୧୯୫୧), 'ଶିଶୁସଂପଦ'(୧୯୫୪), 'ଟୁଆଟୁଇଁ'(୧୯୫୭), 'ମନପବନ'(୧୯୬୩), 'ଶିଶୁଲେଖା', 'ବାରମଣୀ', 'ଝୁମୁକା', 'ନନ୍ଦନକାନନ', 'ଶିଶୁକାର ଶରଗଶଶି', 'ଚଇତି ଚଢ଼େଇ' 'ମଣିମାଣିକ' ପ୍ରଭୃତି ପତ୍ର ପତ୍ରିକାରେ ଅନେକ ଶୀଶୁ ଗୀତିକବିତା ପ୍ରକାଶିତ ହୋଇ ଶିଶୁ ମନସ୍ତତ୍ତ୍ୱର ବିଭିନ୍ନ ଦିଗକୁ ଆଲୋକିତ କରିଛି। ସେଇ ସବୁ ଦିଗଗୁଡ଼ିକ ମଧ୍ୟରେ ବିଭୁପ୍ରେମ, ପରିବେଶ ସଚେତନତା, ଶିଶୁ ଶ୍ରମିକ ପ୍ରଥା, ଶିଶୁ ଅଧିକାର, ଦାରିଦ୍ର୍ୟ ଜନିତ ଅସହାୟତା, ଶିଶୁ ଉପରେ ପାଠର ବୋଝ ପୁଅଝିଅ ମଧ୍ୟରେ ଅଯଥା ତାରତମ୍ୟ, ଶିଶୁକଥା ପ୍ରତି ଆଦର ଯତ୍ନ ଏବଂ ସର୍ବୋପରି ନୈତିକ ମାନବିକ ମୂଲ୍ୟବୋଧର ପୁନରୁତ୍‌ଥାନ ପ୍ରତି ସଚେତନତା ଇତ୍ୟାଦି ପ୍ରସଙ୍ଗ ଉଲ୍ଲେଖନୀୟ। ଆଲୋଚନାର ସମ୍ଭାବ୍ୟ ଦୀର୍ଘତା ଏଡ଼ାଇବା ଦୃଷ୍ଟିରୁ ଏଠାରେ କେତୋଟି ଉଦାହରଣ ମାତ୍ର ନିଆଯାଇପାରେ –

"ଉଠ ଉଠ ଜାଗ ବାଳକ ଦେଖ ଫେଡ଼ ନୟନ
ପାଉଛି ଅଂଧାର ରଜନୀ ଧୀରେ ଉଇଁ ତପନ
ନବୀନ ଆଶାର ଆଲୋକେ ଆଙ୍କି ନୂତନ ରବି
ପ୍ରକାଶେ ବିଭୁଙ୍କ ମହିମା ସେହି ପରମ କବି
ନିଜ ନିଜ କାର୍ଯ୍ୟେ ବାଳକେ ଏବେ ହୁଅ ତତ୍ପର
ଦେଖ ସ୍ରୋତସ୍ୱତୀ ବେଗରେ କାଳ ଧାଉଁଛି ଖର ॥"
(ରେବାରାୟ – ପ୍ରଭାତ– ୧ମ ସଂଖ୍ୟା ପୃ –୧)

XXX XXX XXX

"ସରଗପୁର ନରହିଁରେ କାହିଁ, ଆମରି ଗାଆଁ ଘର
ତୁମରି ହାତେ ଫୁଟିବ ଫୁଲ ଛୁଟିବ ସୁଖ ଝର।
ଧାଡ଼ିଏ ଗଛ ଲଗାଇ ଦେଇ ଫୁଟାଇ ଦିଅ ଫୁଲ
ଗାଡ଼ିଏ ଫଳ ଫଳାଇ ଦିଅ ଜାଣିବ ତା'ର ମୂଳ।
ଗଛରେ କେହି ମାରନା ଚୋଟ ଘରକୁ ଘର ବୁଲି
ବୁଝାଇ ଦିଅ ତୁମ କଥାରେ ଯିବେରେ ସବୁ ଭୁଲି ।।"
(କଷି କାକୁଡ଼ି -ବଡ଼କୁସ୍ଥଳୀ, ଝୁମୁକା - ପୂଜାସଂଖ୍ୟା -୨୦୦୮)

XXX XXX XXX

"ମାଆ ମାଆ ବୋଲି କେତେ ଡୁହାଇ ଡୁହାଇ
ଡାକୁରେ କହ୍ନାଇ ସତେ
ମାଆ ପରା ତୋର ଉତ୍କଳ ଜନନୀ
କୋଳରେ ଧରିଛି ତତେ।
ଜନମ ଭୂଇଁର ଅନ୍ନଜଳେ ସଂଗେ
ପୀୟୁଷ ହେବକି ସରି
ଫୁଲ ଫଳେ ତୋର ଶ୍ୟାମଳା ଜନନୀ
ନାହିଁକି ଅମୃତ ଭରି ?
କୀରତି ମାଳିନୀ ଜନନୀ ଯାହାର
ତାହାର କି ଦୁଃଖ ଆଉ
ଜନନୀଭୂଇଁର ଚରଣ ସେବାରେ
ଜୀବନ ତୋହର ଯାଉ।"
(ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀ - ଗ୍ରନ୍ଥାବଳୀ - ପୃ-୬)
ମଣିମାଣିକ - ବୀରରେ ଓଡା ପୃ- ୫୧)

XXX XXX XXX

କନ୍‌କନ୍ ଶୀତ ଲାଗେ ଘୋଡ଼ିହୁଅ ରେଜେଇ
ତୁମ ପାଇଁ କାହାଣୀଟେ
ଦଉଚି ମୁଁ ସଜେଇ
ନିଦବୁଢ଼ୀ ଆସେ ଝାଡ଼ି
ସପନର ମୁଣି ନୁହେଁ
କାହାଣୀର ଖଣିଟେ।
(ନିରଂଜନ ବେହେରା - ଶିଶୁଲେଖା-୨ୟବା/୧ମସ-୨୦୧୨- ପୃ ୩୭)

XXX XXX XXX

୨) ଶିଶୁମାନଙ୍କ ଦ୍ୱାରା ବୋଲା ଯାଉଥିବା ଗୀତ

ଶିଶୁମାନେ ସ୍ୱଭାବତଃ ଖେଳପାଗଳ। ପୂର୍ବେ ପିଲାମାନେ ଖେଳିବାବେଳେ ଯେଉଁ ଗୀତସବୁର ଆଶ୍ରୟ ନେଉଥିଲେ ତାହା ଏହି ପର୍ଯ୍ୟାୟର ଅନ୍ତର୍ଭୁକ୍ତ। ମୁଖ୍ୟତଃ ଦୋଳିଗୀତ, ନାଁ ଦିଆ ଗୀତ, ପୁଚି ଖେଳ ଗୀତ, ଓଷାବ୍ରତ ଗୀତ, ଅଙ୍କକୁହୁକ ଗୀତ ପ୍ରଭୃତି ପ୍ରଧାନ। ମାତ୍ର ସଂପ୍ରତି ପାଠ ବୋଝରେ ପିଲାଟିର ଏଇ ସ୍ୱଭାବ ସୁଲଭ ପ୍ରବୃତ୍ତି କ୍ରମଶଃ ଲୋପ ପାଇଯାଉଛି। ପିଲାଟିର ଖେଳିବାକୁ, ବୁଲିବାକୁ, କଂକିଧରିବାକୁ, କୋଳି ତୋଳିବାକୁ, ଗଛ ଚଢ଼ିବାକୁ, ଗୀତ ଗାଇବାକୁ ଇଚ୍ଛା ଥିଲେ ବି ପରିବେଶ ଓ ପରିସ୍ଥିତିର ଚାପରେ ତାହା କରିପାରୁନାହିଁ। ମାତ୍ର ଦିନ ଥିଲା ଯେତେବେଳେ ପାଠ ଉପରେ ବିଶେଷ ଗୁରୁତ୍ୱ ଦିଆନଯାଇ ପିଲାମାନଙ୍କୁ ସ୍ୱାଧୀନ ଭାବେ ନିଜ ନିଜର କାମ କରିବାକୁ ବା ଖେଳିବାକୁ ଛାଡ଼ି ଦିଆଯାଉଥିଲା। ସେଥିପାଇଁ ମଧ୍ୟ ବିଶେଷ ବାରଣ ଓ କଠୋରତା ଅବଲମ୍ବନ କରାଯାଉନଥିଲା। ଏହା ଫଳରେ ପିଲାଟିର ମୁକ୍ତ ମନରେ ସୃଜନୀଶକ୍ତି, ବିଚାରବୋଧ ମାନବିକ ଗୁଣର ଉଦ୍ରେକ ହେଉଥିଲା। 'ଖେଳଗୀତ' ପିଲାମନରେ ଟନିକ୍ ପରି କାର୍ଯ୍ୟ କରୁଥିଲା।

କ) ଦୋଳିଗୀତ - ସାଧାରଣତଃ ରଜପର୍ବରେ ଗାଁ ଝିଅମାନେ ଏଇ ଗୀତଗାଇ ଦୋଳି ଖେଳି ହସ ଖୁସିରେ ରଜ ପାଳନ କରିଥାନ୍ତି। ଏହା ମଧ୍ୟରେ ପାରିବାରିକ ସଂପର୍କ, ଭାଇଭଉଣୀ ମଧ୍ୟରେ ନିବିଡ଼ତା, ପରିବେଶର ସୁରକ୍ଷା ଇତ୍ୟାଦି ପ୍ରସଂଗ ଲୁକ୍‌କାୟିତ ଅବସ୍ଥାରେ ରହିଥାଏ। ଏଇ ଯେମିତି -

"ରଜ ଦୋଳି କଟ କଟ
ମୋ'ଭାଇ ମୁଣ୍ଡରେ ସୁନାମୁକୁଟ
ଦିଶୁଥାଏ ଝଟଝଟ।
"ବନସ୍ତେ ଡାକିଲା ଗଜ
ବରଷକେ ଥରେ ଆସିଛି ରଜଲୋ
ଘେନି ନୂଆ ସଜବାଜ।"

ଖ) ପୁଚି ଖେଳ ଗୀତ- ମୁଖ୍ୟତଃ କୁମାର ପୂର୍ଣ୍ଣିମା ରାତିରେ ଝିଅମାନେ ପୁଚି ଖେଳି ପର୍ବ ପାଳନ କରନ୍ତି। ପୁଚି ଖେଳିବାବେଳେ ଗୀତ ଗାଇ ଖେଳକୁ ଅଧିକ ମନୋଜ୍ଞ ଓ ରସସିକ୍ତ କରିଥାନ୍ତି।

"ପୁଚିଲୋ ଘୁଞ୍ଚିଯା' ଓଳି ତଳେ ଲୁଚି ଯା'
ଗହିର ବିଲରେ ମହିଁଷି
ଧାନ କେଣ୍ଡା କେଣ୍ଡା ଖାଉଚି
ଅଡ଼େଇ ଦେଲେ ଗଉଡ଼ ଭାଇ
ବୋହୂ ବାପ ଘର ଯାଉଛି।"
" ଠିଆ ପୁଚି ନାରଙ୍ଗ
ଗୋଡ଼ ଦିଟା ସାରଙ୍ଗ
ସାରଙ୍ଗ ବନକୁ ଯାଇଥିଲି
ସାରଙ୍ଗ ଶୁଖୁଆ ଆଣିଥିଲି
ଅଧେକଲି ଉଣା
ତୋ' ଭଉଣୀ ରାଣୀଲୋ
ମୋ' ଭାଇଟି ରଣା।"

ଗ) ନାଆଁ ଦିଆ ଗୀତ -

ପିଲାମାନଙ୍କ ମଧ୍ୟରେ ବୁଦ୍ଧିପରୀକ୍ଷା ଓ କୌତୂହଳ ସୃଷ୍ଟି ଏ ପ୍ରକାର ଗୀତର ସୃଷ୍ଟି ହୋଇଛି। ଗୋଟିଏ ପିଲା ଅନ୍ୟ ପିଲାମାନଙ୍କୁ ଗୀତରେ ପ୍ରଶ୍ନଟି ପଚାରିବ ଏବଂ ଅନ୍ୟମାନେ ତା'ର ଉତ୍ତର ଦେବେ। ଏଇ ଯେମିତି -

"ମାମୁଁଘର ଗୋଠେ ଗାଈ
ରାତି ପାହିଲେ ଗୋଟେ ନାଇଁ।(ତାରା)

XXX XXX XXX

ଟାହିଆ ଉପରେ ଟାହିଆ
ତିନିମୁଣ୍ଡ ଦଶଗୋଡ଼ କହିଦବୁଟିରେ ବାଇଆ। (ହଳବୁଲାଉ ଥିବା

ଚାଷୀ)

ସେହିପରି ସାଂପ୍ରତିକ ଶିଶୁଗୀତରେ ଏଗୁଡ଼ିକ 'ପହଲି' ନାମରେ ନାମିତ ହୋଇଅଛି। ଏଥିରେ ପିଲାମାନଙ୍କ ମାନସିକ କସରତ ସହିତ ପ୍ରତିଯୋଗୀ ମନୋଭାବର ବିକାଶ ସାଧିତ ହୋଇତାଏ। ତା'ର ଗୋଟିଏ ଉଦାହରଣ ଲକ୍ଷ୍ୟ କରନ୍ତୁ –

"କାଗଜର ଗିନାରେ ତ କେତେବେଳେ କାଠିରେ
ହରରଙ୍ଗୀ ରୂପତା'ର ପଶେ ଆସି ପାଟିରେ
ଦାଣ୍ଡ ହାଟ ଭୋଜିରେ
ପିଲାବୁଢ଼ା ହସହସ
ପହଞ୍ଚନ୍ତି ଖୋଜିରେ। "(ଆଇସ୍‌କ୍ରିମ)

ଘ) ଓଷାବ୍ରତ ଗୀତ :– ଓଡ଼ିଶାର ବିଭିନ୍ନ ପର୍ବପର୍ବାଣୀକୁ ଭିତ୍ତିକରି ପିଲାମାନେ ନିଜ ନିଜ ଭିତରେ ଗୀତବୋଲି ଗୌରବ ଓ ଆତ୍ମ ସନ୍ତୋଷ ଲାଭ କରନ୍ତି। ଖୁଦୁରୁକୁଣି ଓଷାରେ ନିଜ ଭାଲୁକୁଣୀର ବଡ଼ମା ଓ ଅନ୍ୟଭାଲୁକୁଣୀ ନ୍ୟୁନତା ଦର୍ଶାଇ ପିଲାମାନେ ଗାଇଥାନ୍ତି – ଆମ ଭାଲୁକୁଣୀ ହାତରେ ଚୁଡ଼ି

ତମ ଭାଲୁଗୁଣୀ ଖେଣ୍ଟେ ବୁଢ଼ୀ।"

ଅଥବା ଜହ୍ନିଓଷା ଦିନ ପିଲାମାନେ ବୋଲନ୍ତି –

"ଜହ୍ନିଫୁଲ ଠୋ' ଠା' କାକୁଡ଼ି ଫୁଲ ଠୋ'ଠା'
ଗୁଣ୍ଡିଚିମୂଷା କହିଯାଇଛି
ଚାଉଳ ମୁଠିଏ ଥୋଇ ଥା।"

ଙ) ଅଙ୍କ କୁହୁକ ଗୀତ – ଏ ଗୀତର ଅଙ୍କ ଓ ସଂଖ୍ୟାକୁ ନେଇ ପିଲାମାନଙ୍କ ଭିତରେ ଖେଳହୁଏ। ଯେପରି – "ନଅଶ'ନଉ ଶୂନ ନେଇଗଲା ଡାମରା କାଉ

ରହିଲା କେତେ ଗଲା କେତେ ?"
ହରଣ, ଗୁଣ, ଫେଡ଼, ମିଶା
ଆଉ ସବୁ ପାଠ ଫସର ଫଶା।"
ସାତ ଚକୁଳି ଚଉଦ ସେଁ
ଶାଶୁ କହିଥିଲେ ସର୍ବଜ୍ଞ
କାଦୁଅ ଚିପୁଚିପୁ ପାଇଲି ଫାଳି
ରାଣାଙ୍କ ହାତରେ ମଲ୍ଲୀ (ମଲି) ଇତ୍ୟାଦି

ଚ) ସାଧାରଣ ଖେଳଗୀତ – ପିଲାମାନେ ଖେଳିବାବେଳେ ମୁଖ୍ୟତଃ ଯେଉଁସବୁ ଗୀତର ଆଶ୍ରୟ ନେଇଥାନ୍ତି ସେଗୁଡ଼ିକ ଏଇ ପର୍ଯ୍ୟାୟଭୁକ୍ତ। ପିଲାମାନେ ସାଧାରଣତଃ ଖେଳିବା ବେଳେ ଗାଇଥାନ୍ତି –

"ଇଟିକିଲି ମିଟିକିଲି ଫୁଟିଗଲା କାଇଁଚ
ତୁମର ଆମର ନାଲି ପଇଁଚ
ନାଲି ପେଁ ପେଁ ବାଜଇ ତୂରୀ
ଗୋଟିକ ଉପରେ ଗୋଟିଏ ହୀରା।"

XXX XXX XXX

ଇଚିଡ଼ି ମିଚିଡ଼ି ଧାଇଁ ଚିଡ଼ିଚିଡ଼ି
ଧରଗୋ ମା କାନ ଦିଓଟି।"

XXX XXX XXX

"କଇଚି କାକୁଡ଼ି ନଳିତା ପିତା
ଛ'ବୋହୂଙ୍କର ଛ' ଦୁହିତା
ସାତ ଗଲେ ଉଉର
ଡ଼େଇଁ ପଡ଼ିଲା ପିଉଳ
ପିଉଳ ଖଣ୍ଡିକ ହଜିଲା
ନାକ ଟାଉଁଟାଉଁ ବାଜିଲା
ବଳଦର ବିନ୍ଧାଣି
କୁକୁରର କାମୁଡ଼ା
ଛିଂଡ଼୍ କାକୁଡ଼ି ଛିଂଡ଼୍।"

ଆଧୁନିକ ଶିକ୍ଷା ପଦ୍ଧତି ପ୍ରଚଳନ ଫଳରେ ପ୍ରାଥମିକ ଶ୍ରେଣୀ ପାଠ୍ୟପୁସ୍ତକ ଗୁଡ଼ିକରେ ପିଲାମାନଙ୍କୁ ନେଇ ଗୀତସବୁ ରଚିତ ହେଲା। ପିଲାମାନେ ବୋଲି ପାରିବା ଭଳି ଗୀତସବୁ ପାଠ୍ୟପୁସ୍ତକରେ ସ୍ଥାନ ପାଇଲା। ବିଜ୍ଞାନ, ପରିବେଶ, ପଶୁପକ୍ଷୀ, ପ୍ରକୃତି, ମାନବିକ ମୂଲ୍ୟବୋଧ, ଖେଳ, କର୍ମପ୍ରବଣତା ପ୍ରଭୃତି ବିଷୟକୁ ନେଇ ଗୀତସବୁ ସୃଷ୍ଟି ହେଲା। ପିଲାମାନେ ଗାଇଲେ –

"ଏଇଟି ଆମର ରୋଷେଇ ଘର
ଘର ଭିତରଟି ସଫାସୁତୁର
ଏଇଠାରେ ମା' ପରିବା କାଟେ, ବେସର ବାଟେ
ଜାଇ ରଗଡ଼େ, ଶାଗ ଖରଡ଼େ
ଗଢ଼ଇ ପିଠା
ଆରିସା କାକରା ଆହାକି ମିଠା।"

XXX XXX XXX

"ଆମେ ତ ଭାଗ୍ୟବାନ ପିଲାରେ
ଆଉ କେ ଆମପରି ଥିଲାରେ
ଆମେ ତ ଉଡୁ ଆଜି ଆକାଶେ
ରବିର କର ନାହିଁ ଝଲସେ।"

XXX XXX XXX

"ଭାସି ଭାସି ଯାଆ ମୋର କାଗଜ ଡଂଗା ଭାସିଯା
ଘୋଟି ଆସିଲାଣି ଆକାଶରେ ଘୋର ମେଘ ବାଆ
ଡର ନାହିଁ ଯାଆ ଭାସି ଯାଆ ତୁହିଁ ସୁଅ ଧାରେ
ଥମିଲେ ବରଷା ଯାଇ ପାରିବୁ ତୁ ଆଉ କିରେ ?"

(ଏତଦ୍‌ଭିନ୍ନ ଅନେକ ପୁସ୍ତକ ଓ ପତ୍ରପତ୍ରିକା ମାଧ୍ୟମରେ ଶିଶୁ ମନଲାଖି ଓ ଶିଶୁର ବହୁବିଧ ସମସ୍ୟାକୁ ନେଇ ଗୀତିକବିତାରେ ପ୍ରକାଶ ପାଇଲା। ଏହା ଆମ ଶିଶୁ ସାହିତ୍ୟର ପରିସରକୁ ବ୍ୟାପକ କରିବା ସହିତ ଜାତୀୟ ସ୍ତରରେ ଓଡ଼ିଆ ଶିଶୁ ସାହିତ୍ୟର ଏକ ସ୍ୱତନ୍ତ୍ର ସ୍ଥାପନ ଓ ମର୍ଯ୍ୟାଦା ସୃଷ୍ଟିକଲା। ଏଯାବତ୍ ଅନେକ ଶିଶୁ ଗୀତ / କବିତା ଲେଖିଥିବା ଓଡ଼ିଆ ଶିଶୁ ସାହିତ୍ୟ ସ୍ରଷ୍ଟାମାନେ ଜାତୀୟ ସ୍ତରରେ ପୁରସ୍କାର ଲାଭ କରିଛନ୍ତି।

ସମ୍ପ୍ରତି କବିମାନଙ୍କ ଲେଖାରେ ହାସ୍ୟରସ, ବୈଜ୍ଞାନିକ ଚିନ୍ତନ, ମାନବିକ ମୂଲ୍ୟବୋଧ, ସାମାଜିକ ପ୍ରତିବଦ୍ଧତା, ଶିଶୁ ଅଧିକାର ପରି ବହୁବିଧ ପ୍ରସଙ୍ଗ ଉତ୍‌ଥାପିତ ହୋଇଛି। ତା'ର କେତୋଟି ଉଦାହରଣ ଲକ୍ଷ୍ୟ କରନ୍ତୁ –

"ଉଡିଗଲା ବେଲୁନ୍‌ଟା ଗଲା ଗଲା ଉଡ଼ିରେ

କଳାକଳା ବହଳିଆ ନିଶ ଦୁଇ ମୋଡ଼ିରେ।
ମଉସୁମୀ ବାଆଖାଇ ଛାତି ତା'ର ଫୁଲିଲା
ଆକାଶ ରାଇଜ ସାରା ମନଇଚ୍ଛା ବୁଲିଲା।"
(ଡ.ମହେଶ୍ୱର ମହାନ୍ତି - ବେଲୁନ୍ ଗଲା ଉଡି - ପୃ-୨)

XXX XXX XXX

"ଥିପିରି ଥିପିରି ଥାଆ ଥିପିରି ହାତୀ ଯାଉଛିରେ ଚାଲି
ପାଣି ଉଟୁରୁକି ମାଟଇ ଉଟୁରୁ ଖସ ଖସ ନଈ ବାଲି।
ଟୁପୁରୁ ଟୁପୁରୁ ଟାଆ ଟୁପୁରୁ ଗଡ଼ିଶା ଗାଉଛି ଗୀତ
ଦେହ ସାକମାକୁ ମନସାକମା କଇଁଚକୁ ଭାରି ଶୀତ।"
(ଦାଶ ବେନହୁର - ମିଠା ଗୀତ - ପୃ-୧୪)

XXX XXX XXX

"ଜହ୍ନମାମୁ ଘରେ ଏବେ ମିଳିଲାଣି ପାଣି
ଚାଷ ହେବ ବାସ ହେବ ନାହୁଁ କିଲୋ ଜାଣି
ଗଢ଼ିଦେବି ସେଠି ନୂଆମମତାର ଘର
ରହିବେନି କେହି ଯହିଁ ଆପଣା ଓ ପର।"
(ଜହ୍ନରେ କରିବା ଘର - ପୃ - ୪/୬)
"ଆମେ ଆଜି ବନ୍ଦୀ ପାଠ ବହିଖାତା ଭିତରେ
ହଜିଛି ଆମର ମନଖୋଲା ହସ ଗୀତରେ।
ବାପା ମାଆ ହୋଇ କଷଣ ଆମକୁ ଦିଅନା।
ପାଠର ନାଆଁରେ ଆମ ହସ ଲୁଟି ନିଅନା।"
(ସମ୍ବାଦ ଫୁଲଝରି - ସଂଖ୍ୟା - ୮)

ପରିବର୍ତ୍ତିତ ପରିସ୍ଥିତିରେ ବିଜ୍ଞାନର ଦ୍ରୁତ ଅଗ୍ରଗତି, ସାମାଜିକ ଜୀବନରେ ଜଗତୀକରଣର ପ୍ରଭାବ, ଅର୍ଥନୈତିକ ସଂକଟ, ସଂକୁଚିତ ପରିବାରର ସମସ୍ୟା, ପ୍ରତିଯୋଗିତାମୂଳକ ଆଧୁନିକ ଶିକ୍ଷା ପଦ୍ଧତି, ଯୌନ ନିର୍ଯ୍ୟାତନା ଇତ୍ୟାଦି ସନ୍ତୁଳିତ ଶିଶୁର ମାନସିକତାକୁ ଦୃଷ୍ଟିରେ ରଖି ଓଡ଼ିଆ ଶିଶୁ ଗୀତ ତା'ର ସ୍ୱର ପରିବର୍ତ୍ତନ କରିଛି। ସମ୍ପ୍ରତି ଯୁଗର ଆହ୍ୱାନରେ ଶିଶୁମାନଙ୍କ ରୁଚି ଓ ଆବଶ୍ୟକତାକୁ ଲକ୍ଷ୍ୟ କରି ଆମର ଲେଖାଯାଇଛି କେତେ କେଜାଣି କବିତା ବହି ଏହାର ତାଲିକା ଖୁବ୍ ଦୀର୍ଘ ହୋଇଥିବାରୁ ଏଠାରେ ଉଲ୍ଲେଖ କରିବା ଅସମ୍ଭବ। ଏଥିରେ ସାଧାରଣତଃ ଜ୍ଞାନ ପରିବେଶ, ଶିଶୁ ଅଧିକାର, ପ୍ରକୃତି, ଋତୁ, ଶିଶୁ ଉପରେ ପାଠର ବୋଝ, ପୁଅ ଝିଅ ମଧ୍ୟରେ ବିଭେଦ, ଶିଶୁଶ୍ରମିକ ପ୍ରଥା ସାମାଜିକ ଅଙ୍ଗୀକାରବଦ୍ଧତା, ମାନବିକ ମୂଲ୍ୟବୋଧ ପ୍ରଭୃତି ପ୍ରସଙ୍ଗକୁ ଗୁରୁତ୍ୱ ଦିଆଯାଇଛି। ଏସବୁ ଦୃଷ୍ଟିରୁ ପ୍ରାନ୍ତୀୟ ଶିଶୁ ଗୀତ ତୁଳନାରେ ଆମର ଓଡ଼ିଆ ଶିଶୁଗୀତ କୌଣସି ଗୁଣରେ ଊଣା ନୁହେଁ। ଉଭୟ ଆଙ୍ଗିକ ଓ ଆତ୍ମିକ ଦୃଷ୍ଟିରୁ ଏହା ଖୁବ୍ ସମୃଦ୍ଧ ଓ ଋଦ୍ଧିମନ୍ତ। ବହୁ ପରୀକ୍ଷା ନିରୀକ୍ଷା ବାଟଦେଇ ଓଡ଼ିଆ ଶିଶୁ ଗୀତ ଏବେ ନିଜର ଜୟଯାତ୍ରା ଅବ୍ୟାହତ ରଖିଛି। ଏ ଯାତ୍ରାର ଶେଷ ନାହିଁ!

*ଅବସରପ୍ରାପ୍ତ ଆସୋସିଏଟ ପ୍ରଫେସର*
*ରାଜା ବଗିଚା*
*କଟକ - ୭୫୩୦୦୯*
*ଦୂରଭାଷ: ୯୪୩୭୧୯୨୮୯୦*

ସହାୟକ ପୁସ୍ତକ:
୧) ଓଡ଼ିଆ ଶିଶୁ ସାହିତ୍ୟର ସାମାଜିକ ପୃଷ୍ଠଭୂମି - ଡ. ମହେଶ୍ୱର ମହାନ୍ତି - କାହାଣୀ ପ୍ରକାଶନୀ - ୧୯୮୮
୨. ଲୋକ ସାହିତ୍ୟର ରୂପରେଖ - ଡ ଅନାଦି ଚରଣ ଗାଁଣ - ମିତା ବୁକ୍ସ, କଟକ - ୨୦୦୪
୩. କୋଣାର୍କ - ଓଡ଼ିଶା ସାହିତ୍ୟ ଏକାଡେମୀ ମୁଖପତ୍ର - ୯୮ତମ ସଂଖ୍ୟା - ୧୯୯୫
୪. କୋଣାର୍କ - ଓଡ଼ି ।ସହିତ୍ୟ ଏକାଡେମୀ ମୁଖପତ୍ର - ୧୫୯ତମ ସଂଖ୍ୟା - ୨୦୧୧
୫. ବିଭିନ୍ନ ଶିଶୁ ସାହିତ୍ୟ ପୁସ୍ତକ, ପତ୍ର ପତ୍ରିକା, ସମ୍ବାଦପତ୍ର ଇତ୍ୟାଦି
୬. ଓଡ଼ିଆ ଶିଶୁ ସାହିତ୍ୟ ଓ ସ୍ରଷ୍ଟା ବୀରବର ଓତା - ଡ. ସ୍ମିତା ମହାରଣା - ଅନ୍ନପୂର୍ଣ୍ଣା ପବ୍ଲିଶର୍ସ, ବ୍ରହ୍ମପୁର -୨୦୧୧
୭. ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀ ଗ୍ରନ୍ଥାବଳୀ - ଜେ.ମହାପାତ୍ର ଏଣ୍ଡକୋ: ଛାତ୍ରଛାତ୍ରୀ ପ୍ରେସ କଟକ - ୧୯୬୯




# ଘୋଟାଲା

ତରୁଣ କୁମାର ସାହୁ

ବିବେକ ବସିଛି ଗୁମ୍ ହୋଇ। ଘଣ୍ଟାଏ ପାଖାପାଖି ବସିଲାଣି ସେମିତି ଗୁମ୍ ହୋଇ, ଅଫିସ୍ ଭିତରେ- ଚୌକିରେ ପିଠି ଆଉଜି। ଆଗ ଟେବୁଲରେ ଗଦାଏ ଫାଇଲ୍। ମନ ଯାଉନି ତା ଭିତରକୁ। କଲମ ରହିଛି ଷ୍ଟାଣ୍ଡରେ। ହାତ ଯାଉନି କଲମ ଉପରକୁ। କିଛି ବି ଭଲ ଲାଗୁନି। ସେମିତି ପଶିରହିଛି ସେ ନିଜ ଭିତରେ।

ବିବେକ ଫେରିଗଲା ଛାତ୍ର ଜୀବନକୁ। ଇଞ୍ଜିନିୟରିଂ କଲେଜର ଛାତ୍ର ବିବେକ। ତାର ଉଜ୍ଜ୍ୱଳ ଭବିଷ୍ୟତର ସମ୍ଭାବନାରେ ବାପା ମା ଥିଲେ ସ୍ୱପ୍ନାଶ୍ରୟୀ। ମା ବେଶି କିଛି ବୁଝୁ ନ ଥିଲା ତା ପାଠ ସମ୍ବନ୍ଧରେ, ଖାଲି ତା ବାପାଠୁ ଜାଣିଥିଲା, ସେ ପାଠ ପଢ଼ି ବଡ଼ଲୋକ ହେବ, ଖୁବ୍ ବଡ଼ ଲୋକ। ବେଶ୍ ଅର୍ଜନ କରିବ। ଦାରିଦ୍ର୍ୟ ଆଉ ତାଙ୍କୁ ଉପହାସ କରିବ ନାହିଁ। ବାପା ଜାଣିଥିଲେ ପୁଅ ତାଙ୍କର ବଡ଼ ଇଞ୍ଜିନିୟର ହେବ। ଖ୍ୟାତି ଅର୍ଜନ କରିବ। ତାଙ୍କର ଯଶ ବ୍ୟାପିଯିବ ଚତୁର୍ଦ୍ଦିଗରେ। ଅର୍ଥାଭାବ ତ ରହିବ ନାହିଁ, ସାମାଜିକ ସ୍ଥିତି ବି ବଦଳିଯିବ।

ମନେ ପଡ଼ିଲା ତାର ଛାତ୍ରଜୀବନ। କେତେଥର ରାସ୍ତାକୁ ଓହ୍ଲାଇ ଆସିଛି ବିବେକ, ଲାଲ ପତାକା ଧରି – ସମାଜରେ ଥିବା ଦୁର୍ନୀତିପରାୟଣ ବ୍ୟକ୍ତିମାନଙ୍କ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି। ଷ୍ଟ୍ରାଇକ୍ କରିଛି, ଭଙ୍ଗାରୁଜା କରିଛି, ଜଳଦ–ଗମ୍ଭୀର ପୁଲିସ୍ କଷ୍ଟୋଡ଼ିରେ ବି ରହିଛି କେତେଦିନ। ଖାତିର କରିନି ସେ ପୁଲିସ୍‌ର ଧମକକୁ। ତାର କ୍ୟାରିୟର ନଷ୍ଟ ହୋଇଯିବାର ଭୟ ତାକୁ କେବେ କବଳିତ କରିନି।

ଆଶା–ସମ୍ଭାବନାରେ ପ୍ରଜ୍ୱଳିତ ବାପାଙ୍କର ମୁହଁ ମନ ଭିତରେ ଉଙ୍କିମାରେ। ବାପା କହୁଥିଲେ ସମାଜରେ କିଛି ଲୋକ ଦରିଦ୍ର ହୋଇଛନ୍ତି, କାରଣ କିଛି ଲୋକ ଧନୀ ହୋଇଛନ୍ତି। ଦରିଦ୍ରମାନଙ୍କୁ ଦରିଦ୍ର କରି ଧନୀମାନେ ଧନୀ ହୋଇଛନ୍ତି। ଦୁର୍ନୀତି ଓ ଶୋଷଣ ଏ ସମାଜକୁ ଧ୍ୱଂସମୁଖୀ କରୁଥିବା ଦୁଇଟି ମାରଣାସ୍ତ୍ର। ପିଅନଠୁ ଆରମ୍ଭକରି ଅଫିସର ପର୍ଯ୍ୟନ୍ତ, ଏମ.ଏଲ.ଏ.ଠୁ ଆରମ୍ଭ କରି ମନ୍ତ୍ରୀ ପର୍ଯ୍ୟନ୍ତ ସମସ୍ତେ ଏଇ ବ୍ୟାଧାଦ୍ୱାରା ପୀଡ଼ିତ ସ୍ୱାଧୀନତା ପରବର୍ତ୍ତୀ ଭାରତୀୟ ସମାଜର ସାମାଜିକ ଜୀବନକୁ ଅଧ୍ୟୟନ କଲେ କେବଳ ଏଇ ଦୁଇଟି ସ୍ଖଳନ ସ୍ପଷ୍ଟ ଦେଖାଯାଏ। ବାକି ସବୁ ଦେଖାଯାଏ ଝାପ୍ସା, ଝାପ୍ସା।

ଦିନେ ଦିନେ ବିବେକକୁ ପାଖକୁ ଡାକି ବୁଝାନ୍ତି ବାପା, 'ଦେଖ, ଆମ ସହରରେ ଯେତେ କୋଠାଘର ଅଛି, ସେସବୁ କଣ ଧଳା ଟଙ୍କାରେ ତିଆରି ହୋଇଛି ? ଡାକ୍ତର, ଇଞ୍ଜିନିୟର, ବି.ଡ଼ି.ଓ., ତହସିଲଦାର ଏପରିକି କଲେକ୍ଟରଙ୍କ ପର୍ଯ୍ୟନ୍ତ କେତେ ଦରମା ପଆନ୍ତି ସେମାନେ ? ଦରମା ଟଙ୍କାରେ ଚଳି, ପରିବାର ପୋଷଣ ଓ ପିଲାଛୁଆଙ୍କୁ ଭଲ ସ୍କୁଲ, କଲେଜରେ ପାଠ ପଢ଼ାଇବାପରେ ଆଉ କେତେ ଟଙ୍କା ବଳେ ତାଙ୍କ ପାଖରେ ? ସେଇ ଟଙ୍କାରେ ଗଢ଼ା ଯାଇପାରିବ ଏଭଳି ଇମାରତ ? ଲକ୍ଷ ଲକ୍ଷ ଟଙ୍କାରେ ଗଢ଼ା କୋଠାଘର କୋଉଥିରେ ଗଢ଼ା ତା ହେଲେ ? ବାପା ଭାବପ୍ରବଣ ହୋଇଯାନ୍ତି। ଉଚ୍ଚସ୍ୱରରେ କହି ଉଠନ୍ତି ଦୁର୍ନୀତି, ଦୁର୍ନୀତି, ଚତୁର୍ଦ୍ଦିଗରେ ଦୁର୍ନୀତି। ପୁଲିସ୍ ଅଫିସର କେତେ ଦରମା ପାଏ ? କେତେ ଦରମା ପାଆନ୍ତି ଏମ.ଏଲ.ଏ.ମାନେ ? ମନ୍ତ୍ରୀମାନେ ? ଖାଲି ସ୍ଲୋଗାନ୍‌ରେ ଦାରିଦ୍ର୍ୟ ଦୂର ହୋଇଯିବନିରେ ବାପା। ଏମାନେ ଦାରିଦ୍ର୍ୟ ସୃଷ୍ଟି କରନ୍ତି। ଏମାନେ ଦାରିଦ୍ର୍ୟ ଦୂର କରିବେ କେମିତି ? ଦାରିଦ୍ର୍ୟ ଦୂର କରିବାକୁ ହେଲେ ନିଜେ ସଚ୍ଚୋଟ ହେବାକୁ ହେବ, ନିଜେ ମଣିଷ ହେବାକୁ ହେବ।

ଏବେ ବି ଶୁଣିପାରୁଛି ବିବେକ ବାପାଙ୍କ କଣ୍ଠସ୍ୱର। ଛାତିରେ କିଏ ଯେମିତି ହାତୁଡ଼ି ପ୍ରହାର କରୁଛି। ଗମ୍ ଗମ୍ ହୋଇ ଝାଳ ବୋହିଯାଉଛି ତା ଦେହରୁ। ଫାଇଲଟିଏ ଧରି ପଶିଆସିଲେ ଷ୍ଟେନୋ ବାବୁ। ବିବେକ

ମୁହଁକୁ ଚାହିଁ ସ୍ତମ୍ଭୀଭୂତ ହୋଇଗଲେ । ପଚାରିଲେ, ସାର୍, ଆପଣଙ୍କ ଦେହ ଭଲ ନାହିଁ କି ?"

ବିବେକ ପ୍ରକୃତିସ୍ଥ ହେଲା ।

କହିଲା – ନା, ଟିକେ ମୁଣ୍ଡ ବୁଲେଇ ଦେଇଥିଲା । ରାତିରେ ଭଲ ନିଦ ହେଲାନି ତ । ଏବେ ଭଲ ଅଛି । ଆପଣ ଫାଇଲ ରଖି ଦେଇଯାଆନ୍ତୁ, ମୁଁ ଡାକିବି ପରେ ।

ଫାଇଲଟି ରଖିଦେଇ ଚାଲିଗଲେ ଷ୍ଟେନୋ ବାବୁ ।

ବିବେକର ଆଖି ପଡ଼ିଲା ଆଜିକାର ସମ୍ବାଦପତ୍ର ଉପରେ । ବଡ଼ ବଡ଼ ଅକ୍ଷରରେ ହେଡ୍ ଲାଇନ୍ ବାହାରିଛି 'ଘୋଟାଲା' । ଦେଶର ଖୁବ୍ ବଡ଼ ବଡ଼ ନେତା ଛନ୍ଦି ହୋଇଯାଇଛନ୍ତି ଏଥିରେ । ସମସ୍ତଙ୍କର ମୁଖା ଖୋଲିବା ଅବସ୍ଥା । ଦୁର୍ନୀତିର ଧୂମକେତୁ କାୟା ବିସ୍ତାର କରିଛି ଭାରତୀୟ ରାଜନୈତିକ ଆକାଶରେ । ସଂପାଦକୀୟ ଉପରେ ଆଖି ପକାଇଲା ବିବେକ । କଠୋର ପ୍ରହାର କରାଯାଇଛି ଶବ୍ଦ ସାହାଯ୍ୟରେ ଦୁର୍ନୀତିଗ୍ରସ୍ତ ନେତାମାନଙ୍କୁ । ମନେ ପଡ଼ିଲା ତାର ଛାତ୍ରଜୀବନ । କେତେଥର ରାସ୍ତାକୁ ଓହ୍ଲାଇ ଆସିଛି ବିବେକ, ଲାଲ ପତାକା ଧରି – ସମାଜରେ ଥିବା ଦୁର୍ନୀତିପରାୟଣ ବ୍ୟକ୍ତିମାନଙ୍କ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି । ଷ୍ଟ୍ରାଇକ୍ କରିଛି, ଭଙ୍ଗାରୁଜା କରିଛି, ଜଳଦ–ଗମ୍ଭୀର ପୁଲିସ୍ କଷ୍ଟୋଡ଼ିରେ ବି ରହିଛି କେତେଦିନ । ଖାତିର କରିନି ସେ ପୁଲିସ୍‌ର ଧମକକୁ । ତାର କ୍ୟାରିୟର ନଷ୍ଟ ହୋଇଯିବାର ଭୟ ତାକୁ କେବେ କବଳିତ କରିନି । ଆଖି ଆଗରେ ରହିଛି ତାର ଗୋଟିଏ ଆଦର୍ଶ – ଦୁର୍ନୀତି ବିରୁଦ୍ଧରେ ସଂଗ୍ରାମ, ଆଜୀବନ ସାଲିସ୍‌ବିହୀନ ସଂଗ୍ରାମ ।

ମନେ ପଡୁଛି ସବୁକିଛି ଏବଂ ମନେ ପଡ଼ି ଛାତି ଭିତରେ କଂପନ ସୃଷ୍ଟି ହେଉଛି । ତିନିଥର ଇଣ୍ଟରଭ୍ୟୁରେ ଅସଫଳ ହେବାପରେ ଚତୁର୍ଥଥର ଇଣ୍ଟରଭ୍ୟୁ ହେଉଥିବା ପ୍ରକୋଷ୍ଠ ଭିତରକୁ ପ୍ରବେଶ କରୁକରୁ ସେ ବୋର୍ଡର ସଭ୍ୟମାନଙ୍କୁ ଖାତିର ନ କରି କହିଛି "ମୁଁ ଜାଣିଛି ଆପଣମାନେ ଚାକିରି ଦେଇପାରିବେ ନାହିଁ । ଆପଣଙ୍କ ହାତରେ ଚାକିରି ନାହିଁ । ଚାକିରି ରହିଛି ମନ୍ତ୍ରୀଙ୍କ ହାତରେ । କାହିଁକି ତେବେ ଏ ଫାର୍ସ କରୁଛନ୍ତି ? ଏତେ ଜ୍ଞାନୀ ହୋଇ ଆପଣମାନେ ଗୋଟିଏ ଘୁଣଖିଆ ସିଷ୍ଟମ ପାଖରେ ରେ ମୁଣ୍ଡ ବିକି ଦେଉଛନ୍ତି ।"

ଇଣ୍ଟରଭ୍ୟୁର ସବୁ ସଭ୍ୟ ବିବେକକୁ ଅନେଇଲେ ଗମ୍ଭୀର ହୋଇ । 'ବସ !' ତାପରେ କେତୋଟି ପ୍ରଶ୍ନ କଲେ । ବିବେକର ଉତ୍ତର ଦେଇଥିଲା, କିନ୍ତୁ ଜାଣିଥିଲା ତାର କିଛି ଅର୍ଥ ନାହିଁ । ତା ଦେଇ ସାରିଛି, ଆଉ ଆଶା କରିବା ବୃଥା । ଚେୟାରମ୍ୟାନ୍ କହିଲେ, "ମନେ ଅଛି ସେ ସଠିକ୍ ଉତ୍ତର ଦେଇଥିଲା, କିନ୍ତୁ ଜାଣିଥିଲା ତା'ର କିଛି ଅର୍ଥ ନାହିଁ । ତା' ଛଡ଼ା ସେମାନଙ୍କୁ ସେ ଗାଳି ଦେଇ ସାରିଛି, ଆଉ ଆଶା କରିବା ବୃଥା ।

ଜୀବନର ସବୁଠୁ ଆଶ୍ଚର୍ଯ୍ୟ ଘଟଣା ଘଟିଥିଲା ବିବେକ ଜୀବନରେ ସେହିଦିନ ଯେଉଦିନ ସେ ଉକ୍ତ ଇଣ୍ଟରଭ୍ୟୁରେ କୃତକାର୍ଯ୍ୟ ହୋଇଥିବାର ଚିଠି ପାଇଲା । ପ୍ରଥମେ ବିଶ୍ୱାସ କରିପାରିଲାନି ସେ । ଚିଠିକୁ ପଢ଼ିଲା ବାରମ୍ବାର ଏବଂ ସାଙ୍ଗମାନଙ୍କୁ ମଧ୍ୟ ଦେଖାଇଲା । ସମସ୍ତେ ମତ ଦେଲେ ତାହା ଉପହାସ ନୁହେଁ, ଚାକିରିର ସବୁଜ ସଂକେତ ଦେଉଥିବା ଚିଠି । ସବୁ ମନେ ପଡୁଛି ବିବେକର । ଛାତି ଭିତରଟା ତାର ମନ୍ଥି ହୋଇଯାଉଛି । କାହିଁକି ତେବେ ସେ କଲା ଏ କାର୍ଯ୍ୟ ? ସେ ତ ସଂପୂର୍ଣ୍ଣ ଅଲଗା ଉପାଦାନରେ ଗଢ଼ା ହୋଇଥିଲା । ଏ କାର୍ଯ୍ୟ କରିବାକୁ ତାର ହାତ ଗଲା କେମିତି ? ତାର ହୃଦୟ ସମର୍ଥନ ଜଣାଇଲା କାହିଁକି ? ପିଲାଙ୍କ ପାଇଁ, ସ୍ତ୍ରୀପାଇଁ ନା ନିଜପାଇଁ ? ବୟସ ଟିକେ ବଢ଼ିଗଲେ ଆଦର୍ଶ ସବୁ ଏମିତି ଚୂରମାର ହୋଇଯାନ୍ତି ! ପୋଡ଼ିହୋଇ ଅଙ୍ଗାର ହୋଇଯାନ୍ତି ! ଛି, ଛି, ନିଜକୁ ନିଜେ ଘୃଣା କରିବାକୁ ଆରମ୍ଭ କଲା ବିବେକ ।

ଥରଥର ହାତରେ ଖୋଲିଲା ଡ୍ରୟରଟିକୁ । ତା ଭିତରେ ରହିଛି ଲଫାପାଟି — ଭାରି ଲଫାପା । ଧୀରେ ଧୀରେ ଉଠେଇଲା ଲଫାପାକୁ ହାତରେ । ଦେହସାରା ଝାଳ ଗମ୍ ଗମ୍ ହୋଇଗଲା । ଧଳା ଲଫାପା ଭିତରେ ପଚାଶ ହଜାର ଟଙ୍କା । ଲଫାପା ଉପରେ ବିବେକର ଅତୀତର ଶବ ।

ଲଫାପାର ପର୍ଦ୍ଦା ଉପରେ ଭାସି ଉଠିଲା ଗୋଟିଏ ପରେ ଗୋଟିଏ ଦୃଶ୍ୟ । ସ୍ତ୍ରୀ ହସି ହସି କହୁଛନ୍ତି – ହେଇ, ଏଥର ପୂଜାକୁ ମୋତେ ହାରଟେ ଦେବ– ପପୁନ୍ କହୁଛି, ବାପା, ମୋର ସନିଟିଏ ଦରକାର– ବାପା କହୁଛନ୍ତି– 'ତୁ ବି ?'

ନା– ଚିତ୍କାର କରିଉଠିଲା ବିବେକ । ମୁଁ ନୁହେଁ ବାପା, ମୁଁ ନୁହେଁ । ମୁଁ ଏମିତି ହୋଇପାରିବିନି । ତମେ ମୋତେ କ୍ଷମା କର । ଏଇ ମୋର ପ୍ରଥମ ଓ ଶେଷ ଭୁଲ ।

ଦଉଡ଼ି ଆସିଲା ପିଅନ ଭିତରକୁ । ସାର କଣ ହେଲା ? ମୋତେ ଡାକିଲେ ?

ନିଜକୁ ସମ୍ଭାଳି ନେଲା ବିବେକ । କହିଲା– ଷ୍ଟେନୋ ବାବୁଙ୍କୁ ଡାକ୍ ।

ଷ୍ଟେନୋ ବାବୁଙ୍କ ହାତରେ ପଚାଶ ହଜାର ଟଙ୍କାର ଲଫାପା ବଢ଼େଇଦେଇ କହିଲା ବିବେକ – "ଏଇ ଆଡ୍ରେସ ନିଅନ୍ତୁ । ଏଇ ଆଡ୍ରେସରେ ପଠେଇଦେବେ । ଦୁଃଖୀ, ରଙ୍କି, ନିରାଶ୍ରୟୀ ଓ କୁଷ୍ଠରୋଗୀଙ୍କ ସେବାରେ ଲାଗୁ ଏ ଟଙ୍କାତକ ।"

ଅବିଶ୍ୱାସ ଆଖିରେ ଅନେଇଲେ ଷ୍ଟେନୋ ବାବୁ । କହିଲେ "ସାର, ଏତେ ଗୁଡ଼ିଏ ଟଙ୍କା !"

ବିବେକ କେବଳ ଛୋଟ ଉତ୍ତରଟିଏ ଦେଲା– 'ହଁ !'

*୫୧୨, ସିଲଭର୍ ଲାଇନିଙ୍ଗ୍ ଆପାର୍ଟମେଣ୍ଟ*
*ମିଶନରୋଡ, କଟକ-୭୫୩୦୦୧*
*ଦୂରଭାଷ: ୯୯୩୭୫୮୩୭୬୬*

# ତେଜ୍ୟପୁତ୍ର

କାଳିନ୍ଦୀ ଚରଣ ଭଞ୍ଜ

**ଭ**ବିଷ୍ୟତକୁ ନେଇ ମଣିଷ ଅନେକ ସୁଖଦ କଳ୍ପନା କରେ । ସ୍ୱପ୍ନଦେଖେ କିନ୍ତୁ ଭବିଷ୍ୟତରେ ତା'ପାଇଁ କ'ଣ ସାଇତା ହୋଇ ରହିଯାଇଛି ଜାଣିପାରେ ନାହିଁ । ସମୟ ଗୋଟେ ଅମାନିଆ ନଇ, କେତେବେଳେ କେଉଁଠି କ'ଣ ଭସାଇ ନିଏ ତ ପୁଣି କେଉଁଠି ପଟୁବାନ୍ଧି ନୂଆ ସର୍ଜନା ପାଇଁ ବାଟ ଫିଟାଏ ତା'ର କିଛି ଠିକଣା ହିଁ ନଥାଏ ।

ସନାତନ ମହାପାତ୍ର । ଅବସରପ୍ରାପ୍ତ ରାଜ୍ୟର ଚିଫ୍ ସେକ୍ରେଟାରୀ । ଏବେ ଅବସ୍ଥାନ କରନ୍ତି ସ୍ୱଗୃହ ସହିଦନଗରରେ । ଏକ ବିରାଟ ପ୍ଲଟ୍ । ସେଥିରେ ରହିଛି ଏକ ସୁରମ୍ୟ ପ୍ରାସାଦ । ପ୍ରାସାଦର ଚାରିପାଖ ସୀମା ମଧ୍ୟରେ ରହିଛି ଫୁଲ ବଗିଚା, କିଚେନ ଗାର୍ଡ଼େନ୍ । ଆମ୍ବ, ସପେଟା, ପଣସ, କଦଳୀର ତୋଟା ।

ଆଜକୁ ଚାଳିଶ ବର୍ଷ ତଳେ ସେ ଥିଲେ ଆଇ.ଏ.ଏସ୍ ଟପ୍ପର । ଆଣିଥିଲେ ଗୌରବ ଗାଁର, ବାପମା'ଙ୍କର, ଜିଲ୍ଲାର ଓ ଓଡ଼ିଶା ରାଜ୍ୟରୁ ଟ୍ରେନିଙ୍ଗ ନେଲେ ମସୋରିରେ । ଟ୍ରେନିଙ୍ଗ ପରେ ଫେରିଲେ ନିଜ ରାଜ୍ୟକୁ । ପ୍ରଥମ ପୋଷ୍ଟିଙ୍ଗ ଥିଲା ସବ୍‌ଡିଭିଜିନାଲ୍ ଅଫିସର ଭାବେ ।

ବାପା ମାଧ ମିଶ୍ର ଓ ସ୍ତ୍ରୀ ବିମଳାଙ୍କ ପୁଅ ଝିଅ ଦୁଇ ଜଣ । ପୁଅ ସନା ବଡ଼ । ଝିଅ ଉମା ସାନ । ମାଧ ମିଶ୍ର ସାଧାରଣ ଗରିବ ବ୍ରାହ୍ମଣ । ଗାଁ ମନ୍ଦିରରେ ପୂଜକ ଭାବେ ଜଜ୍‌ମାନ କାମ ସହ ଜଣେ କେତେ ମାଣ ଭାଗ ବଖରା ଦେଇ ସଂସାର ଚଳିଯାଏ । ସନା ପୁଅ ଚାଲାଖ, ଚତୁର ଓ ବୁଦ୍ଧିମାନ । ଭଲ ପଢ଼େ । ସରକାର ତରଫରୁ ବୃତ୍ତିପାଇ ପଢ଼ିଲା ଓ ବଢ଼ିଲା । ଝିଅ ଉମାକୁ ସ୍ଥାନୀୟ ଏକ ସ୍କୁଲ ଶିକ୍ଷକଙ୍କ ସହ ବିବାହ କରାଇ ଅପେକ୍ଷା କରିଥିଲେ ପୁଅ ସନାର ବିବାହ ଘର ଅପେକ୍ଷାରେ ।

> ରାଜୁ ହସି କହିଲା – ସେ ପୁରୁଣା, ମରହଟିଆ କଥା କାହିଁକି ଶୁଣୁଛ ? ଯୁଗ କେଉଁଠି ପାଇଲାଣି, ଜାତିପ୍ରଥା କେବେଠୁ ଲୋପ ପାଇଲାଣି । ଏ ପୁରୁଣା ପ୍ରଥାକୁ ଧରି ଆଜି ବ୍ରାହ୍ମଣ ସମାଜ ପଛୁଆ, ଗରିବ । ପେଟ ପାଟଣା ପାଇଁ ପଣ୍ଡା ପୁଅ ଅଣ୍ଡା ବିକୁଛି, ମିଶ୍ର ଘର ପିଲା ସୁରାଟରେ ଦାଦନ ଖଟୁଛି । ଯାହାଙ୍କୁ ଅଛୁଆଁ, ଅସ୍ପୃଶ୍ୟମାନେ ଦେଶ ଚଳାଉଛନ୍ତି । ଆମ ଜାତି ଭାଇ ଜଣେ ଜିଲ୍ଲାପାଳ । ବଡ଼ ଗୌରବର କଥା ଶ୍ରଦ୍ଧା ଓ ସ୍ନେହରେ ନିମନ୍ତ୍ରଣ କରିଛନ୍ତି । ଯିବା ପାଇଁ ଗାଡ଼ି ବି ପଠାଇଛନ୍ତି ।

ମାଧ ମିଶ୍ରଙ୍କର ସମାଜରେ ସମ୍ମାନ ବଢ଼ିଲା । ଲୋକେ ଏବେ ତାଙ୍କୁ ହାତ ଯୋଡ଼ିଲେ । ମାଧିଆ ନନାରୁ ଏବେ ମାଧବବାବୁ । ମା' ବିମଳାଙ୍କ ମନ ଉଚ୍ଚାଟ ବଡ଼ଘରେ ପୁଅ ବିବାହ କରିବ । ଯାନିଯୌତୁକରେ ଘର ପୂରିବ । ଆଇବୁଢ଼ୀ ରଙ୍ଗ, ଢଙ୍ଗ କଥାବାର୍ତ୍ତାର ଭାବ ବଦଳି ଯାଇଛି । ପାନଡ଼ବା ଖୋଲି ଦି'ପ୍ରହରେ ଗାଁ ମାଇପ ସହ କଥାରେ କହେ – ନାତି ଟୋକାକୁ କେତେ ଗେହ୍ଲା କରେ । ପାଖରେ ଶୁଆଇ ଗପ ଶୁଣାଏ । ବାଡ଼ିର ପିଜୁଳି, କମଳା ଖୁଆଏ । ପାଖ ଗୁଡ଼ିଆ ହରି ଦୋକାନରୁ ଖଜା ଲଡୁ ଖୁଆଏ । ମା' ତାରିଣୀଙ୍କ କୃପାରୁ ସେ ବଡ଼ ହାକିମ ହୋଇଛି ଦେଶ ଚଳାଉଛି । ତା' ବାହାଘର ଜାକଜମକରେ କରିବୁ । ତା' ମୁଣ୍ଡରେ ନୋଳ ଦେଖିବି ନାତୁଣୀବୋହୂର ଘଷାମୋଡ଼ା ଖାଇବି । ଅଣନାତି, ଅଣନାତୁଣୀ ଦେଖି ଆଖି ବୁଜିବି ।

ପାଖରେ ବସି ଶୁଣେ ସାହିର ବେଙ୍ଗ, ସାବନୀବୋଉ, କମଳାଦେଈ । କହନ୍ତି – ହଇଲୋ ନାନୀ ତୋ' ଭାଗ୍ୟ ଉଜ୍ଜ୍ୱଳ । ବହୁତ ପୂଜିଥିଲୁ । ଫଳ ପାଇଲୁ । କିନ୍ତୁ ବେଙ୍ଗବୁଢ଼ୀ କହେ ହଉଲୋ ନାନୀ ଆକାଶ କଇଁଆ ଚିଲିକା ମାଛ । ଏ ଯୁଗର ଟୋକାଟୋକିଙ୍କ କଥା ଅଲଗା । ମନ ରାଜିରେ ବାହା ହୁଅନ୍ତି । ବାପ ମା'କେବଳ ଶୁଭ ମନାସୁଥାଆନ୍ତି । ପାଖରେ ଯା'ଆସ କରୁଥାଏ ପଡ଼ୋଶୀ ଘର ନାତୁଣୀ ରଙ୍ଗ । କହେ – ବୁଢ଼ୀ ସପନ ଦେଖୁଛି ସପନ । ଏ ରଙ୍ଗ ରହିଲେ ହେଲା ... ।

ଘର ବୋଲି ଦୁଇ ବଖରା । ଚାଳ ଛପର, ମାଟିକାନ୍ଥ । ନିତ୍ୟକର୍ମ

ବାହାରେ। ରୋଷେଇ ଘର ବାରଣ୍ଡାରେ। ସନାବୋଉଙ୍କ ବଡ଼ ଚିନ୍ତା ବୋହୂ ଏଠି ଚଳିବ କିପରି ? ସେ ନିଶ୍ଚୟ ପଢୁଆ ବଡ଼ ଘରର ଝିଅ ହୋଇଥିବ। ସ୍ୱାମୀଙ୍କୁ କହନ୍ତି କିଛିଗୋଟେ ବୋହୂ ଆସିବା ଆଗରୁ କର। ଘର ବର ଦେଖିବାକୁ ଲୋକ ଆସିଲେ ବସିବେ କେଉଁଠି, ଖାଇବେ କେଉଁଠି ? ମାଧ ମିଶ୍ରେ ହସନ୍ତି। କହନ୍ତି - ଧୈର୍ଯ୍ୟଧର, ଅପେକ୍ଷାକର। ସହସା ମୁଁ କ'ଣ କରିପାରିବି ? ସନା ସହ କଥା ହୁଅ ଇତ୍ୟାଦି।

ବାହାଘର ତିଥି ଫିଟିଲା କନ୍ୟାପିତା, ମଧ୍ୟସ୍ଥିମାନେ ମାଧମିଶ୍ରଙ୍କ ଘରକୁ ଛୁଟିଲେ। କିଏ କାର୍‌ରେ, କିଏ ଜିପ୍‌ରେ ବା ମଟର ସାଇକେଲରେ ଗାଁ ମୁଣ୍ଡରୁ ମାଧମିଶ୍ରଙ୍କ ଘର ପଚାରି ଆସନ୍ତି। ଅପନ୍ତିଆ, ଅଣଓସାରିଆ ଗାଁ ଦାଣ୍ଡରେ ଧୂଳି ଉଡ଼ିଲା। ଗାଁ ପିଲାଗୁଡ଼ା ଗାଡ଼ି ପଛରେ ଦୌଡ଼ିଲେ। ପ୍ରଥମେ ପ୍ରଥମେ ସନାବୋଉ ସେମାନଙ୍କୁ ଚା', ସରବତ ଦେଉଥିଲେ। ଏବେ ଝିଅର ଟିପ୍ପଣୀ ଓ ଫଟୋ ମାଗି ଦାଣ୍ଡ ଦୁଆରୁ ବିଦା କରିଦିଅନ୍ତି। ଅନେକ ମାଧମିଶ୍ରଙ୍କୁ ଦେଖା କରନ୍ତି ମନ୍ଦିରରେ। ଝିଅର ପ୍ରସ୍ତାବରେ ଯାନିଯୌତୁକ କଥା ଶୁଣାଇ ଯାଆନ୍ତି।

ଦିନେ ସନାବୋଉ ସ୍ୱାମୀଙ୍କ ପରାମର୍ଶରେ ଜଣେ ନିଜ ଭାଇକୁ ଧରି ସନା ବସାକୁ ଦେଖା କରିବାକୁ ବାହାରିଲେ। ସାଥିରେ ପାଇଥିବା ଝିଅମାନଙ୍କ ଟିପ୍ପଣୀ, ଫଟୋ, ଯୌତୁକ କିଏ କେତେ ଦେବ ଓ ସେମାନଙ୍କ ଗାଁ ନାଁର ଠିକଣା ସବୁ ନେଇଥିଲେ।

ସେଦିନ ଥିଲା ଛୁଟିଦିନ ରବିବାର। ସକାଳୁ ସକାଳୁ ବୋଉ ଓ ମାମୁଙ୍କୁ ଦେଖି ସନା ଆଶ୍ଚର୍ଯ୍ୟ ହେଲା। କିଛି ଗୋଟେ ଅଘଟଣ ଘଟିଥିବାର ଅନୁମାନ କରୁଥିଲେ। ସେମାନଙ୍କୁ ସନା ଓ ତା'ର ଚାକର ଓ ପୂଜାରୀ ଯଥାମାନ୍ୟ ଦେଖାଇଲେ। ସନାବୋଉ ପୁଅର ବଙ୍ଗଳା, ଥାଟମାଠ ଦେଖି ଖୁସି। ଖିଆପିଆ ପରେ ବୁଢ଼ୀ ପୁଅକୁ ଏକାନ୍ତରେ ବସାଇ ବିବାହ ପ୍ରସ୍ତାବ ଉଠାଇଲେ। କହିଲେ - ପୁଅ ବୟସ ହେଲା। ବାହାତୋଳା ହୋଇ ଘର ସଂସାର ବେଳ ଗଡ଼ି ଯାଉଛି। ତୋ' ସାଙ୍ଗ ବଳିଆ, ଗୋପ, ନରି ବାହା ହୋଇ ଗୋଟେ, ଯୋଡ଼େର ବାପ ହେଲେଣି। ଆମେ ପରା ବୁଢ଼ାବୁଢ଼ୀ ହେଲୁଣି। ଆଇ, ବୁଢ଼ୀ ତୋ' ମୁଣ୍ଡରେ ବାହାଘର ନୋଳ, ନାତୁଣୀ ଦେଖି ମରିବାର ସପନ ଦେଖୁଛି। ଆଉ ଡେରି କରନା କହି ସାଥିରେ ନେଇଥିବା ବିବାହର ପ୍ରସ୍ତାବ ସବୁକୁ ଦେଖାଇଲେ। ଯେଉଁ ପ୍ରସ୍ତାବକୁ ଠିକ୍ କରିବୁ କହିଲେ ଆମେ ଆଗକୁ ବଢ଼ିବୁ।

ସନା ହସି କହିଲେ - ବୋଉ ବ୍ୟସ୍ତ ହୁଅନା। ଠିକ୍ ସମୟରେ ମୁଁ ଜଣାଇବି।

ବଡ଼ ବଡ଼ିଆଙ୍କ କଥା। ସନା ଏବେ ଜିଲ୍ଲାପାଳ। ବିବାହ ପ୍ରସ୍ତାବ ଗଦାଗଦା। ଯୌତୁକ ଦେବାକୁ କନ୍ୟା ପିତାମାନେ ଲକ୍ଷ, କୋଟି ଢାଳି ଦେବାର ଲୋଭ ଦେଖାନ୍ତି। ସେମାନଙ୍କ ମଧ୍ୟରେ ଖଣି, ମଦ ଓ ଡ୍ରଗ୍ସ ବେପାରୀ ବେଶୀ। ଉଚ୍ଚପଦସ୍ଥ ଅଫିସରଙ୍କ ଝିଅମାନଙ୍କ ପ୍ରସ୍ତାବ ବି ଅନେକ।

ଏବେ ସନାତନ ବାବୁ ଦ୍ୱନ୍ଦ୍ୱରେ। ବିବାହ କରିବେ ସତ୍ୟ। ଗୋଟିଏ ଝିଅକୁ ନା ଡାଉରୀକୁ। ସେ ସାଧାରଣ ଏକ ବ୍ରାହ୍ମଣ ପରିବାରର ପୁଅ। ସୁଖ-ଦୁଃଖ, ଅଭାବ-ଅନାଟନକୁ ନେଇ ବାପା ମା' ସଂସାର ଚଳାଇ ଚାଲିଛନ୍ତି। ସେ ଚାହାଁନ୍ତି ଗୋଟିଏ ଝିଅ ଯେ ସବୁ ପରିସ୍ଥିତିରେ ଚଳିପାରୁଥିବ। ରୂପ ଓ ଗୁଣରେ ଭରପୂର ଥିବ। ଉଗ୍ର ଆଧୁନିକା ଝିଅ ବାର୍ ବା କ୍ଲବ୍‌କୁ ଯାଉଥିବା ଝିଅ ତାଙ୍କର ପସନ୍ଦ ନୁହେଁ।

ଅଳ୍ପ ଦୂରରେ ଗୋଟିଏ ମହିଳା କଲେଜ। ସେଠାରେ ତାଙ୍କ ବଙ୍ଗଳା ଦେଇ ସାଇକେଲରେ ପଢ଼ିବାକୁ ଯାଏ ଝିଅଟିଏ। ଏବେ ସ୍କୁଟିରେ ଯାଉଛି। ଗତ ବାର୍ଷିକ ଉତ୍ସବରେ ସେ ମୁଖ୍ୟ ଅତିଥି ହୋଇ ଯାଇଥିଲେ। ସେ ଝିଅଟି ଅତିଥିମାନଙ୍କୁ ଫୁଲତୋଡ଼ା ଦେଇ ସ୍ୱାଗତ କରିଥିଲା। କଲେଜ ତରଫରୁ ଗୋଟିଏ ସଂକ୍ଷିପ୍ତ ଭାଷଣ ଦେଇଥିଲା। ଝିଅଟି ଅପୂର୍ବ ସୁନ୍ଦରୀ। ଗୋଟିଏ ଚାଉଳରେ ଗଢ଼ା। କୋକିଳ କଣ୍ଠି। ହାସ୍ୟମୟୀ। ନାଁ ତା'ର ସୁନନ୍ଦା।

କିଛିଦିନ ସୁନନ୍ଦାର ଗତିବିଧି ଲକ୍ଷ୍ୟ କଲେ। ମର୍ଣ୍ଣିଙ୍ଗ ୱାକ୍‌ରେ ତା'ର ଘର ଦେଇ ଅନ୍ୟେ କେତେକ ବନ୍ଧୁଙ୍କ ସହ ବୁଲି ଆସନ୍ତି। ଜଣେ ବନ୍ଧୁଙ୍କ ଜରିଆରେ ବୁଝିଲେ ସୁନନ୍ଦାର ପିତା ସ୍ଥାନୀୟ ଏକ ପ୍ରାଇଭେଟ୍ କଲେଜରେ ଅଧ୍ୟାପକ। ତାଙ୍କର ଦୁଇ ଝିଅ ଓ ଗୋଟିଏ ପୁଅ। ସୁନନ୍ଦା ବଡ଼। ରୁହନ୍ତି ଏକ ଭଡ଼ା ଘରେ। ନାଁ ତାଙ୍କ ଅରବିନ୍ଦ ଦାସ।

ସେହି ବନ୍ଧୁଙ୍କ ଜରିଆରେ ବିବାହ ପ୍ରସ୍ତାବ ପଠାଇଲେ ଅରବିନ୍ଦବାବୁଙ୍କ ପାଖକୁ।

ଅରବିନ୍ଦବାବୁ ପ୍ରସ୍ତାବ ଶୁଣି ହସିଲେ। କହିଲେ - ହଇ ହୋ ବାବୁ ତୁମେ କ'ଣ ପାଗଳ ନା କ'ଣ ? କାହିଁ ଜିଲ୍ଲାପାଳ ସନାତନ ମିଶ୍ର ପୁଣି ମୁଁ। ଆମେ କ'ଣ ଦେଇ ନେଇ ପାରିବୁ ନା ତାଙ୍କ ସମସ୍କନ୍ଧ ବନ୍ଧୁ ହୋଇପାରିବୁ। ଅସମ୍ଭବ।

ବନ୍ଧୁ ଜଣକ କହିଲେ - କଲେକ୍ଟର ସାହେବ ଆପଣଙ୍କୁ ଆସନ୍ତା ରବିବାର ଦିନ ତାଙ୍କ ବଙ୍ଗଳାକୁ ଡକାଇଛନ୍ତି। ମୁଁ ଆସି ଆପଣଙ୍କୁ ତାଙ୍କ ସହ ସାକ୍ଷାତ୍ କରାଇଦେବି। ଅରବିନ୍ଦ ବାବୁ ହଁ କି ନା କହିବା ଆଗରୁ ତାଙ୍କ ସ୍ତ୍ରୀ କହିଲେ - ଯେଉଁ କଥା ହେଉ। ଜିଲ୍ଲାପାଳ ଡକାଇଛନ୍ତି ଯାଅ। ଝିଅ ବାହାଘର କଥା ଉଠାଇଲେ ମନା କରିବ ନାହିଁ। ସୁଯୋଗ ଥରେ ଆସେ। ତାକୁ ହାସଲ କରିବା ବୁଦ୍ଧିମାନ ଲୋକଙ୍କ କାମ।

ଅରବିନ୍ଦ ବାବୁ ଭଦ୍ରଲୋକଙ୍କ ସହ ପହଞ୍ଚିଲେ। ସନାତନ ବାବୁ ଡ୍ରଇଙ୍ଗ ରୁମ୍‌ରେ ବସି କ୍ରିକେଟ ଖେଳ ଦେଖୁଥିଲେ। ସମ୍ବାଦପତ୍ର ଉପରେ ନଜର ଥାଏ। ଚା'କପ୍‌ର ଗରମ ବାମ୍ଫ ପାଟିରେ ଲଗାଉଥିଲେ।

ଅରବିନ୍ଦବାବୁଙ୍କୁ ଦେଖି ଉଠିପଡ଼ି ସ୍ୱାଗତ କଲେ। ଚା'ପାନର ବ୍ୟବସ୍ଥା ହେଲା। ତା' ମଧ୍ୟରେ ଜିଲ୍ଲା, ଦେଶର ପରିସ୍ଥିତି ସହ ସ୍କୁଲ କଲେଜଗୁଡ଼ିକରେ ଛାତ୍ର ଅଶାନ୍ତି ବିଷୟରେ ଆଲୋଚନା ହେଲା। ବନ୍ଧୁ ଜଣକ ସୁନନ୍ଦାର ବିବାହ ପ୍ରସ୍ତାବ ବାଢ଼ିଲେ। ସନାତନବାବୁ ହସି କହିଲେ - ଏ ପ୍ରସ୍ତାବରେ ତାଙ୍କର ସହମତି ରହିଛି। ଏବେ ଅରବିନ୍ଦ ବାବୁଙ୍କ ପରିବାର ଓ ସୁନନ୍ଦାର ମତାମତ ଜଣାନ୍ତୁ।

ଅରବିନ୍ଦବାବୁ ଗମ୍ଭୀର ହୋଇ କହିଲେ – ବିବାହ ଏକ ଯୋଗସୂତ୍ର, ଈଶ୍ୱରଙ୍କର ଇଚ୍ଛା ଓ ଅଭିଳାଷ। କଥାରେ ଅଛି – ମ୍ୟାରେଜ ସେଟଲ ଇନ୍ ହେବେନ୍। ଆମେ ମାତ୍ର କ୍ଷୁଦ୍ରଜୀବୀ, ଦାଣ୍ଡରୁ ଗଲେ ହାଣ୍ଡିରେ ପଡ଼େ। କନ୍ୟାଦାନ ବ୍ୟତୀତ କ'ଣ ଆପଣଙ୍କୁ ଦେଇ ନେଇ ପାରିବୁ ଓ ସମସ୍କନ୍ଦ ହୋଇପାରିବୁ।

ସନାତନବାବୁ କହିଲେ – ଆପଣ ସେ କଥା ମଥାରେ ପୁରାନ୍ତୁ ନାହିଁ। ପରିବାର ମଧ୍ୟରେ ଆଲୋଚନା କରି ମତାମତ ଜଣାଇଲେ ମୁଁ ଆମ ପରିବାର ସଦସ୍ୟଙ୍କୁ ଡକାଇ ବିବାହର ଆୟୋଜନ କରାହେବ।

ଅରବିନ୍ଦଙ୍କ ପରିବାର ସୁନନ୍ଦାର ମତାମତ ଜଣାଇ ଦେଲେ ସନାତନବାବୁଙ୍କ ବନ୍ଧୁ ହରି ବାବୁଙ୍କୁ। ଦୁଇ ପରିବାର ଏକତ୍ର ହୋଇ ବିବାହର ଦିନବାର, ଦେଣନେଣ ଓ ମୁଦିପିନ୍ଧା କାର୍ଯ୍ୟକ୍ରମ ହରିବାବୁ ଜଣେ ପଣ୍ଡିତଙ୍କ ପରାମର୍ଶରେ ଠିକ୍ କଲେ।

ସନାତନ ବାବୁ ଏ ସମ୍ବନ୍ଧୀୟ ସମସ୍ତ ଖବର ବାପା-ମାଆଙ୍କ ପାଖକୁ ପଠାଇଲେ, ଅନୁରୋଧ କରିଥିଲେ ଏହି ଶୁଭକାର୍ଯ୍ୟରେ ଭାଗ ନେବା ପାଇଁ।

ପିତା ମାଧ ମିଶ୍ର ଚିଠିଟି ବାରମ୍ବାର ପଢ଼ିଲେ। ପିତ ମୁଣ୍ଡକୁ ଉଠିଲା, ଚିଠିଟିକୁ ସ୍ତ୍ରୀ ବିମଳା ଉପରକୁ ଫୋପାଡ଼ି ଦେଇ କହିଲେ – ଯା ପୁଅ ଝିଅ ଠିକ୍ କରିଛି ବାହା ହେବାକୁ। ବୋହୂ ଦେଖାକରି ବାହାଘର ଠିକ୍ କରି ଆସିବୁ। ପୁଅକୁ ବାହାକରି ବୋହୂ ଆଣିବା ପାଇଁ ମତେ ବସାଇ ଉଠାଇ ଦେଉନଥିଲୁ, ଏବେ ଦେଖ ତାମସା କହି ବହେ ବକିଲେ।

ବୁଢ଼ୀଙ୍କ ଆଖିରେ ଲୁହ। କାହା ଆଗାରେ ଏ କଥା କହିବେ। ଚିଠି ଖଣ୍ଡେ ଲେଖି ଜଣାଇଲେ – ପୁଅ ବାହା ହେବା ପାଇଁ ଜନିଆ ନିଜେ ଠିକ୍ କରି ଆମକୁ ଦାୟିତ୍ୱରୁ ମୁକ୍ତ କରିଛି। କିନ୍ତୁ ଆମେ ସେଥିରେ ସହସା ଯୋଗ ଦେଇପାରୁନୁ। ଅମଳ ସମୟ। ଭାଗୁଆଙ୍କୁ ଜଗିବାକୁ ହେବ। ପୁନଶ୍ଚ ତୋ' ପ୍ରିୟ ପାଟଗାଇ ବାଛୁରୀଟିଏ ପକାଉଛି। ତା'ଖବର ବୁଝିବାକୁ ହେବ। ବାହାଘର ଦିନ ଜଣାଇଲେ ଯିବୁ ଇତ୍ୟାଦି ଇତ୍ୟାଦି।

ସନାତନ ବାବୁ ବୁଝି ପାରିଥିଲେ ବାପା ମା'ଙ୍କ ମନ ଦୁଃଖର କାରଣ। ସେମାନଙ୍କୁ ଉପେକ୍ଷା, ଅବଜ୍ଞା କରିଥିବାରୁ ମନରେ ବଢ଼ିଛି କ୍ରୋଧ, ଅଭିମାନ। ବର୍ତ୍ତମାନ କିଛି ଉପାୟ ନାହିଁ। କାର୍ଯ୍ୟ ସୁରୁଖୁରୁରେ ସମାପିତ ହେଲା। ବିବାହ ଘର ମାସ ମକର ସଂକ୍ରାନ୍ତି ବାସି ଦିନ ସହରର ନାମକରା ହୋଟେଲ ସମ୍ରାଟରେ ଅନୁଷ୍ଠିତ ହେବାର ସିଦ୍ଧାନ୍ତ ହେଲା। ନିମନ୍ତ୍ରଣ ପତ୍ର ଛପା ହେଲା। ସେଥିରେ ବାପା-ବୋଉଙ୍କ ନାମ ଉଲ୍ଲେଖ ନଥିଲା। କେବଳ ସନାତନ ମିଶ୍ର ଆଇ.ଏ.ଏସ୍ ଅତିଥିମାନଙ୍କୁ ନିମନ୍ତ୍ରଣପତ୍ରରେ ଛପା ଯାଇଥିଲା।

ନିମନ୍ତ୍ରଣ କରାଯାଇଥିଲା ବହୁ ଉଚ୍ଚପଦସ୍ଥ ଅଫିସର, ମନ୍ତ୍ରୀ, ଯନ୍ତ୍ରୀ ଓ କିଛି ସାମ୍ବାଦିକଙ୍କୁ। ସେ ଭୁଲି ନଥିଲେ ନିମନ୍ତ୍ରଣ କରିବାକୁ ଗାଁରେ ପଢୁଥିବା ତାଙ୍କ ସାଙ୍ଗ ସ୍କୁଲ ପିଲାଙ୍କୁ, ବୟୋଜ୍ୟେଷ୍ଠ ଗ୍ରାମବାସୀଙ୍କୁ। ନିଜେ ଯାଇ ପହଞ୍ଚିଲେ ଗୃହରେ। ବାପା-ବୋଉଙ୍କୁ ସାଥିରେ ନେଇଯିବା ପାଇଁ ଅନୁରୋଧ କଲେ। ବାପା-ବୋଉ କହିଲେ ବିବାହ ଘର ଦିନ ହିଁ ପହଞ୍ଚିବୁ। ତା' ଆଗରୁ ନୁହେଁ।

ଗାଁର ମୁରବି ରଘୁ ମିଶ୍ର। ଡକାଇଲେ ବ୍ରାହ୍ମଣ ସଭା। ଉଠାଇଲେ ସନାତନ ବାବୁଙ୍କ ବିବାହ କଥା। ଜାତିଗୋତ୍ର ଜଣା ନାହିଁ ଝିଅ ଆଣିବ, ସମାଜରେ ପ୍ରଥା ମୁତାବକ କାର୍ଯ୍ୟ ହୋଇ ନାହିଁ। ପୁଅ ଦୋଷ ପାଇଁ ମାଧ ମିଶ୍ରଙ୍କୁ ନିଆଁ ପାଣି ବନ୍ଦ ହେଉ, ଅଜାତିରେ ବୋହୂ ଆଣିଥିବାରୁ ବ୍ରାହ୍ମଣ ସମାଜରୁ ବାଛନ୍ଦ ହେଉ। ସେ ବିବାହ ଭୋଜି ଭାତରେ ଜାତି ଭାଇ କେହି ଯାଇପାରିବେ ନାହିଁ। ଏହିପରି ନାନା ନିୟମ ବାହାର କଲେ। ବିବାହ ଦିନ ସକାଳୁ ଏକ ଗାଡ଼ି ମାଧ ମିଶ୍ରଙ୍କ ଦ୍ୱାରଦେଶରେ ପହଞ୍ଚିଲା। ନିମନ୍ତ୍ରିତ ଗ୍ରାମବାସୀଙ୍କୁ ନେଇ ବାପା-ବୋଉ ଯିବା ପାଇଁ ଏକ ଚିଠି ପଠାଇଥିଲେ ସନାତନ ବାବୁ।

ମାଧ ମିଶ୍ର ଏବେ ଦ୍ୱନ୍ଦ୍ୱରେ। ସାହି ଭାଇରୁ ବାସନ୍ଦ। ଏହି ଆଦେଶକୁ ଲଂଘନ ବା ଅମାନ୍ୟ କରିବା ତା'ର ଶକ୍ତିର ବାହାରେ। ସେ ଦେଖିଲେ ଶାସନର କିଛି ଶିକ୍ଷିତ ଓ କଲେଜ ପଢୁଆ ସଜବାଜ ହୋଇ ଆସି ପହଞ୍ଚିଲେ ତା'ର ଦ୍ୱାର ଦେଶରେ। ଏ ମଧ୍ୟରେ ଆଗୁଆ ରଘୁ ମିଶ୍ରଙ୍କ ନାତି। ରାଜୁ କହିଲା – ଜେଜେ ବାହାରିଲଣି। ଦୂର ବାଟ।

ମଧୁ ମିଶ୍ରେ କହିଲେ – ଆରେ ତୁ କ'ଣ ଜାଣୁନା ତୋ' ଜେଜେ ସିନା ବାହାଘରକୁ କେହି ନଯିବା ପାଇଁ ଫତୁଆ ଜାରି କରିଛନ୍ତି। ରାଜୁ ହସି କହିଲା – ସେ ପୁରୁଣା, ମରହଟିଆ କଥା କାହିଁକି ଶୁଣୁଛ ? ଯୁଗ କେଉଁଠି ପାଇଲାଣି, ଜାତିପ୍ରଥା କେବେଠୁ ଲୋପ ପାଇଲାଣି। ଏ ପୁରୁଣା ପ୍ରଥାକୁ ଧରି ଆଜି ବ୍ରାହ୍ମଣ ସମାଜ ପଛୁଆ, ଗରିବ। ପେଟ ପାଟଣା ପାଇଁ ପଣ୍ଡା ପୁଅ ଅଣ୍ଡା ବିକୁଛି, ମିଶ୍ର ଘର ପିଲା ସୁରାଟରେ ଦାଦନ ଖଟୁଛି। ଯାହାଙ୍କୁ ଅଛୁଆଁ, ଅସ୍ପୃଶ୍ୟମାନେ ଦେଶ ଚଳାଉଛନ୍ତି। ଆମ ଜାତି ଭାଇ ଜଣେ ଜିଲ୍ଲାପାଳ। ବଡ଼ ଗୌରବର କଥା ଶ୍ରଦ୍ଧା ଓ ସ୍ନେହରେ ନିମନ୍ତ୍ରଣ କରିଛନ୍ତି। ଯିବା ପାଇଁ ଗାଡ଼ି ବି ପଠାଇଛନ୍ତି। ତୁମର ସନାକକା ମନ ରାଜିରେ କନିଆ ଠିକ୍ କରିଥିବାରୁ ମନ ଦୁଃଖ। ଶୁଣ – ଆଜିକାଲି ପରା ମନ ରାଜିରେ ବାହା ହେଉଛନ୍ତି। ଏପରିକି ବିବାହ ଆଗରୁ ଲିଭ୍ ଇନ୍ ଟୁଗେଦର୍ ପ୍ରଥା ଚାଲିଛି।

ବାହାର। ଜେଜେମା'ଙ୍କୁ ସାଥିରେ ନେବା। ସହର ବୁଲିବା। କେତେ ବଡ଼ଲୋକଙ୍କ ସହ ମିଶିବା। ଶାଗ, ଖଟା ଖାଇ ଖାଇ ପାଟି ଅରୁଚି ଧରିଛି। ସୁସ୍ୱାଦୁ ଖାନା ଖାଇବା, ପଞ୍ଚତାରକା ହୋଟେଲରେ ରହି କିଛିଦିନ ମଜା ଉଠାଇବା। କେଉଁ ଖର୍ଚ୍ଚ ଲାଗୁଛି କି ? ଏହା ସହ ସାହେବାଣୀଙ୍କ ସହ ପରିଚୟ ହେବା।

ବାହାରିଗଲେ। ଏହା ଦେଖି ମୁରବି ରଘୁମିଶ୍ର ମୁଣ୍ଡରେ ହାତ ଦେଲେ। ଜାତି ଗୋତ୍ର ବୁଡ଼ାଇ ଥିବାରୁ ଦାଣ୍ଡ ପିଣ୍ଡାରେ ବସି ଦାନ୍ତ ରଗଡ଼ି କହୁଥିଲେ – ଏ କି ଯୁଗ ନ ହେଲା ?

ସନାତନବାବୁ ଓ ସୁନନ୍ଦା ମଧୁଚନ୍ଦ୍ରିକା ଯାପନ କଲେ ଭାରତର ବିଭିନ୍ନ ଟୁରିଷ୍ଟ ସ୍ପଟ୍‌ରେ।

କାର୍ଯ୍ୟକ୍ଷେତ୍ରରେ ଯୋଗ ଦେଲେ। ଖୁବ୍ କାର୍ଯ୍ୟଦକ୍ଷ, ସଚ୍ଚୋଟ ଓ ସ୍ପଷ୍ଟବାଦୀ। ତାଙ୍କ ରହଣି କାଳରେ ଜିଲ୍ଲାରେ ଚୋରୀ, ଡକାୟତି, ରାହାଜାନୀ, ଦୁର୍ନୀତି ବହୁ ପରିମାଣରେ କମିଗଲା। ଠାପୁଆ, ଅଳସୁଆ ବିଳମ୍ବରେ ଆସି ଶୀଘ୍ର ଅଫିସ ଛାଡ଼ିବା, ଲାଞ୍ଚ ନ ପାଇଲେ ଫାଇଲ୍ ପକାଇ ରଖିବା କର୍ମଚାରୀମାନେ ସାବାଡ଼ ହୋଇଗଲେ। ଅଫିସରଯା ଶୀଘ୍ର ବଦଳି ହୋଇ ଯାଉ ବୋଲି ଠାକୁରଙ୍କୁ ଡାକୁଥିଲେ।

କିଛି ବର୍ଷ ପରେ ସନାତନବାବୁ କମିଶନର ପଦକୁ ଉନ୍ନତି ପାଇ ଜିଲ୍ଲାରୁ ବିଦାୟ ନେଲେ। ବିଭିନ୍ନ ବିଭାଗରେ କାମ କରି ଡେପୁଟେସନ୍‌ରେ ଦିଲ୍ଲୀ ଦରବାରେ କିଛି ଦିନ କଟାଇଲେ।

ସ୍ତ୍ରୀ ସୁନନ୍ଦା ସନାତନବାବୁଙ୍କ ସହ ସର୍ବଦା ଥାଆନ୍ତି। ସୁଖ, ଦୁଃଖର ସାଥୀ। ଦୁଇ ପୁଅ ଝିଅ। ସେମାନଙ୍କୁ ଘରୋଇ ଶିକ୍ଷା ଦିଅନ୍ତି। ଭଲ ମଣିଷ ହେବା ପାଇଁ ବାଟ ବତାନ୍ତି। ପୁଅ-ଝିଅ ବଢ଼ିଲେ ଭଲ ପଢ଼ିଲେ। ପୁଅ ଇଞ୍ଜିନିୟର। ଏକ ବହୁଦେଶୀୟ କମ୍ପାନୀରେ ଉଚ୍ଚବେତନରେ ଆମେରିକାର ନିୟୁୟର୍କ ସହରରେ କାମ କଲା। ସେହି କମ୍ପାନୀର ସହକର୍ମୀ ଏକ କେରଳି ଝିଅ ସହ ଭଲପାଇ ବିବାହ କଲା। ବାପା-ମା' ସେଥିରେ ଯୋଗ ଦେଇଥିଲେ। ହିନ୍ଦୁ ରୀତିନୀତିରେ ସେଠାକାର ଏକ ମନ୍ଦିରରେ ଏ ଶୁଭକାର୍ଯ୍ୟ ସମ୍ପନ୍ନ ହୋଇଥିଲା।

ଝିଅ ଦିବ୍ୟା ଦେଖିବାକୁ ସୁନ୍ଦରୀ ସେହିପରି ବ୍ରିଲିଆଣ୍ଟ, ମେଧାବୀ। ଉତ୍କଳ ବିଶ୍ୱବିଦ୍ୟାଳୟରୁ ପଦାର୍ଥବିଜ୍ଞାନରେ ଡିଗ୍ରୀ କଲା। ପରେ ଗବେଷଣା ପାଇଁ ଲଣ୍ଡନସ୍ଥିତ ଏକ ଗବେଷଣା କେନ୍ଦ୍ରରେ ପିଏଚ୍.ଡ଼ି କରିବା ପାଇଁ ସୁଯୋଗ ପାଇଲା। ପଢ଼ା ଶେଷ କରି ଚାକିରି ବି ପାଇଗଲା। ଏ ମଧ୍ୟରେ ସେ ଭଲ ପାଇ ବସିଲା ଏକ ଗୋରା ଟୋକା ନିଜ ସହକର୍ମୀକୁ। ଲିଭ୍ ଇନ୍ ଟୁଗେଦର୍‌ରେ ରହିଲେ କିଛି ବର୍ଷ।

ଏଣେ ଝିଅର ବିବାହ ପାଇଁ ବାପା-ମା' ଚିନ୍ତିତ। ବିମଳା ଟେଲିଫୋନ୍‌ରେ ଝିଅସହ କଥା ହେବା ଭିତରେ ବିବାହ କଥା ଉଠାନ୍ତି। ଦିବ୍ୟା କହେ – ମମି ମୁଁ ଏବେ ଆଡ଼ଲ୍ଟ। ଭଲମନ୍ଦ ବିଚାରଶକ୍ତି ହୋଇଛି। ମୋ ବିବାହ କଥା ମୁଁ ବୁଝିବି ତୁମେ ବ୍ୟସ୍ତହୋଇ ବି.ପି. ବଢ଼ାଅ ନାହିଁ। କିଛି ବର୍ଷ ପରେ ଗୋଟିଏ ପୁତ୍ର ସନ୍ତାନ ଜନ୍ମ ହୋଇଛି। ସେଠାକାର ନିୟମ ଅନୁଯାଇ ଏକ ଚର୍ଚ୍ଚରେ ବିବାହ କଲେ। ସବୁ ମାନ ଅଭିମାନ ପଛରେ ପକାଇ ସନାତନବାବୁ ଓ ବିମଳା ସେ ବିବାହ କାର୍ଯ୍ୟରେ ଯୋଗ ଦେଇଥିଲେ।

ପୁଅ ଝିଅ ବର୍ଷକୁ ଥରେ ଅଧେ ବାପା ମା'ଙ୍କୁ ଦେଖିବାକୁ ଆସନ୍ତି। ସାଥିରେ ଆସନ୍ତି ଜ୍ୱାଇଁ ଓ ନାତିନାତୁଣୀମାନେ। ସେମାନେ ଗେଷ୍ଟ। ବିମଳା, ଚାକର ବାକର ଲାଗି ପଡ଼ନ୍ତି ସେମାନଙ୍କ ସେବାରେ। ଓଡ଼ିଶାର ଦର୍ଶନୀୟ ସ୍ଥାନ ସହ ରାଜ୍ୟ ବାହାରକୁ ଯାଇ ବୁଲନ୍ତି, ଫଟୋ ଉଠାନ୍ତି। ଗୋଟିଏ ଛୋଟିଆ ପିକ୍‌ନିକ୍ ବୋଲି ଡ୍ରାଇଭର ଆମର କହେ।

ସମୟ କାହାକୁ ଅପେକ୍ଷା କରେ ନାହିଁ। ସେ ଚାଲିଥାଏ ତା' ବାଟରେ।

ସନାତନବାବୁ ସଚିବାଳୟରେ ଜଣେ ସେକ୍ରେଟାରୀ। ପରେ ଚିଫ୍ ସେକ୍ରେଟାରୀ। ରିଟାର୍ଡ଼ କରି ଏବେ ନିଜ ଗୃହ ସହିଦ ନଗର ବିଶାଳ କୋଠାରେ। ଆଉ ସରକାର ତରଫରୁ କାମ କରୁଥିବା ସରକାରୀ କ୍ୱାର୍ଟରରେ ଚାକର, ପୂଜାରୀ, ମାଳି, ଚପରାଶି ଓ ଡ୍ରାଇଭର ଆସନ୍ତି ନାହିଁ। ନିଜ ଖର୍ଚ୍ଚରେ କେତେ ଜଣଙ୍କୁ ନିଯୁକ୍ତି ଦେଇଛନ୍ତି। ସୁନନ୍ଦାଦେବୀ ସମସ୍ତଙ୍କୁ ସ୍ନେହ ଶ୍ରଦ୍ଧାରେ ଦେଇ ନେଇ ନିଜର କରିନେଇଛନ୍ତି। ଦ୍ୱାରଦେଶର ସିକ୍ୟୁରିଟ୍ ଗାର୍ଡ଼ ଓ ଆଉଟ୍ ହାଉସ୍ ଫାଙ୍କା ପଡ଼ିଛି। ସୁନନ୍ଦାଙ୍କ ପ୍ରିୟ ଲଣ୍ଡ୍ରିମାଲିକ ରଘୁ ରେଡ୍ଡି। ବହୁ ଦିନରୁ ସେ ବାବୁଙ୍କର, ନିଜର ଓ ପିଲାମାନଙ୍କର ପୋଷାକପତ୍ର ସଫା କରେ। ପାଉଣା ନେଇଯାଏ। ଲଣ୍ଡ୍ରିଟି ସରକାରୀ ଜାଗାରେ ଥିବାରୁ ଉଚ୍ଛେଦ ହୋଇ ବେସାହାରା ହୋଇଗଲା। ସୁନନ୍ଦାଙ୍କ ପାଖରେ ଦୁଃଖ ଜଣାଇବାରୁ ସେ ଘରେ ପରାମର୍ଶ କରି ଖାଲିଥିବା ଆଉଟ୍ ହାଉସ୍‌ରେ ରଘୁ ରେଡ୍ଡିଙ୍କୁ ବେଉସା କରିବା ପାଇଁ ବ୍ୟବସ୍ଥା କରିଦେଲେ। ଭି.ଆଇ.ପି. ଏରିଆ, ତା' ବ୍ୟବସାୟ ବେଶ୍ ଭଲ ଚାଲିଲା।

ରଘୁ ରେଡ୍ଡିର ସ୍ତ୍ରୀ ରକ୍ମଣୀ। ବୟସ ବେଶୀ ହେଲେ ଚାଳିଶ ହେବ। ବର୍ଣ୍ଣ ଶ୍ୟାମଳ। ହୃଷ୍ଟପୁଷ୍ଟ ମଧ୍ୟମ ଉଚ୍ଚତା। ଯୌବନ ପୂରାପୂରି ଯାଇନି। ସାଧାରଣ ଭାବେ ଜଣେ ସୁନ୍ଦରୀ ଓ ମିଷ୍ଟଭାଷିଣୀ। ରକ୍ମଣୀ ବାବୁମାନଙ୍କ ଘରୁ କପଡ଼ା ନେଇ ଆସେ। ରଘୁ ଇସ୍ତ୍ରୀ କଲାପରେ ରକ୍ମଣୀ କପଡ଼ା ଫେରାଇ ପଇସା ଆଣେ। ଗୋଟିଏ ବୋଲି ପୁଅ। ସେ ତାଙ୍କ ଜାତି ଭାଇଙ୍କର ଗୋଟେ ଝିଅକୁ ଭଲପାଇ ବାହା ହେଲା। ଏବେ ବାପା-ମା'ଙ୍କ ଠାରୁ ଦୂରରେ ରହେ।

ଚାଲିଥିଲା ସମସ୍ତଙ୍କ ସାଂସାରିକ ଜୀବନ ସୁରୁଖୁରୁରେ। ଦିନେ ସେହି ସୁଖ ସଂସାର ଭିତରେ ସନାତନବାବୁଙ୍କ ଉପରକୁ ବିପଦ ମାଡ଼ି ଆସିଲା। ସ୍ତ୍ରୀ ସୁନନ୍ଦାଙ୍କ ଦେହ ଖରାପ ହେବାରୁ ଡାକ୍ତରଖାନାକୁ ସ୍ଥାନାନ୍ତର ହେଲେ। ଚିକିତ୍ସା ଚାଲିଲା। କିନ୍ତୁ ହୃଦ୍‌ଘାତରେ ଜୀବନ ଚାଲିଗଲା। କବିଙ୍କ ଭାଷାରେ –

"ଏତେ କଷଣ ସହି ସଂସାରୀ ନର, ଆଶାତରୁ ତଳେ ତୋଳାଇ ଘର

ସହସା କାହୁଁ ଆସି ବିପନ ଘନ ବରଷି ତା'ସଂସାର କରେ ଉଚ୍ଛନ।"

ଏବେ ସନାତନ ବାବୁ ନିରାଶ୍ରୟ। ପୁଅ-ଝିଅ କହନ୍ତି – ଡାଡ଼ି ଆମ ପାଖକୁ ଚାଲିଆସ। କିନ୍ତୁ ସନାତନବାବୁ ଭାବନ୍ତି ବିଦେଶରେ ତାଙ୍କୁ କିଏ ଚିହ୍ନେ ବା ଜାଣେ। ବରଂ ଏଠାରେ ମିଳେ ସମ୍ମାନ, ଆଦର। ଦ୍ୱିତୀୟରେ ଏ ସମ୍ପତ୍ତି କାହା ହାତରେ ଛାଡ଼ି ପୁଅ-ଝିଅଙ୍କ ହାତ ଟେକାରେ ରହିବେ। ଦୟାର ପାତ୍ର ହେବେ।

ମନରେ ଦମ୍ଭ, ସାହସ ବାନ୍ଧିଲେ। ଘରେ କାର୍ଯ୍ୟରତ ଚାକର, ପୂଜାରୀମାନଙ୍କ ସହ ଉତ୍ତମ ସଂପର୍କ ରଖି ସମୟ କଟାଇଲେ। ସୁନନ୍ଦାଦେବୀଙ୍କ ସ୍ନେହ, ଆଦର ଓ ମମତା ସେମାନେ ଭୁଲି ନଥିଲେ। ବାବୁଙ୍କ ସେବା କରି ଚାଲିଲେ।

ଜୀବନର ସଡ଼କ ପଥ ଅତ୍ୟନ୍ତ ଜଟିଳ ଓ ସମସ୍ୟାପୂର୍ଣ୍ଣ। ସେ ପଥରେ ଦେଖାଦିଏ ଅନେକ ଘଟଣା, ଦୁର୍ଘଟଣା, ଅଘଟଣ-ବିଘଟଣମାନ। କେତେବେଳେ ନୂତନ ତଥ୍ୟ ସବୁ ଅଚାନକ ଆବିଷ୍କୃତ ହୁଅନ୍ତି ଏବଂ ସମୟର ବିଭିନ୍ନ ପର୍ଯ୍ୟାୟରେ ସେମାନଙ୍କ ମୃତ୍ୟୁ ଘଟେ। ଏ ସବୁ ଅବିରାମ ଗତିରେ ଚାଲିଥାଏ।

ହଠାତ୍ ପୃଥିବୀରେ ଦେଖା ଗଲା କରୋନା ମହାମାରୀ। ହଜାର ହଜାର ଲୋକ ମଲେ। ଛୁଆଁରୋଗ, ବାୟୁଜନିତରୋଗ। ଯାନବାହାନ ନିଷେଧ, ବଜାର ଘାଟ ନିଷେଧ, ହୋଟେଲ୍, ରେଷ୍ଟୁରାଣ୍ଟ ନିଷେଧ। ସମସ୍ତେ ଗୃହବନ୍ଦୀ ଜୀବନ କାଟିଲେ। ସରକାରଙ୍କ କଡ଼ା ଆଇନ୍‌ରେ ଦେଶ ଚାଲିଲା। ଗୃହ କର୍ମରେ ନିଯୁକ୍ତ ଚାକର, ପୂଜାରୀ ଓ ଡ୍ରାଇଭର ଅନ୍ୟ ଘରେ କାମ କରିବା ମନା।

ଏବେ ସନାତନ ବାବୁ ପଡ଼ିଗଲେ ମହା ଅସୁବିଧାରେ। ଘରେ ଏକଲା। ଏଣେ ବାର୍ଦ୍ଧକ୍ୟ ରୋଗରେ ପୀଡ଼ିତ। ଅଣ୍ଟା ଧରା, ଆଣ୍ଠୁଗଣ୍ଠି ପୀଡ଼ା ଯୋଗୁ ଚଳନଶକ୍ତି ରହିତ। ଅନ୍ୟର ସାହାଯ୍ୟ ନେଇ ଚଳପ୍ରଚଳ କରୁଥିଲେ। ପୂଜାରୀ ନଖିଆ ଚା', ଜଳଖିଆ, ମିଲ୍ ବ୍ୟବସ୍ଥା କରୁଥିଲା। ଧୋବଣୀ ରକ୍ମୁଣୀ ବିଛଣା ଝାଡ଼ିଝୁଡ଼ି ସଫା କରି ବେଡ଼ସିଟ୍ ପକାଏ, ମଶାରୀ ବାନ୍ଧି ଯାଏ। ଏତେ ଯାହା ପାରନ୍ତି କରନ୍ତି। ନଚେତ୍ ଏଣୁ ତେଣୁ ଖାଇ ଭୋକ ମେଣ୍ଟାନ୍ତି।

ବର୍ତ୍ତମାନ ଧୋବା ଦମ୍ପତି ବଡ଼ ଅସୁବିଧାରେ ପଡ଼ିଛନ୍ତି। ବେପାର ବନ୍ଦ। ଘରେ ଯାହାଥିଲା ଟାଣିଟୁଣି ହୋଇ କିଛି ଦିନ ଚଳିଲେ। ଏତେ ଖାଡ଼ାଖାଡ଼ି ଉପବାସ।

ପେଟର ଶାସନ ଅସହ୍ୟ କଠୋର, ତା' ଜ୍ୱାଳାରେ ସାଧୁ ହୁଏ ଚୋର, ତା' ଲାଗି ଧାର୍ମିକ ଧର୍ମ ଭୁଲିଯାଏ, କୁବେର ହସ୍ତେ ଧରେ ଭିକ୍ଷାଥାଳି।

ରକ୍ମୁଣୀ କହିଲା – ନଖାଇ କେତେ ଦିନ ବଞ୍ଚିବା। ଯାଇ ବାବୁଙ୍କୁ ଦୁଃଖ ଜଣାଅ। ସେ ନିଶ୍ଚୟ କିଛି ସାହାଯ୍ୟ କରିବେ। ନହେଲେ ବାଟ ବତାଇବେ।

ରଘୁଆ ସନାତନବାବୁଙ୍କ ପାଖେ ଦୁଃଖ ଜଣାଇଲା। ସାହାଯ୍ୟ ମାଗିଲା।

ସନାତନ ବାବୁ କହିଲେ – ଆରେ ରଘୁ! ପରିସ୍ଥିତି ଏପରି ଯେ ଥାଇ ମୁଁ ମରୁଛି, ନଥାଇ ତୁମେ ମରୁଛ। ବେନିଜନେ ପଡ଼ିଛି ଏକଦଶା। କିଛି ବ୍ୟବସ୍ଥା ଅବଶ୍ୟ କରିବା।

ଟଙ୍କା ଧର। ଯେଉଁ ଦୋକାନ, ହାଟ ଖୋଲାଥିବ ଡାଲି, ଚାଉଳ, ତେଲ, ଲୁଣ, ପନିପରିବା ଆଣ। ତୁ ବଗିଚା କାମ, ତଳ ସଫାସଫି କରିବୁ। ରକ୍ମୁଣୀ ଉପର ଘର କାମ, ରୋଷେଇ, ସଫେଇ କରିବ। ମୋତେ ଦିଇଟା ଖାଇବାକୁ ଦେଇ ତୁମେ ଦୁଇଜଣ ନେଇ ଖାଇବ। ଭୋକରେ ମରିବା କାହିଁକି ? ମନେରଖ ମୁହଁରେ ତୁଣ୍ଡି ବାନ୍ଧିବୁ, ଦୋକାନରେ ଲାଇନ୍ କରି ଚିହ୍ନଥିବା ଜାଗାରେ ଛିଡ଼ାହେବୁ। ନଚେତ୍ ସିପାହୀର ଠେଙ୍ଗୁଣି ମାଡ଼ ଖାଇବୁ, ମାମୁଘର ଦେଖିବୁ।

ରଘୁଆ ହାତଯୋଡ଼ି କହିଲା – ଆଜ୍ଞା କ'ଣ କହୁଛନ୍ତି ? ଆମେ ପରା ଜାତିରେ ଅଛୁଆଁ, ଅଛବ। ବ୍ରାହ୍ମଣ ଘର ରୋଷେଇ ଘରେ ଧୋବଣୀ, କଥାଟା ନାକରା ହେବେ। ଲୋକେ ନାନା କଥା କହିବେ।

ସନାତନ ବାବୁ ହସି କହିଲେ – ଆରେ ପୁରୁଣା କଥା ସେଗୁଡ଼ାକ। ସମାଜରୁ ପରା ଜାତିପ୍ରଥା ଉଠିଗଲାଣି। ପୁନଶ୍ଚ ବିପଦବେଳେ ଖାଦ୍ୟ-ଖାଦକ ସାପ ବେଙ୍ଗ ଏକାଠି ହୁଅନ୍ତି। ବର୍ତ୍ତମାନ ପରିସ୍ଥିତି ସେହିପରି। ତୁମ ଦୁଇଜଣଙ୍କର ଓ ମୋର ପେଟରେ ଭୋକ। ରାନ୍ଧଣା କଲେ ଖାଇ ବିଶ୍ରାମ ନେବା।

ଧୋବା ଦମ୍ପତି ଖୁସି। ବିପଦ ଟଳିଗଲା ଭାବିଲେ। ମନଯୋଗ ଦେଇ କାମ କଲେ। ରକ୍ମୁଣୀ ବୁଢ଼ାଙ୍କ ଖାଇବାର, ଶୋଇବାର ଯତ୍ନ ନେଲା। ଗୋଡ଼ହାତ, ଅଣ୍ଟାରେ ତେଲ ମାଲିସ କଲା। ଔଷଧପତ୍ର ଠିକ୍ ସମୟରେ ଖୁଆଇ ଦିଏ। ସଂଜ, ସକାଳେ ହାତ ଧରି ବଗିଚା ଭିତରେ ବୁଲାଇ ଆଣେ।

ଏ ଦୃଶ୍ୟ ଦେଖନ୍ତି ଛାତ ଉପରୁ ବା ଗେଟ୍ ସାମ୍‌ନାରେ ପଡ଼ୋଶୀମାନେ। ଫୁସ୍‌ଫାସ୍ ହୁଅନ୍ତି। ଧୋବଣୀଟା ସଙ୍ଗେ ବୁଢ଼ାଟା ପେରମ କରୁଛି। ନିଜ ମାଇପ ମଲା ପରେ ବୋଧେ ଦ୍ୱିତୀୟ କରୁଛି ଗୁଜବ ଉଠାଇଲେ। ଏହି ଗୁଜବ ତୁଣ୍ଡେ ତୁଣ୍ଡେ ଘୂରି ବୁଲି ବୁଲି କୋଉଠୁ ଯାଇ କୋଉଠି ପହଞ୍ଚି ରାଷ୍ଟ୍ର ହୋଇଗଲା। କିଏ ଭଲ କହିଲା – ଯାହା ହେଉ ନିରାଶ୍ରୟ ଲୋକଟିକୁ ସ୍ତ୍ରୀଲୋକଟି ସାହାଯ୍ୟ କରି ଏ ଅସମୟରେ ନିଜ ପେଟ ପୂରାଇ ସ୍ୱାମୀକୁ ବଞ୍ଚାଇଲା। ସଂପର୍କଟା ମଧୁର ହେଲେ ବି କିଛି ଅସୁବିଧା ନାହିଁ।

ଖରାପ କଥା କହୁଥିବା ଲୋକେ ଯାଇ ପହଞ୍ଚି ଯାଇଥିଲେ – ସେ ଧୋବଣୀଟାର ବୟସ ଅଛି। ଖାଇପିଇ ଏବେ ଚିକ୍କଣିଆ ଦିଶୁଛି। କହୁ କହୁ କିଏ ଜଣେ କହିଦେଲା ମରମ କଥା। ଏଇଟା ବେଶ୍ୟାଟା। ତା'ପାଖରେ ବୁଢ଼ା ହାବୁଡ଼ି ଯାଇଛି। ଖାଇବାକୁ ପାଉ ନ ଥିଲା। ପାର ହୋଇଗଲା। ଏବେ ଧୋଇମୋଇ ଖାଇ ଧୋବାକୁ ଖୁଆଇବ।

କିଛି ଦିନ କରୋନା ପ୍ରକୋପରେ ଏ ଆଲୋଚନା ଧିମେଇ ଯାଇଥିଲା। ଏବେ କରୋନାର ପ୍ରକୋପ କମିଛି। ବଜାରଘାଟ ଧୀରେ ଧୀରେ ଖୋଲିଛି। ଆଜି ପୁଣି ସେ କଥା ଲୋକେ ଉଠାଉଛନ୍ତି। ଏବେ ସେମାନେ ନାନା କଥା ନକହି ଗୋଟିଏ କଥା କହୁଛନ୍ତି। ଏ ବୁଢ଼ା ବୟସରେ ରାସଲୀଳା। ଛି ... ଛି ସାହିରେ, ପଡ଼ାରେ ସବୁଆଡ଼େ ଏବେ ସେହି ଛି ... ଛି। କିଏ କିଏ ପିଲା ପେଚକା ମଜ୍ଜା ଦେଖୁଛନ୍ତି। ଇଏ ଜମାଣିଆବେଳ। ଦେଖିବାର ବେଳ। କେତେ ଜଣ ସନାତନ ବାବୁ ରକ୍ମୁଣୀ କାନ୍ଧରେ ହାତ ପକାଇ ବୁଲାଇବାର ଫଟୋ ସୋସିଆଲ ମିଡ଼ିଆରେ ଛାଡ଼ିଦେଇ ମଜ୍ଜା ଦେଖୁଛନ୍ତି। ସନାତନବାବୁଙ୍କର ଅନେକ ବନ୍ଧୁ ଏ ସବୁ ଦେଖି ଫୋନ୍ କରି କହନ୍ତି – ଆରେ ତୋ' ଯୌବନ ଫେରି ଆସିଛି। ବେଶ୍ ରାସଲୀଳା ତ ଲଗାଇଛୁ ଇତ୍ୟାଦି ଇତ୍ୟାଦି। ସନାତନବାବୁ ଏ

ଗୁଜବ, ଅପପ୍ରଚାରକୁ କାନରେ ପୂରାନ୍ତି ନାହିଁ। ଭାବନ୍ତି - କିଏ ଆସି ସାହାଯ୍ୟ କରୁଛ କି ? ଏ ବୁଢ଼ାର ଭଲମନ୍ଦ କଥା ପଚାରୁଛ କି ? ଯିଏ ଯାହା କହିବାର କଥା କୁହନ୍ତୁ।

ଅସୂୟା ଭାବର ଚିନ୍ତନ ମନୁଷ୍ୟର ଅନ୍ତଃକରଣକୁ ବେଶୀ ପରିମାଣରେ କ୍ଷତାକ୍ତ କରି ନିଜର ରକ୍ତ ସଂପର୍କୀୟ ହୁଅନ୍ତୁ ଅଥବା ପାଖ ପଡ଼ୋଶୀ ହୁଅନ୍ତୁ।

ସନାତନବାବୁଙ୍କ ରକ୍ମୁଣୀ ସହ ସଂପର୍କ ନେଇ କିଛି ଲୋକ ତାଙ୍କ ପୁଅ-ଝିଅଙ୍କ ପାଖରେ ଫଟୋ ସହ ମ୍ୟାସେଜ ପଠାଇଲେ। ଲେଖିଲେ - ଏହା ଏକ ମୁଖଲଜ୍ଜା, ଅଶାଳୀନତା। ଅଜାତିରେ ବାଣିଜ୍ୟ। ବିନା ସାମାଜିକ ସ୍ୱୀକୃତିରେ ଏହା ଆମେ ବିରୋଧ କରୁ। କେତେବେଳେ ଉଗ୍ରରୂପ ନେଇପାରେ। ବଡ଼କଥା କୌଶଳ କରି ସେ ଧୋବା-ଧୋବଣୀ ତୁମ ବାପାଙ୍କର ଅଚଳାଚଳ ସମ୍ପତ୍ତିକୁ ହାତେଇ ନେବେ। ବାବୁଙ୍କ ଜୀବିତ ଅବସ୍ଥାରେ ଭାଇ-ଭଉଣୀ ପହଞ୍ଚି କିଛି ବ୍ୟବସ୍ଥା କର ନଚେତ୍ ପସ୍ତେଉଥିବ।

ଝିଅ ଖବରଟିକୁ ହାଲୁକା ଭାବେ ଗ୍ରହଣ କଲା ଓ କହିଲା - ଏ ଘଟଣା ଏ ଦେଶରେ ସାଧାରଣ କଥା। ସେ ସ୍ତ୍ରୀ ଲୋକଟି ଯେଉଁ ଜାତିରେ ହେଉ ଡାଡ଼ିଙ୍କୁ ସାହାଯ୍ୟ କରୁଛି। ଡାଡ଼ି ଖୁସିରେ ଅଛନ୍ତି। ଏହା ତା'ପାଇଁ ଖୁସିର ଖବର। ପୁଅ କିନ୍ତୁ ଓଲଟା ବୁଝିଲା। ତା'ର ବି ଅର୍ଥର ଆବଶ୍ୟକ ରହିଛି। ମମି ତାଙ୍କର କୋଟି କୋଟି ଟଙ୍କାର ସୁନା, ହୀରାର ଗହଣା ବ୍ୟାଙ୍କ ଲକରରେ ରଖିଛନ୍ତି। ବ୍ୟାଙ୍କରେ ସ୍ଥାୟୀ ଜମା କୋଟି କୋଟି ଟଙ୍କା ସହ ଭୁବନେଶ୍ୱର ସହରରେ ଏତେ ବଡ଼ କୋଠା, ବିରାଟ ବାଡ଼ିବଗିଚା ଡାଡ଼ିଙ୍କ ନାଁ ରହିଛି। ଡାଡ଼ିଙ୍କୁ ସାହାଯ୍ୟ କରି ଖାଉଛି ବେତନ ନେଉଛି ସେ ମହିଳା। କିନ୍ତୁ ରହିଛି ନିଜର ଘର ଓ ଟଙ୍କାସହ ଅମାପ ସୁନା ଗହଣା ଉପରେ। ଏହା ସେ କରାଇ ଦେବ ନାହିଁ ଚିନ୍ତା କଲା।

ସତକଥା ଜାଣିବା ପାଇଁ ସହରରେ ରହୁଥିବା କିଛି ବନ୍ଧୁଙ୍କ ପାଖକୁ ମ୍ୟାସେଜ୍ ପଠାଇଲା। ଘଟଣାଟି ସତ-ଡାଡ଼ି ତୁମର ଜଣେ ସ୍ତ୍ରୀଲୋକର କାନ୍ଧରେ ହାତ ପକାଇ ସଂଜ-ସକାଳେ ବାହାରେ ବୁଲନ୍ତି। ବଗିଚାରୁ ଫୁଲ ତୋଳନ୍ତି। ଜଣେ କେହି ପୁରୁଷଲୋକ ବଗିଚା କାମ କରୁଥାଏ। କିନ୍ତୁ ଘର ଭିତର କଥା କହିପାରିବୁ ନାହିଁ। ଅନ୍ୟ କେତେକ ବନ୍ଧୁ ମଧ୍ୟ ଏକ ପ୍ରକାର ମନ୍ତବ୍ୟ ପଠାଇଲେ।

ପୁଅକୁ ଅର୍ଥର ଲାଳସା ଲାଗିଛି। ଉଡ଼ି ଆସିଲା ଆମେରିକାରୁ ଭୁବନେଶ୍ୱର। ଜଣେ ବନ୍ଧୁଙ୍କ ଗୃହରେ ରହିଲା। ଯୋଜନା କଲା କିପରି ଧୋବା ଦମ୍ପତିଙ୍କୁ ସେ କ୍ୟାମ୍ପରୁ ହଟାଇବ।

ସନାତନ ବାବୁଙ୍କର ବିରୋଧୀ ଥିବା କିଛି ପଡ଼ୋଶୀଙ୍କ ସହ ମଧ୍ୟ ସାହାଯ୍ୟ ମାଗିଲା।

ଏକ ମଧ୍ୟାହ୍ନରେ କିଛି ଗୁଣ୍ଡାଙ୍କ ସହ କେତେ ଜଣ ପଡ଼ୋଶୀ ଟୋକା ଧୋବା ଘରେ ପଶି ସ୍ୱାମୀ-ସ୍ତ୍ରୀଙ୍କୁ ମାରଧର କରି ବାହାରକୁ ଟାଣି ନେଲେ। ତାଙ୍କର ଲୁଗାପଟା, ଗୃହ ଉପକରଣ ଫୋପଡ଼ା ଫୋପାଡ଼ି କଲେ। ଏ କମ୍ପାଉଣ୍ଡ ଭିତରକୁ ଆସିଲେ ଜୀବନରୁ ମାରିଦେବାର ଧମକ ଦେଲେ।

ଧୋବା କୌଶଳ କରି ଖସିଯାଇ ସନାତନବାବୁଙ୍କୁ ଖବର ଦେଲା। ରକ୍ଷାକର କହି ହାତ ଯୋଡ଼ିଲା। ସନାତନବାବୁ କିଛି ବନ୍ଧୁଙ୍କ ପାଖରୁ ପୁଅ ଆସିବାର ଖବର ପାଇଥିଲେ। ସମ୍ପତ୍ତି ଲୋଭରେ କିଛି ଅଘଟଣ ଘଟାଇବାର ଆଶଙ୍କା କରୁଥିଲେ।

ଧୋବାକୁ କହିଲେ - ଧର ମୋ ହାତ ତଳକୁ ନେଇ ଚାଲ। ଦେଖିଲେ ପୁଅ ଏକ କଣକିଆ ଜାଗାରେ ଛିଡ଼ାହୋଇ ଆଦେଶ ଦେଉଛି। ଡାଡ଼ିଙ୍କୁ ଦେଖି ସେ ଟିକିଏ ଶଙ୍କିଗଲା। ପୁଅକୁ ଡାକିଲେ ବାବୁ। ସେ ଆସିଲା ନମସ୍କାରଟିଏ କଲା।

ସନାତନବାବୁ ପୁଅକୁ ପାଖକୁ ଡାକିଲେ କହିଲେ - ଘରକୁ ନ ଆସି ସେଠି କରୁଛୁ କ'ଣ ? ତୋ' ମମିର ଦେହାନ୍ତ ପରେ ବୁଢ଼ାବାପ କ'ଣ କରେ, କେମିତି ରହେ, ଦେହ କିପରି ଅଛି କେବେ ପଚାରିଛୁ ? ଏବେ ଦୌଡ଼ି ଆସିଛୁ ଧନ ସମ୍ପତ୍ତି ଲୋଭରେ। କୁଶିକ୍ଷାରେ ପଡ଼ି ଗରିବ ଧୋବାଟାକୁ ମାଡ଼ ମାରି କ୍ୟାମ୍ପସରୁ ହଟାଇବା ପାଇଁ। ସେମାନେ କେତେ ବର୍ଷ ଧରି ଅନବରତ ସେବା କରି ଚାଲିଥିବାରୁ ମୁଁ ବଞ୍ଚିଛି। କୁଳାଙ୍ଗାର, ମାତୃପିତୃଦ୍ରୋହୀ, ନିମକହାରାମ, କୃତଘ୍ନ ଯେଉଁ ଆଶାରେ ଏ କର୍ମ କରି ବସିଲୁ ସଫଳ ହେବୁ ନାହିଁ। ବ୍ୟାଙ୍କ ବାଲାନ୍ସ, ଗହଣାଗାଣ୍ଠି ଧୋବଣୀ ରକ୍ମୁଣୀ ନାମରେ ଓ ଧୋବା ରଘୁ ରେଡ୍ଡି ନାମରେ ସମସ୍ତ ଭୂ-ସମ୍ପତ୍ତି ଉଇଲ କରିଦେଇଛି। ସେଥିରେ ସେମାନେ ଧର୍ମରେ ଝିଅ-ଜ୍ୱାଇଁ ବୋଲି ଦରଜ କରାଇଛି। ଯେଉଁ ବାଟେ ଆସିଛୁ ସେ ବାଟେ ଚାଲିଯା'। ତୋ' ମୁହଁ ଆଉ ଚାହିଁବାକୁ ମୁଁ ଇଚ୍ଛୁକ ନୁହେଁ। ତ୍ୟେଜପୁତ୍ର ପାଇଁ କୋର୍ଟରେ ଦରଖାସ୍ତ କରିଛି। ତା' ବିଚାରଧୀନ ରହିଛି।

*୬୮୯-ଲକ୍ଷ୍ମୀସାଗର, ତଳସାହି*
*ପୋ : ବୁଦ୍ଧେଶ୍ୱରୀ କଲୋନି, ଭୁବନେଶ୍ୱର-୬*
*ଜି: ଖୋର୍ଦ୍ଧା*
*ଦୂରଭାଷ: ୯୮୬୧୨୫୬୩୩୩*

# ଶେଷ ନିଷ୍ପତ୍ତି

**ଡ. ମହେଶ୍ୱର ଜେନାସାମନ୍ତ**

ମେଜର ବିନାୟକ ମହାପାତ୍ର ।

ଭାରତୀୟ ସେନାର ଜଣେ ସୁଦକ୍ଷ ଅଧିକାରୀ । ସ୍ୱଭାବତଃ ତାଙ୍କର ରୋକ୍‌ଠୋକ୍ କଥା ଯେମିତି କାର୍ଯ୍ୟ ମଧ ସେମିତି । ତାଙ୍କ ତୁଣ୍ଡରୁ ଯାହା ବାହାରେ ତାହା ଅବିଳମ୍ବେ କାର୍ଯ୍ୟରେ ପରିଣତ ହୁଏ । ତାଙ୍କୁ ଦେଖିଲେ ଶତ୍ରୁର ଗାତ୍ର ଦାହ ହୁଏ । ଘଡ଼ଘଡ଼ି ଭଳି ତାଙ୍କ ତୁଣ୍ଡ ନିର୍ଘୋଷରେ ଶତ୍ରୁପକ୍ଷ ତତ୍‌କ୍ଷଣାତ୍ ପଶ୍ଚାତ୍‌ପଦ ହେବାକୁ ବାଧ ହୁଏ । ଦୀର୍ଘ ତିରିଶ ବର୍ଷ ଧରି ସେନାବାହିନୀରେ କାର୍ଯ୍ୟ ନିର୍ବାହ କଲାପରେ ଚାକିରି କାଳର ଶେଷ ପର୍ଯ୍ୟାୟରେ ସେ ତାଙ୍କର ବୃତ୍ତିଗତ ଜୀବନ ପଞ୍ଜାବ ରେଜିମେଣ୍ଟରୁ ହିଁ ଶେଷ କରି ଫେରିଆସିଥିଲେ ନିଜର ଜନ୍ମଭୂମିକୁ ।

ମେଜର ବିନାୟକ ମହାପାତ୍ର ଏବେ ନିଜର ଜନ୍ମମାଟିରେ ଅବସରପ୍ରାପ୍ତ ଜୀବନ ବିତାଉଛନ୍ତି ।

ବୃତ୍ତିଗତ ଜୀବନରୁ ଅବସର ନେବାର ପାଞ୍ଚବର୍ଷ ହୋଇଗଲାଣି । କଥା କଥାକେ ବିନାୟକ ବାବୁ ନିଜେ ଖୋଲି ବସନ୍ତି ତାଙ୍କ ବୃତ୍ତିଗତ ଓ ବୃତ୍ତି ପୂର୍ବବର୍ତ୍ତୀ ଜୀବନର ଅନେକ ଶ୍ରୁତ ଓ ଅଶ୍ରୁତ କାହାଣୀ । କିପରି ସେ ଜୀବନ ସଂଗ୍ରାମର ଆଦ୍ୟ ଭାଗରେ ଏବଂ ପ୍ରଥମ ପ୍ରୟାସରେ ସେନା ବିଭାଗରେ ସାମିଲ ହେଲେ । ପ୍ରଥମେ ତାଙ୍କର ଚାକିରି ଜୀବନ ଆରମ୍ଭ ହୋଇଥିଲା ମଧ୍ୟପ୍ରଦେଶର ଭୋପାଳ ୟୁନିଟ୍‌ରୁ । ବହୁ ଆଶା ଓ ଆକାଂକ୍ଷା ମନ ମଧ୍ୟରେ ପୋଷଣ କରି ସେ ଆରମ୍ଭ କରିଥିଲେ ତାଙ୍କର ସୈନିକ ଜୀବନ । ପ୍ରତୁଳ ଶକ୍ତି ଓ ଅପ୍ରମିତ ସାହସ ଥିଲା ତାଙ୍କ କର୍ମମୟ ଜୀବନର ସବୁଠୁ ବଡ଼ ସାମର୍ଥ୍ୟ । ଅପରାଜେୟ ଦକ୍ଷତା ଥିଲା ତାଙ୍କ ଅଗ୍ରଣୀ ଭୂମିକାର ମୂଲ୍ୟବାନ ପୁଞ୍ଜି ।

> ଅମୃତାନ୍ୱେଷୀ ସନ୍ତାନସନ୍ତତିଗଣ ପିତାମାତାଙ୍କର ଅନାବିଳ ସ୍ନେହ, ପ୍ରେମ ଓ ସଦିଚ୍ଛା ବଳରେ ଗଢ଼ିଥାନ୍ତି ସେମାନଙ୍କର ଭବିଷ୍ୟତ ଜୀବନଧାରା । ଏହି ସମ୍ପର୍କର ବନ୍ଧନ ଦିନକୁ ଦିନ ନିବିଡ଼ ହୁଏ ସିନା କେବେ ଶିଥିଳ ହୁଏ ନାହିଁ। ଆଉ ଯେଉଁଠି ସମ୍ପର୍କର ନିବିଡ଼ତାରେ ଅଚାନକ କିଛି ବ୍ୟତିକ୍ରମ ଦେଖାଦିଏ, ସେଠାରେ ଜୀବନ ହୋଇଉଠେ ଦୁର୍ବିସହ। ଜୀଇଁ ରହି ବଞ୍ଚିବା ଠାରୁ ସେଠି ମରଣ ଶ୍ରେୟସ୍କର ଅବା ଆଉ କିଛି ଦୃଢ଼ ନିଷ୍ପତ୍ତି ନେବା ପାଇଁ ଗୋଟେ ଧାରଣା ହୃଦୟକୁ ଆନ୍ଦୋଳିତ କରିଥାଏ ବାରମ୍ବାର । ଏହିପରି ଗୋଟେ ଧାରଣା ବିନାୟକ ବାବୁଙ୍କୁ ଅସ୍ଥିର କରି ପକାଇଲା । ପରିବାରର ମିଛ ସମ୍ପର୍କ ଆଉ ଲୋଡ଼ା ନାହିଁ ତାଙ୍କର ।

ତାଙ୍କର ଏତାଦୃଶ ନିର୍ଭୀକ ଓ ସାହସିକ କାର୍ଯ୍ୟଶୈଳୀ ପାଇଁ ସେ ବହୁବାର ହାତେଇଛନ୍ତି ଅସୁମାରି ପ୍ରଶଂସା, ଅକଳନ୍ତି ସାବାସୀ ଓ ତା' ସାଙ୍ଗକୁ ବିଭିନ୍ନ ସେନା କର୍ତ୍ତୃପକ୍ଷଙ୍କ ଠାରୁ ମାଳମାଳ ସେନାପଦକ।

ଏତେ ପ୍ରସିଦ୍ଧି, ସମ୍ମାନ ଓ ସୁନାମ ସବୁ ନିଜ ପାଇଁ ଠୁଳ କରିଥିଲେ ହେଁ ତାଙ୍କର ବ୍ୟକ୍ତିଗତ ଜୀବନ ଥିଲା ଅସହଣୀୟ ଓ ଅଭାବନୀୟ । ବୟସର କ୍ଳାନ୍ତ ଅପରାହ୍ଣରେ ସେ ଥିଲେ ଉପେକ୍ଷିତ ଓ ଅବହେଳିତ । ନିଜର ପ୍ରାଣପ୍ରିୟା ପତ୍ନୀ ଓ ପ୍ରାଣପ୍ରିୟ ପୁତ୍ରମାନଙ୍କ ଠାରୁ ଯାହା ଆଶା କରିଥିଲେ ସେମାନେ ତାହା ପୂରଣ କରିବା ପରିବର୍ତ୍ତେ ହରଣ କରି ନେଇଥିଲେ ତାଙ୍କର ବାଞ୍ଛିତ ସୁଖଶାନ୍ତିକୁ। ଏକ ଅଭାବିତ ପରିସ୍ଥିତିର ନୀରବଦ୍ରଷ୍ଟା ସାଜିଥିଲେ ସେ ।

ମେଜର ବିନାୟକ ମହାପାତ୍ର ।

ସମୟର ଅନୁକୂଳ ସ୍ରୋତରେ ସେ ଭାସି ଚାଲିଥିଲେ ଆଗକୁ ଆଗକୁ। କେବେ କୌଣସି ପ୍ରତିକୂଳ ପରିସ୍ଥିତି ଅଟକାଇ ପାରିନଥିଲା ତାଙ୍କୁ । ବୀରତ୍ୱ ପ୍ରଦର୍ଶନ ପୂର୍ବକ ସେ ଡେଇଁ ଡେଇଁ ଚାଲିଥିଲେ ୟୁନିଟ୍‌ରୁ ୟୁନିଟ୍‌କୁ କେବଳ ମାତୃଭୂମିର ସେବା କରିବା ଲକ୍ଷ୍ୟ ନେଇ । ସମର୍ପିତ ଦେଶସେବା ଓ କର୍ମକ୍ଷେତ୍ରରେ ଚମକପ୍ରଦ ଦକ୍ଷତା ପ୍ରଦର୍ଶନ ପାଇଁ ବିଭିନ୍ନ ସମୟରେ ସେ ପ୍ରମୋଶନ ନେଇ ଶେଷରେ ମେଜର ପଦବୀରେ ନିଜକୁ ଆଭୂଷିତ କରାଇଥିଲେ । ପ୍ରତ୍ୟେକ ୟୁନିଟ୍‌ରେ ସେ ତାଙ୍କର ଉପଯୁକ୍ତ ଦକ୍ଷତା ପ୍ରଦର୍ଶନ କରି ସାଉଁଟିଥିଲେ ଅକୁଳାଣ ପ୍ରସିଦ୍ଧି ଓ ସୁନାମ । ସବୁଠି ତାଙ୍କର ଉଚ୍ଛ୍ୱସିତ ପ୍ରଶଂସାରେ ଶତମୁଖ ହୋଇଉଠିଥିଲେ କର୍ତ୍ତୃପକ୍ଷ । ଜଣେ ଦେଶସେବକ ଭାବରେ ଏହାଠାରୁ ଆଉ ଅଧିକ ଧନସମ୍ପତ୍ତି ଓ ଆତ୍ମମର୍ଯ୍ୟାଦା

କ'ଣ ବା ଲୋଡ଼ା ଯେ !

ସେନାବାହିନୀରେ ଯୋଗଦେବାର ତିନିବର୍ଷ ପରେ ବିନାୟକ ବାବୁଙ୍କର ହାତଗଣ୍ଠି ପଡ଼ିଥିଲା ସୁଶୀଳାଙ୍କ ସହିତ । ରୂପବତୀ, ଗୁଣବତୀ ସୁଶୀଳାଙ୍କୁ ଜୀବନସାଥୀ ଭାବେ ପାଇ ସେ ତାଙ୍କ ଜୀବନକୁ ରଙ୍ଗିନ ଓ ଆନନ୍ଦମୟ କରି ତୋଳିଥିଲେ । ବିବାହର ତିନିବର୍ଷ ପରେ ସେମାନଙ୍କ କୋଳକୁ ପ୍ରଥମ ପୁତ୍ର ସନ୍ତାନ ଭାବେ ଅବକାଶ ହିଁ ଆସିଥିଲା । ତା'ର ଦୁଇବର୍ଷ ପରେ ଦ୍ୱିତୀୟ ପୁତ୍ର ସନ୍ତାନ ଭାବେ ଅଭିଷେକ ହିଁ ସେମାନଙ୍କ କୋଳ ମଣ୍ଡନ କରିଥିଲା। ଏହି ଦୁଇପୁତ୍ରଙ୍କୁ ମଣିଷ କରିବା ପାଇଁ ସେମାନେ ପ୍ରତିଜ୍ଞାବଦ୍ଧ ହୋଇଥିଲେ ଯାହାଫଳରେ ତୃତୀୟ ସନ୍ତାନର ଆଉ ଆବଶ୍ୟକତା ପଡ଼ିନଥିଲା ଉଭୟଙ୍କ ପାଇଁ ।

ପତ୍ନୀ ସୁଶୀଳା ଓ ଦୁଇପୁତ୍ର ଅଭିଷେକ ଆଉ ଅବକାଶଙ୍କୁ ନେଇ ବିନାୟକ ବାବୁଙ୍କର ସୁଖର ସଂସାର । ସୁଶୀଳା ଗାଆଁରେ ରହୁଥିଲାବେଳେ ସେ ରହୁଥିଲେ କର୍ମ କ୍ଷେତ୍ରରେ । ବିବାହ ପରେ ଫାମିଲି କ୍ୱାର୍ଟର ମିଳିବାରେ କୌଣସି ଅସୁବିଧା ନଥିଲା । ମାତ୍ର ରକ୍ଷଣଶୀଳ ମନୋଭାବ ହେତୁ ସେ ନିଜ ପତ୍ନୀଙ୍କୁ ପାଖକୁ ନେଉ ନଥିଲେ । କିନ୍ତୁ ୟୁନିଟ୍‌ରେ ସାଙ୍ଗମାନଙ୍କ ବାରମ୍ବାର କହିବା ସତ୍ତ୍ୱେ ଏବଂ ପ୍ରଥମ ପୁତ୍ର ଅବକାଶର ଜନ୍ମ ପରଠାରୁ ପୂରା ଫାମିଲି ନେଇ ଆସିଥିଲେ ତାଙ୍କର କର୍ମକ୍ଷେତ୍ରକୁ । ତାଙ୍କର କର୍ମକ୍ଷେତ୍ରରେ ରହି ପିଲାଦୁହେଁ ସ୍କୁଲ ଶିକ୍ଷା ଶେଷ କରିଥିଲେ । କଲେଜ ଶିକ୍ଷାବେଳକୁ ସେ ଦୁହେଁ ମା'ଙ୍କ ସହ ଫେରିଆସିଥିଲେ ଓଡ଼ିଶାକୁ। ଓଡ଼ିଶାରେ ରହି ସେ ଦୁହେଁ ଉଚ୍ଚଶିକ୍ଷା ଶେଷ କଲେ ।

ପୁତ୍ର ଦୁହିଁଙ୍କର ବୋଧହୁଏ ଭାଗ୍ୟ ଜୋର୍ ଥିଲା । ସେଥିପାଇଁ ପାଠପଢ଼ା ଛାଡୁ ଛାଡୁ ଦୁହେଁ ଖୁବ୍ ଶୀଘ୍ର ଚାକିରି ପାଇ ଯାଇଥିଲେ। ଜଣେ ବାଙ୍ଗଲୋର୍‌ରେ ତ ଆଉ ଜଣେ ସୁଦୂର ମୁମ୍ବାଇରେ ନିଜ ନିଜ କମ୍ପାନୀରେ ଜଏନ୍ କରିଥିଲେ । ପିଲାମାନେ କମ୍ ବୟସରୁ ଚାକିରି ପାଇଯିବାରୁ ସେମାନଙ୍କ ପାଇଁ ଆଉ ଟେନ୍‌ସନ୍ ନଥିଲା ତାଙ୍କର ।

ଅବସର ନେବାପରେ ବିନାୟକ ବାବୁ ସିଧା ଚାଲିଆସିଥିଲେ ଗାଆଁକୁ। ସେ ଗାଆଁରେ ପିତୃପୁରଷର ଭିଟାମାଟିରେ ରହିବାକୁ ନିଜକୁ ପ୍ରସ୍ତୁତ କରିନେଇଥିଲେ । ସେ କହନ୍ତି, ଗାଆଁ ହେଉଛି ମାଆ । ଗାଆଁର ପରିବେଶରେ ରହିବା ଯାହା ମାତୃକୋଳରେ ରହିବା ଏକା କଥା । ସେ ଭାରି ଭଲପାଆନ୍ତି ଗାଆଁର ପ୍ରାକୃତିକ ଦୃଶ୍ୟରାଜିକୁ । ମନଭରି ଉପଭୋଗ କରନ୍ତି ତା'ର ଅନୁପମ ଶୋଭା-ସମ୍ପଦକୁ। ତା'ର ପ୍ରତିଟି ସଞ୍ଜ ଓ ସକାଳ ଦେଇଥାଏ ତାଙ୍କୁ ଅଫୁରନ୍ତ ଆନନ୍ଦ ଓ ପ୍ରାଣପୂର୍ଣ୍ଣ ଶାନ୍ତି ।

ଆକାଶ ଯେଉଁଠି ପୃଥିବୀକୁ ଚୁମିଯାଏ, ଭସାବାଦଲ ଯେଉଁଠି ପାହାଡ଼ ମଥାକୁ ଆଲିଙ୍ଗନ କରେ, ତାରାଭର୍ତ୍ତି ଆକାଶର ନିରୋଳା ରାତି ଯେଉଁଠି ସ୍ୱପ୍ନ ଭରିଦିଏ ଆଖିରେ, ସେଇଠି ଗାଆଁର ଆତ୍ମା ଜୀବନର କମ୍ର ସଙ୍ଗୀତ ଗାଏ । ପ୍ରକୃତି ରାଣୀର ରୂପ, ରସ ଓ ଗନ୍ଧରେ ମଣିଷ ମନକୁ ଆନମନା କରେ । ମନ ନାଚିଉଠେ, ହୃଦୟର ସୂକ୍ଷ୍ମତନ୍ତ୍ରୀ ସ୍ପନ୍ଦିତ ହୁଏ ବାରମ୍ବାର । ସେହି ହେଉଛି ଗାଆଁର ମାୟା, ତା'ର ହୃଦୟର ଡାକ । ତାକୁ ଶ୍ରବଣ କରିବାକୁ ଆଉ ସଂଦର୍ଶନ କରିବାକୁ ବିନାୟକବାବୁଙ୍କୁ ଭାରି ଭଲଲାଗେ। ଗାଆଁର ଅପରୂପ ସୌନ୍ଦର୍ଯ୍ୟ ତାଙ୍କୁ ବିମୋହିତ କରେ । ସେଥିପାଇଁ ତ ସେ ଗାଆଁକୁ ନିଜର ବାସସ୍ଥଳୀ ରୂପେ ବାଛି ନେଇଥିଲେ । ଜୀବନର ଅବଶିଷ୍ଟତକ ସମୟ ସେ ଏହିଠାରେ ହିଁ ବିତାଇଦେବେ। ଏଥିରେ ପତ୍ନୀ ବି ତାଙ୍କୁ ବେଶ୍ ସହଯୋଗ କରିବେ ବୋଲି ସେ ମନ ମଧ୍ୟରେ ଆଶା ପୋଷଣ କରିଥିଲେ।

ରାତି ନପାହୁଣୁ ଠିକ୍ ସାଢ଼େ ଚାରିଟାରେ ନିଦ୍ରା ଭଙ୍ଗ ହୁଏ ତାଙ୍କର । ଅଧଘଣ୍ଟା ମଧ୍ୟରେ ଶେଷ ହୋଇଯାଏ ତାଙ୍କର ସକାଳର ନିତ୍ୟକର୍ମ । ବଡ଼ିଭୋର୍ ଠିକ୍ ପାଞ୍ଚଟା ବେଳକୁ ବାହାରି ପଡ଼ନ୍ତି ସେ ପ୍ରାତଃ ଭ୍ରମଣରେ। ତିନି କିଲୋମିଟର ଯିବା ଓ ତିନି କିଲୋମିଟର ଫେରିବା ଏମିତି ଛଅ କିଲୋମିଟର ବାଟ ସେ ଦୈନିକ ଚାଲିଥାନ୍ତି । ଏଇ ଯିବାଆସିବା ବାଟରେ ବହୁ ଚିହ୍ନାଜଣା ବନ୍ଧୁମାନଙ୍କ ସହ ଭେଟ ହୁଏ ତାଙ୍କର । ଏମିତି ଦୈନନ୍ଦିନ ଭେଟଭାଟ ମଧ୍ୟରେ ମନର ସରସତା ଦ୍ୱିଗୁଣିତ ହୋଇଯାଏ ଯାହା ସତେଜ ରଖିଥାଏ ତାଙ୍କୁ ଦିନଟାସାରା ।

ପ୍ରତିଦିନ କିଛି ନୂଆ ନୂଆ ଲୋକମାନଙ୍କ ସହିତ ତାଙ୍କର ସାକ୍ଷାତ ହୁଏ। କେହି କେହି ତାଙ୍କର ଲକ୍ଷ୍ୟସ୍ଥଳ ପର୍ଯ୍ୟନ୍ତ ସାଥି ହୋଇ ବାଟ ଚାଲନ୍ତି ତ ଆଉ କେହି କେହି ତାଙ୍କ ସହିତ କିଛି କିଛି ପଥ ଅନୁସରଣ କରି ମଧ୍ୟସ୍ଥଳରୁ ବାଟ ଭାଙ୍ଗି ଅନ୍ୟତ୍ର ଚାଲିଯାନ୍ତି। କିନ୍ତୁ ବିନାୟକ ବାବୁ ଏକଲା ଚଲୋ ନୀତିକୁ ଆପଣାଇ ତାଙ୍କର ଲକ୍ଷ୍ୟସ୍ଥଳ ଛୁଇଁଥାନ୍ତି । ନିଜେ ସ୍ଥିର କରିଥିବା ଲକ୍ଷ୍ୟସ୍ଥଳରେ ପହଞ୍ଚିବା ସତରେ ରୋମାଞ୍ଚ ଭରିଦେଇଥାଏ ତାଙ୍କ ମନରେ।

ବେଳେବେଳେ ତାଙ୍କ ଲକ୍ଷ୍ୟସ୍ଥଳରେ ପହଞ୍ଚି କିଛି ସମୟ ସେଠାରେ ଦଣ୍ଡାୟମାନ ରହି ଗୋଟାଏ ନୂଆ ଉଦାତ୍ତ ଅନୁଭବରେ ପୁଲକିତ ହୋଇ ଉଠନ୍ତି । ଲକ୍ଷ୍ୟସ୍ଥଳରେ ପହଞ୍ଚିବା ଯାହା ଗୋଟାଏ ରାଜ୍ୟ ଜୟ କରିବା ସଙ୍ଗେ ସମାନ ଏପରି ଉପଲବ୍ଧି ହୁଏ ତାଙ୍କୁ। ପରିତୃପ୍ତିର ମୁଗ୍ଧ ଉପଲବ୍ଧି ଆଶାରେ ସେ ଘରୁ ବାହାରି ତାଙ୍କର ଚାଲିବା ଆରମ୍ଭ କରିଦେଇଥାନ୍ତି ଗୋଟାଏ ଲୟରେ । ପରମ ଆତ୍ମସନ୍ତୋଷରେ ସର୍ବାଙ୍ଗ ତାଙ୍କର ରୋମାଞ୍ଚିତ ହୋଇଉଠେ।

ଏହା ଭିତରେ ଆହୁରି ଦୁଇବର୍ଷ ସେ ତାଙ୍କର ଅବସର ଜୀବନ ବିତାଇ ସାରିଲେଣି । ନିର୍ବିକାର ଭାବରେ ତାଙ୍କର ଜୀବନଯାତ୍ରା ଚାଲିଛି ସମୟ ସହ ତାଳ ଦେଇ ।

ହିସାବ କଲେ ସାତ ବର୍ଷ ହେଲା ସେ ଏମିତି ପ୍ରାତଃ ଭ୍ରମଣକୁ ତାଙ୍କ ରୁଟିନ୍‌ବନ୍ଧା ଜୀବନର ଏକ ପ୍ରମୁଖ ଅଂଶ ଭାବେ ଅଙ୍ଗୀଭୂତ କରି ନେଇଛନ୍ତି। ଏହାଦ୍ୱାରା ଦିନ ତମାମ ଚଳଚଞ୍ଚଳ ରହିବା ସହିତ ଗ୍ଲାନିରହିତ ସୁନ୍ଦର ଦିନଟିଏ ସେ ବିତାଇଥାନ୍ତି । ଏଇ ଘଣ୍ଟେ ଦି'ଘଣ୍ଟାର ପରିଶ୍ରମ ତାଙ୍କୁ ସାହାଯ୍ୟ କରିଥାଏ ସାରାଦିନ ଫୂର୍ତ୍ତି ରହିବାରେ । କଦବା କେମିତି ଦିନେ ପ୍ରାତଃଭ୍ରମଣରେ ନଗଲେ ସେଦିନ ରାତିରେ ତାଙ୍କର ସୁଖନିଦ୍ରା ହୁଏ ନାହିଁ। ବିଭିନ୍ନ ପ୍ରକାର ଅସଙ୍ଗତିପୂର୍ଣ୍ଣ ଭାବନାରେ ତାଙ୍କର ଦିନଚର୍ଯ୍ୟାଟି ସେଦିନ ଭାରି ଭାରି ଲାଗେ । ଦେହ ହାତ କସ୍‌ମସ୍ କରେ । ଦିନରାତି ଚବିଶ ଘଣ୍ଟାଯାକ ହୋଇଯାଏ ଯନ୍ତ୍ରଣାଦାୟକ । ଦୁର୍ଭାବନା ଆଉ ଅନିଦ୍ରାରେ

ବିତିଯାଏ ରାତିଟା । କେମିତି ରାତି ପାହି ସକାଳ ହେବ ସେଇ ମୁହୂର୍ତ୍ତକୁ ଅପେକ୍ଷା କରିଥାନ୍ତି ସେ ।

ପ୍ରଚଣ୍ଡ ଗ୍ରୀଷ୍ମ ହେଉ କି ପ୍ରବଳ ବର୍ଷା ହେଉ ଅଥବା ହାଡ଼ଭଙ୍ଗା ଶୀତ ହେଉ ସବୁଥିରେ ବିନାୟକ ବାବୁ ପ୍ରତ୍ୟେକ ଦିନ ବ୍ରାହ୍ମ ମୁହୂର୍ତ୍ତରୁ ଉଠି ଆରମ୍ଭ କରିଥାନ୍ତି ତାଙ୍କର ପ୍ରାତଃଭ୍ରମଣ । ସେ ଭଲଭାବରେ ବୁଝିଛନ୍ତି ଆପଣା ସ୍ୱାସ୍ଥ୍ୟ ଆପଣା ହାତରେ । ପରିଣତ ବୟସରେ ଥରେ ସ୍ୱାସ୍ଥ୍ୟ ଭଗ୍ନ ହୋଇଗଲେ ପୂର୍ବର ସ୍ୱାସ୍ଥ୍ୟ ଫେରିପାଇବା ଯେ କେତେ କଷ୍ଟକର ତାହା ସେ ଜାଣିଛନ୍ତି ହାଡ଼େ ହାଡ଼େ । ଏଥିପାଇଁ ସେ ଖାସ୍ କରି ଜାରି ରଖିଛନ୍ତି ତାଙ୍କର ପ୍ରାତଃଭ୍ରମଣ ଅଭ୍ୟାସ ।

ସବୁଦିନ ପରି ସେଦିନ ପ୍ରାତଃଭ୍ରମଣରେ ଯାଇଥିଲେ ବିନାୟକ ବାବୁ । ସୂର୍ଯ୍ୟ ଉଠିଗଲେଣି ଉପରକୁ କେତେବେଳୁ । ସକାଳ ସାତଟା ବାଜିଲାଣି । ପ୍ରାତଃଭ୍ରମଣ ଶେଷ କରି ଏବେ ସେ ପ୍ରତ୍ୟାବର୍ତ୍ତନ କଲେ ଘରକୁ । ରାସ୍ତାରୁ ଉଠି ଘରବାରଣ୍ଡାରେ ପାଦ ରଖିଛନ୍ତି କି ନାହିଁ ତାଙ୍କର କର୍ଣ୍ଣକୁହରକୁ ପ୍ରକମ୍ପିତ କରିଉଠିଲା ଗାଆଁ ଭିତରୁ ଭାସିଆସୁଥିବା କ୍ରନ୍ଦନ ରୋଳ । କିଏ ଜଣେ ଚାଲିଗଲା । ଆହାଃ ... ବାରଣ୍ଡା ଉପରେ ସେମିତି ଠିଆହୋଇ ଶୁଣିବାକୁ ଲାଗିଲେ ସେହି କନ୍ଦନର ସ୍ୱର ଯାହା କାରୁଣ୍ୟର ଲହର ତୋଳୁଥିଲା ବେଳକୁ ବେଳ । କିଏ ଆଉ ହୋଇପାରେ ? କାହାର ସେରକ ପୂରିଲା ଆଜି ? ତାଙ୍କ ଘର ଆଗରେ ପିଲାଟାଏ ଦୌଡ଼ି ଦୌଡ଼ି ଯାଉଥିଲା । ତାକୁ ହାତଠାରି ପାଖକୁ ଡାକି ପଚାରିଲେ, "କହିଲୁ, ଏଇ କ୍ରନ୍ଦନ ସ୍ୱର ଆସୁଛି କେଉଁଠୁ ?"

"ମହାନ୍ତି ସାହିର ବେଣୁଧର ମହାନ୍ତି ପରା ଚାଲିଗଲେ । ତାଙ୍କ ଘର ଆଗରେ ଗାଆଁସାରା ଲୋକ ।" ଏଇ କଥାପଦକ କହିଦେଇ ପିଲାଟା ଭାସିଲା ପରି ପଳାଇଗଲା ଗାଆଁ ଭିତରକୁ ।

ଏଇ ଗାଆଁର ବେଣୁଧର ମହାନ୍ତି । ଲୋକମାନଙ୍କ ଡାକରେ ବେଣୁ ମହାନ୍ତି ପିଲାଦିନର ସାଙ୍ଗ ତାଙ୍କର । ଗତ ଦୁଇବର୍ଷ ହେଲା ସେ ଥିଲେ ଶ୍ୱାସ ରୋଗରେ ପୀଡ଼ିତ । ଶ୍ୱାସରୋଗ ଯୋଗୁଁ ବହୁତ କଷ୍ଟ ପାଉଥିଲେ ସେ । ସେ ମଧ୍ୟ ତାଙ୍କରି ପରି ପିଲାମାନଙ୍କ ଦ୍ୱାରା ଥିଲେ ଅଲୋଡ଼ା ଓ ଅବହେଳିତ । ବଡ଼ ହୀନିମାନ ହେଉଥିଲେ ସେ । ଏଇକଥା ବୋଧହୁଏ ଲେଖାଥିଲା ତାଙ୍କ ଭାଗ୍ୟରେ ।

ବ୍ୟସ୍ତ ହୋଇପଡ଼ିଲେ ବିନାୟକ ବାବୁ । ମନକୁ ମନ କହି ହେଉଥିଲେ, ତା' ଜୀବନର ଅବସାନ ଘଟିଛି ଖୁବ୍ ଭଲ ହେଇଛି । କେତେଦିନ ଆଉ ଏଇ ଯନ୍ତ୍ରଣାଦଗ୍ଧ ଜୀବନ ଧରି ବଞ୍ଚି ରହିଥାନ୍ତା । କେତେଦିନ ଆଉ ଏମିତି ସେ ନିଜ ସାଙ୍ଗରେ କଥା ହୋଇ ନିଜକୁ ନିଜେ ବୁଝାଇ ଚାଲିଥାନ୍ତା । ନିଜକୁ ନିଜେ ସାନ୍ତ୍ୱନା ଦେଇଥାନ୍ତା କେତେଦିନ । ଏମିତି ଭାବନା ରାଜ୍ୟରେ ଘୂରି ଘୂରି ଭାବି ହେଉଥିବାବେଳେ ଏଥିରେ ପୂର୍ଣ୍ଣଚ୍ଛେଦ ଟାଣି ବେଣୁ ମହାନ୍ତିଙ୍କ ଶବ ଶୋଭାଯାତ୍ରା ଗାଆଁ ଭିତରୁ ଆସି ଚାଲିଗଲା ତାଙ୍କ ଘର ସାମ୍ନା ଦେଇ । ଲୋକଙ୍କ କୋଳାହଳରେ ଚୁପ୍ ହୋଇଗଲେ ସେ ।

ରାମ ନାମ ସତ୍ୟ ହୈ ... ଶବ୍ଦରେ ଖୁବ୍ ଜୋର୍‌ରେ କମ୍ପିଉଠିଲା ଗାଁ ଦାଣ୍ଡ । ଅନଉ ଅନଉ ଶବବାହକମାନେ ବେଣୁ ମହାନ୍ତିଙ୍କ ନିର୍ଜୀବ ଶରୀରକୁ କୋକେଇରେ ବୋହି ନେଇଗଲେ ଗାଆଁମୁଣ୍ଡ ଶ୍ମଶାନକୁ । ଦୀର୍ଘଶ୍ୱାସ ଛାଡ଼ିଲେ ବିନାୟକ ବାବୁ । ଏଇ ଶବ ଶୋଭାଯାତ୍ରା ଦେଖି ତାଙ୍କର ପଥର ପରି ଶକ୍ତ ଛାତିଟା ହଠାତ୍ ଦୁର୍ବଳ ଲାଗିଲା ତାଙ୍କୁ । ଛାତି ପଞ୍ଜରାର ସବୁଯାକ ହାଡ଼ ଭାଙ୍ଗିଯାଉଥିଲା ଯେମିତି ମଡ଼ମଡ଼ ହେଇ । ଝିମ୍‌ଝିମ୍ ହୋଇଯାଉଥିଲା ତାଙ୍କ ଦେହଟା । ସୀମାନ୍ତରେ ଏମିତି ସେ ଶହ ଶହ ଶତ୍ରୁ ସୈନ୍ୟଙ୍କର ମୃତ ଶରୀରକୁ ଡେଇଁ ଡେଇଁ ଯାଇଛନ୍ତି । ବନ୍ଧୁକଗୁଳିରେ କେତେ କେତେ ଶତ୍ରୁ ସୈନ୍ୟ ଟଳିପଡ଼ିଛନ୍ତି । ସେସବୁ ତାଙ୍କର ଦେହସୁହା ଥିଲା । ଅଥଚ ଏକମାତ୍ର ଶବ ଦେଖି ସେ ମ୍ରିୟମାଣ ହୋଇପଡୁଛନ୍ତି । କୁଆଡ଼େ ଚାଲିଗଲା ଏତେ ବଳ ମନରୁ ଆଉ ହୃଦୟରୁ ।

ସମସ୍ତେ କହନ୍ତି ଭାରି ଶକ୍ତିଶାଳୀ ଲୋକ ବିନାୟକ ବାବୁ । ସିଂହ ପରି ଠାଣି । ଚାଲିଗଲେ ଗାଆଁଦାଣ୍ଡ ଦୁଲୁକି ଉଠେ । ତାଙ୍କ ଆଗରେ କେହି ସାହସ ବାନ୍ଧି କଥା କହନ୍ତି ନାହିଁ । ସମସ୍ତେ ଡରନ୍ତି ତାଙ୍କୁ । ଥରେ ସାହୁଘର ସହିତ ତାଙ୍କର ଝଗଡ଼ା ହୋଇଥିଲା ଜମିବାଡ଼ିକୁ ନେଇ । ସାହୁଘର ଥିଲେ ପାଞ୍ଚଭାଇ ପାଞ୍ଚହାତିଆ ମର୍ଦ୍ଦ । ବୃଷାଳ ବପୁଧାରୀ ଭାଇଯାକ । ଅମିତ କ୍ଷମତାଶାଳୀ । ମାତ୍ର ବିନାୟକ ବାବୁଙ୍କ ପାଖରେ ସେମାନେ ଛେଳି ଭଳି ହୋଇ ଲୁଚିଲେ ଘର କୋଣରେ । ସମସ୍ତଙ୍କୁ ଏକାଏକା ସେ କଚାଡ଼ି ପକାଇଲେ । ବାସ୍ । ଜମି ବିବାଦ ସେଇଠି ଶେଷ । ଆଜିଯାଏ ଉଁ କି ଚ୍ଛୁଁ ହେଉ ନାହାନ୍ତି ସେମାନେ । ଏଭଳି ଶକ୍ତିଶାଳୀ ଲୋକଟା ଏବେ ଏତେ ଦୁର୍ବଳ ହୋଇଗଲା କେମିତି ।

ଗଲା ମାସରେ ଜଣେ ସାଧୁ ଆସିଥିଲେ ତାଙ୍କ ଗାଆଁକୁ । ଦୁଇଦିନ ରହିଲେ ଗାଆଁ ମଝିରେ ଥିବା ଠାକୁର ଘରେ । ତାଙ୍କ ରହଣିର ଦ୍ୱିତୀୟ ଦିନ ରାତିରେ ପ୍ରବଚନ ଦେବେ ବୋଲି ପ୍ରଚାର ହୋଇଗଲା ଗାଆଁଟାସାରା । ଠକ ଓ ପ୍ରବଞ୍ଚକମାନେ ଜଟାଜୁଟ ହୋଇ ସାଧୁମାନଙ୍କ ବେଶରେ ଲୋକମାନଙ୍କୁ ଠକିଥାନ୍ତି ବୋଲି ତାଙ୍କର ଧାରଣା । ସେଥିପାଇଁ ସେ ଘୃଣା କରିଥାନ୍ତି ସାଧୁବେଶଧାରୀ ଠକମାନଙ୍କୁ । ଏଇ ସାଧୁଙ୍କୁ ମଧ୍ୟ ଘୃଣା କରୁଥିଲେ ପ୍ରଥମରୁ । ମାତ୍ର ତାଙ୍କର କ'ଣ ହେଲା କେଜାଣି ସେଇ ରାତିରେ ସେ ଲୁଚିକରି ଯାଇଥିଲେ ଠାକୁର ଘର ପାଖକୁ । ସାଧୁଙ୍କ ପ୍ରବଚନ ସେ ଶୁଣିଥିଲେ ଶେଷଯାଏ । ସତେ ଯେମିତି ତାଙ୍କ କାନରେ ଅମୃତ ଢାଳି ଦେଇଥିଲା ସାଧୁଙ୍କର ପ୍ରବଚନ ।

ସାଧୁଙ୍କର ଦିବ୍ୟ ପ୍ରବଚନ ଭାଙ୍ଗି ଦେଇଥିଲା ତାଙ୍କର ସକଳ ସଂସାର ମୋହ । ସେହି ଦିନ ସେ ବୁଝିଥିଲେ ଏଇ ସଂସାର, ଏଇ ସମ୍ପର୍କ ସବୁ ଅଳିକ । କେହି ନୁହେଁ କାହାର । ମିଛମାୟାରେ ପଡ଼ି ସମସ୍ତେ ହୋଇଛନ୍ତି ପଥଭ୍ରଷ୍ଟ । ପୂର୍ବରୁ ସେ ଜୀବନ ବୋଲି ଯାହାକୁ ବୁଝିଥିଲେ ସେହି ଜୀବନ ହେଉଛି ଏକ ଭୌତିକ ଜୀବନ । ଲୋଭ, ମୋହ, ମାୟାର ଏକ ସମନ୍ୱିତ ରୂପ । କିନ୍ତୁ ସାଧୁଙ୍କ ପ୍ରବଚନ ଆଖି ଖୋଲିଦେଲା ତାଙ୍କର । ଏବେ ସେ ଜୀବନ ବୋଲି ଯାହାକୁ ବୁଝିଛନ୍ତି ତାହାହିଁ ଆତ୍ମାସ୍ୱରୂପ । ଶରୀରରେ

ଆତ୍ମା ଥିଲେ ଆମେ ତାକୁ ଜୀବନ କହୁ । ଆତ୍ମା ହେଉଛି ଅମର, ଅବିନାଶୀ ଓ ଅବିନଶ୍ୱର । ତା'ର ମୃତ୍ୟୁ ନାହିଁ ।

ଆତ୍ମା ନିକଟରେ ଲୋଭ, ମୋହ, ମାୟା ଓ ଆସକ୍ତି କିଛି ନଥାଏ । ସେ ଘଟ ପ୍ରବେଶ ହେଲେ ରକ୍ତମାଂସର ଶରୀର କ୍ଲେଶଜନିତ ଉତ୍ତାପର ଅପନୋଦନ ପାଇଁ ଲୋଭ, ମୋହ, ମାୟା ଓ ଆସକ୍ତି ଜନ୍ମାଏ । ଏଥିରେ ବଶବର୍ତ୍ତୀ ହୋଇ ମଣିଷ ନିଜର ଆତ୍ମସୁଖ ପାଇଁ ଅନ୍ୟାୟ ଓ ଅନୀତି ଦିଗରେ ପ୍ରଧାବିତ ହୁଏ । ଭ୍ରମରେ ପଡ଼ି 'ମୁଁ' ଓ 'ମୋର' ବୋଲି ନିଜକୁ ଚିହ୍ନିଥାଏ ମାତ୍ର ଆତ୍ମାକୁ ନୁହେଁ ।

ସତରେ ଏ ସଂସାର ବଡ଼ ବିଚିତ୍ର । ସ୍ୱାର୍ଥର ଦାସ ସମସ୍ତେ । ସ୍ୱାର୍ଥ ଲାଗି ପୁତ୍ର ପିତାକୁ ଚିହ୍ନିପାରୁନି, ସ୍ତ୍ରୀ ସ୍ୱାମୀକୁ ଚିହ୍ନିପାରୁନି ଅଥବା ସ୍ୱାମୀ ସ୍ତ୍ରୀକୁ ଚିହ୍ନି ପାରୁନାହିଁ । ସେମିତି ପିତା ମଧ୍ୟ ନିଜର ପୁତ୍ରକୁ ବି ଚିହ୍ନି ପାରୁନାହିଁ । ସ୍ୱାର୍ଥ ଓ ଆତ୍ମସୁଖ ପାଇଁ ସମସ୍ତେ ଆଜି ନୀତିଭ୍ରଷ୍ଟ ଆଉ ପଥଭ୍ରଷ୍ଟ । ସ୍ୱାର୍ଥ ଓ ଆତ୍ମବଡ଼ିମା ପାଇଁ ମଣିଷ ଭୁଲିଯାଉଛି ନିଜର ଆତ୍ମୀୟ ଓ ପ୍ରିୟଜନଙ୍କୁ । ଯେଉଁ ପିତା ନିଜ ପୁତ୍ରର ମଙ୍ଗଳ ପାଇଁ ନିଜକୁ ତିଳ ତିଳ କରି ଦଗ୍ଧ କରିଛି ଦୁଃଖ ଓ ଦୈନ୍ୟତାରେ, ସେହି ପୁତ୍ର ଆଜି ନିଜର ପିତାଙ୍କୁ ବି ଚିହ୍ନି ପାରୁନାହିଁ । ସେହିପରି ଯେଉଁ ସ୍ୱାମୀ ନିଜ ସ୍ତ୍ରୀର ସୁଖ ସୁବିଧା ପାଇଁ ନିଜକୁ ବିପନ୍ନ କରି ମୁହଁରେ ହସଖିଏ ଦେଖିବା ପାଇଁ ବହୁ କଷ୍ଟ ସ୍ୱୀକାର କରିଛି, ସେହି ସ୍ତ୍ରୀ ଆଜି ନିଜର ସ୍ୱାମୀଙ୍କୁ ପଚାରୁନାହିଁ । ଯା'ଠାରୁ ଆଉ ଦୁଃଖ ଓ କ୍ଷୋଭର ବିଷୟ କ'ଣ ହୋଇପାରେ ।

ଏହିସବୁ କଥାର କେନ୍ଦ୍ରବିନ୍ଦୁ ହେଉଛନ୍ତି ସେ ନିଜେ । ବହୁ କଷ୍ଟ ସ୍ୱୀକାର କରି ଜମ୍ମୁ-କାଶ୍ମୀର ସୀମାନ୍ତରେ ଛାତି ପତେଇ ଦେଇଛନ୍ତି ଶତ୍ରୁ ଆଗରେ । ପଞ୍ଜାବର ପଠାନ୍‌କୋଟ୍ ଠାରେ ବନ୍ଧୁକ ଧରି ରାତି ଉଜାଗର ରହିଛନ୍ତି । ଲେହ ଲଦାଖରେ ଶତ୍ରୁ ସହ ଲଢ଼ିଛନ୍ତି କାହିଁକି ଆଉ କାହାପାଇଁ ? ଚାହିଁଥିଲେ ସେ ଚାକିରି ଛାଡ଼ି ଘରକୁ ଫେରି ଆସିପାରିଥାନ୍ତେ । ମାତ୍ର ସେ ନିଷ୍ପତ୍ତି ନେଇଥିଲେ ନିଜର ପତ୍ନୀ ଓ ପିଲାମାନଙ୍କୁ ଭଲରେ ରଖିବା ପାଇଁ, ସେମାନଙ୍କ ମୁହଁରେ ହସ ଟିକିଏ ଦେଖିବା ପାଇଁ ତାଙ୍କୁ ସେନାବାହିନୀରେ ରହିବାକୁ ପଡ଼ିବ ହିଁ ପଡ଼ିବ । ଏତେ ତ୍ୟାଗ ସତ୍ତ୍ୱେ ପୁତ୍ରମାନେ ତାଙ୍କୁ ଚିହ୍ନିଲେ ନାହିଁ କି ସାମାନ୍ୟ ଯତ୍ନ ନେବାର ପ୍ରୟାସ କଲେ ନାହିଁ । ନିଜ ଜୀବନର ଅର୍ଦ୍ଧାଙ୍ଗିନୀ ବୋଲି ଯାହାକୁ ପ୍ରାଣ ଖୋଲି ଭଲ ପାଉଥିଲେ ଓ ତାଙ୍କର ସମସ୍ତ ଆଶା ଆକାଂକ୍ଷାକୁ ପୂରଣ କରୁଥିଲେ ସେ ମଧ୍ୟ ଶେଷ ଜୀବନରେ ଟିକେ ସାହଚର୍ଯ୍ୟ ଦେଲେ ନାହିଁ କିମ୍ବା ଆଡ଼ ଆଖିରେ ଚାହିଁଲେ ନାହିଁ ଏହି ପରିଣତ ବୟସରେ ।

ପୁତ୍ରମାନଙ୍କ ସାଙ୍ଗରେ ପତ୍ନୀ ସୁଶୀଳା ବାଙ୍ଗାଲୋର୍ ଚାଲିଗଲେ । ସେମାନଙ୍କ ସହିତ ଗଲାବେଳେ କହିଥିଲେ, "ଆସିବ ତ ଆସ ଆମ ସାଙ୍ଗରେ । ତମ ସହିତ ଏଇ ଗାଆଁରେ ତୁଚ୍ଛାଟାରେ କାହିଁକି ପଡ଼ିରହିବି । ସହରୀ ଜୀବନ ଯଦି ଭଲ ନଲାଗୁଛି ତେବେ ଏଇ ଗାଆଁରେ ଏଇ ଅପରଛନିଆ ଲୋକଙ୍କ ସାଙ୍ଗରେ ଜୀବନ ବିତାଉଥାଅ । ମୋର ପୁଣି ସୁଖ ଶାନ୍ତି ଅଛି ନା ନାହିଁ । ମୁଁ ମୋ ପୁଅମାନଙ୍କ ସାଙ୍ଗରେ ଚାଲିଲି ବାଙ୍ଗାଲୋର୍ ।"

ସତକୁ ସତ ପୁତ୍ରମାନଙ୍କ ସାଙ୍ଗରେ ସେ ଚାଲିଗଲେ ତାଙ୍କୁ ଏକୁଟିଆ ଛାଡ଼ିକରି । ଆଉ ଅଧିକ କିଛି ଭାବିବାକୁ ଧୈର୍ଯ୍ୟ ନଥିଲା ତାଙ୍କର । ବାରଣ୍ଡା ଉପରେ ପଡ଼ିଥିବା ବେଞ୍ଚ୍ ଉପରେ ବସିପଡ଼ିଲେ ଲଥ୍‌କରି ।

ସ୍ନେହ ମମତାର ଶାଶ୍ୱତ ବନ୍ଧନରେ ବନ୍ଧା ସୃଷ୍ଟିର ଶ୍ରେଷ୍ଠ ଜୀବ ମଣିଷ । ଦୟା, କ୍ଷମା, ତ୍ୟାଗ ଓ ତିତିକ୍ଷାର ପବିତ୍ର ବନ୍ଧନ ହେଉଛି ପରିବାର । ପରସ୍ପର ସମ୍ପର୍କର ଅମୃତମୟ ସ୍ପର୍ଶରେ ପରିବାରର ସଦସ୍ୟମାନଙ୍କ ଜୀବନ ହୋଇଥାଏ ମଧୁମୟ । ଏହି ସମ୍ପର୍କ ଭିତରେ କିଏ ପିତାର ଭୂମିକା ନିର୍ବାହ କରିଥାଏ ତ କିଏ ନିର୍ବାହ କରିଥାଏ ମାତାର ଭୂମିକା । ଅମୃତାନ୍ୱେଷୀ ସନ୍ତାନସନ୍ତତିଗଣ ପିତାମାତାଙ୍କର ଅନାବିଳ ସ୍ନେହ, ପ୍ରେମ ଓ ସଦିଚ୍ଛା ବଳରେ ଗଢ଼ିଥାନ୍ତି ସେମାନଙ୍କର ଭବିଷ୍ୟତ ଜୀବନଧାରା । ଏହି ସମ୍ପର୍କର ବନ୍ଧନ ଦିନକୁ ଦିନ ନିବିଡ଼ ହୁଏ ସିନା କେବେ ଶିଥିଳ ହୁଏ ନାହିଁ । ଆଉ ଯେଉଁଠି ସମ୍ପର୍କର ନିବିଡ଼ତାରେ ଅଚାନକ କିଛି ବ୍ୟତିକ୍ରମ ଦେଖାଦିଏ, ସେଠାରେ ଜୀବନ ହୋଇଉଠେ ଦୁର୍ବିସହ । ଜୀଇଁ ରହି ବଞ୍ଚିବା ଠାରୁ ସେଠି ମରଣ ଶ୍ରେୟସ୍କର ଅବା ଆଉ କିଛି ଦୃଢ଼ ନିଷ୍ପତ୍ତି ନେବା ପାଇଁ ଗୋଟେ ଧାରଣା ହୃଦୟକୁ ଆନ୍ଦୋଳିତ କରିଥାଏ ବାରମ୍ବାର । ଏହିପରି ଗୋଟେ ଧାରଣା ବିନାୟକ ବାବୁଙ୍କୁ ଅସ୍ଥିର କରି ପକାଇଲା । ପରିବାରର ମିଛ ସମ୍ପର୍କ ଆଉ ଲୋଡ଼ା ନାହିଁ ତାଙ୍କର ।

ନା, ଏକାକୀତ୍ୱ ସହ୍ୟ କରିବାର ଶକ୍ତି ଓ ଧୈର୍ଯ୍ୟ ଆଉ ନାହିଁ ତାଙ୍କର । ନିଃସଙ୍ଗ ଜୀବନ ଅତ୍ୟନ୍ତ ଅସହ୍ୟ । ଏହାର ପ୍ରତିକାର ତାଙ୍କୁ କରିବାକୁ ହେବ । ଆଜି ହିଁ ଏଥିପାଇଁ ନିଷ୍ପତ୍ତି ନେବେ । ମନ ଓ ପ୍ରାଣରେ ସଞ୍ଚାରିତ ହେଲା ଅମାପ ଶକ୍ତି । ଅନେକ ଦିନ ତଳୁ ଏହି ଶକ୍ତି ଦୁର୍ବଳ କରି ଛାଡ଼ିଯାଇଥିଲା ତାଙ୍କୁ । ଯେଉଁ ଶକ୍ତି ଓ ସାମର୍ଥ୍ୟ ବଳରେ ସେ ମାତ୍ ଦେଇଥିଲେ ତାଙ୍କର ଶତ୍ରୁମାନଙ୍କୁ ସେହି ଶକ୍ତି ଓ ସାହସ ଏବେ ପୁଣି ଫେରିଆସିଛି ତାଙ୍କ ନିକଟକୁ । ଗୋଟିଏ ଝଟ୍‌କାରେ ଚେୟାରରୁ ଉଠି ପଶିଗଲେ ଘର ଭିତରକୁ । ଫୋନ୍ ରହିଥିଲା ଟେବୁଲ୍ ଉପରେ ।

ଫୋନ୍ ଉଠାଇ ସେ ରିଂ କଲେ ତାଙ୍କ ପିଲାଦିନର ସାଙ୍ଗ ସୋମନାଥ ନିକଟକୁ ।

ସୋମନାଥ ମହାପାତ୍ର । ସାଙ୍ଗହୋଇ ପଢୁଥିଲେ ଦୁହେଁ ଏକା ଶ୍ରେଣୀରେ । କଲେଜ ପଢ଼ା ସାରି ବିନାୟକ ବାବୁ ଯୋଗଦେଲେ ସେନାବାହିନୀରେ । ସୋମନାଥ ଥିଲା ସବୁ କଥାରେ, ସବୁ କ୍ଷେତ୍ରରେ ଅଲଗା ବରଂ ଯୁକ୍ତି କରିବାରେ ଥିଲା ଓସ୍ତାଦ୍ । ସହପାଠୀଗଣ କହୁଥିଲେ, ଯେ ବଡ଼ ହେଲେ ଜଣେ ବଡ଼ ଓକିଲ ହେବ । ତାହାହିଁ ହୋଇଥିଲା । ଗ୍ରାଜୁଏସନ୍ ପରେ ପୁଣି ବି.ଏଲ୍. ପଢ଼ିଥିଲା ସେ । ଲ'କୋର୍ସ ଶେଷ ହେଲା ପରେ ସତକୁ ସତ ସେ ବନିଯାଇଥିଲା ଓକିଲଟେ । ତାକୁ ହିଁ ଫୋନ୍ କରୁଥିଲେ ବିନାୟକ ବାବୁ ।

– ମୋ କଥା ତୋର ଏତେ ଦିନ ପରେ ମନେପଡ଼ିଲା । ଆଚ୍ଛା, କହିଲୁ ଏବେ ତୁ କେମିତି ଅଛୁ ଓ କେଉଁଠି ଅଛୁ ? ସେପଟରୁ ଫୋନ୍ ଉଠାଇ ସୋମନାଥ ପଚାରିଲା ।

– କେଉଁଠି ଅଛି ମାନେ, ମୁଁ ଏବେ ଗାଆଁରେ ଅଛି । ଉତ୍ତରଦେଲେ ବିନାୟକ ବାବୁ ।

– ନାହିଁ, ମୁଁ ଶୁଣିଥିଲି ଭାଉଜ ସହିତ ତୁ କୁଆଡ଼େ ପୁଅମାନଙ୍କ ପାଖକୁ ଯାଉଥିଲୁ । ହଉ ଛାଡ଼ । ମତେ ଅବେଳରେ କାହିଁକି ମନେପକାଇଲୁ କହ । କ'ଣ ଏତେ ଦରକାର ପଡ଼ିଲା ? ନା ଏମିତି ଟିକେ କଥା ହେବା ପାଇଁ ...

– ତୋଠି ମୋର ବହୁତ ଦରକାର । ତୁ ଯେମିତି ହେଲେ ଆଜି ଗାଆଁକୁ ଆସି ମତେ ଦେଖାକର । ଅର୍ଜେଣ୍ଟ ଅଛି । ତୋ ଆସିବାକୁ ଅପେକ୍ଷା କରି ରହିଲି ।

– ହଠାତ୍ ଏତେ ଅର୍ଜେଣ୍ଟ୍ ! ଘଟଣା କ'ଣ ଖୋଲି କହ । ଅଯଥା ସସ୍‌ପେନସ୍ ବଢ଼ାଅନି ।

– ହଉ ଶୁଣ । ମୋର ସମସ୍ତ ସ୍ଥାବର-ଅସ୍ଥାବର ସମ୍ପତ୍ତି ମୁଁ ଦେଶ ପାଇଁ ଦାନ କରିବି ।

– ଆରେ ଏ ପାଗଳାମୀ କାହିଁକି ? ପିଲାମାନଙ୍କ ଉପରେ ଅଭିମାନ କରିଛୁ ନା କ'ଣ ? ତୁ ରହିବୁ କେଉଁଠି, ଚଳିବୁ କେମିତି ?

– ମୁଁ ଯାହା କିଛି ସମ୍ପତ୍ତି ଅର୍ଜନ କରିଛି ସେସବୁ ଦେଶର ସମ୍ପତ୍ତି । ଦେଶର ସମ୍ପତ୍ତିକୁ ଦେଶକୁ ଫେରାଇ ଦେବାରେ ଅସୁବିଧା କ'ଣ ରହିଲା ! ତା'ଛଡ଼ା ଈଶ୍ୱରଙ୍କ ସୃଷ୍ଟିରେ ଜଣେ ମଣିଷ ରହିବାକୁ ଆଉ ଚଳିବାକୁ କ'ଣ ଜାଗାର ଅଭାବ ହେବ – ସେ କଥା ମୁଁ ଭାବିପାରୁନି ।

– ମୁଁ ସେକଥା କହୁନି । ହେଲେ ସେନାବାହିନୀରେ ଦୀର୍ଘ ତିରିଶ ବର୍ଷ ଧରି ରହିଥିବା ମେଜର ବିନାୟକ ମହାପାତ୍ରର ପଥର ପରି ହୃଦୟରେ ଏପରି ଭାବପ୍ରବଣତା ଦେଖି ମୁଁ ବିସ୍ମିତ । ତେଣୁ ତୋର ଏପରି ଦୃଢ଼ ନିଷ୍ପତ୍ତିରୁ ଓହରିଯିବା ତୋ ପରିବାର ପାଇଁ ମଙ୍ଗଳମୟ ହେବ ନିଶ୍ଚୟ ।

ବିନାୟକ ବାବୁଙ୍କ କଣ୍ଠସ୍ୱର ଏଥର ଗମ୍ଭୀର ହୋଇ ଉଠିଲା । ସେ ସୋମନାଥଙ୍କୁ ସିଧା ସିଧା ଶୁଣାଇଦେଲେ – ତୁ ଜାଣିଛୁ ତ ମୁଁ ଯେଉଁ ନିଷ୍ପତ୍ତି ଥରେ ନିଏ ତାହା ମୋର ଶେଷ ନିଷ୍ପତ୍ତି । ମୁଁ ଆଉ କିଛି ତୋ ଠାରୁ ଶୁଣିବାକୁ ଚାହେଁନା । ଆଜି ସଂଧ୍ୟାରେ ଯେମିତି ହେଉ ତୁ ଆସି ମତେ ଦେଖାକର । ଏତିକି କହି ଫୋନ୍ କାଟିଦେଲେ ବିନାୟକ ବାବୁ । ସୁପ୍ତ ସିଂହ ଜାଗ୍ରତ ଆଜି । ସେ ଶିକାର କରିବ ନତୁବା ପ୍ରତିଶୋଧ ନେବ ।

ଏବେ ତାଙ୍କର ପ୍ରତିଶୋଧ ନେବାର ବେଳ ।

ସୀମାନ୍ତରେ ଶତ୍ରୁପକ୍ଷର ସୈନ୍ୟମାନଙ୍କ ଉପରେ ସେ ନିର୍ମମ ପ୍ରହାର କରିଛନ୍ତି । ଶତ୍ରୁର ଆଘାତ ସହି ସେ ପ୍ରତିଆଘାତ କରିଛନ୍ତି । ଠିକ୍ ସମୟରେ ସେ ଶତ୍ରୁ ଉପରେ ନେଇଛନ୍ତି ପ୍ରତିଶୋଧ । ସେହିଭଳି ପ୍ରତୀତ ହେଉଥିଲା ତାଙ୍କୁ । ପତ୍ନୀ, ପୁତ୍ର ଏମାନେ କିଏ କାହାର । ଏମାନେ ଶତ୍ରୁ, ବଡ଼ ଶତ୍ରୁ ତାଙ୍କର । ସେହି ଶତ୍ରୁମାନଙ୍କ ଉପରେ ସେ ନେଇଛନ୍ତି ପ୍ରତିଶୋଧ । ସଠିକ୍ ନିର୍ଣ୍ଣୟ ।

ପ୍ରାଣଖୋଲା ହସ ହସି ଉଠିଲେ ସେ ଖୁବ୍ ଜୋର୍‌ରେ । ସେହି ହସ ପ୍ରତିଧ୍ୱନି ତୋଳୁଥିଲା ଘରସାରା ତାଙ୍କ ହସ ସହିତ ତାଳ ଦେଇ ।

*ସା/ପୋ-ଜନକ, ଭାୟା-ବ୍ରହ୍ମବରଦା*
*ଜିଲ୍ଲା-ଯାଜପୁର-୭୫୫୦୦୫*
*ଦୂରଭାଷ: ୯୯୩୭୧୦୮୮୪୮*

**ପଢ଼ନ୍ତୁ !**   **ପ୍ରକାଶ ପାଇଛି !**

କଥାଶିଳ୍ପୀ **ପ୍ରଫେସର ଉପେନ୍ଦ୍ର ନାୟକ** ଙ୍କର

**ଗଳ୍ପ ସମଗ୍ର**
**(ପ୍ରଥମ ଭାଗ)**

ପ୍ରକାଶକ – ବିଦ୍ୟା ପବ୍ଲିଶିଂ
ଟରଣ୍ଟୋ, କାନାଡ଼ା

# କେହି ଜଣେ ଅପରିଚିତ

**ସୁଷମା ପରିଜା**

ଷ୍ଟିଅରିଂ ଉପରେ ହାତ ରଖି ସିଟ୍‌କୁ ଆଉଜି ପଡ଼ିଥିଲା ଦିବାକର । କରୋନା କାଳରେ ଜୀବନ ଜୀବିକା ହରାଇ ବ୍ୟାଙ୍କ ସହାୟତାରେ କାର୍‌ଟିଏ କିଣି ଟ୍ୟାକ୍ସି ଭାବରେ ଚଳେଇବା ଆରମ୍ଭ କରିଥିଲା ସେ । କୌଣସି ମତେ ଚଳି ଯାଉଥିଲା ସଂସାର । ସ୍ତ୍ରୀ ପିଲାଙ୍କୁ ଚଳେଇ ଲୋନ୍‌ର କିସ୍ତି ଶୁଝିବା ପାଇଁ ଖୁବ୍ ପରିଶ୍ରମ କରୁଥିଲା । ଆଜିକାଲି ସମୟରେ ଶିକ୍ଷା ଦୀକ୍ଷାର ମୂଲ୍ୟ କିଏ ବୁଝେ ? ପେଟ ପୋଷିବାକୁ ଯେକୌଣସି ବୃତ୍ତି ଆପଣେଇ ନେଇ ପାରିଲେ ହେଲା । ସେଇ ବୃତ୍ତିର ଦାୟରେ ଏବେ ସେ ଓଲା କଂପାନୀ ସହିତ ଚୁକ୍ତି କରିଛି । ଓଲା କଂପାନୀରେ ରାତି ସମୟରେ ଗାଡ଼ି ଭଡ଼ା ଅଧିକ ମିଳେ ବୋଲି ବିଗତ ଛଅ ମାସ ହେଲାଣି ସେ କେବଳ ରାତିରେ ହିଁ ଡିୟୁଟି କରୁଛି । ମୋବାଇଲ୍‌ରେ ରିଙ୍ଗଟୋନ୍ ଆସିଲା କ୍ଷଣି ସଜାଗ ହୋଇ ଉଠିଲା ଦିବାକର । ଓଃ.. ବିଜିନେସ୍‌ଟିଏ ଆସିଗଲା ପରା... ।

> ଏବେ ଖୁବ୍ ଖୁସି ଜଣାପଡୁଥିଲେ ଯମୁନା ଲାଲ୍ । କହୁଥିଲେ.. ମୁଁ କେଉଁ ଅପନ୍ତରାରେ ନିର୍ଜନରେ ମରିଯିବି ବୋଲି ଭାବୁଥିଲି, ହେଲେ ଈଶ୍ୱରଙ୍କ କରୁଣା ଦେଖ ! ଜଣେ ଅପରିଚିତ ବ୍ୟକ୍ତି ମୋର ଅତି ଆପଣାର ହୋଇଗଲେ, ଠିକ୍ ମୋ'ର ପରିବାର ଭଳି ମୃତ୍ୟୁ ପର୍ଯ୍ୟନ୍ତ ମୋ' ପାଖରେ ରହିଲେ ! ଜୀବନରେ ଯା' ଠାରୁ ଅଧିକ ବଡ଼ ଆଶୀର୍ବାଦ ଆଉ କ'ଣ ଯେ.. ?

ହାତ ଘଣ୍ଟାକୁ ଚାହିଁଲା ଦିବାକର । ରାତି ଏଗାରଟା ବାଜିବାକୁ ଦଶ ମିନିଟ୍ ବାକି । ତା'ର ସମକର୍ମୀ ଡ୍ରାଇଭର ଗଙ୍ଗାଧରର ଫୋନ୍ କଲ୍ ।

–"ଦିବାକର ଭାଇ ! ତୁମର ସାହାଯ୍ୟ ଟିକିଏ ଦରକାର ଥିଲା ମ' । ବୟସ୍କ ଭଦ୍ରଲୋକ ଜଣେ ଏବେ ତାଙ୍କର କିଛି ବନ୍ଧୁଙ୍କୁ ଭେଟିବାକୁ ଯିବେ । ଓଲା ମିଟରରେ ନୁହେଁ, ପୁରା ଟ୍ୟାକ୍ସି ସେବା ଚାହାଁନ୍ତି । ମୋ' ପାଖରେ ଏତେ ସମୟ ନାହିଁ । ଯଦି ତୁମେ ରାଜି ହେବ.... ।"

– "ଠିକ୍ ଅଛି.. ଚଲ୍ ୟାର୍... ତୁ' ଭି କ୍ୟା ୟାଦ ରଖେଗା.. ଦୋସ୍ତ ନେ କୁଛ୍ ତୋ କାମ ଆୟା.. ଲୋକେସନ୍ ଆଉ ଫୋନ୍ ନମ୍ବର ଦେ'.." ଏତିକି କହି ନିଜକୁ ସଜାଡ଼ି ନେଲା ଦିବାକର । ସହକର୍ମୀ ଡ୍ରାଇଭରଙ୍କ ଭିତରେ ସିଏ ଟିକିଏ ବୟସ୍କ, ଟିକିଏ ସ୍ଥିର ଚିତ୍ତ ଏବଂ ଗମ୍ଭୀର ସ୍ୱଭାବର ବୋଲି ସମସ୍ତେ ତା'କୁ ଆଦର ସମ୍ମାନ କରନ୍ତି । ମୋବାଇଲ୍ ପରଦା ଉପରେ ଭାସି ଉଠିଲା ଗଙ୍ଗାଧର ଦ୍ୱାରା ପ୍ରଦତ୍ତ ଯାତ୍ରୀଙ୍କ ଲୋକେସନ୍ ମ୍ୟାପ୍ ଏବଂ ଫୋନ୍ ନମ୍ବର । ଗାଡ଼ିରେ ଚାବି ମୋଡି ଇଞ୍ଜିନ୍ ଷ୍ଟାର୍ଟ୍ କଲା ଦିବାକର ।

ପ୍ରାୟ ତିରିଶି କିଲୋମିଟର ଯିବା ପରେ ମିଳିଗଲା ଯାତ୍ରୀଙ୍କ ଠିକଣା । କାର୍ ରହିବାର ଶବ୍ଦ ଶୁଣି ଘରୁ ବାହାରି ଆସିଥିଲେ ଜଣେ ବୟସ୍କ ଭଦ୍ରଲୋକ । ମୁଖ୍ୟ ଦ୍ୱାରରେ ତାଲା ପକାଇ କାର୍ ପାଖରେ ଆସି ଠିଆ ହେଲେ । ଧୀର ଅଥଚ ଦୃଢ଼ ସ୍ୱର ରେ କହିଲେ...

–" ଶୁଣ ! ମୁଁ ତୁମ ସହିତ ପାଞ୍ଚଟି ସ୍ଥାନକୁ ଯିବାକୁ ଚାହେଁ, ତୁମକୁ ସେଥିପାଇଁ ପାଞ୍ଚ ହଜାର ଟଙ୍କା ପାରିଶ୍ରମିକ ମିଳିବ, କିନ୍ତୁ ମୋର ଗୋଟିଏ ସର୍ତ୍ତ ଅଛି... ଏ ଯାତ୍ରା ଶେଷ ନହେବା ପର୍ଯ୍ୟନ୍ତ ତୁମେ ମୋତେ କୌଣସି ପ୍ରଶ୍ନ ପଚାରିବ ନାହିଁ ।"

– ଆଜ୍ଞା ସାର୍ !

– "ଠିକ୍ ଅଛି" କହି ସେ କାଗଜ ଖଣ୍ଡିଏ ବଢ଼ାଇଦେଲେ ଡ୍ରାଇଭର ହାତକୁ । ସେଥିରେ ପାଞ୍ଚଟି ସ୍ଥାନର ଠିକଣା ଲେଖାଥିଲା । ଦିବାକର ଆଖି ପହଁରାଇ ନେଲା ସେ କାଗଜ ଖଣ୍ଡିକ ଉପରେ । ସେଥିରେ ଥିବା ପ୍ରଥମ ଠିକଣା ଆଡକୁ କାର୍ ଚଳେଇବା ଆରମ୍ଭ କରିଦେଲା । ବେଶ୍ କିଛି ଦୂରରେ ସହରତଳି ଅଞ୍ଚଳର ଘରଟିଏ ଥିଲା । ସେ କାର୍ ଡୋର୍ ଖୋଲି ବାହାରକୁ ଆସି ଭଦ୍ରଲୋକଙ୍କୁ ପଚାରିଲେ..

ଆଜ୍ଞା ! ଏଇଠି ଓହ୍ଲାଇବେ କି ?

"ନାହିଁ... ଓହ୍ଲାଇବା ଦରକାର ନାହିଁ "କହି ସେମିତି ଗାଡ଼ି ଭିତରେ ନୀରବରେ ପ୍ରାୟ ଦଶ ମିନିଟ୍ ଧରି ବସି ରହିଲେ ସେ। ତାଙ୍କର ଆଖିରୁ ଧାର ଧାର ହୋଇ ଲୁହ ଝରି ପଡୁଥିବାର ଦୃଶ୍ୟ ସାମ୍ନାକୁ ଥିବା ମିରର୍‌ରେ ସ୍ପଷ୍ଟ ଦିଶୁଥିଲା। ଦିବାକର ନୀରବରେ ଲକ୍ଷ୍ୟ କରୁଥିଲା ସେଇ ଭଦ୍ରଲୋକଙ୍କୁ। ସେ ନୀରବତା ଭାଙ୍ଗି ଆଦେଶ ଦେଲେ... "ଏବେ ଚାଲ !"

ଭଦ୍ରଲୋକ ରାସ୍ତା ବତାଇ ଚାଲିଥିଲେ। ଦିବାକର ଗାଡ଼ି ସେହି ଦିଶା ନିର୍ଦ୍ଦେଶରେ ଯାଇ ଯାଇ ଅଟକିଲା ଗୋଟିଏ ପ୍ରାଥମିକ ବିଦ୍ୟାଳୟ ନିକଟରେ। ଅନ୍ଧାର ଭିତରେ ଧପ୍ ଧପ୍ କରି ଦିଶୁଥିଲା ସ୍କୁଲ୍ ବିଲ୍ଡିଂର ଧଳା ରଙ୍ଗ। ଚାରିଆଡ଼େ ଶୂନଶାନ। ଭଦ୍ରଲୋକ ଜଣକ ଗାଡ଼ିରୁ ଓହ୍ଲାଇ ଚାଲି ଚାଲି ଯେଉଁ ସ୍ଥାନକୁ ଗଲେ ବୋଧହୁଏ ତାହା ଥିଲା ସେ ସ୍କୁଲ୍‌ର ଖେଳ ପଡ଼ିଆ। ସେଠାରେ ଲାଗିଥିବା ଗୋଟିଏ ଦୋଳିରେ ଯାଇଁ ବସି ପଡ଼ିଲେ ସେ। ସେମିତି ନୀରବରେ ପ୍ରାୟ କୋଡ଼ିଏ ମିନିଟ୍ ଖଣ୍ଡେ ବସି ରହିବା ପରେ ପୁଣି କାର୍ ପାଖକୁ ଆସିଲେ। ଦିବାକର ଡୋର୍ ଖୋଲିଦେଲା। ଗାଡ଼ି ଭିତରେ ବସି ଦୀର୍ଘ ଶ୍ୱାସଟିଏ ପକାଇ ମନକୁ ମନ ସ୍ୱଗତୋକ୍ତି କଲାଭଳି ଗୁଣୁଗୁଣେଇଲେ... ଏଇ ସ୍କୁଲ୍‌ରେ ମୁଁ ତେୟାଳିଶି ବର୍ଷ ଧରି ଶିକ୍ଷାଦାନ କରିଛି। ବୋଧହୁଏ ତାହା ମୋ' ଜୀବନ ର ସର୍ବଶ୍ରେଷ୍ଠ କାର୍ଯ୍ୟ ଥିଲା। ସେ ପୁଣିଥରେ ଗାଡ଼ି ଷ୍ଟାର୍ଟ୍ କରିବାକୁ ଆଦେଶ ଦେଲେ। ଏଥରକ ସେ ଗୋଟିଏ ରେଷ୍ଟୁରାଣ୍ଟରେ ଅଟକିଲେ। ଦିବାକର ଭାବିଲା ବୋଧହୁଏ ଏଠାରେ ଡିନର କରିବେ ସାର୍ କିନ୍ତୁ ସେ ଏକା ଏକା ଯାଇଁ ଗୋଟିଏ କର୍ଣ୍ଣର ଟେବୁଲ୍‌ରେ ବସିଲେ।

ୱ୍ୱେଟର୍‌କୁ କଫି ଅର୍ଡର କଲେ କିନ୍ତୁ ତା'କୁ ପିଇଲେ ନାହିଁ। ସେଠାରେ ନୀରବରେ ପନ୍ଦର ମିନିଟ୍ ବସି ବାହାରକୁ ବାହାରିଲେ। ଗାଡ଼ିରେ ବସି ଗୁଣୁଗୁଣୁ ହୋଇ କହିଲେ ସେ... "୧୯୬୭ ମସିହାରେ ଏଇଠି ..ଏଇ ରେଷ୍ଟୁରାଣ୍ଟରେ ମୋ' ସ୍ତ୍ରୀ ସହିତ ପ୍ରଥମେ ଭେଟ ହୋଇଥିଲା।" ଏଥରକ ପୁଣି ତାଙ୍କ ନିର୍ଦ୍ଦେଶରେ ଆଗକୁ ବଢ଼ିବାକୁ ଲାଗିଲା କାର୍‌ଟି। ଗାଡ଼ି ଯେଉଁଠି ଅଟକିଲା ତାହା ଥିଲା ଏକ ଶ୍ମଶାନ। ଧାଡ଼ି ଧାଡ଼ି ହୋଇ କବର ସବୁ ରହିଥିଲା ସେଠାରେ। ଭଦ୍ରଲୋକ କାର୍‌ରୁ ଓହ୍ଲାଇ ପଶିଲେ ଭିତରେ। ଗୋଟିଏ କବର ନିକଟରେ ମୁଣ୍ଡ ପୋତି ଠିଆହୋଇ ଧୀର ସ୍ୱରରେ କ'ଣ ସବୁ ଗପି ଚାଲିଲେ। ପୁରା ଅଧଘଣ୍ଟା ପରେ ସେଠାରୁ ଫେରିବା ବେଳକୁ ତାଙ୍କ ଆଖି ଲାଲ୍ ଲାଲ୍ ଦିଶୁଥିଲା। ବୋଧହୁଏ ଅଧଘଣ୍ଟା କାଳ ସେଠାରେ ଖୁବ୍ କାନ୍ଦିଥିଲେ ସେ। ଗାଡ଼ିରେ ବସି ଗୁଣୁଗୁଣୁ ହୋଇ କହିଲେ "ମୋ' ସ୍ତ୍ରୀ... ଆଜିକୁ ତିନି ବର୍ଷ ପୁରିଲା... ଏବେ ଚାଲ.."।

କାର୍ ଯାଇ ଅଟକିଲା ଗୋଟିଏ ହାସପାତାଳ ପରିସରରେ। ସେଠାରେ କିଛି ସମୟ ଗାଡ଼ି ରଖିବାକୁ ନିର୍ଦ୍ଦେଶ ଦେଲେ। ଦିବାକରକୁ ଚାହିଁ କହିଲେ.. "ଶୁଣ ! ଏଇଟି ହେଉଛି ଶେଷ ରହଣି। ମୋ'ର ଆଉ କୁଆଡ଼େ ଯିବାର ନାହିଁ। ତୁମ ମନରେ ନିଶ୍ଚୟ ଅନେକ ପ୍ରଶ୍ନ ଥିବ। ଏବେ ତୁମକୁ ସବୁ କଥା ମୁଁ କହୁଛି ଶୁଣ.. ମୁଁ ନିଜେ ଜଣେ କ୍ୟାନସର୍ ରୋଗୀ, ରୋଗ ଏବେ ଚତୁର୍ଥ ସୋପାନରେ, ବୋଧହୁଏ ଆଉ ଦୁଇ ତିନି ଦିନ କି ଦୁଇ ସପ୍ତାହ ସମୟ ଅଛି ମୋ' ପାଖରେ। ସେଥିପାଇଁ ଆଜି ମୋ'ର ସଂପୂର୍ଣ୍ଣ ଜୀବନକୁ ଶେଷଥର ପାଇଁ ନିକଟରୁ ଆଉଥରେ ନିରେଖି ଦେଖିନେଲି। ଆଉ ହୁଏତ ସମୟ ପାଇବି ନାହିଁ...।" ତାଙ୍କର ହୃଦୟସ୍ପର୍ଶୀ କଥା ଶୁଣି ଏଥର କାନ୍ଦି ଉଠିଲା ଦିବାକର। ସେ କିନ୍ତୁ ଅସମ୍ଭବ ଭାବରେ ଧୀର ସ୍ଥିର ଚିତ୍ତରେ ଥିଲେ। ସେମିତି ଧୀରେ ଧୀରେ କହିବାକୁ ଆରମ୍ଭ କଲେ... "ତୁମେ ଜଣେ ଦୟାଳୁ ମଣିଷ ! ଜଣେ ଅଚିହ୍ନା ଅଜଣା ବ୍ୟକ୍ତିଙ୍କ ପାଇଁ ତୁମେ ଯାହା କରିଛ, ତାହାର ତୁଳନା ନାହିଁ। ମୋ'ର ଆଉ କିଛି ହେଲେ ଅବସୋସ ନାହିଁ। ଆଜି ତୁମେ ମୋତେ ଜୀବନର ଜଳଛବି ଦେଖାଇ ଦେଇଛ। ମୋ'ର ଘର, ଯେଉଁଠି ମୁଁ ମୋ' ପିଲା ମାନଙ୍କ ସହିତ ସୁନ୍ଦର ଜୀବନଟିଏ ବିତାଇଥିଲି, ମୋ' ସ୍କୁଲ୍, ଯେଉଁଠାରେ ମୋ' କମର୍ମୟ ଜୀବନ ବିତାଇଥିଲି, ସେଇ ରେଷ୍ଟୁରାଣ୍ଟ ଯେଉଁଠି ମୋ' ପ୍ରେମ ସଂପର୍କ ଆରମ୍ଭ ହୋଇଥିଲା, ସେଇ ଶ୍ମଶାନ ଘାଟ ଯେଉଁଠାରେ ମୋ' ସ୍ତ୍ରୀ'କୁ ମୁଁ ଶେଷ ବିଦାୟ ଦେଇଥିଲି ଏବଂ ଏଇ ହସ୍ପିଟାଲ୍, ଏହା ମୋ'ର ଶେଷ ଆଶ୍ରୟସ୍ଥଳ, ଏଠାରୁ ମୋତେ ସିଧାସଳଖ ଶ୍ମଶାନକୁ ଯିବାକୁ ହେବ। ତୁମକୁ ଅଶେଷ ଅଶେଷ ଧନ୍ୟବାଦ ବନ୍ଧୁ! ଏଇ ନିଅ ତୁମର ପାଉଣା... କହି ପାଞ୍ଚ ହଜାର ଟଙ୍କା ବଢ଼ାଇ ଦେଲେ ଭଦ୍ରଲୋକ ଜଣକ। ଦିବାକର ନିଜର କୋହ ସମ୍ବରଣ କରି ପାରୁନଥିଲା। ସେ ଭଦ୍ରଲୋକଙ୍କ ହାତ ଧରି ପକାଇଲା।

– ସାର୍ ! ଦୟାକରି ଏ ଟଙ୍କା ରଖନ୍ତୁ ସାର୍। ମୋର ଲୋଡ଼ା ନାହିଁ ଏ ଟଙ୍କା। ଆପଣଙ୍କ ଭଳି ଦୁଃଖୀ ମଣିଷ ପାଖରୁ ଏ ଟଙ୍କା ନେଲେ ଈଶ୍ୱର ମୋତେ କ୍ଷମା କରିବେନି ସାର୍।

– ସେମିତି କୁହନାହିଁ ବନ୍ଧୁ! ତୁମେ ମୋ ଜୀବନର ଶେଷ ଖୁସି ଟିକକ ଦେଇଛ। ତୁମର ତିନି ଘଣ୍ଟାର ମୂଲ୍ୟବାନ ସମୟ ଦେଇଛ ମୋତେ। ଏହା ତୁମର ପ୍ରାପ୍ୟ। ମନା କରନି ବନ୍ଧୁ! ଏ ସଂସାରରେ ମୋ'ର ଆଉ କେହି ନାହିଁ। ମୋ' ପିଲାଙ୍କ ପାଖରେ ମୋତେ କଥା ପଦେ କହିବାକୁ ସମୟ ନାହିଁ। ଏ ଟଙ୍କା ମୋର ଆଉ କି କାମରେ ଲାଗିବ ? ନା' ଅଛନ୍ତି ମୋ' ବନ୍ଧୁ, ନା' ସଖା ସହୋଦର, ନା' ଆତ୍ମୀୟ ସ୍ୱଜନ, କେହି ହେଲେ ନାହାଁନ୍ତି ମୋ'ର। ତୁମ ନାମ ଟି କ'ଣ ତ' ? ମୋତେ କହିଥିଲ ଯେ ଭୁଲିଗଲି, ଆଉଥରେ କହିଲ.. ?

– ଦିବାକର। ଦିବାକର ଦାସ ଆଜ୍ଞା !

– ଆଚ୍ଛା ! ଶୁଭ ବିଦାୟ ଦିବାକର ! ଶୁଭ ରାତ୍ରି ! ମୋତେ ଶେଷ ସୁଖ ଟିକକ ଦେଇଥିବାରୁ ପୁନଃଶ୍ଚ ଧନ୍ୟବାଦ ତୁମକୁ।

ଏହା କହି ସେ ତାଙ୍କର ଛୋଟ ସୁଟକେସ୍‌ଟି ଧରି ହସ୍ପିଟାଲ୍ ଭିତରକୁ ଆଗେଇ ଗଲେ। ଦିବାକର ନିସ୍ତବ୍ଧ ହୋଇ ଚାହିଁ ରହିଥିଲା ତାଙ୍କ ଯିବା ବାଟକୁ। କାର୍ ଭିତରକୁ ଆସି ଅଧ ଘଣ୍ଟା କାନ୍ଦିବା ପରେ ମଧ୍ୟ ତା' ଲୁହ ବନ୍ଦ ହେଉ ନଥିଲା। ଯମୁନା ଲାଲ୍ ଚୌଧୁରୀଙ୍କ କଥା ଭାବି ଭାବି ମନ ଆଉଟୁପାଉଟୁ ହେଉଥିଲା। ସେ ଭାବୁଥିଲା... ଏ ମଣିଷ ଜୀବନ କେତେ

ବିଚିତ୍ର ସତେ ! ! ଯେଉଁ ପରିବାର ପାଇଁ ସେ ସାରାଜୀବନ ବିତେଇଦେଲେ ଆଜି ତାଙ୍କର ଶେଷ ସମୟରେ କେହି ଜଣେ ହେଲେ ମଧ ତାଙ୍କ ପାଖରେ ନାହାଁନ୍ତି । ଯେଉଁ ଅର୍ଥ ଉପାର୍ଜନ ପାଇଁ ସେ ସକଳ ସୁଖ ତ୍ୟାଗ କରିଥିଲେ ଆଜି ସେ ଅର୍ଥ ଅଛି ତାଙ୍କ ପାଖରେ, ହେଲେ ସୁଖ କାହିଁ ? ? ତେବେ ଏ ମଣିଷ ଜୀବନଟାର ମୂଲ୍ୟ କ'ଣ ? ? ?

ସେଦିନ ଘରକୁ ଫେରି ମଧ ସେହିସବୁ ଉଦ୍ଭଟ ଚିନ୍ତାରେ ଶାନ୍ତିରେ ଶୋଇପାରି ନଥିଲା ଦିବାକର । ଶରୀର ଅପେକ୍ଷା ମନରେ ବେଶୀ ଥକି କ୍ଲାନ୍ତ ହୋଇ ପଡ଼ିଥିଲା ସେ । ସକାଳୁ ସକାଳୁ ଉଠି ବାହାରିପଡ଼ିଲା ଯମୁନା ଲାଲ୍ ଚୌଧୁରୀଙ୍କ ପାଖକୁ । ଆସିବା ବାଟରେ ଫୁଲତୋଡ଼ାଟିଏ କିଣି ଆଣିଥିଲା ସେ । ହସ୍ପିଟାଲରେ ପହଞ୍ଚି ରିସେପ୍ସନ୍ କାଉଣ୍ଟରରେ ଯମୁନା ଲାଲଙ୍କ ବେଡ୍ ନମ୍ବର ବୁଝି ନେଲା । ବେଡ୍ ନମ୍ବର- ୪ ୧ ୨ । ସେଠାରେ ଉପସ୍ଥିତ ହେଲା ବେଳକୁ ହସ୍ପିଟାଲ୍‌ର ଶ୍ୱେତ ଶୁଭ୍ର ବିଛଣା ଉପରେ ଶୋଇ ରହିଥିଲେ ଯମୁନା ଲାଲ୍ । କବାଟ ଖୋଲିବା ଶବ୍ଦରେ ସେପଟକୁ ମୁହଁ ବୁଲେଇ ଚାହିଁଲେ । ଦିବାକରକୁ ଦେଖି ମୃଦୁ ହସି କହିଲେ... ତୁମେ ପୁଣି କାହିଁକି ଆସିଲ ଯେ ? ମୁଁ ପରା କାଲି ତୁମକୁ କହିଥିଲି "ମୋ' ହାଲତରେ ଛାଡ଼ିଦିଅ "ବୋଲି ! ମୁଁ ମରଣୋନ୍ମୁଖୀ ଜାଣି ଅନ୍ୟମାନଙ୍କ ଭଳି ତୁମେ ନିର୍ଲିପ୍ତ ରହିପାରିଲନାହିଁ ? ମୁଁ ଠିକ୍ ଅଛିରେ । ହଉ, ଆସ ଆସ ବସ ମୋ' ପାଖରେ । ସେଦିନ ସେ ନିଜର ମୃତ ସ୍ତ୍ରୀ, କଥାବାର୍ତ୍ତା ବନ୍ଦ କରି ଦେଇଥିବା ପିଲା ଏବଂ ତାଙ୍କ କର୍ମକ୍ଷେତ୍ର ତାଙ୍କ ସ୍କୁଲ୍ ବାବଦରେ ବହୁତ କଥା ଗପିଲେ । ବର୍ତ୍ତମାନ ସମୟରେ ସେ ଜିଉଁଥିବା ନିର୍ବାସିତ ଜୀବନ ବିଷୟରେ ମଧ ଅନେକ କିଛି କହିଗଲେ । ଦିବାକର ଧୀରେ ଧୀରେ ଯମୁନା ଲାଲଙ୍କ ସହିତ କେମିତି ଏକ ଆତ୍ମିକ ବନ୍ଧନରେ ବାନ୍ଧି ହୋଇ ଯାଉଥିଲା । ପ୍ରତ୍ୟହ ଦିନ ବେଳେ ନିଜର କାମଧନ୍ଦା ସାରି କେବେ ପାଉଁରୁଟି ଦି' ଖଣ୍ଡ, ତ ଆଉକେବେ କିଛି ଫଳ ବିସ୍କୁଟ ଧରି ସନ୍ଧ୍ୟାରେ ହସ୍ପିଟାଲରେ ଯମୁନା ଲାଲଙ୍କ ନିକଟରେ ପହଞ୍ଚିଯାଉଥିଲା । ଘଣ୍ଟା ଘଣ୍ଟା ଧରି ବସି ରହୁଥିଲା ତାଙ୍କ ବେଡ୍ ପାଖରେ । ତାଙ୍କ ଜୀବନର ସୁଖ, ଦୁଃଖ, ହାର୍ ଜିତ୍ ନେଇ ଅନେକ ଅନେକ କଥା ଗପୁଥିଲେ ଯମୁନା ଲାଲ୍, ସେସବୁକୁ ନୀରବ ଶ୍ରୋତା ହୋଇ ଶୁଣୁଥିଲା ଦିବାକର । ଏମିତି ବିତି ଯାଇଥିଲା ଦୁଇ ସପ୍ତାହ । ଏବେ ଖୁବ୍ ଖୁସି ଜଣାପଡୁଥିଲେ ଯମୁନା ଲାଲ୍ । କହୁଥିଲେ.. ମୁଁ କେଉଁ ଅପନ୍ତରାରେ ନିର୍ଜନରେ ମରିଯିବି ବୋଲି ଭାବୁଥିଲି, ହେଲେ ଈଶ୍ୱରଙ୍କ କରୁଣା ଦେଖ ! ଜଣେ ଅପରିଚିତ ବ୍ୟକ୍ତି ମୋର ଅତି ଆପଣାର ହୋଇଗଲେ, ଠିକ୍ ମୋ'ର ପରିବାର ଭଳି ମୃତ୍ୟୁ ପର୍ଯ୍ୟନ୍ତ ମୋ' ପାଖରେ ରହିଲେ ! ଜୀବନରେ ୟା' ଠାରୁ ଅଧିକ ବଡ଼ ଆଶୀର୍ବାଦ ଆଉ କ'ଣ ଯେ.. ? ତୁମକୁ ଅଜସ୍ର ଧନ୍ୟବାଦ ଦିବାକର ମୋତେ ଗୋଟିଏ ଲାୱାରିସ୍ ଲାସ୍ ହେବାରୁ ବଞ୍ଚାଇ ମୋତେ ପରିଚୟଟିଏ ଦେଇଛ । ଆଉ ମୋ'ର କିଛି ଅବସୋସ ନାହିଁ । ମୋ'ର ଗୋଟିଏ କଥା ରଖିବ ଦିବାକର ! ଏଠାରୁ ଫେରି ତୁମେ ତୁମ ଲୋକମାନଙ୍କୁ କହିବ, ଅନ୍ୟମାନଙ୍କୁ କେବେହେଲେ ଅଣଦେଖା କରିବେ ନାହିଁ, ଏମିତି କି ଅପରିଚିତ ବ୍ୟକ୍ତିଙ୍କୁ ମଧ ସମସ୍ତଙ୍କ ପ୍ରତି ଦୟା, ସହୃଦୟତା ରଖିବେ । ଏ ସଂସାରରେ ଆମେ ସମସ୍ତେ ପାଦ ପାଦ କରି ମୃତ୍ୟୁ ଆଡ଼କୁ ଅଗ୍ରସର ହେଉଛେ, ପଥରେ ଅନେକ ସହଯାତ୍ରୀ ମିଳିବେ, କାହାକୁ ହୀନ ଦୃଷ୍ଟିରେ ଦେଖିବା ନାହିଁ, କାହାକୁ ଦୁଃଖ ଦେବା ନାହିଁ । ତୁମେ ଜଣେ ଭଲ ମଣିଷ ଦିବାକର ! ତୁମ ପାଖରେ ଗୋଟିଏ ସୁନାର ହୃଦୟ ଅଛି । ତୁମେ ମୋ'ର ହିତୈଷୀ ବନ୍ଧୁ, ଏହା ମୋର ସୌଭାଗ୍ୟ । ଈଶ୍ୱର ତୁମକୁ ନିଶ୍ଚୟ ଆଶୀର୍ବାଦ କରିବେ ।

ଦୁଇ ସପ୍ତାହ ପୁରିବାର ତୃତୀୟ ଦିନ ରାତିରେ ଯମୁନା ଲାଲଙ୍କର ମୃତ୍ୟୁ ହୋଇଥିଲା । ମୃତ୍ୟୁ ସମୟରେ ତାଙ୍କର ହାତକୁ ମୁଠେଇ ଧରି ସେଇ ବେଡ୍ ପାଖରେ ବସିଥିଲା ଦିବାକର । ତାଙ୍କର ଶବ ସଂସ୍କାର ହେବା ପର୍ଯ୍ୟନ୍ତ ସକଳ ବ୍ୟବସ୍ଥା କରିଥିଲା । ତାଙ୍କର ଶବ ଯୁଇରେ ଲଦା ହେବା ବେଳେ ସେ ପରିବାରର ଜଣେ ହୋଇ ମୁଖାଗ୍ନି ଦେଇଥିଲା । ତେୟାଳିଶି ବର୍ଷ ଧରି ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ଦେଇ ଆସିଥିବା ଯମୁନା ଲାଲ୍ ବିଗତ କିଛିଦିନ ତଳେ ତା'କୁ ଜୀବନ ର ସବୁଠାରୁ ବଡ଼ ପାଠ ପଢ଼େଇ ଦେଇ ଯାଇଥିଲେ ।

*ଶାରଳା ଭବନ, ପୋତା ପୋଖରୀ, କଟକ-୪*

# ନେମ୍‌ପ୍ଲେଟ୍

## ଶଶିଭୂଷଣ ମହାନ୍ତି

ମୁଁ ଯେତେବେଳେ ଏକାଦଶ ଶ୍ରେଣୀରେ ପଢୁଥିଲି ସେତେବେଳେ ଅପ୍ରତ୍ୟାଶିତ ଭାବେ ଯେଉଁ ଝିଅଟି ସହିତ ପରିଚିତ ହେବାର ମୂଳଦୂଆ ପଡିଥିଲା, ତା' ନାମ ଥିଲା ତନୁଶ୍ରୀ ଦାସ ଓ ସେ ଦଶମ ଶ୍ରେଣୀରେ ପଢୁଥିଲା।

ସେଦିନ ଥାଏ କଟକର ପ୍ରସିଦ୍ଧ ବାଲିଯାତ୍ରାର ତୃତୀୟ ଦିବସ। ଶୀତଦିନର ସେହି ମ୍ଳାନ ଅପରାହ୍ନ। ସମୟ ପାଖାପାଖି ପାଞ୍ଚଟା ହେବ। ମୁଁ ସ୍କୁଲରୁ ଫେରି ଘରେ ବହିଖାତା ରଖିଦେଇ ଅଧଘଣ୍ଟାଏ ଭିତରେ ନିଜକୁ ପ୍ରସ୍ତୁତ କରିନେଇ ସାଇକେଲ ଧରି ବାହାରି ପଡ଼ିଥିଲି ବାଲିଯାତ୍ରା ଦେଖିବା ପାଇଁ । ଯଦିଓ ବାଲିଯାତ୍ରାରେ ବୁଲି ଦୋକାନ ବଜାର ଦେଖିବାରେ ସେତେଟା ଇଚ୍ଛା ନଥିଲା ହେଲେ ଠୁଙ୍କାପୁରୀ ଖାଇବାର ଆଗ୍ରହ ଥାଏ। ପ୍ରଥମେ ମୁଁ ମୋ ସାଙ୍ଗ ରବିନା ଘରକୁ ଗଲି, ସାଙ୍ଗ ହୋଇ ଯିବା ପାଇଁ। ହେଲେ ସେଦିନ କୌଣସି ଏକ ଜରୁରୀ କାମ ପାଇଁ ସେ ଯାଇଥାଏ ତା ମାମୁଁ ଘରକୁ । ଶେଷରେ ମୋତେ ଏକଲା ଯିବାକୁ ପଡ଼ିଥିଲା । ମୁଁ ସେଠାରେ ପହଁଞ୍ଚିଲା ବେଳକୁ ଆସନ୍ନ ସନ୍ଧ୍ୟା। ଆକାଶ ମେଘ ମୁକ୍ତ ଥାଏ। କିନ୍ତୁ ସଂପୂର୍ଣ୍ଣ ପଡ଼ିଆକୁ ଆଚ୍ଛାଦିତ କରି ସାରିଥାଏ ବଡ଼ ଫ୍ଲଡ୍ ଲାଇଟର ଆଲୋକ। ଜନଗହଳି ସେତେଟା ଆରମ୍ଭ ହୋଇନଥାଏ। ସାଇକେଲକୁ ଷ୍ଟାଣ୍ଡରେ ରଖି ଦେଇ ମୁଁ ଚାଲିଗଲି ବାଲିଯାତ୍ରା ପଡ଼ିଆ ଭିତରକୁ । ଚାଲିଚାଲି ଏପଟ ସେପଟକୁ ଅନାଇ ଯାଉଥାଏ। ଅନେକ କିସମର ଦୋକାନ ତ ଥିଲା ହେଲେ ମୋର ଲକ୍ଷ୍ୟ ଥାଏ ଠୁଙ୍କାପୁରୀ ଖାଇବାପାଇଁ । ସେଥିପାଇଁ ଅନ୍ୟଆଡ଼େ ସେତେଟା ଲକ୍ଷ୍ୟ ଦେଉ ନଥାଏ। ଯାଉ ଯାଉ ହଠାତ୍ ମୋ ଆଖି ଅଟିକି ଗଲା ଏକ ଅସ୍ଥାୟୀ ବିଜୁଳି ବତୀ ଖୁଣ୍ଟି ତଳେ ଅପେକ୍ଷାକୃତ ଏକ ଛୋଟ ଶତରଞ୍ଜୀ ବିଛାଇ ତା ଉପରେ ବସି କିଛି କାର୍ଯ୍ୟରେ ବ୍ୟସ୍ତ ଥିବା ଲୋକଟି ଉପରେ। ଲୋକଟିକୁ ଘେରି ବସିଥାଆନ୍ତି ଦୁଇ ତିନିଜଣ ଲୋକ ଆଉ କିଛି ଲୋକ ନଇଁ ପଡ଼ି କ'ଣ ହେଉଛି ଦେଖୁଥାଆନ୍ତି। ମୁଁ ମଧ୍ୟ ଚାଲିଗଲି ସେଠାକୁ ଯାଇ ଫାଙ୍କା ସ୍ଥାନଟିଏ ଦେଖି ଠିଆ ହୋଇଗଲି। ଶୁଣିଲି ସେ ଲୋକଟି ଅଳ୍ପ ସମୟ ମଧ୍ୟରେ ନେମ୍‌ପ୍ଲେଟ ବନାଇ ଦେଉଥାଏ। ସେହି ସାମାନ୍ୟ ଗହଳି ଭିତରେ ମୁଁ ଦେଖିଥିଲି ୩୫ ରୁ ୪୦ ବର୍ଷ ବୟସ୍କା ଏକ ସ୍ତ୍ରୀ ଲୋକ ସହିତ ଅନିନ୍ଦ୍ୟ ସୁନ୍ଦରୀ ଝିଅଟିଏ ବସିଥିବାର। ଦୃଷ୍ଟି ମୋର ଟାଣି ହୋଇ ରହିଗଲା ତା'ରି ଉପରେ। ଝିଅଟିର ବୟସ ମୋ ଠାରୁ ବର୍ଷେ ଦୁଇବର୍ଷ ସାନ ହୋଇପାରେ। ତାର କମନୀୟ ରୂପକାନ୍ତି, ମୋତେ ଏକୁଟିଆ ନୁହେଁ ବରଂ ମୋ ଭଳି ଅନ୍ୟମାନଙ୍କ ପାଇଁ ମଧ୍ୟ ଆକର୍ଷଣୀୟ ଥିଲା। ତା'ର ସୁଡ଼ୌଲ ଚେହେରା ସହିତ ପରିଧାନ କରିଥିବା ନୀଳରଙ୍ଗର ସ୍ଲାକ୍ସ ଓ ଛିଟ ଉଲନ କପଡ଼ାରେ ତିଆରି ଏକ ଫ୍ରକ୍ ଓ ଧଳା ରଙ୍ଗର ଓଢ଼ଣୀ ତାକୁ ଆହୁରି ସୁନ୍ଦର କରିଦେଉଥିଲା। ମୁଁ ତାକୁ ପଲକହୀନ ଚକ୍ଷୁରେ ଚାହିଁଲା ବେଳେ ମୁଁ ଦେଖିଛି ସେ ମୋ ଆଡେ ଚାହୁଁଥିବାର। ଯାହା ହେଉ ସ୍ତ୍ରୀ ଲୋକଜଣଙ୍କ ଦୋକାନୀ ସହିତ କିଛିଟା କଥାବାର୍ତ୍ତା ପରେ ଦୋକାନୀ ତାଙ୍କୁ ବିଭିନ୍ନ ଶୈଳୀରେ ଇଂରାଜି ଭାଷାରେ ଲେଖାଯାଇଥିବା ନେମ୍‌ପ୍ଲେଟର ସାମ୍ପୁଲ ଦେଖାଇଥିଲା। ସେଥିରୁ ଗୋଟିଏ ଲେଖାର ଶୈଳୀଟି ତାଙ୍କୁ ବହୁତ ପସନ୍ଦ ଲାଗିବାରୁ ସେହି ଶୈଳୀରେ ଦୁଇଟି ନେମ୍‌ପ୍ଲେଟ ଲେଖି ଦେବାକୁ କହିଥିଲେ। ଦୋକାନୀ ଜଣଙ୍କ ଖଣ୍ଡେ କାଗଜ ଏବଂ ପେନ୍‌ସିଲ୍‌ଟିଏ ବଢ଼ାଇ ଦେଇ କହିଲା, 'ମ୍ୟାଡ଼ାମ୍, ଇସ୍‌ପେ ନାମ ଲିଖ୍‌ଦିଜିଏ'। ମୁଁ ଦେଖିଲି ମ୍ୟାଡ଼ାମ

> ତା' ସହିତ ବିତାଇଥିବା ସେହି ମୁହୂର୍ତ୍ତ ଗୁଡ଼ିକ ମୋ ପାଇଁ ଥିଲା ଏମିତି ଏକ ଅଜୁହା ଅନୁଭୂତି ଯାହାକି ମନେ ପଡିଲେ ଆପେ ଆପେ ମନରେ ସୃଷ୍ଟି ହେଉଥିଲା ତା' ପ୍ରତି ଅନୁରାଗ। ମୁଁ କଳ୍ପନା କରିପାରିନଥିଲି ଏତେ ସହଜରେ ମୁଁ ତା' ହୃଦୟକୁ ସ୍ପର୍ଶ କରିପାରିବି ବୋଲି। ଯାହାହେଉ ରାତିରେ ଖାଇ ଶୋଇବା ପାଇଁ ପ୍ରସ୍ତୁତ ହୋଇ ଲାଇଟ୍ ବନ୍ଦ କରି ଶୋଇବା ସମୟରେ ତା'ର ସେହି ପଦକ କଥା - କାଲି କଥାବାର୍ତ୍ତା ହେବା, ମୁଁ ସବୁ କହିବି, ବାରମ୍ବାର ମୋ କାନ ପାଖରେ ପ୍ରତିଧ୍ୱନିତ ହେବାକୁ ଲାଗିଲା। ଭାବିନେଲି ବୋଧହୁଏ ଏହା ପ୍ରେମର ପ୍ରାକ୍ ଲକ୍ଷଣ। ଯାହାହେଉ କିଛି ସମୟ ପରେ ଶୋଇଯାଇଥିଲି।

ନିଜ ହାତରେ ଇଂରାଜୀରେ ଲେଖିଥିଲେ ଇଞ୍ଜିନିୟର ରମାବଲ୍ଲଭ ଦାସ ଓ ଦ୍ୱିତୀୟଟି ଅଧ୍ୟାପିକା ପଦ୍ମାଳୟ ଦାସ । ଲେଖିସାରି କାଗଜ ଖଣ୍ଡିକ ବଢ଼ାଇଦେଲେ ଦୋକାନୀର ହାତକୁ । ଦୋକାନୀ ସେହି କାଗଜ ଖଣ୍ଡିକ ଧରି କହିଲେ – ଠିକ୍ ଅଛି । ଅବ୍ ଆଡ଼ଭାନ୍ସ ଦୋ ରୁପିୟା ଦିଜିଏ ଅଉର ଦଶ ପନ୍ଦର ମିନିଟ୍ କେ ବାଦ ଆଇଏ । ମ୍ୟାଡ଼ାମ ଦୁଇଟଙ୍କା ବଢ଼ାଇ ଦେଇ ସେଠାରୁ ଯିବା ପାଇଁ ଅଗ୍ରସର ହେବା ସମୟରେ ଝିଅଟି କହିଲା– "ମା', ବାପାଙ୍କର ତୋର ଦୁଇଟି ନେମ୍ ପ୍ଲେଟ ତ ଲେଖି ଦେଲ । ମୋ ପାଇଁ ଗୋଟିଏ ଲେଖିଦିଅ ।" କାଳ ବିଳମ୍ବ ନ କରି ମ୍ୟାଡ଼ାମ ଜଣକ କହିଲେ – ତୋର ତ ଏବେ ଦଶମ ଶ୍ରେଣୀ । ଆଗ ଭବିଷ୍ୟତ ପାଇଁ ଚିନ୍ତା କର । ପାଠପଢ଼ି ଚାକିରୀ କର । ତା'ପରେ ଲେଖାଇ ଦେବି ତୋ ନାମରେ ନେମ୍‌ପ୍ଲେଟଟିଏ । ନିରବ ରହିଥିଲା ସେ । ମୁଁ କିନ୍ତୁ ଦେଖିପାରୁଥିଲି ମୁହଁରେ ତା'ର ଦୁଃଖ ଓ ସ୍ଥିରତାର ମିଶ୍ରଣ। ପରେ ମ୍ୟାଡ଼ମ ସେଠାରୁ ଚାଲିଯିବାକୁ ଉଦ୍ୟତ ହେଲେ । ଝିଅଟି ଆଖିରୁ ଲୁହ ଗଡ଼ାଇ ଉଦାସ ମୁହଁରେ ମାଆଙ୍କ ପଛରେ ମଧ୍ୟ ଚାଲିଥିଲା । କିଛିଟା ମୁହୂର୍ତ୍ତ ସେମାନଙ୍କ ଯିବା ବାଟକୁ ଅନାଇ ରହିବା ପରେ ମୁଁ ଚାଲିଯାଇଥିଲି ଠୁଙ୍କା ପୁରି ଖାଇବା ପାଇଁ ।

ସେଠାରେ ପହଞ୍ଚ ବରାଦ କରି ଥିଲି ଗୋଟିଏ ପୁରି ପାଇଁ । ଦୋକାନୀ ଦେଇଥିଲା । ଖାଉଥାଏ । ଝିଅଟିର ଚେହେରା ମୋ ଆଖି ଆଗରେ ନାଚି ଉଠୁଥାଏ । ଟିକିଏ ପୂର୍ବରୁ ଜାଣିଥିଲି ସେମାନେ ପୁଣି ଥରେ ସେଠାକୁ ଆସିବେ। ତେଣୁ ଶୀଘ୍ର ଶୀଘ୍ର ଖାଇବା ଶେଷକରି ଫେରି ଆସିଥିଲି ସେହି ନେମ୍‌ପ୍ଲେଟ ଦୋକାନ ପାଖକୁ । ସେଠାରେ ପହଁଞ୍ଚିଲା ପରେ ସେ ଦୁହିଁଙ୍କୁ ଦେଖି ନଥିଲି କିନ୍ତୁ ନେମ୍‌ପ୍ଲେଟ୍ ଦୁଇଟି ଲେଖାସରିଯାଇଥିବାର ଦେଖିଥିଲି। ନେମ୍‌ପ୍ଲେଟ୍‌କୁ ଦେଖିବା ପରେ ମନରେ ମୋର ଥିବା ସନ୍ଦେହ ଦୂର ହୋଇଥିଲା । ଆଖି ଦୁଇଟି ମୋର ଚାରିଆଡ଼େ ଖୋଜି ବୁଲୁଥିଲା ସେହି ନୀଳନୟନାକୁ। ଯାହା ପାଇଁ ଆଜି ଏ ମନ ବାଉଳା ହେଉଛି ।

ଏକ ପ୍ରକାର ସମାହିତରେ ଅବରୁଦ୍ଧ ଥିବା ମନରେ ମୋର ହଠାତ୍ ବାଧା ଉପୁଜିଥିଲା, ଯେତେବେଳେ ମୁଁ ଦେଖିଥିଲି ମୋର ସେହି ପ୍ରତୀକ୍ଷିତ ଝିଅଟି ଅଳ୍ପ ଦୂରରେ ମାଆ ସହିତ ଆସୁଥିବାର । ସେଠାରେ ଥିବା ଏକ ଝାଲ୍ ମୁଢ଼ି ଠେଲାଗାଡ଼ି ପାଖରେ ଠିଆ ହୋଇ ରହିଲି ସେମାନଙ୍କ ଅପେକ୍ଷାରେ। ଅଳ୍ପ ସମୟ ମଧ୍ୟରେ ସେ ଦୁହେଁ ଆସି ସେଠାରେ ପହଞ୍ଚିଥିଲେ। ସେମାନଙ୍କୁ ଦେଖି ଦୋକାନୀ ବଢ଼ାଇ ଦେଇଥିଲା ଲେଖାସରିଥିବା ସେମାନଙ୍କ ନେମ୍‌ପ୍ଲେଟ୍ ଦୁଇଟିକୁ । ମ୍ୟାଡ଼ାମ ନିଜ ଭ୍ୟାନିଟି ବ୍ୟାଗରୁ ଅବଶିଷ୍ଟ ଟଙ୍କା ବାହାର କରିବାବେଳେ ଝିଅଟି ପୁଣିଥରେ ମାଆ ପାଖକୁ ଲାଗି ଆସି କହିଲା, – ମା' ମୋ ନାମରେ ଗୋଟିଏ ନେମ୍ ପ୍ଲେଟ୍ ଲେଖି ଦିଅ । ମ୍ୟାଡ଼ାମ ଆଉ କିଛି ପ୍ରତିବାଦ ନ କରି ଦୋକାନୀଙ୍କୁ କହିଲେ – 'ଏବେ ସାଙ୍ଗେ ସାଙ୍ଗେ ଆଉ ଗୋଟିଏ ନାମ ଲେଖିହେବ। ଗହଳି ନଥିବାରୁ ଦୋକାନୀ ହଁ କହିଥିଲା ଏବଂ ପୁର୍ନବାର ବଢ଼ାଇ ଦେଇଥିଲା କାଗଜ ଆଉ ପେନ୍‌ସିଲ ନାମ ଲେଖିବା ପାଇଁ । ମ୍ୟାଡ଼ାମ କାଗଜରେ ଝିଅର ନାମ ଲେଖି ବଢ଼ାଇ ଦେବାବେଳେ ଯଦିଓ ମୁଁ ନାମଟିକୁ ସ୍ପଷ୍ଟ ଭାବେ ପଢ଼ି ପାରିନଥିଲି ହେଲେ ଝାପସାରେ ପଢ଼ିଥିଲି । ଯାହା ହେଉ ଦୋକାନୀ କାଗଜ ଖଣ୍ଡିକ ଧରି କହିଥିଲା, ମ୍ୟାଡ଼ାମ 'ତନୁଶ୍ରୀ ଦାସ' ? ବାସ ଏତିକିନା ?" – 'ହଁ' କହିଥିଲେ ମ୍ୟାଡ଼ମ୍ ।

ଝିଅର ରୂପ ଦେଖିଲି । ପାଠପଢ଼ା, ବୟସ ଜାଣିଲି । ଶେଷରେ ନାମ ମଧ୍ୟ ଜାଣିପାରିଲି । ସବୁ କିଛି ଜାଣିବା ପରେ ମୁଁ ଅନୁଭବ କଲି ସତେଯେପରି ଏକ ପ୍ରକାର ଆନନ୍ଦର ବିଦ୍ୟୁତ ପ୍ରବାହ ଶରୀରକୁ ମୋର ରୋମାଞ୍ଚିତ କରିଦେଉଛି । ମୁଁ ମଧ୍ୟ ଦେଖୁଛି ତନୁଶ୍ରୀ ଅଧିକ ସମୟ ମୋ ଆଡ଼େ ଅନାଉଥିବାର । ଯାହା ହେଉ କିଛି ସମୟ ପରେ ମାଆ ଝିଅ ତିନୋଟି ଯାକ ନେମପ୍ଲେଟ ଧରି ଫେରି ଯାଇଥିଲେ ସେଠାରୁ । ମୁଁ ମଧ୍ୟ ଫେରିଆସିଥିଲି। ସେଦିନ ରାତ୍ରିର ଭୋଜନପରେ ଶୋଇବା ସମୟରେ ତନୁଶ୍ରୀ କଥା ଭାବି ଭାବି ମନ ମୋର ବାରମ୍ବାର ରୋମାଞ୍ଚିତ ହୋଇ ଯାଉଥିଲା। ସେଥିପାଇଁ ଭଲ ନିଦ ମଧ୍ୟ ହୋଇନଥିଲା ।

ଦୁଇଦିନ ପରେ ରବିନା ତା ମାମୁଁ ଙ୍କ ଘରୁ ଫେରିଥିଲ। ଦିନେ ସନ୍ଧ୍ୟାରେ ତା ଆଗରେ କହିଥିଲି ଘଟିଯାଇଥିବା ଘଟଣାଟି । କଥାପ୍ରସଙ୍ଗରେ ମୁଁ ତାକୁ କହିଥିଲି ସାଙ୍ଗ ହୋଇ ତନୁଶ୍ରୀ ର ଅନୁସନ୍ଧାନ କରିବା ପାଇଁ । ମୋ କଥା ଶୁଣି ରବିନା ଚୁପ୍ ନ ହୋଇ କହିଥିଲା ଠିକ୍ ଅଛି, ଛୁଟି ଦିନ ଗୁଡ଼ିକର ସନ୍ଧ୍ୟା ସମୟରେ ଏ ଗଳି ସେ ଗଳି ବୁଲିବା । ଦେଖିବା ଯଦି କାହାରି କବାଟରେ ସେ ନେମ୍‌ପ୍ଲେଟ ଟଙ୍ଗା ହୋଇଥିବ ତେବେ ଜାଣିବା ସେଇଟି ତାଙ୍କରି ଘର । ତା'ପରେ ଅନ୍ୟ କଥା । ମୁଁ ତା କଥାରେ ରାଜି ହୋଇଥିଲି। ଯାହା ହେଉ ସେହିଦିନ ଠାରୁ ଆମେ ଦୁହେଁ ଖୋଜିବା ଆରମ୍ଭ କରିଥିଲୁ । ସେଦିନ ଆମ ଚାନ୍ଦିନୀଚୌକର କିଛି ଗଳିରେ ବୁଲିଥିଲୁ। ହେଲେ କେଉଁ କାନ୍ଥ ବା କବାଟରେ ସେ ନେମ୍‌ପ୍ଲେଟର ଟଙ୍ଗା ଯାଇଥିବାର ଚିହ୍ନବର୍ଣ୍ଣ ପାଉନଥିଲୁ । ଶେଷରେ ଫେରିଥିଲୁ ଘରକୁ। ସେଦିନ ପଢ଼ାଘରେ ବସି ପଢ଼ାଆରମ୍ଭ କରିବା ସମୟରେ ହଠାତ୍ ମୋ ବହିର ପୃଷ୍ଠାରେ ପ୍ରତିଫଳିତ ହେବାକୁ ଲାଗିଲା ସେହି ମଧ୍ୟ ଯୌବନା ଝିଅ ତନୁଶ୍ରୀର ମୁହଁଟି । କିଛି ସମୟ ପାଇଁ ସ୍ଥିର ହୋଇଗଲି । ପରେ ଅବଶ୍ୟ ପଢ଼ା ଆରମ୍ଭ କରିଥିଲି।

ବେଶ୍ କିଛି ଦିନ ଏ ଗଳି ସେ ଗଳି ଖୋଜା ଖୋଜିରେ ବିତିଗଲା। ହେଲେ କିଛି ସୁଫଳ ମିଳିଲା ନାହିଁ । ଦିନେ ଦିନେ ସକାଳର ସୂର୍ଯ୍ୟୋଦୟ ଠାରୁ ଆରମ୍ଭ କରି ମଧ୍ୟ ରାତି ପର୍ଯ୍ୟନ୍ତ ଖୋଜିଛୁ । ଏପରି କୌଣସି ଦିନ ନଥିଲା ଯେଉଁ ଦିନ ସେହି ରୂପସୀ ମୋ ମନକୁ ଆକର୍ଷିତ ନ କରିଛି । ଏପରିକି ମୋ ମନରେ ଥିବା ଜିଜ୍ଞାସାର ଅସଫଳତା ପାଇଁ ମୁଁ ବହୁ ବାର ବିବ୍ରତ ହୋଇ ପଡୁଥିଲି । ସେଥିପାଇଁ ତାକୁ ଖୋଜିବାର ପ୍ରଚେଷ୍ଟା ଜାରି ରଖିଥାଏ । ଖୋଜିବାର ପ୍ରୟାସକୁ ମନ ଭିତରେ ରଖି ଦିନେ ମୋ ଚିରାଚରିତ ରାସ୍ତାରେ ସ୍କୁଲରୁ ଘରକୁ ନ ଫେରି ସେଦିନ କାଠଯୋଡ଼ି ନଦୀବନ୍ଧ ରାସ୍ତାରେ ଫେରିଥିଲି । କାହିଁକି କେଜାଣି ଅନ୍ୟ ମନସ୍କ ହୋଇ ସାଇକେଲକୁ ଗଡ଼ାଇ ଦେଇଥିଲି ଭାଷାକୋଷ ଲେନ୍ ରାସ୍ତାରେ । ହଠାତ୍ ଅନତି ଦୂରରେ ମୋତେ ଦୃଶ୍ୟମାନ ହେଲା ସେହି ଝିଅଟି ବହିପତ୍ର ଛାତି ଉପରେ ଜାକି ଚାଲିଚାଲି ଯାଉଥିବାର । ଗଳି ରାସ୍ତା ହୋଇ ଥିବାରୁ ଗାଡ଼ିମଟରର ଏତେଟା ଚଳ ପ୍ରଚଳ ନଥାଏ । ଏପରିକି ଲୋକ ମାନଙ୍କର ଚଳପ୍ରଚଳ ମଧ୍ୟ ଏତେ ନଥାଏ। ସାଇକେଲର ଗତିକୁ ସାମାନ୍ୟ ବଢ଼ାଇ ଦେଇ ମୁଁ ତା ପାଖାପାଖି ପହଁଞ୍ଚିବା ପୂର୍ବରୁ ଦେଖିଲି ସେ ପାଖରେ ଥିବା ଅନ୍ୟ ଏକ ସରୁ ଲେନ୍‌ରେ ପଶି ଗଲା। ନିଜର ଉତ୍କଣ୍ଠାକୁ ସମ୍ବରଣ ନକରି ପାରି ମୁଁ ମଧ୍ୟ ପଶିଗଲି ସେହି ଲେନ୍‌ରେ । ପଛକୁ ଅନାଇ ସେ ମୋତେ ଦେଖିଲା । ତା'ପରେ ସେ ପାଖରେ ଥିବା ଗୋଟିଏ ଏକ ମହଲା କୋଠା ଘରର ବିରାଟ ଏକ ଲୌହ ନିର୍ମିତ ଗେଟ୍ ଖୋଲି ଭିତରକୁ ପଶିଯାଇଥିଲା । ଗେଟ୍ କୁ ବନ୍ଦ କରିବା

ପାଇଁ ପ୍ରୟାସ କଲାବେଳେ ସେ ପୁର୍ନବାର ମୋତେ ଦେଖିଥିଲା । ମୁଁ ମଧ୍ୟ ତାକୁ ଭଲ ରୂପେ ଦେଖିଥିଲି । ଚାରିଚକ୍ଷୁ ଏକାଠି ହୋଇ ଗଲା । ସେ ସାମାନ୍ୟ ସ୍ମିତ ହସ ଟିକେ ହସି ଦେଇ ଚାଲିଯାଇଥିଲା ଘର ଭିତରକୁ । ଦୀର୍ଘନିଶ୍ୱାସ ଛାଡ଼ି ମୁଁ ଫେରିବା ସମୟରେ ମୋର ଦୃଷ୍ଟି ପଡ଼ିଥିଲା ଗେଟ୍‌ରେ ଲାଗିଥିବା ସେହି ଆକାଂକ୍ଷିତ ନେମ୍‌ପ୍ଲେଟ ଦୁଇଟି ଉପରେ, ଇଂଞ୍ଜିନିୟର ରମାବଲ୍ଲଭ ଦାସ ଓ ଅଧ୍ୟାପିକା ପଦ୍ମାଳୟ ଦାସ । ମନ ଖୁସିରେ ତର ତର ହୋଇ ସେଠାରୁ ଘରକୁ ଫେରିଆସିଲି । ସେଦିନ ରାତିରେ ଖାଇ ଦେଇ ଶୋଇବା ବେଳେ ମୁଁ ବ୍ୟାକୁଳ ହେଇ ଖାଲି ଛାତକୁ ଅନାଉଥାଏ। କିଛି ସମୟରେ ମୋ ଉକ୍ରଣ୍ଠାର ଅବସାନ ଘଟିଥିଲା। ପରଦିନ ରବିନାକୁ ସବୁକଥା କହିଥିଲି । ଏଠାରେ କହି ରଖେ, ରବିନା ମୋର ଅତି ଅନ୍ତରଙ୍ଗ ବଂଧୁ । ଏକା କ୍ଲାସ୍‌ରେ ପଢୁ। କଟକ ଚାନ୍ଦିନ୍‌ଚୌକରେ ପାଖା ପାଖି ରହୁ । ହେଲେ ଆମ ଦୁହିଁଙ୍କ ସ୍କୁଲ ଭିନ୍ନ ଥିଲା । ତା'ର ରେଭେନ୍‌ସା କଲିଜିଏଟ ସ୍କୁଲ ଥିଲା ବେଳେ ମୋର ଥିଲା ସେକେଣ୍ଡାରୀ ବୋର୍ଡ ହାଇସ୍କୁଲ।

ଯଦିଓ ମୁଁ ଠିକ୍ ରୂପେ ଜାଣି ନ ଥିଲି ତନୁଶ୍ରୀ କେଉଁ ସ୍କୁଲରେ ପଢୁଛି କିନ୍ତୁ ଅନୁମାନ କରିଥିଲି ସେ ବୋଧ ହୁଏ ଏହି ନିକଟରେ ଥିବାପ୍ରାକ୍ଟିସିଙ୍ଗ ବାଳିକା ବିଦ୍ୟାଳୟରେ ପଢୁଥିବ ।

ତା'ର ରହିବା ସ୍ଥାନ, ତା ନାମ ଏବଂ ପାଠପଢ଼ା ବିଷୟରେ କିଛିଟା ଅବଗତ ହେବା ପରେ ତାକୁ ଦେଖିବା ପାଇଁ ଦିନକୁ ଦିନ ମନରେ ମୋର ଅସୀମ ଜିଜ୍ଞାସା ବଢ଼ିବାକୁ ଲାଗିଲା । ଅନେକ ସମୟ ତା କଥା ଭାବୁଥିଲି । ଏଇ ଦୁଇଦିନ ହେବ ସ୍କୁଲ ଛୁଟି ପରେ କିଛି ସମୟ ଏକ୍ସଟ୍ରା କ୍ଲାସ ଥିବାରୁ ଠିକ୍ ସମୟରେ ମୁଁ ସ୍କୁଲରୁ ଫେରୁନଥିଲି । ଦେଖା ନହେବା ଜାଣି ଦୁଇଦିନ ହେବ ମୁଁ ମଧ୍ୟ ସେହି ରାସ୍ତାରେ ଆସିନଥିଲି । ଆଜି କିନ୍ତୁ ଦେଖା ହେବାର ପୂର୍ଣ୍ଣ ଆଶା ନେଇ ମୁଁ ସ୍କୁଲରୁ ଫେରିଥିଲି କିନ୍ତୁ ଦୁର୍ଯୋଗକୁ ତା ସହିତ ସାକ୍ଷାତ ହେଲା ନାହିଁ । ମନରେ ଦୁଃଖ ନେଇ ଫେରିଥିଲି ଘରକୁ । ତାପର ଠାରୁ ଲଗାତାର ଛଅଦିନ ପର୍ଯ୍ୟନ୍ତ ମୁଁ ସେ ରାସ୍ତାରେ ଆସି ନଥିଲି । କାରଣ ଆମର ଟେଷ୍ଟ ପରୀକ୍ଷା ଆରମ୍ଭ ହୋଇଯାଇଥିଲା ଏବଂ ବାହାରେ ନ ବୁଲି ରିତିମତ ଘରେ ରହି ପଢିବା ପାଇଁ ତାଗିଦ କରିଥିଲେ ପରିବାରର ଲୋକ।

ପରୀକ୍ଷା ଶେଷ ହୋଇଯାଇଥାଏ । ସମୟ ଅପରାହ୍ନ ୫ଟା। ମୁଁ ଘରକୁ ଫେରି ଜଳଖିଆ ଖାଇ ବାହାରିଗଲି ରବିନାର ଘରକୁ ଓ ସେଠାରୁ ସାଙ୍ଗ ହୋଇ ଆମ୍ଭେ ଦୁହେଁ ବାହାରି ପଡ଼ିଲୁ କାଠଯୋଡ଼ି ନଦୀବନ୍ଧ ଆଡ଼େ। ବନ୍ଧ ଉପରେ ସାଇକେଲ ଚଢି ଯାଉଥାଉ । ମୋ ମନରେ ଆଶା ଥାଏ ତନୁଶ୍ରୀ ସହିତ ଆଜି ନିଶ୍ଚିତ ଦେଖା ହେବ । ହଠାତ୍ ଆମ ସମ୍ମୁଖ ଆଡୁ ତନୁଶ୍ରୀ ତା'ର ଏକ ସାଙ୍ଗ ସହିତ ଚାଲି ଚାଲି ଆସୁଥିବାର ଦେଖିଲି । ଆମେ ଦୁହେଁ ସେ ଦୁହିଁଙ୍କ ଅଗୋଚରରେ ସାଇକେଲରୁ ଓହ୍ଲାଇ ପଡ଼ି ଚାଲି ଚାଲି ଯାଉଥିଲୁ ଓ ରବିନାକୁ ମୁଁ ଇଙ୍ଗିତରେ ଚିହ୍ନାଇ ଦେଇଥିଲି ତନୁଶ୍ରୀକୁ । ସେ ଦୁହେଁ କିନ୍ତୁ ତଳକୁ ମୁହଁ କରି ଚାଲିଥାଆନ୍ତି । ଏପରି ଏକ ସ୍ଥାନ ପଡ଼ିଲା ଯେ ଆମେ ସମସ୍ତେ ସାମ୍ନା ସାମ୍ନି ହୋଇଗଲୁ । ମୋତେ ଦେଖି ସେ ସାମାନ୍ୟ ହସିଥିଲା।

ଇଚ୍ଛା ହେଉଥିଲା ତା ନାମ ଧରି ଡ଼ାକିବା ପାଇଁ । ହେଲେ ସାହସ ହେଲାନି । ଡ଼ର ବି ଲାଗିଲା । ସେମାନେ ଆମକୁ ଅତିକ୍ରମ କରିବା ପରେ ସେଠାରେ ପଡ଼ିଥିବା ଏକ ସିମେଣ୍ଟ ବେଞ୍ଚରେ ରବିନା ଓ ମୁଁ ବସିଥିଲୁ ।

ତନୁଶ୍ରୀକୁ ନେଇ ରବିନା ଓ ମୁଁ କିଛିଟା କଥା ହେଉ ଥାଉ । ଏମିତି କଥାବାର୍ତ୍ତା ହେଉଥିବା ବେଳେ ମୁଁ ଦେଖିଲି ସେ ଦୁହେଁ ଲେଉଟି ପୁଣି ଆମ ଆଡ଼େ ଆସୁଥାଆନ୍ତି । ସେମାନଙ୍କ ଫେରିବା ସ୍ଥିତିକୁ ନେଇ ମନରେ ମୋର କିଛିଟା ଉଭଟ ଚିନ୍ତା ସୃଷ୍ଟି ହୋଇଥିଲା । ବୁଲି ଦେଖେତ ରବିନା ବସିବା ସ୍ଥାନରୁ ଉଠି ଯାଇ କିଛି ଦୂରରେ ଥିବା ଝାଲମୁଢ଼ି ବିକୁଥିବା ଏକ ଠେଲାଗାଡ଼ି ଦୋକାନୀ ପାଖରେ ଠିଆ ହୋଇଛି। ବୋଧ ହୁଏ ଝାଲମୁଢ଼ି ଆଣିବା ପାଇ ସେ ଯାଇଥିବା ଭାବିଥିଲି । ଠିକ୍ ଏହି ସମୟରେ ମୁଁ ଲକ୍ଷ କଲି ତନୁଶ୍ରୀ ମଧ୍ୟ ଆସି ମୋ ସାମ୍ନାରେ ଚୁପ୍‌ହୋଇ ଠିଆହୋଇଛି ଏପରିକି ସାଙ୍ଗରେ ତା'ର ଆସି ଥିବା ଝିଅଟି ମଧ୍ୟ ତା ସହିତ ନଥିଲା । ତାକୁ ଏକୁଟିଆପୁଣି ମୋ ପାଖରେ ଦେଖି ମୁଁ ବସିବା ସ୍ଥାନରୁ ଉଠିପଡିଲି । ମୁଁ ଅନୁଭବ କଲି ତା ନାସାରନ୍ଧ୍ରରୁ ନିର୍ଗତ ହୋଉଥାଏ ପ୍ରଖର ଓ ଉଷ୍ମ ନିଃଶ୍ୱାସ। ସେହି ଉଷ୍ମ ନିଃଶ୍ୱାସ ମୋ ଦେହରେ ବାଜିବାରୁ କ୍ଷଣକ ପାଇଁ ମୋ ଦେହରେ ଖେଳି ଯାଇଥିଲା ଅସହ୍ୟ ଶିହରଣ । କାହିଁକି ନା ଏହା ପୂର୍ବରୁ ମୋ ଜୀବନ ପରିଧି ଭିତରକୁ କେହି ଝିଅ ଆସିନଥିଲେ । ସେହି ସମୟରେ ଆମ ପାଖା ପାଖି କାହାରି ଚଳ ପ୍ରଚଳ ନଥିଲା । ଏକ ସୁଯୋଗକୁ ହାତଛଡ଼ା କରିବାକୁ ନଦେଇ ମୁଁ ପଚାରି ଦେଲି – 'ତନୁଶ୍ରୀ ତୁମେ କେଉଁ ସ୍କୁଲରେ ପଢୁଛ" ? ଓଠରେ ସ୍ମିତ ହସଟିଏ ଫୁଟାଇ ସେ କହିଲା, – ଏହା ମଧ୍ୟରେ ମୋ ନାମଟା ମଧ୍ୟ ଜାଣି ସାରିଲଣି । କିପରି ଜାଣିଲ ଆଗ କୁହ। ତାପରେ ମୁଁ କହିବି । ତନୁଶ୍ରୀର ଏଇ ପଦିଏ କଥାରେ ମୁଁ ଆତ୍ମତୃପ୍ତି ପାଇଥିଲି।

ତେଣୁ ତା'ର ଆବେଗ ପ୍ରଚ୍ଛାଦିତ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ମୁଁ କହିଲି – କହିବି, ହେଲେ ଯଦି ତୁମ ସାଙ୍ଗ ଫେରିଆସେ ?

– ନା, ସେ ଏବେ ଆସିନି । କୁହ ।

ମୁଁ ଦେଖିଛି ଅସରନ୍ତି ଆବେଗ ସତେ ଯେପରି ତାକୁ କାବୁ କରିଛି। ମୁଁ ମଧ୍ୟ ପୁଣି ଥରେ ଆତ୍ମତୃପ୍ତି ପାଇ ବାନ୍ଧି ହୋଇପଡ଼ିଲି ତା କଥାରେ ଏବଂ କହିଲି, – ତୁମର କ'ଣ ମନେ ନାହିଁ ସେଦିନ ବାଲିଯାତ୍ରାରେ ନେମ୍‌ପ୍ଲେଟ ଲେଖା ହେବା ସମୟର କଥା । ସେହିଠାରୁ ତୁମ ନାମ ଜାଣିଥିଲି । ସେ ହସିଥିଲା ।

– ଏବେ ତୁମ ନାମଟି କୁହ । ପୁଣି ପଚାରିଥିଲା ତନୁଶ୍ରୀ । ମନରେ ଅନେକ ଭାବନା ଉଦ୍ରେକ ହେଉଥିବାରୁ ବ୍ୟଗ୍ର ହୋଇ ମୁଁ କହିଦେଲି, ମୋ ନାମ ସମୀର କୁମାର ପ୍ରଟ୍ଟନାୟକ। ସନ୍ଧ୍ୟା ହୋଇ ଆସୁଥିବାରୁ ରାସ୍ତାର ବିଜୁଳି ବତି ସବୁ ଜଳି ଉଠିଗଲା। ଏଣେ ଦେଖେତ କିଛି ଦୂରରେ ତା ସାଙ୍ଗ ଝିଅଟି ଫେରୁଥାଏ । ତେଣୁ ସେ ତରତର ହୋଇ କହିଲା – ଅନ୍ଧାର ହୋଇ ଆସିଲାଣି ଏବଂ ମୋ ସାଙ୍ଗ ମଧ୍ୟ ଫେରିଲାଣି । ଆସନ୍ତାକାଲି ତୁମେ ଅପରାହ୍ନ ପାଞ୍ଚଟା ବେଳେ ଆମ ଘର ପାଖ ରାସ୍ତାର କଣ ମୁଣ୍ଡରେ ଥିବା କ୍ୟାବିନ୍ ଦୋକାନପାଖକୁ ଆସିବ । ସେଠାରେ କଥାବାର୍ତ୍ତା ହେବା ଓ ସବୁ କହିବି । ଏହି ସମୟରେ ତା ସାଙ୍ଗ ଆସି ପହଁଞ୍ଚିଥିଲା। ଦୁହେଁ ମୋ ପାଖରୁ ଚାଲି ଯାଇଥିଲେ । ତା' କଥା ଶୁଣିବା କ୍ଷଣୀ ମୋ ଭିତରେ ଖେଳି ଯାଇଥିଲା ଏକ ପ୍ରକାର ଚମକ।

ସେ ଦୁହେଁ ଯିବାର କିଛି ସମୟ ପରେ ରବିନା ହାତରେ ଝାଲମୁଢ଼ି ଦୁଇଟି ଠୁଙ୍ଗାଧରି ଫେରିଥିଲା । ଦୁହେଁ ସେହିଠାରେ ବସି ମୁଢ଼ି ଖାଇ ଫେରିଥିଲୁ।

ମୁଁ ଜାଣିଥିଲି ଦୁଃସାହସିକତା ବିନା ପ୍ରେମ ସଫଳ ହୁଏ ନାହିଁ । ହେଲେ ଏ ବୟସର ଝିଅ ପକ୍ଷେ ତାହା ଯେ ବାସ୍ତବ ମୁଁ ଭାବିନଥିଲି । ଯାହାହେଉ

ସେଦିନ ତନୁଶ୍ରୀ ସହିତ ଗପ ସପ ପରେ ମୋ ଭିତରେ ଘନୀଭୂତ ହୋଇଥିଲା ଏକ ନିରୋଳା ଆବେଗ । ଏପରିକି ତା'ର ଗୌରବର୍ଣ୍ଣ ଶରୀର ସହିତ ସର୍ପିଳ ଘନ କେଶ ରାଶି ମୋ ମନରେ ତା ସହିତ ଗପସପ ଠାରୁ ଆହୁରି ଅଧିକା ଘନିଭୂତ କରିଥିଲା।

ତା' ସହିତ ବିତାଇଥିବା ସେହି ମୁହୂର୍ତ୍ତଗୁଡ଼ିକ ମୋ ପାଇଁ ଥିଲା ଏମିତି ଏକ ଅକୁହା ଅନୁଭୂତି ଯାହାକି ମନେ ପଡିଲେ ଆପେ ଆପେ ମନରେ ସୃଷ୍ଟି ହେଉଥିଲା ତା' ପ୍ରତି ଅନୁରାଗ। ମୁଁ କଳ୍ପନା କରିପାରିନଥିଲି ଏତେ ସହଜରେ ମୁଁ ତା' ହୃଦୟକୁ ସ୍ପର୍ଶ କରିପାରିବି ବୋଲି। ଯାହାହେଉ ରାତିରେ ଖାଇ ଶୋଇବା ପାଇଁ ପ୍ରସ୍ତୁତ ହୋଇ ଲାଇଟ୍ ବନ୍ଦ କରି ଶୋଇବା ସମୟରେ ତା'ର ସେହି ପଦକ କଥା - କାଲି କଥାବାର୍ତ୍ତା ହେବା, ମୁଁ ସବୁ କହିବି, ବାରମ୍ବାର ମୋ କାନ ପାଖରେ ପ୍ରତିଧ୍ୱନିତ ହେବାକୁ ଲାଗିଲା। ଭାବିନେଲି ବୋଧହୁଏ ଏହା ପ୍ରେମର ପ୍ରାକ୍ ଲକ୍ଷଣ। ଯାହାହେଉ କିଛି ସମୟ ପରେ ଶୋଇଯାଇଥିଲି।

ତା'ର ଆକର୍ଷଣ ପାଇଁ ପରଦିନ ସ୍କୁଲ ଛୁଟି ପରେ ମୁଁ ଫେରିଥିଲି ସେହି ନଦୀକୂଳ ରାସ୍ତାରେ। ଗଳି ମୁଣ୍ଡରେ ଥିବା ଦୋକାନ ପାଖରେ ତାକୁ ଅପେକ୍ଷା କରି ଠିଆ ହୋଇଥାଏ। ଦୋକାନ ମଧ୍ୟ ବନ୍ଦ ଥାଏ। କିଛି ସମୟ ପରେ ଦେଖିଲି ତନୁଶ୍ରୀ ନିଜ ଘରର ଗେଟ୍ ଫିଟାଇ ପଦାକୁ ଆସିଲା।

ତା'ର ସେହି ଧୀର ଚାଲି ସହିତ ସୁଠାମ ଚେହେରାକୁ ମୁଁ ଅନାଇ ସେମିତି ଠିଆ ହୋଇଥାଏ। ପାଖକୁ ଆସିଲା ସେ। ତଳକୁ ମୁହଁପୋତି ଠିଆ ହେଲା। ସେଦିନ ସେ ପିନ୍ଧିଥିଲା ସବୁଜ ଓ ଧଳା ରଙ୍ଗ ମିଶା ଏକ ପ୍ରକାର ଗାଉନ୍। ଆମ ଭିତରେ ଦୂରତ୍ୱର ବ୍ୟବଧାନ ବିଶେଷ ନଥିଲା। ଟିକିଏ ସମୟ ନୀରବତା ପରେ ତଳୁ ମୁହଁ ଉଠାଇ ସେ ସ୍ମିତ ହସଟିଏ ହସି କୋମଳ ସ୍ୱରରେ କହିଲା- "ସ୍କୁଲରୁ ଫେରି ଛାତ ଉପରେ ଠିଆ ହୋଇଥିଲି ତୁମରି ଅପେକ୍ଷାରେ। ତୁମକୁ ଦେଖିବା କ୍ଷଣି ପଳାଇ ଆସିଲି।"

ଟିକିଏ ଆଗରୁ ମୋ ମନରେ ଉପୁଜିଥିବା ସନ୍ଦେହ, ମୋ ଆସିବା ସେ କିପରି ଜାଣିଲା, କ୍ଷଣିକରେ ଦୂରୀଭୂତ ହୋଇଥିଲା। ହଠାତ୍ ମୋ ଭାବନାରେ ବାଧା ଦେଇ ସେ ପୁଣି କହିଲା, ଆରେ ଆରେ କ'ଣ ଭାବୁଛ ? କିଛି କହିବ ନାହିଁ ?

ପ୍ରକୃତିସ୍ଥ ହେଲି। ପୁଣି ଥରେ ତା' ମୁହଁକୁ ଚାହିଁଲି। ତା' ମୁହଁରେ ଲେସ୍ ମାତ୍ର ବିଷର୍ଣ୍ଣତାର ଚିହ୍ନ ଦେଖିନଥିଲି। ଟିକିଏ ଆଶ୍ୱସ୍ତ ହୋଇ ଏଣେତେଣେ ଚାହିଁ ପଚାରିଲି- ଏବେ ଘରେ କ'ଣ କେହି ନାହାନ୍ତି।

- ନା' ଏବେ ବାପା ମାଆ ଦୁହେଁ ମାମୁଁ ଘରକୁ ଯାଇଛନ୍ତି। ଫେରୁ ଫେରୁ ରାତି ନଅଟା ହେବ। ମୋତେ ସାଙ୍ଗରେ ଯିବାକୁ କହୁଥିଲେ ହେଲେ ତୁମକୁ କଥା ଦେଇଥିବାରୁ ମୁଁ ଗଲିନାହିଁ। ଘରେ ଅବଶ୍ୟ ଆମ ମେଡ୍ ସରଭେଣ୍ଟ ଅଛି। ସେ ରୋଷେଇରେ ବ୍ୟସ୍ତ ଥିବାରୁ ମୁଁ ଏଠାକୁ ଚାଲିଆସିଲି।

ତା' କଥା ଶୁଣି ମୁଁ ପ୍ରଥମେ ଟିକେ କାବା ହୋଇଯାଇଥିଲି କିନ୍ତୁ ପରମୁହୂର୍ତ୍ତରେ ମନରୁ ମୋର ଭୟ, ଶଙ୍କା ଓ ଉଦ୍‌ବିଗ୍ନତା କ୍ଷଣିକ ଭିତରେ। ଅପସରିଯାଇଥିଲା। ଆଜି ତା' ସହିତ ସାକ୍ଷାତ ଓ କଥାବାର୍ତ୍ତା ମୋତେ ଟାଣି ନେଇଥିଲା ପ୍ରେମର ଭାବାବେଶ ଭିତରକୁ ସେହି ଭାବାବେଶ ଭିତରୁ ବାହାରି ଆସି କହିଲି, "ତନୁଶ୍ରୀ, ମୋର ମାଟ୍ରିକ୍‌ର ଶେଷ ପରୀକ୍ଷା ଥିବାରୁ ଏବେ ଠାରୁ ପନ୍ଦର କୋଡିଏ ଦିନ ଆଉ ଦେଖା ସାକ୍ଷାତ ନହୋଇପାରେ।"

ଏକ ଦୀର୍ଘ ନିଃଶ୍ୱାସ ଛାଡ଼ି ତନୁଶ୍ରୀ କହିଲା, ଠିକ୍ ଅଛି। ପରୀକ୍ଷା ପରେ ପୁଣି ଦେଖା ହେବ। କିଛି ସମୟ ଏଣୁ ତେଣୁ ଗପସପ ପରେ ସେ କହିଲା, ଦେଖ ଗପସପରେ ଅନେକ ସମୟ ବିତିଗଲାଣି। ଏବେ ତୁମେ ଫେରିଯାଅ। କାଳେ ବାପା ମାଆ ଫେରିଆସିବେ।

ଠିକ୍ ଅଛି କହି ମୁଁ ଫେରିଆସିଥିଲି ସେଠାରୁ।

ପରୀକ୍ଷା ଶେଷ ହେଲା। ପରୀକ୍ଷା ଫଳ ଉପରେ ମୋର ଆତ୍ମ ସନ୍ତୋଷ ଥିବାରୁ ମନଟା ଖୁସିଥାଏ। କିଛିଦିନ ହେବ ତନୁଶ୍ରୀ ସହିତ ଦେଖା ନହେବା, ମୋତେ ଲାଗୁଥିଲା ସତେ ଯେପରି ଗୋଟିଏ ଯୁଗ ବିତିଯାଇଛି। ତେଣୁ ଆଶା ରଖି ପରୀକ୍ଷା ଶେଷ ହେବା ପରେ ସେହି ରାସ୍ତା ଦେଇ ଫେରୁଥିଲି ଯେଉଁ ରାସ୍ତା ଦେଇ ସେ ଘରୁ ଯାଏ। ହଠାତ୍ ତା' ସହିତ ସାକ୍ଷାତ ହୋଇଥିଲା। କିଛିଦିନ ଅନ୍ତରରେ ପୁନଃରାୟ ଦେଖା ହେବାଟା ମୋତେ ବହୁତ ଖୁସି ଦେଇଥିଲା। ସେ ମଧ୍ୟ ମୋତେ ଦେଖି ଅଟକି ଯାଇଥିଲା। ସେ ଏକ ନିରୋଳା ସ୍ଥାନରେ ଠିଆ ହୋଇଥିବା ବେଳେ ମୁଁ ତା' ପାଖରେ ପହଞ୍ଚିଥିଲି। ଓଠରେ ତା'ର ସ୍ମିତ ହସ ଦେଖି ମୁଁ ଅନୁଭବ କଲି ସତେ ଯେପରି ତା' ଉତ୍କଣ୍ଠିତ ପ୍ରତୀକ୍ଷାର ଅବଶେଷ ହୋଇଛି। ତା' ପାଖରେ ଠିଆ ହେଲି। ପ୍ରଥମେ ମୋତେ ସେ ତା'ର କୋମଳ ସ୍ୱରରେ ପଚାରିଲା, ପରୀକ୍ଷା କିପରି ହୋଇଛି ? ଭଲ ହୋଇଛି। ସେ ଖୁସି ହୋଇ ସେ ପୁଣି କହିଲା ତେବେ ଏଥରକ ସବୁଦିନ ଦେଖା ହୋଇପାରି ?

- ନିଶ୍ଚୟ।

ସନ୍ଧ୍ୟା ହୋଇଆସୁଥିବାରୁ ଘରକୁ ଫେରିଯିବା ପାଇଁ ସେ କହିଥିଲା ଏବଂ ସେ ଫରିଯାଇଥିଲା। ମୁଁ ମଧ୍ୟ ଫେରିଆସିଥିଲି ଘରକୁ।

ତା'ପର ଠାରୁ ଆମ ଦୁହିଁଙ୍କ ମଧ୍ୟରେ ଦେଖା ସାକ୍ଷାତ ବଢିଚାଲିଲା। ଏପରିକି ଅନେକଥର ଲୁଚି ଲୁଚି ଆମେ ଦୁହେଁ ସନ୍ଧ୍ୟାକୁ ଅତିକ୍ରାନ୍ତ କରି କାଠଯୋଡ଼ି ନଦୀର ଶୀର୍ଣ୍ଣ ଜଳଧାରା ପାଖରେ ଥିବା ବାଲି ଗଦା ଉପରେ ବସି ଗପିଚୁ। ହେଲେ କାହାରି ପାଟିରୁ ଥରୁଟିଏ ମଧ୍ୟ ବାହାରି ନଥିଲା, 'ଆଇ ଲଭ୍ ୟୁ'।

ପୁଷ ମାସର ଏକ ସନ୍ଧ୍ୟା। ସେଦିନ ମୋର ପରୀକ୍ଷା ଫଳ ପ୍ରକାଶ ହୋଇଥାଏ। ମୁଁ ପ୍ରଥମ ଶ୍ରେଣୀରେ ପାସ୍ କରିଥିବାରୁ ଘରେ ସମସ୍ତଙ୍କ ମନ ଖୁସିଥାଏ। ଏପରିକି ମୁଁ ମଧ୍ୟ ସମୟ ଅପେକ୍ଷାରେ ଥାଏ କେତେବେଳେ ସନ୍ଧ୍ୟା ଆସିବ। ମୁଁ ବାହାରିଯିବି ନଦୀକୂଳକୁ। ତନୁଶ୍ରୀ ସହିତ ସାକ୍ଷାତ ହେବ ଏବଂ ମୁଁ ମୋର ପରୀକ୍ଷା ଫଳ କଥା କହିବି। ସେ ନିଶ୍ଚୟ ଖୁସି ହେବ। ବାହାରେ ଶୀତ ଥାଏ। ସେଦିନ ତନୁଶ୍ରୀ ଗୋଟିଏ କାର୍ଡିଗନ୍ ପିନ୍ଧି ମୁଣ୍ଡରେ ସ୍କାର୍ଫ ଗୁଡ଼ାଇ ନଦୀ କୂଳର ସେହି ସ୍ଥାନରେ ମୋ ଅପେକ୍ଷାରେ ଥାଏ। ମୁଁ ସାଇକେଲ ଚଢି ତା'ରି ପାଖ ଦେଇ ପାସ୍ କରିଗଲି ହେଲେ ପ୍ରଥମେ ଚିହ୍ନିପାରିଲି ନାହିଁ। ଯାହାହେଉ ପରେ ଜାଣିପାରି ଫେରିଆସିଥିଲି।

ତା' ପାଖରେ ପହଞ୍ଚିଲା ପରେ ସେ ମୋ ପାଖକୁ ଘୁଞ୍ଚି ଆସି କହିଲା - "କ'ଣ ଚିହ୍ନିପାରିଲ ନାହିଁ ? ମୁଁ ମନେ ମନେ ଲଜ୍ଜିତ ହେଲି। ପରେ କିନ୍ତୁ ହସି ଦେଇ କହିଲି - ସାମାନ୍ୟ ଟିକେ ବ୍ୟତିକ୍ରମ ହୋଇଗଲା। ମୋର ପ୍ରଥମ ଶ୍ରେଣୀ ପାଶ୍ ହେବା ଖବର ଶୁଣି ସେ ବହୁତ ଖୁସି ହୋଇ କହିଲା, ଏବେ କଲେଜରେ ପଢିବ। ଅନେକ ଝିଅଙ୍କ ସଂସ୍ପର୍ଶରେ ଆସିବ। ମୋତେ ଭୁଲିଯିବନି ତ ? ପ୍ରଥମଥର ପାଇଁ ସେ ଦିନ ପରୋକ୍ଷରେ ଜାଣିପାରିଥିଲି ସେ ମୋତେ

ଭଲ ପାଉଛି ବୋଲି। ତେଣୁ ହସିଦେଇ କହିଲି, ମୋ ପ୍ରତି କ'ଣ ବିଶ୍ୱାସ ନାହିଁ ? ସେ ମଧ୍ୟ ହସିଥିଲା। ନଦୀ ଆଡୁ ଅନ୍ଧାର ମାଡି ଆସୁଥାଏ। ଘରକୁ ଫେରିବା ପାଇଁ ତରତର ହୋଇ ସେ କହିଲା ମୁଁ ଏବେ ଘରକୁ ଯାଉଛି ଏବଂ ଯିବାବେଳେ ମୋ ହାତକୁ ବଢାଇ ଦେଇଥିଲା ଚାରି ଭାଙ୍ଗ ଥିବା ଖଣ୍ଡେ କାଗଜ। ଅନୁମାନ କରିଥିଲି ତା' ବୋଧହୁଏ ପ୍ରଥମ ପ୍ରେମପତ୍ର। ସେତେବେଳେ ସେ ମୋ ଠାରୁ ଅନେକ ଦୂରକୁ ଚାଲିଯାଇଥାଏ। ସେହି ଚିଠି ଖଣ୍ଡକୁ ପକେଟରେ ପୁରାଇ ଫେରିଆସିଥିଲି ଘରକୁ। ରାତିରେ ସେହି ଚିଠି ପଢିଥିଲି। ବାସ୍ତବିକ ତା' ଥିଲା ପ୍ରେମଚିଠି।

କିଛିଦିନ ପରେ ତା'ର ମଧ୍ୟ ମାଟ୍ରିକ୍ ପରୀକ୍ଷା ଆରମ୍ଭ ହେଲା। ସେଥିପାଇଁ ତା' ସହିତ ବିଶେଷ ଭାବେ ସାକ୍ଷାତ ହୋଇପାରିଲା ନାହିଁ। ପରୀକ୍ଷା ଶେଷ ହେଲା। କିଛିଦିନ ପରେ ତା'ର ମଧ୍ୟ ଫଳ ବାହାରିଲା ଏବଂ ସେ ପ୍ରଥମ ଶ୍ରେଣୀର ପାଶ୍ କରିଥିଲା। ପରେ ସେ ମଧ୍ୟ ଆମରି କଲେଜରେ ନାମ ଲେଖାଇଥିଲା। ମୋର ଆଇ.ଏସ୍‌ସି ଶେଷ ବର୍ଷ ବେଳେ ତା'ର ପ୍ରଥମ ବର୍ଷ। ବୁଲାବୁଲି ସହିତ ସମୟ ସୁବିଧା ଦେଖି ଦୁହେଁ ସିନେମା ମଧ୍ୟ ଦେଖୁଥିଲୁ। ଏମିତି ବର୍ଷଟିଏ ବିତିଗଲା। ମୋର ଆଇ.ଏସ୍‌ସି ପାଶ୍ ପରେ ମେଡ଼ିକାଲରେ ପଢିବା ପାଇଁ ବୁର୍ଲା ଚାଲିଗଲି। ସେ କିନ୍ତୁ ଜିଓଲୋଜି ଅନର୍ସ ସହିତ ସେହି କଲେଜରେ ପଢିଥିଲା ଏବଂ ପରେ ସେ ସେହି ବିଷୟରେ ପିଜି କରିଥିଲା। ସେ ପର୍ଯ୍ୟନ୍ତ ଆମ ଦୁହିଁଙ୍କ ଭିତରେ ଭଲପାଇବାର ଆବେଗ ଅନେକ ମାତ୍ରାରେ ବୃଦ୍ଧି ପାଇସାରିଥାଏ। ଏପରିକି ଦୁହେଁ ଦୁହିଁଙ୍କୁ କଥାଦେଇ ସାରିଥିଲୁ ବିବାହ ପାଇଁ। ଆମ ଭଲ ପାଇବା ଆମ ଭିତରେ ସୀମିତ ନଥିଲା ବରଂ ଦୁଇ ପରିବାର ମଧ୍ୟରେ ଜଣାଶୁଣା ହୋଇସାରିଥିଲା। ଯେଉଁଥିପାଇଁ ଆମ ଦୁହିଁଙ୍କ ବିବାହ ପାଇଁ କୌଣସି ପ୍ରତିବନ୍ଧକ ସୃଷ୍ଟି ହୋଇନଥିଲା।

ଯାହାହେଉ ମୋର ହାଉସ୍‌ମେନ୍ ସିପ୍ ଶେଷ ହେବା ପରେ ମୋର ଆସିଷ୍ଟାଣ୍ଟ ସର୍ଜନ ରୂପେ ଏସ୍.ସି.ବି ମେଡ଼ିକାଲ କଲେଜରେ ପୋଷ୍ଟିଙ୍ଗ ହୋଇଥିଲା ଏବଂ ସେତେବେଳେ ତନୁଶ୍ରୀ ର ମଧ୍ୟ ପି.ଜି ଶେଷ ବର୍ଷ ହୋଇଥାଏ। ଏହି ସମୟରେ ମୁଁ ଦୁଇବର୍ଷ ପାଇଁ ସାଇକ୍ରିଟିଷ୍ଟରେ ରିସର୍ଚ୍ଚ ଫେଲୋସିପ୍ ପାଇ ଆମେରିକା ଯିବା ସ୍ଥିର ହୋଇଥିଲା। ରାଜ୍ୟ ସରକାର ମଧ୍ୟ ଅନୁମତି ଦେଇସାରିଥିଲେ।

ଯାହାହେଉ ଆମେରିକା ଯିବା ପୂର୍ବଦିନ ଆମେ ଦୁହେଁ ପୁରୀ ଯାଇଥିଲୁ। ମହାପ୍ରଭୁଙ୍କ ଦର୍ଶନ ପରେ ସମୁଦ୍ରକୂଳରେ ବୁଲାବୁଲି କଲୁ। ଅସ୍ତଗାମୀ ସୂର୍ଯ୍ୟଙ୍କ ନରମ ଆଲୋକରେ ଗପସପ କରି ଆମେ ଦୁହେଁ ବେଳାଭୂମି ଉପରେ ଚାଲୁଥାଉ। ଏତିକି ବେଳେ ତନୁଶ୍ରୀ ଆଡ଼େ ଚାହିଁ ମୁଁ କହିଲି – ବୁଝିଲ ତନୁଶ୍ରୀ, ତୁମ ରୂପକୁ ଯିଏ ଦେଖି ସେ ସେହିଠାରେ ମୂକ ହୋଇଯିବ। ମୋ କଥା ଶୁଣି ସେ ଲାଜେଇ ଯାଇ ମୋ ପିଠିକୁ ଚିମୁଟି ଦେଇ ସେ କହିଲା – ଯା, ତମେ ଭାରି ଦୁଷ୍ଟ। ଏତେଟା ପ୍ରଶଂସା କରିବା ଦରକାର ନାହିଁ। ପ୍ରଥମଥର ଲାଗି ତା'ର ସେହି ସ୍ପର୍ଶ ମୋ ଦେହରେ ଖେଳେଇ ଦେଇଥିଲା ପ୍ରେମର ବାସ୍ନା। ମୁଁ ଅସ୍ଥିର ମନରେ ଥିବାବେଳେ ଦଲକାଏ ଥଣ୍ଡା ପବନ ମୋ ଦେହକୁ ଛୁଇଁବାରୁ ମୁଁ ସ୍ଥିର ହୋଇଯାଇଥିଲି। ତା'ପରେ କିଛି ସମୟ ସେଠାରେ କଟାଇ ଫେରିଆସିଥିଲୁ ଘରକୁ।

ଫେରୁଥିଲାବେଳେ ବାଟରେ ମୁଁ କହିଲି – ତମେ ତ ଜାଣିଛ ତନୁ ମୁଁ କାଲି ଆମେରିକା ଯିବା ବିଷୟରେ।

– କେତେବେଳେ ଯାଉଛ ?

– ଅପରାହ୍ନ ଦୁଇଟା ସମୟରେ ଫ୍ଲାଇଟ୍ ଛାଡ଼ିବ। ସେଥିପାଇଁ ମୋତେ ଏକ ଘଣ୍ଟା ଆଗରୁ ଏୟାରପୋର୍ଟରେ ପହଞ୍ଚିବାକୁ ପଡ଼ିବ।

ଏକା ଭୁବନେଶ୍ୱରକୁ ଯାଉଛ ନା ଘରୁ କେହି ଯାଉଛନ୍ତି ?

ମୁଁ ଜାଣିଥିଲି ତା'ର ମନଭାବ। ସେଥିପାଇଁ କହିଲି, ହଁ ବାପା ବୋଉ ଓ ଭାଇ ଭାଉଜ ମୋ ସହିତ ଯିବେ। ତମେ ତ ଯାଇପାରିବ ନାହିଁ। ସେଥିପାଇଁ ମୁଁ ଠିକ୍ କରିଛି କାଲି ସକାଳେ ଆଠଟା ବେଳକୁ ତୁମେ ଯଦି ଚଣ୍ଡୀ ମନ୍ଦିରକୁ ଆସିଯାଆନ୍ତ ତେବେ ଠାକୁର ଦେଖା ହୁଅନ୍ତା ଏବଂ ତୁମ ସହିତ ସାକ୍ଷାତ ହୁଅନ୍ତା।

ମୋ ପ୍ରସ୍ତାବରେ ସେ ରାଜି ହୋଇ କହିଥିଲା – ଠିକ୍ ଅଛି। ମୁଁ ଠିକ୍ ସମୟରେ ସେଠାରେ ପହଞ୍ଚିବି।

କିଛି ସମୟ ପରେ ଆମେ ଦୁହେଁ କଟକରେ ପହଞ୍ଚିଥିଲୁ। ତନୁଶ୍ରୀକୁ ତାଙ୍କ ଘର ପାଖରେ ଛାଡ଼ିଦେଇ ମୁଁ ଫେରିଆସିଥିଲି ଘରକୁ।

ପରଦିନ ସକାଳ ଆଠଟା ପୂର୍ବରୁ ମୁଁ ମୋର ଦୈନନ୍ଦିନ କାର୍ଯ୍ୟ ଶେଷ କରି ବାହାରିଯାଇଥିଲି ଚଣ୍ଡୀମନ୍ଦିରକୁ। ପହଞ୍ଚି ଦେଖେତ ସେ ମନ୍ଦିର ପାଖରେ ଠିଆ ହୋଇଥାଏ। ସେଦିନ ସେ ପିନ୍ଧିଥାଏ ଚମ୍ପା ରଙ୍ଗର ପାଟ ଶାଢୀଟିଏ ଯାହାକି ତା' ଗୋରା ଦେହକୁ ଆହୁରି ସୁନ୍ଦର ଦିଶୁଥାଏ। ଅଟୋ ରିକ୍ସାରୁ ଓହ୍ଲାଇ ତା' ପାଖକୁ ଗଲି। ମନ୍ଦିର ଭିତରୁ ଘଣ୍ଟ ବାଜିବାର ଶବ୍ଦ ଶୁଭା ଯାଉଥାଏ। ଆମେ ସାଙ୍ଗେ ସାଙ୍ଗେ ହାତଗୋଡ଼ ଧୋଇ ମନ୍ଦିର ଭିତରକୁ ଯାଇଥିଲୁ। ପାଖ ଦୋକାନରୁ ଦୁଇଟି ଦୀପ କିଣି ମୁଁ ତାହା ହାତକୁ ଗୋଟେ ବଢାଇ ଦେଇଥିଲି ଏବଂ ଅନ୍ୟଟି ମୁଁ ରଖିଥିଲି। ମନ୍ଦିର ଭିତରକୁ ଯାଇ ଦୁହେଁ ଦୀପ ଲଗାଇଥିଲୁ। ଦୀପକୁ ଷ୍ଟାଣ୍ଡ ଉପରେ ରଖିଦେଇ ମାଆଙ୍କୁ ମୁଣ୍ଡିଆ ମାରିଥିଲୁ। ବେଢା ବୁଲିବା ଶେଷରେ ପାଖରେ ଥିବା ଏକ ପିଣ୍ଡିରେ ଦୁହେଁ ବସିଥିଲୁ। ସେ ମୋ ଆଡ଼େ ଚାହିଁ କହିଲା, "ସମୀର, ଆମେରିକାର ଚାକଚକ୍ୟ ଭିତରେ ରହି ମୋତେ ଭୁଲିଯିବନି ତ ?" ମୁଁ ସ୍ମିତ ହସଟିଏ ହସିଦେଇ କହିଲି, ତୁମ ଚେହେରା ପାଖରେ ଆମେରିକାର ଚାକଚକ୍ୟ ଫିକା ପଡିଯିବ। ତେଣୁ ଭୁଲିବି କିପରି ? ସେ ଲାଜେଇ ଯାଇଥିଲା। କିଛି ସମୟ ସେଠାରେ ବସି ପରେ ବାହାରକୁ ଫେରିଥିଲୁ। ଅଟୋ ରିକ୍ସାଟିଏ ଠିକ୍ କରି ଦୁହେଁ ଏକାଠି ବସି ଫେରୁଥିଲାବେଳେ ମୁଁ କହିଲି, "ତନୁ ମୁଁ ସେଠାରେ ପହଞ୍ଚି ମୋ ଟେଲିଫୋନ୍ ନମ୍ବରଟି ତୁମ ପାଖକୁ ତୁମ ଘର ଫୋନ୍ ଯୋଗେ ଜଣାଇ ଦେବି।" ସମୟ ସୁବିଧା ଦେଖି ଫୋନ୍ କରିବ। ସେ କିନ୍ତୁ କିଛି ଉତ୍ତର ଦେଇନଥିଲା ବରଂ ମୁଁ ଦେଖିଛି ତା' ଆଖିରେ ଲୁହ ଟଳମଳ ହେବାର। ତା'ପରେ ତାକୁ ବୁଝାଇବା ପାଇଁ ଯାଇ କହିଲି, ଦେଖ ଅନୁ, ଦେଖୁ ଦେଖୁ ଦୁଇଟି ବର୍ଷ ପୁରିଯିବ ଫେରିଲା ବେଳକୁ ତୁମର ଚାକିରୀ ହୋଇଯାଇଥିବ। ତା'ପରେ ....। ହଠାତ୍ ତନୁ ଦେଖିଲି ତା' ଆଖିରେ ଜମାଟ ବାନ୍ଧି ରହିଥିବା ଲୁହ ଦୁଇଟୋପା ଖସିପଡିଥିଲା। ମୁଁ ମୋ ହାତ ପାପୁଲିରେ ତା' ଆଖିର ଲୁହକୁ ପୋଛ ଦେଇ ପୁଣି କହିଲି, "ମନ ଦୁଃଖ କରନାହିଁ।" କଥା ଦେଉଛି, କୌଣସି ପରିସ୍ଥିତିରେ ଆମ ସୁନ୍ଦର ସ୍ୱପ୍ନକୁ ଭାଙ୍ଗିବାକୁ ଦେବି ନାହିଁ। ମୋ କଥା ଶୁଣି ସେ ହସିଥିଲା। କିଛି ସମୟ ପରେ ତାଙ୍କ ଘର ପାଖ ଗଳି ମୁଣ୍ଡରେ ପହଞ୍ଚିଥିଲୁ ଏବଂ ତାକୁ ସେହିଠାରେ ଓହ୍ଲାଇ ଦେଇ ମୁଁ ଫେରି ଆସିଥିଲି ଘରକୁ। ସେହିଦିନ ବାରଟା ସମୟରେ

ମୁଁ ମୋ ପରିବାର ଲୋକଙ୍କ ସହ ଭୁବନେଶ୍ୱର ଏୟାରପୋର୍ଟକୁ ଯାଇଥିଲି। ଦିନ ଦୁଇଟାରେ ଦିଲ୍ଲୀ ଏବଂ ରାତି ନଅଟାରେ ଦିଲ୍ଲୀରୁ ଆମେରିକା ଅଭିମୁଖେ ମୋର ଯାତ୍ରା ଆରମ୍ଭ ହୋଇଥିଲା।

ଏହା ମଧ୍ୟରେ ଆମେରିକାରରେ ରହଣି ମୋର ପାଖାପାଖି ବର୍ଷେ ବିତିଯାଇଥାଏ। ଦିନେ ରାତି (ଆମେରିକାର) ଏଗାରଟା। ମୁଁ ମୋର ରାତ୍ରୀ ଖାଇବା ଶେଷ କରି ବିଛଣାରେ ଶୋଇଥାଏ। ଛାଇନିଦ ଲାଗି ଆସୁଥାଏ ଫୋନ୍ ରିଙ୍ଗ ହେଲା ବିଛଣାରୁ ଉଠି ପଡି ରିସିଭ୍ କଲି । ତନୁର ଫୋନ୍ ଥିଲା। ହାଲୋ କହି ସେ କହିଲା, ବୁଝିଲ ସମୀର ତୁମର ଆମେରିକାରେ ରହଣି ବର୍ଷେ ପୂରିବା ପାଇଁ ଆଉ ମାତ୍ର ଦୁଇଦିନ ରହିଲା। ତୁମେ ଫେରିଲା ବେଳକୁ ମୋର ପି.ଏଚ୍‌ଡି ଶେଷ ହୋଇଥିବ। ତା'ପରେ ତୁମେ କହିଥିବା କଥା ...। ଆଉ କିଛି ନକହି ଫୋନ୍ ସୁଇଚ୍ ବନ୍ଦ କରିଦେଇଥିଲା। ବୋଧ ହୁଏ ଲାଜରେ। ସେଦିନ ମୁଁ ବିଛଣାରେ ପଡିରହି ଅନେକ ସମୟ ପର୍ଯ୍ୟନ୍ତ ଭାବୁଥିଲି ସେହି ଅବିବାହିତା ଝିଅଟିର ମନସ୍ତତ୍ତ୍ୱକୁ।

ଚାରି ପାଞ୍ଚ ମାସ ପରେ ଆଉ ଥରେ ଦିନ ଦୁଇଟା ବେଳେ (ଭାରତରେ ରାତି) ମୁଁ ଡାକ୍ତରଖାନାରେ ଥିବାବେଳେ ତନୁଶ୍ରୀ ଠାରୁ ଫୋନ୍ ପାଇଥିଲି। ଏ ସମୟର କେହି କଲ୍ କରିଥିବାରୁ ମୁଁ ଟିକିଏ ଆଶ୍ଚର୍ଯ୍ୟ ସହିତ ନର୍ଭସ ହୋଇଯାଇଥିଲି। ତଥାପି ରିସିଭ୍ କରିଥିଲି। ଅପରପାର୍ଶ୍ୱରୁ ସେ ଥରିଲା କଣ୍ଠରେ କହିଲା - ସମୀର ଆଜି ରାତି ଦଶଟା ସମୟରେ ହଠାତ୍ ବାପାଙ୍କର ହାର୍ଟ ଆଟାକ୍ ହେଲା। ସାଙ୍ଗେ ସାଙ୍ଗେ ମାଆ ଓ ମୁଁ ତାଙ୍କୁ ନର୍ସିଂହୋମ୍‌ରେ ଭର୍ତ୍ତି କରାଇଥିଲୁ। ଡାକ୍ତରମାନେ ପରୀକ୍ଷା କରିବା ପରେ କହିଥିଲେ, ଅତ୍ୟଧିକ କଲୋଷ୍ଟ୍ରାଲ ଓ ହାଇବ୍ଲଡପ୍ରେସର ପାଇଁ ଏପରି ହେଲା। ମେଡିସିନ୍ ଦେଇଛନ୍ତି। ତାଙ୍କର ଏବେ ସେନ୍ସ ନାହିଁ। ଦରକାର ପଡିଲେ ଅପରେସନ୍ ହୋଇପାରେ ବୋଲି ଡାକ୍ତରଙ୍କ ମତ। ସେ କହୁଥିଲା ଏବଂ କାନ୍ଦୁଥିବାର ତା' ସ୍ୱରରୁ ଜାଣିପାରୁଥିଲି। ମୁଁ ଚୁପ୍ ହୋଇ ସବୁ ଶୁଣିଲା ପରେ କହିଲି, 'ବ୍ୟସ୍ତ ହୁଅନା'। ସବୁ ଠିକ୍ ହୋଇଯିବ। ପରେ ଅବଶ୍ୟ ସେ ଫୋନ୍ ସୁଇଚ୍ ବନ୍ଦ କରିଦେଇଥିଲା।

ଏହା ମଧ୍ୟରେ ମୋର ରିସର୍ଚ୍ଚ କାର୍ଯ୍ୟ ସଫଳତାର ସହ ଶେଷ ହୋଇଯାଇଥାଏ। ଆଉ ମାତ୍ର ତିନି ଚାରିମାସ ପରେ ମୁଁ ଭାରତକୁ ଫେରିଯିବି। ତା'ପରେ ଆମ ଦୁହିଁଙ୍କର ବାହାଘର ହେବ। ଏହି ସବୁ ଭାବି ଭାବି ହସ୍ପିଟାଲର କରିଡୋର ଦେଇ ଚାଲିଚାଲି ଯାଉଥାଏ ୱାର୍ଡ ଭିତରକୁ କିଛିଟା ପ୍ରାକ୍ଟିକାଲ ପାଇଁ।

ହଠାତ୍ ଦିନେ ସକାଳୁ ସକାଳୁ (ଆମେରିକାର) ମୋ ଫୋନ୍ ରିଙ୍ଗ ହେଲା। ଉଠିପଡି ରିସିଭ୍ କଲି। ତନୁଶ୍ରୀର କଲ୍ ଥିଲା। ତା' ସ୍ୱରଟା ଅନ୍ୟପ୍ରକାର ଶୁଭାଯାଉଥିଲା। ପଚାରିଲି, କ'ଣ ହେଲା ତନୁ? କାନ୍ଦ କାନ୍ଦ ହୋଇ ସେ କହିଲା ଏହି ଘଣ୍ଟାଏ ତଳେ ବାପାଙ୍କ ଦେହ ଟିକିଏ ଡିଟୋରିଏଟ୍ ଆଡ଼କୁ ଗତି କରୁଛି। ବ୍ଲଡପ୍ରେସର ସ୍ଥିର ହେଉନାହିଁ। କାହାରି ଡାକ ଶୁଣି ସେ ରଖୁଛି କହି ଫୋନ୍ ସୁଇଚ୍ ଅଫ୍ କରିଦେଇଥିଲା। ମୁଁ ଏକପ୍ରକାର ମାନସିକ ସଙ୍କଟର ସମ୍ମୁଖିନ ହୋଇଥିଲି। ଦୁଇଦିନ ପର୍ଯ୍ୟନ୍ତ ତା'ଠାରୁ କିଛି କଲ୍ ପାଇନଥିଲି କି ମୁଁ ଫୋନ୍ କରିନଥିଲି।

ତୃତୀୟ ଦିନ ରାତିରେ ମୁଁ ତନୁ ଠାରୁ କଲ୍ ପାଇଲି। ସେ କହିଲା ଏବେ ବାପାଙ୍କ ଦେହ ଟିକେ ଭଲ ହେବାରୁ ଡାକ୍ତରମାନେ କହିଛନ୍ତି ଘରକୁ ନେଇଯିବା ପାଇଁ। ସେଥିପାଇଁ ଆଜି ତାଙ୍କୁ ଘରକୁ ନେଇଆସିଛୁ। ତା'ପରେ ପୁଣି ପଚାରିଥିଲା ତୁମେ କେବେ ଫେରୁଛ ?

- ଆଉ ଦୁଇ ଅଢେଇ ମାସ ପରେ।

- ହଉ ରଖୁଛି କହି ସେ ଫୋନ୍ ରଖିଥିଲା।

ତା'ପର ଠାରୁ ସେ ଆଉ ଫୋନ୍ କରିନଥିଲା। ଏହା ଭିତରେ ମୋର ଭାରତ ଫେରିବାର ସମୟ ହୋଇଯାଇଥାଏ। ପ୍ଲେନ୍ ଟିକେଟ ମଧ୍ୟ କରିସାରିଥାଏ। ଫେରିବା ଖବରଟା ଜଣାଇବା ପାଇଁ ମନସ୍ଥ କରି ତନୁଙ୍କ ଘର ଫୋନ୍‌କୁ ଫୋନ୍ କଲି ହେଲେ କେହି ରିସିଭ୍ କଲେ ନାହିଁ। ପୁଣି ଏକ ମାନସିକ ଭାବନାରେ ମୁଁ ପଡିଗଲି। ବହୁ ଦୁଃଖ ଲାଗିଲା। ଯାହାହେଉ ଠିକ୍ ସମୟରେ ପହଞ୍ଚିଗଲି ଓଡ଼ିଶାରେ। ଘରେ ପହଞ୍ଚିଲା ବେଳକୁ ରାତି। ସେହିଦିନ ରାତିରେ କଥା ପ୍ରସଙ୍ଗରେ ଭାଉଜ କହିଥିଲେ ତନୁଶ୍ରୀର ବାହାଘର ସରିଯାଇଥିବା କଥା। ଶୁଣିବା ପରେ ଥରି ଉଠିଥିଲା ମୋ ମନ। ଚଞ୍ଚଳ ଚଞ୍ଚଳ ଖାଇ ଦେଇ ଚାଲିଆସିଥିଲି ମୋ ରୁମ୍‌କୁ। ହଠାତ୍ ବିଜୁଳି ଆଲୋକ ଲିଭିଗଲା। ଝରକା ଖୋଲି ପଦାକୁ ଅନାଇଲି। ବାହାରେ କିଟିମିଟି ଅନ୍ଧାର। ସେହି କଳା କିଟିମିଟି ଅନ୍ଧାରରେ ତନୁଶ୍ରୀକୁ ନେଇ ମୋ ମନରେ ଥିବା ସମସ୍ତ ସ୍ମୃତି ମିଶି ଗଲା। ଫେରିଆସିଲି ବିଛଣା ଉପରକୁ। କେତେବେଳେ ଯେ ନିଦ ହୋଇଯାଇଥିଲା ଜାଣିନଥିଲି।

ପରଦିନ ସକାଳେ ମୋର ସମସ୍ତ ନିତ୍ୟକର୍ମ ଶେଷ କରି ବାହାରିଯାଇଥିଲି ଡାକ୍ତରଖାନାକୁ। ଯେହେତୁ ମୁଁ ଷ୍ଟଡି ଲିଭ୍‌ରେ ଉଚ୍ଚ ଶିକ୍ଷା ପାଇଁ ଯାଇଥିଲି, ସେଥିପାଇଁ ପ୍ରଥମେ ଯାଇ ମୋ ଅରଜିନାଲ୍ ସ୍ଥାନରେ ଜଏନିଙ୍ଗ ରିପୋର୍ଟ ଦାଖଲ କଲି। ଗୋଟିଏ ସପ୍ତାହ ସହକାରୀ ସର୍ଜନ ରୂପେ କାର୍ଯ୍ୟ କଲାପରେ ମୋତେ ରାଜ୍ୟ ସରକାରଙ୍କ ତରଫରୁ ସାଇକ୍ରାଟ୍ରିଷ୍ଟ ବିଭାଗର ସହଯୋଗୀ ପ୍ରଫେସର ରୂପେ ନିଯୁକ୍ତି ମିଳିଲା ଏବଂ ମୁଁ କଟକ ବଡ଼ଡାକ୍ତରଖାନାରେ କାର୍ଯ୍ୟ କଲି।

ପରିଦିନ ମୋର ଆଉଟ୍ ଡୋରରେ ଡ୍ୟୁଟି ଥାଏ। ମୁଁ ଆଉଟ୍ ଡୋରରେ ବସିଥାଏ। ଦିନ ଏଗାରଟା ହେବ। ରୋଗୀ କେହି ନଥାଆନ୍ତି। ଦୁଇ ଜଣ ସ୍ତ୍ରୀଲୋକ ମୋର ରୁମ୍‌କୁ ଆସିଲେ। ମୋତେ ନମସ୍କାର କଲେ। ଦୁଇଙ୍କୁ ଚିହ୍ନିଲି। ସେ ଦୁହେଁ ଥିଲେ ତନୁଶ୍ରୀ ଓ ତନୁଶ୍ରୀର ମାଆ। ହେଲେ ମୁଁ ଆଶ୍ଚର୍ଯ୍ୟ ହୋଇଗଲି ଯେତେବେଳେ ଦେଖିଲି ସେ ଦୁହିଁଙ୍କ ଦେହରେ ବିଧବା ବସ୍ତ୍ରର ଆବରଣ। ଦୁହିଁଙ୍କର ଏପରି ପରିଧାନ ମନକୁ ମୋର ବିବ୍ରତ କରିଥିଲା। ବସିବା ପାଇଁ କହିଲି। ସେ ଦୁହେଁ ମୋ ସମ୍ମୁଖରେ ପଡିଥିବା ଦୁଇଟି ଚେୟାରେ ବସିଥିଲେ। ଦୁହିଁଙ୍କର ଏପରି ଅବସ୍ଥା କଥା ପଚାରିଲେ ହୁଏତ ସେମାନଙ୍କ ମନରେ ଆଘାତ ଆସିପାରେ ତେଣୁ ଏତିକି ପଚାରିଲି, କ'ଣ ହୋଇଛି ?

ଆଣ୍ଟି ଚୁପ୍ ରହିଥିଲେ। ହେଲେ ତନୁଶ୍ରୀ ଏକ ପୁରୁଣା ପ୍ରେସ୍‌କ୍ରିପସନ୍ ମୋ ହାତକୁ ବଢାଇ ଦେଇଥିଲା। ତାହା ଥିଲା ଆଣ୍ଟିଙ୍କର। ଦୀର୍ଘ ନିଶ୍ୱାସଟିଏ ନେଇ ସେହି ପ୍ରେସ୍‌କ୍ରିପସନ୍‌ଟିକୁ ପଢିଲି। ଦେଖିଲି ପୂର୍ବ ଡାକ୍ତର ଆଣ୍ଟିଙ୍କର ମାଇଲ୍‌ଡି ଡିପ୍ରେସନ୍ ସହିତ ନର୍ମାଲ ବିହେଭିଅରରେ ସାମାନ୍ୟ ଟକେ ପରିବର୍ତ୍ତନ ଦର୍ଶାଇଛନ୍ତି। ଜାଣିଲି ଏଇଟା ତାଙ୍କର ମାନସିକ ସକ୍। ପଛ କଥା ଗୁଡ଼ିକୁ ଭୁଲିଯାଇ ପଚାରିଲି - 'ଆଣ୍ଟି, ଏ ମେଡିସିନ୍ ଖାଇବା ପରେ ଏବେ କିପରି ଲାଗୁଛି ?' ସେ ମୋତେ ତାଙ୍କ ସ୍ୱାସ୍ଥ୍ୟକୁ ନେଇ କିଛି ନକହି ମୋ ଆଡ଼େ ଚାହିଁ କହିଲେ - ତମେ ସମୀର ନା' ?

ହଁ କହିଲି।

– କେବେ ଆମେରିକାରୁ ଫେରିଲ ?

– ଏଇ ଦଶ ପନ୍ଦର ଦିନ ହେବ।

ମୋ କଥା ଶୁଣିବା ପରେ ସେ ଦୀର୍ଘ ନିଃଶ୍ୱାସଟିଏ ଛାଡ଼ି ମୋତେ ପ୍ରଶ୍ନ କଲେ-ସମୀର, ତୁମର କ'ଣ ଇଚ୍ଛା ହେଉନାହିଁ ଜାଣିବା ପାଇଁ ଆମ ଦୁହିଁଙ୍କର ଅବସ୍ଥା ଏପରି କିପରି ହେଲା। ମୁଁ ଚାହୁଁଥିଲି ଜାଣିବା ପାଇଁ ହେଲେ ଆଣ୍ଟିଙ୍କର ମେଣ୍ଟାଲ କଣ୍ଡିସନ୍‌କୁ ଆଖି ଆଗରେ ରଖି କହିଲି – ଆପଣ ଆଗ ଭଲ ହୋଇଯାଆନ୍ତୁ ପରେ କହିବେ ଏବଂ ମୁଁ ଶୁଣିବି।

– ଏବେ ଶୁଣିଲେ ହୁଏତ ମୋ ମନରେ ଦେଖା ଦେଇଥିବା ପ୍ରାକ୍ ମାନସିକ ବ୍ୟାଧି କିଛି ପରିମାଣରେ ଉପଶମ ହୋଇପାରେ। ଏହା ବୋଧ ହୁଏ ତୁମ ପାଠରେ ରୋଗ ନିଦାନର ପ୍ରଥମ ଔଷଧ। ନୁହେଁ କି ?

ମୁଁ ହସିଦେଲି। ଭାବିନେଲି ଆଣ୍ଟିଙ୍କର ମନରେ ଦେଖା ଦେଇଥିବା ସାମାନ୍ୟ ମାନସିକ ଡିସ୍‌ଅର୍ଡର ହୁଏତ ବିନା ଔଷଧରେ ଭଲ ହୋଇଯାଇପାରେ, ଯଦି ସେ ଭାବୁଥିବା କଥାଟିକୁ ମୋ ଆଗରେ ପ୍ରକାଶ କରିଦିଅନ୍ତି। ତେଣୁ କହିଲି, 'କୁହନ୍ତୁ'। ସେ ଆରମ୍ଭ କରି କହିଲେ – ବୁଝିଲ ସମୀର ତୁମେ ଜାଣିଛ ତନୁ ବାପାଙ୍କର କିଛିଦିନ ତଳେ ହୃଦ୍‌ଘାତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହେବାର। ଡାକ୍ତରଖାନାରେ ସାତ ଆଠ ଦିନ ରହିବା ପରେ ସେ ଟିକେ ସୁସ୍ଥ ହୋଇଥିଲେ। ଡାକ୍ତରମାନଙ୍କ ପରାମର୍ଶରେ ତାଙ୍କୁ ଆମେ ଘରକୁ ନେଇଆସିଥିଲୁ। ସାତ ଆଠଦିନ ସେ ଭଲରେ ଥିଲେ। ହଠାତ୍ ଦିନେ ସେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତନୁ ଓ ମୁଁ ତାଙ୍କୁ ଡାକ୍ତରଖାନାକୁ ନେବାକୁ ପ୍ରସ୍ତୁତ ହେଉଥିଲୁ ହେଲେ ସେ ରାଜି ହେଲେ ନାହିଁ। ତେଣୁ ବାଧ ହୋଇ ତାଙ୍କୁ ଆଗରୁ ଟ୍ରିଟ୍‌ମେଣ୍ଟ କରୁଥିବା ଡାକ୍ତରଙ୍କୁ ଫୋନ୍ କରି ଡକାଇବାରୁ ସେ ଆସିଥିଲେ। ଟିକିନିକ୍ ପରୀକ୍ଷା ପରେ ପୁରୁଣା ଔଷଧ ସହିତ ଆଉ ଗୋଟିଏ ଔଷଧ ଖାଇବା ପାଇଁ କହିଥିଲେ ଏବଂ ପରାମର୍ଶ ଦେଇ କହିଥିଲେ-ଏହାପରେ ଯଦି ଏପରି ହୁଏ ତେବେ ଡାକ୍ତରଖାନାରେ ଭର୍ତ୍ତି କରାଇଦେବେ। ଶେଷରେ ପେସ୍‌କ୍ରିପସନ୍‌ଟି ଧରାଇ ଦେଇ ସେ ଚାଲିଯାଇଥିଲେ। ସେହିଦିନ ତନୁ ଠାରୁ ଶୁଣିଥିଲି ତୁମେ ଆଉ ମାତ୍ର ଦୁଇ ମାସ ପରେ ଏଠାକୁ ଫେରିଆସିବ। ତେଣୁ ମନେ ମନେ ସ୍ଥିର କରିଥିଲି ତୁମେ ଫେରିଲା ପରେ ତମ ଦୁଇଜଣଙ୍କର ବାହାଘର କରାଇଦେବି। ହେଲେ ଭଗବାନ ଆମର ଡାକ ଶୁଣିନଥିଲେ। ଦିନେ ସକାଳେ କ'ଣ ହେଲା କେଜାଣି। ସକାଳୁ ଉଠି ନିତ୍ୟକର୍ମ ସାରି ଜଳଖିଆ ଔଷଧ ଖାଇ ଖଟରେ ଶୋଇଥାଆନ୍ତି। ମୋତେ ପାଖକୁ ଡାକି ଅତି ଗମ୍ଭୀର ଭାବରେ କହିଲେ – "ବୀଣା (ମୋ ଡାକ ନାମ) ଏହି ଦୁଇଦିନ ମଧ୍ୟରେ ତନୁର ବାହାଘର ପାଇଁ ପ୍ରସ୍ତୁତ ହୋଇଯାଅ"। ଏହା ସହିତ ସେ ମଧ୍ୟ କହିଲେ ତାଙ୍କର ଜଣେ ସାଙ୍ଗର ପୁଅ ସହିତ ବାହାଘର କରିବା ପାଇଁ ସେ ମନସ୍ଥ କରିଛନ୍ତି। ତାଙ୍କ କଥାରେ ବାଧାଦେଇ ମୁଁ କହିଲି – ଆଉ ମାତ୍ର ଗୋଟିଏ ମାସ ପରେ ସମୀର ତ ଫେରିବେ। ସେ ପର୍ଯ୍ୟନ୍ତ ଅପେକ୍ଷା କର। ସେ କିନ୍ତୁ ରାଜି ହେଲେ ନାହିଁ। ରାଗି ଯାଇ କହିଲେ, ତେବେ ତୁମେ କ'ଣ ଚାହୁଁଛ ମୁଁ କନ୍ୟାଦାନ ନକରେ। ତାଙ୍କ ସ୍ୱାସ୍ଥ୍ୟକୁ ନେଇ ମୁଁ ବାଧ ହେଲି ଚୁପ୍ ରହିବା ପାଇଁ। ଉତ୍ତେଜିତ ହେଲେ କାଳେ କିଛି ଅଘଟଣ ଘଟିପାରେ ମୁଁ ଭାବିଥିଲି। ମୋ ଠାରୁ ତନୁଶ୍ରୀ ସମସ୍ତ ଘଟଣା ଶୁଣିବା ପରେ ସେ ମଧ୍ୟ ଚୁପ୍ ରହିଥିଲା। ଶୁଣିଥିଲି ତାଙ୍କ ସାଙ୍ଗର ପୁଅଟି ଇଞ୍ଜିନିୟରଂ ପାସ୍ କରି କଟକ ଠାରେ ଏକ ବିଲ୍ଡର କମ୍ପାନୀ ପରିଚାଳନା କରୁଛି। ସେହିଦିନ ସେ ତାଙ୍କ ସାଙ୍ଗକୁ ଡକାଇ ବାହାଘର କଥା ଠିକ୍ କରିଦେଲେ। ତିନିଦିନ ପରେ ଅନୁର ସେହି ପୁଅ ସହିତ ବାହାଘର ଶେଷ ହୋଇଥିଲା।

ଚତୁର୍ଥୀ ହୋଇନଥାଏ। ଚତୁର୍ଥୀ ଦିନ ସକାଳେ ମୁଁ ଖବର ପାଇଲି କିଛି ଜରୁରୀ କାମ ନେଇ ତନୁର ସ୍ୱାମୀ ଭୁବନେଶ୍ୱର ଯାଇଥିବାର। ଫେରିଲେ ଚତୁର୍ଥୀ ପିଣ୍ଡ ପଡିବ। ରିସେପ୍‌ସନ୍ ପାଇଁ ସମସ୍ତ ବ୍ୟବସ୍ଥା ଚାଲିଥାଏ। ଠିକ୍ ଦିନ ଏଗାରଟା ସମୟରେ ମୁଁ ତନୁ ଠାରୁ ଫୋନ୍ ପାଇଲି। ସେ କାନ୍ଦ କାନ୍ଦ ହୋଇ କହିଲା, ମାଆ, ଭୁବନେଶ୍ୱରରୁ ଫେରୁଥିବା ସମୟରେ ସିଦ୍ଧାର୍ଥ (ତା' ସ୍ୱାମୀ) ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇଛନ୍ତି। ପୋଲିସ୍ ଓ ଲୋକମାନଙ୍କ ସାହାଯ୍ୟରେ ତାଙ୍କୁ କଟକ ବଡ଼ଡାକ୍ତରଖାନାକୁ ଅଣାଯାଇଛି। ଏତିକି କହି ସେ ଫୋନ୍ ବନ୍ଦ କରିଦେଇଥିଲା। କ'ଣ କରିବି କିଛି ବୁଦ୍ଧି ମୋତେ ଦିଶୁନଥାଏ। ଏପଟରେ ସ୍ୱାମୀଙ୍କ ଅବସ୍ଥା ସେପଟରେ ତନୁର ଅବସ୍ଥାକୁ ନେଇ ମୁଁ ଶଙ୍କାକୁଳ ଭାବନାରେ ଥିବାବେଳେ ପୁଣି ଥରେ ଫୋନ୍ ରିଙ୍ଗ୍ ହେଲା। ଧାଇଁ ଯାଇ ଫୋନ୍ ରିସିଭ୍ କଲି। ଏଥର ତନୁର ମଧ୍ୟ ଫୋନ୍ ଥିଲା। ହାଲୋ କହିବା କ୍ଷଣି ସେ ନିରୁତ୍ତର ଥିଲା ହେଲେ ମୁଁ ଶୁଣିବାକୁ ପାଉଥିଲି ତା'ର କଇଁ କଇଁ କାନ୍ଦିବାର ଶବ୍ଦ। ପୁଣି ଥରେ ପଚାରିଲି କ'ଣ ହେଲା ତନୁ? ଠିକ୍‌ନିକ୍ ଖବର ନଦେଇ, କାନ୍ଦ କାନ୍ଦ ହୋଇ ସେ ଏତିକି କହିଲା ମାଆ, ସେ ଆଉ ନାହାଁନ୍ତି। ଫୋନ୍ କଲ୍ କାଟିଦେଇଥିଲା। ମୁଁ ମଧ୍ୟ ଡରିଯାଇଥିଲି। ଏହି ଭଳି ଏକ ଅଶୁଭ ସମାଚାର ଶୁଣିବା ପରେ ମୁଁ ଅନୁଭବ କରିଥିଲି ସତେ ଯେପରି ମୋ ପାଦ ତଳୁ ମାଟି ଖସିଯାଉଛି। ଶେଷରେ ପରିସ୍ଥିତିକୁ ମୁକାବିଲା କରିବାକୁ ନିଜକୁ ପ୍ରସ୍ତୁତ କରିନେଲି। ଯାଙ୍କ ଆଗରେ ସାମାନ୍ୟ ଟିକେ ମିଛର ଆଶ୍ରୟ ନେଇ ମୁଁ ବାହାରିଗଲି ତନୁର ଶାଶୁଘରକୁ। ସେଠାରେ ପହଞ୍ଚି ଦେଖେ ଗହଳି ହେଲେ ସମସ୍ତେ ଥାଆନ୍ତି ନୀରବ। ଗାଡ଼ିରୁ ଓହ୍ଲାଇ ଚାଲିଗଲି ତନୁ ଥିବା କୋଠାରୀକୁ। ଦେଖିଲି ସେ ଏକ ଚିତ୍ରାର୍ପିତ ପାଷାଣ ପ୍ରତିମା ଭଳି ଖଟ ଉପରେ ବସିଥାଏ। ମୋତେ ଦେଖିବା କ୍ଷଣି ସେ ମୋ ପାଖକୁ ଧାଇଁ ଆସି ମୋତେ କୁଣ୍ଢାଇ ଧରି କାନ୍ଦିବାକୁ ଲାଗିଥିଲା। ବୁଝାଇଥିଲି। ଶେଷରେ ତାକୁ ସାଙ୍ଗରେ ନେଇ ଆସିବା ପାଇଁ ସ୍ଥିର କଲି। ଯେହେତୁ ଚତୁର୍ଥୀ ପିଣ୍ଡ ପଡ଼ିନଥାଏ ଏପରିକି ସେ ପର୍ଯ୍ୟନ୍ତ ମୃତ ଶରୀର ଘରକୁ ଆସିନଥାଏ ସେଥିପାଇଁ ତା ଶାଶୁ ଶ୍ୱଶୁରଙ୍କ ପରାମର୍ଶ କ୍ରମେ ତନୁକୁ ନେଇ ଆସିଲି ଘରକୁ। ତନୁ ଧରି ଗାଡ଼ି ପାଖକୁ ଆସିବା ଭିତରେ ମୁଁ ଅନେକ ଲୋକଙ୍କର ସମାଲୋଚନାର ଶରବ୍ୟ ହୋଇଥିଲି। କଷ୍ଟେ ମଷ୍ଟେ ସେଠାରୁ ବାହାରି ଆସିଥିଲି। କିଛି ସମୟରେ ପରେ ଘରେ ପହଞ୍ଚିଥିଲି। ବୁଝିଲ ସମୀର ଦୁଇଦିନ ପର୍ଯ୍ୟନ୍ତ ତନୁକୁ ତା ବାପାଙ୍କ ଆଗକୁ ନେଇନଥିଲି ଏଇଥି ପାଇଁ ଯେ କାଳେ ଅନୁର ଏ ଅବସ୍ଥା ଦେଖିଲେ, ଯଦି ତାଙ୍କର ପୁଣି ଥରେ ହାର୍ଟଷ୍ଟ୍ରୋକ୍ ହୁଏ ତେବେ କିଛି ନା କିଛି ଅଘଟଣ ଘଟିବାଟା ନିର୍ଦ୍ଧାର୍ଯ୍ୟ। ଯାହାହେଉ ତୃତୀୟ ଦିନ ଅପରାହ୍ନ। ସେ ଖଟ ଉପରେ ଶୋଇଥାଆନ୍ତି। ମୁଁ ତାଙ୍କ ପାଖରେ ଗୋଟିଏ ଚେୟାରେ ବସି ପଢୁଥାଏ ମାଗାଜିନ୍‌ରେ ପ୍ରକାଶିତ ଏକ ମନସ୍ତାତ୍ତ୍ୱିକ ଗଳ୍ପ। ପାଖକୁ ଡାକିଲେ। ଉଠି ତାଙ୍କ ପାଖକୁ ଗଲି। ଠିଆ ହୋଇଥାଏ। ସେ ମୋ ଆଡ଼େ ଚାହିଁ କହିଲେ, ବୀଣା ତମେ ବୋଧେ ଜାଣିନା ଆମ ଝିଅ ତନୁ ପୁଷ୍ୟା ନକ୍ଷତ୍ରରେ ଜନ୍ମ ନେଇଛି ଏବଂ ତା'ର ଜାତକରେ ମଙ୍ଗଳ ଦୋଷ ଥିଲା। ବହୁ ପୂର୍ବରୁ ଜାଣିଥିଲି ବିବାହ ପରେ

ତା'ର କିଛିଟା ଅଘଟଣ ଘଟିପାରେ। ମାତ୍ର ଶାସ୍ତ୍ର ଅନୁସାରେ ଦ୍ୱିତୀୟ ବିବାହ ପାଇଁ ଆଉ କିଛି ପ୍ରତିବନ୍ଧକ ନାହିଁ। ତେଣୁ ତନୁର ଆଉକିଛି ହେବନାହିଁ। ଏବେ ତା'ର ଦ୍ୱିତୀୟ ବିବାହ କରିଦେବ। ସେ କିନ୍ତୁ ଆଉ କିଛି କହିପାରିଲେ ନାହିଁ। ଗୋଟିଏ ବଡ଼ ପାଟି କରି ମୂର୍ଚ୍ଛା ଚାଲିଗଲେ। ତନୁ ଧାଇଁ ଆସିଥିଲା। ଫୋନ୍ କରି ମୁଁ ଡାକ୍ତରଙ୍କୁ ଡାକିଥିଲି। ଡାକ୍ତର ଆସିଲେ କିନ୍ତୁ ତା' ପୂର୍ବରୁ ଯାଙ୍କର ଦେହାନ୍ତ ହୋଇସାରିଥିଲା। ହେଲେ ଜାଣିପାରିଲି ନାହିଁ ତନୁ ସହିତ ଘଟିଯାଇଥିବା ଘଟଣାଟି ସେ କିପରି ଜାଣିଲେ।

ଆଣ୍ଟି ଆଉ କିଛି ନକହି ଚୁପ୍ ରହି ଆଖିରୁ ଲୁହ ଗଡାଇଥିଲେ। ତନୁ ମଧ୍ୟ। ମୁଁ ସେ ଦୁହିଁଙ୍କୁ ବୁଝାଇବା ପାଇଁ ଯାଇ କହିଲି – ଆଣ୍ଟି, ଯାହା ଘଟିବାର ଥିଲା ଘଟିଗଲା। ତାକୁ ତ କେହି ଅଟକାଇପାରିବେ ନାହିଁ। ହେଲେ ଆଣ୍ଟି ମୋର ଗୋଟିଏ ଅନୁରୋଧ ଆପଣଙ୍କୁ ରଖିବାକୁ ପଡ଼ିବ। ଆଖିରୁ ଲୁହ ଗଡାଇ ସେ କହିଲେ– କ'ଣ ସେ ଅନୁରୋଧ ?

ଆପଣମାନଙ୍କ ସହିତ ଘଟିଯାଇଥିବା ସମସ୍ତ ଅଘଟଣ ସତ୍ତ୍ୱେ ମୁଁ ତନୁଶ୍ରୀକୁ ପୁର୍ନବିବାହ କରିବାକୁ ଚାହୁଁଛି। ଦେଖିବାକୁ ଗଲେ ଏଥିରେ ଆମମାନଙ୍କର କାହାରି ଦୋଷ ନାହିଁ। ତାହା କେବଳ ସମୟର ଦୋଷ। ସେଥିପାଇଁ ବ୍ୟସ୍ତ ହୁଅନ୍ତୁ ନାହିଁ। ସେତେବେଳେ ମୁଁ ଦେଖିଛି ତନୁଶ୍ରୀ ମୁହଁରେ ଏକ ପ୍ରକାର ଯନ୍ତ୍ରଣାର ଚିହ୍ନ। ଏପରି କି ଦୁଇ ଆଖିରେ ତା'ର ଟଳମଳ ହେଉଥାଏ ଲୁହ। ଟିକିଏ ସମୟ ପରେ ମୁହଁଟେକି ମୋ ଆଡେ ଚାହିଁ ସେ କହିଲା– ତୁମକୁ ହୁଏତ ମୋ ଅପେକ୍ଷା ଆହୁରି ସୁନ୍ଦରୀ ଓ ଶିକ୍ଷିତା ଝିଅ ମିଳିପାରିବେ, ହେଲେ ମୋ ଭଳି ଗୋଟିଏ ବିଧବା ଝିଅକୁ ବୋହୂ କରି ନେବା ପାଇଁ ତୁମ ଘର ଲୋକ କ'ଣ ରାଜି ହେବେ ?

ତନୁ, ମୁଁ ଶୁଣିଥିଲି ପ୍ରେମର ପରିଧି ବ୍ୟାପ୍ତ। ଏହା କେବଳ ଆବେଗ ନୁହେଁ ବରଂ ଏକ ଗଭୀର ନିଃସ୍ୱାର୍ଥପର ସମର୍ପଣ। ତେଣୁ ମୁଁ ତୁମ ପ୍ରଶ୍ନ ହୁଏତ ଅନ୍ୟ କାହା ପାଇଁ ପ୍ରଜୁଜ୍ୟ ହୋଇପାରେ ହେଲେ ମୁଁ ଏତିକି ଯୋର ଦେଇ କହିବି ଏ ପ୍ରସ୍ତାବରେ ଆମ ଘରେ ସମସ୍ତେ ରାଜି ହେବେ। ଏବେ ତୁମେ ଆଣ୍ଟିକୁ ଧରି ଘରକୁ ଯାଅ। ମୁଁ ସନ୍ଧ୍ୟାରେ ଆମ ଘର ଲୋକଙ୍କୁ ଧରି ତୁମ ଘରକୁ ଯିବି। ସେତେବେଳେ ଦେଖିଥିଲି ଆଣ୍ଟିଙ୍କ ମୁହଁରେ ଥିବା ମାନସିକ ଉତ୍ତେଜନା କିଛି ପରିମାଣରେ ଅବସନ୍ନ ହୋଇଯାଇଛି ଏବଂ ତନୁଶ୍ରୀ ତା' ନିଜ ହାତରେ ପୋଛି ଦେଇଥିଲା ତା' ଆଖିରୁ ଗଡୁଥିବା ଲୁହ ଧାରକୁ। କିଛି ସମୟ ପରେ ସେ ଆଣ୍ଟିଙ୍କ ହାତକୁ ଧରି ବାହାରିଯାଇଥିଲା ସେଠାରୁ।

*୨୨୪, ସହୀଦ ନଗର, ଭୁବନେଶ୍ୱର*
*ଦୂରଭାଷ: ୯୮୬୧୬୬୪୫୨୯*

**କ୍ଷୀରୋଦ ଦାସଙ୍କ ପ୍ରକାଶିତ ପୁସ୍ତକ ସମୂହ**



ଗଳ୍ପ ସଂକଳନ
- ଅସୁସ୍ଥ ସମୟ
- ନିରବତାର ଭାଷା
- ମୂକ ରାଜଜେମା
- ଭୋକ
- ଅନେକ ଯନ୍ତ୍ରଣା ଓ ଅନ୍ୟାନ୍ୟ ଗଳ୍ପ
- ସତସତିକା ଖେଳ
- ମୁଠାଏ ଦୀର୍ଘଶ୍ୱାସ
- କାଠ କଣ୍ଢେଇ
- ନିଃଶବ୍ଦ ପଦଧ୍ୱନି
- ଅନ୍ଧାରର ଆତ୍ମଲିପି
- ନବଘନର ଘର
- କଥାକଳ୍ପ
- ସଞ୍ଜ ସଙ୍ଗୀତ
- ମୁକ୍ତି ଓ ଅନ୍ୟାନ୍ୟ ଗଳ୍ପ
- ଶୂନ୍ୟ ଉପତ୍ୟକା
- ଅଧ୍ୟାୟ ଅଷ୍ଟାଦଶ
- ବୋଲେ ହୁଁ'ଟି
- ବନ୍ଦିନୀ ଓ ଅନ୍ୟାନ୍ୟ ଗଳ୍ପ
- ପୂର୍ଣ୍ଣ ପ୍ରତ୍ୟୁଷ
- ଶେଷ ସାକ୍ଷାତ

ଉପନ୍ୟାସ
- ସଂପର୍କର ସୂତାଖିଅ
- ବେଦନାର ବେଦ
- ପ୍ରିୟ ପୃଥିବୀ
- ଆଞ୍ଜୁଳାଏ ମୁକ୍ତି
- କଳାକାଇ
- ଶେଷଦୃଶ୍ୟ
- ମହାନାୟକ
- ପ୍ରିୟ ପଞ୍ଚକ

ସଂପାଦନା
- ସମାରୋହ ଶ୍ରେଷ୍ଠଗଳ୍ପ
- ପ୍ରିୟଗଳ୍ପ
- ଜୀବନ
- ଗଳ୍ପର ଗାଁ
- ବାପା
- ବୋଉ
- ଝିଅ

9437163002

# ସେ ଓ ତା ସ୍ୱପ୍ନ

**ବାସନ୍ତୀ ଦାସ**

କେବେ ଏକାଠି ହେଲେନାହିଁ। ଆମ୍ବ ଗଛରେ ବଉଳ ଆସିଲେ ଭଅଁର, ମହୁମାଛି ଖୁସି ହୁଅନ୍ତି। ତା'ଚାରିପଟେ ବୁଲି ଗୀତ ଗାଇ ପୁଲ୍‌କିତ ହୋଇ ଏମିତି ଚାଟୁ କରନ୍ତି ଯେ ସତରେ ସେ ବହୁତ ଭଲ ପାଆନ୍ତି ବଉଳକୁ। କିନ୍ତୁ ଏ ସବୁ ମିଛ ବାହାନା। କେବଳ ନିଜ ରୂପ ରଙ୍ଗରେ ବଉଳ କିଛି ମୁହୂର୍ତ୍ତ ବିହ୍ୱଳ ହୁଏ ସିନା, ତା ଇଚ୍ଛା ସେ ଭୋଗୀ ପାରେନା। ଭଅଁର, ମହୁମାଛି, ପ୍ରଜାପତି ନିଜର ଖୁସି ପାଇଁ ଏ ବଉଳରୁ ସେ ବଉଳ ବସି ବସି ମଧୁ ଚୁମିବା ଭିତରେ ଅନେକ ବଉଳ ଝରି ପଡ଼ନ୍ତି ମାଟିରେ। ଭାଗ୍ୟକୁ ଯିଏ ରହିଯାଏ ସେ ନୂତନ ସୃଷ୍ଟିର ଜୀବନ୍ୟାସ ଦିଏ। ହେଲେ ଝରି ଯାଇଥିବା ବଉଳ ମାନଙ୍କର ଦୋଷ କଣ? ସେମାନେ ବି ଆମ୍ବ ଗଛର ଅଂଶ ବିଶେଷ! ସେତେବେଳେ ପାଖରେ ଆଉ ନଥାନ୍ତି ମହୁମାଛି କି ଭଅଁର। ଉଡ଼ି ଯାଇଥାନ୍ତି ନୂତନ ଫୁଲର ଅନ୍ୱେଷଣରେ। ବିଚରା ଝରା ବଉଳ ମାନେ ଧୀରେ ଧୀରେ ମିଶି ଯାଆନ୍ତି ମାଟି ମା'ର ବକ୍ଷରେ। ଏଇ ତାଙ୍କର ଭବିତବ୍ୟ ଏ ଜନ୍ମରେ..

> ଝିଅ ବାହା ନ ହୋଇଥିବା ଯାଏ ବାପ ଘର ତାର କିନ୍ତୁ ବିବାହ ପରେ ନୁହେଁ ଏହା ଆମ ସମାଜର ଧାରଣା। ଅନେକ ଧନ ସଂପତ୍ତି ଥିଲେ ମଧ୍ୟ ଲୋଭ ମଧ୍ୟ ମଣିଷକୁ ନିମ୍ନକୁ ନେଇଯାଏ। ଘରର ସବୁ କାମ କଳାପରେ ମଧ୍ୟ ସେ କାହାର ହୁଏନି ଏକା ମା ବିନା।

ସେଇପରି ମଧ୍ୟ ଜୀବନ ଯାତ୍ରାରେ ହାରି ଯାଆନ୍ତି କିଛି ନାରୀ ଚରିତ୍ରମାନେ। କୁଆଁରୀ ବେଳର ଅନେକ ନରମ ସ୍ୱପ୍ନକୁ ଲୁଚେଇ ରଖିବାକୁ ପଡ଼େ ଫାଟି ଯାଇଥିବା ଛାତି ଭିତରେ ସବୁ ଲହୁକୁ ନୈବେଦ୍ୟ କରି। ଲୁହକୁ ଓଠ ଧାରରେ ଆତ୍ମସ୍ଥ କରି। କୁଆଁରୀ ଜୀବନର କଅଁଳ ମନଟିକୁ କାହାର ପ୍ରଲୋଭନରେ ପଡ଼ିଦେଇ ଦିଅନ୍ତି ସିନା, ହେଲେ ତାର ପ୍ରତିବଦଳରେ କେବଳ ପ୍ରତାରଣା ଓ ନିନ୍ଦା ଅପବାଦ ସାରାଜୀବନର ପାଉଣା ହୋଇଯାଏ। କହି ହୁଏନି କି ସହି ହୁଏନି, କେବଳ ସାରାଜୀବନ ସେଇ ବୋଝକୁ ହାଲକା କରି ସମାଜ ସାଥିରେ ପାଦ ମିଳେଇ କିଛି ନହେବାର ବାହାନା କରି ଚାଲିବାକୁ ହୁଏ ଜୀବନ ତମାମ।

ସେମିତି ଝିଅଟିଏ ଥିଲା ସରସ୍ୱତୀ। ସେତେବେଳର କଥା, ଯେବେ ଭାଇ ଭଉଣୀ ମିଶି ନଅ ଜଣ। ଛଅ ଜଣ ଭଉଣୀ ତିନିଜଣ ଭାଇ। ଆଜିକାଲି ପରି ସେତେବେଳେ ପରିବାର ନିୟୋଜନ ନଥିଲା। ବଡ଼ ଝିଅ ବା ବଡ଼ ପୁଅ ବାହା ହୋଇ ତାର ପୁଅ ଝିଅ ହେଲା ବେଳକୁ ତା' ମାଆର ବି ପୁଅ ଝିଅ ହେଉଥିଲେ। ଏହା ଥିଲା ଗାଁ ମାନଙ୍କରେ ପ୍ରତି ଘରର କଥା ତେଣୁ ଲାଜ କରିବାର ବି କିଛି ନଥିଲା। ସରସ୍ୱତୀର ୪ଜଣ ବଡ଼ ଭଉଣୀ ପରେ ଭାଇ, ସେତେବେଳକୁ ତାର ଦୁଇଭଉଣୀ ବାହା ହୋଇ ତାଙ୍କର ପିଲାହେଲେଣି। ସେତିକି ବେଳେ ସରସ୍ୱତୀର ଜନ୍ମ। ତା'ପରେ ପୁଣି ଦୁଇ ଭାଇ ଓ ଗୋଟିଏ ଭଉଣୀ। ସେତେବେଳକୁ ଭଉଣୀର ପୁଅଝିଅ, ମାଉସୀ, ମାମୁଁ ମାନଙ୍କର ଖେଳ ସାଥି। ଅଭାବ କିଛିନଥିଲା। ଗାଁର ଜମିଦାର ଘର। ଜମି ବାଡ଼ି ଟଙ୍କା ସୁନା କୋଉଥିରେ ଅଭାବ ନାହିଁ। ସେଇ ଭିତରେ ସରସ୍ୱତୀ ବଢ଼ିଲା ଖୁବ ଆଦର ଯତ୍ନରେ। ଅନ୍ୟ ଭାଇଭଉଣୀ ସଙ୍ଗେ ସେ ମଧ୍ୟ ପାଠ ପଢ଼ିଲା ଏବଂ ମାଟ୍ରିକ ପାସ କଲା। ଭଲ ପାଠ ପଢ଼ା ସାଙ୍ଗକୁ ତାର ସୁନ୍ଦର ହସ୍ତାକ୍ଷର ପାଇଁ ବିଦ୍ୟାଳୟ, ସାଙ୍ଗ ସାଥି ସବୁଠି ତାର ଆଦର। ଖୁବ ମେଳାପୀ ଏବଂ ଭଲ ସ୍ୱଭାବର ଝିଅ।

ମାଟ୍ରିକ ପରେ ସହରରେ ରହିଲା ବଡ଼ଭଉଣୀ ଘରେ କଲେଜରେ ପଢ଼ିବାକୁ। ସହରରେ ସେ କିଛି କିଛି ସାହିତ୍ୟ ପ୍ରତି ଆକୃଷ୍ଟ ହେଲା ଏବଂ ଗପ, କବିତା ସବୁ ଲେଖିଲା। ଭଲ ପଢୁଥିଲା ବୋଲି ତାର ଯେତିକି ଆଦର ଥିଲା ଗପ, କବିତା ସବୁ ଯେତେବେଳେ ତାର ବିଭିନ୍ନ ପତ୍ର ପତ୍ରିକାରେ ପ୍ରକାଶ ପାଇଲା ସେ ଆହୁରି ସମ୍ମାନ ପାଇଲା। ଏ ଭିତରେ ତାର ଆଇ. ଏ ପରୀକ୍ଷା ସରିଥିଲା। କିନ୍ତୁ ସେତେବେଳକୁ ସେ ତା' ଭଉଣୀ ଘର ପାଖରେ ରହୁଥିବା ଜଣେ ଯୁବକର ପ୍ରେମରେ ପଡିଯାଇଥିଲା।

ଯୁବକ ଜଣକ ତାକୁ ନିଜ ବିଷୟରେ ମିଛ ପରିଚୟ ଦେଇ ତାର ସଂପର୍କ ବଢ଼େଇ ଦେଇଥିଲା। ସରସ୍ୱତୀ ଗାଁ ଝିଅ ଏବଂ ନିଜ ସରଳତା ଯୋଗୁ ଫଶିଯାଇଥିଲା ସେ ଯୁବକର ପ୍ରେମ ଫାସରେ। ତା'ଭଉଣୀ ଘରେ ଏ ବିଷୟରେ କେହି କିଛି ଜାଣି ପାରିଲେନାହିଁ। କଲେଜ ଯିବା ବାଟରେ ଦେଖା ହେଉଥିଲା। ପୁଅଟି ଯେବେ ଜାଣିଲା ସରସ୍ୱତୀ ଗପ, କବିତା ଲେଖୁଛି ଏବଂ ତା' ଲେଖା ଏବେ ବିଭିନ୍ନ ପତ୍ର ପତ୍ରିକାରେ ପ୍ରକାଶିତ ହେଉଛି ତା'ର ଲୋଭ ହେଲା ଏମିତି ସମ୍ମାନର ଅଧିକାରୀ ହେବାକୁ। ସେ ସରସ୍ୱତୀର ଲେଖାସବୁ ତା'ଠାରୁ ପୋଷ୍ଟ କରିବାକୁ ନେଇ କିଛିଦିନ ଭିତରେ ନିଜ ନାମରେ ଲେଖି ପଠାଇଦିଏ। ସରସ୍ୱତୀ ଜାଣି ପାରେନି କିନ୍ତୁ ଗପ, କବିତା ସବୁ ନିୟମିତ ସେ ପୁଅ ନାମରେ ପ୍ରକାଶ ପାଏ। ଏଥିରୁ ଖୁବ ପ୍ରଶଂସା ମିଳିବାରୁ ଲୋଭଗ୍ରସ୍ତ ହୋଇ ପୁଅଟି ବାଧକରେ ସରସ୍ୱତୀକୁ ତା' ସହ ବିବାହ କରିବାକୁ।

ଲୋଭ ଆଉ ଲାଭ ଦୁଇଟାକୁ ପାଇବାର ଆକର୍ଷଣ ପୁଅଟିକୁ ତାର ମାନବିକତା ହଜେଇବାକୁ ବାଧ କରେ। ସେ କିଏ, କୁଆଡ଼େ ଆସିଛି ଭୁଲିଯାଏ। ଭୁଲିଯାଏ ସେ ବିବାହିତ ଏବଂ ଗାଁରେ ତାର ସ୍ତ୍ରୀ, ପିଲା, ବାପା, ମା ସବୁ ରହୁଛନ୍ତି। ନିଜେ କରୁଥିବା ଛୋଟ କାଟିଆ ବେପାର କରେ ସିନା ଗାଁ'କୁ ଟଙ୍କା ପଠାଇବାକୁ ହେଲେ ସରସ୍ୱତୀକୁ ପାଇବାର ଲାଳସା ଓ କବି ହୋଇ ସମ୍ମାନ ପାଇବାର ଦୁର୍ବାର ମୋହ ତାକୁ ଅନ୍ଧ କରିଦିଏ। ଭଲପାଇବାର ବାହାନାରେ ସେ ସରସ୍ୱତୀର ଦେହ ସହ ବି ଖେଳିଦେଇଥାଏ। ତେଣୁ ସରସ୍ୱତୀ ମଧ୍ୟ ମିଛ ପ୍ରେମ ଜାଲରେ ବାନ୍ଧି ହୋଇ କିଛି କହି ପାରୁନଥାଏ।

ଦିନେ ସରସ୍ୱତୀ ପଚାରିଲା ତୁମେ କି କାମ କରୁଛ, ତୁମ ନିଜ ଘର କୋଉଠି। ତୁମ ଘରେ କିଏ ଅଛନ୍ତି ସବୁ କହିଲେ ମୁଁ ବାପାଙ୍କୁ କହିବି। ପୁଅଟି କହିଲା ମୋ ନାମ ଦୀନେଶ। ସେ ଗୁଡ଼ାଏ ମିଛ ଯୋଡ଼ି ତାକୁ କହିଲା। ଯେହେତୁ ସରସ୍ୱତୀ ତାକୁ ଭଲ ପାଉଥିଲା ତେଣୁ ତା'କଥା ସବୁ ବିଶ୍ୱାସ କଲା। ସେତେବେଳେ ଫୋନ, ଯାତାୟାତ ସୁବିଧା, ପରିଚୟ ପାଇଁ ଆଧାର କାର୍ଡ ପ୍ରଭୃତି ନଥିଲା। ଆଉ ଭଲପାଇବାଟା ତ କାଳେ କାଳେ ଅନ୍ଧ। ସରସ୍ୱତୀ ଭଉଣୀକୁ ସବୁ କହିଲା ଏବଂ ଦୀନେଶକୁ ବାହା ହେବାକୁ ମଧ୍ୟ ଜିଦି କଲା। ଦୀନେଶ ତାକୁ ଭଲପାଇବାର ବାହାନା କରି ରାଣ ନିୟମ ଦେଇଦେଇଥିଲା। ଗାଁ'ର ଝିଅ, ତେଣୁ ଧର୍ମ ବିଶ୍ୱାସ ବେଶୀ ଯୋଗୁ ସେ ତା' ଫାସରେ ପଡ଼ିଗଲା। ଭଉଣୀ, ଭିଣୋଇ ମନା କରିବା ସତ୍ତ୍ୱେ ତା' ବାପା ଝିଅକୁ ଖୁସି କରିବାକୁ କଟକରେ ଏକ ମନ୍ଦିରରେ ବାହାଘର କରିଦେଲେ। ସରସ୍ୱତୀ ଭାବିଥିଲା ତା' ପ୍ରେମ ସଫଳ ହେଲା ଏବେ ତାର ସାହିତ୍ୟ ଜୀବନ ବି ଆଗକୁ ଭଲ ଚାଲିବ। ବାହା ହେଲା ପରେ ସେ ଶାଶୁ ଘରକୁ ଯିବ। ନୂଆ ନୂଆ ସ୍ୱପ୍ନ ସବୁ ସ୍ୱପ୍ନରେ ରହିଲା। ଦୀନେଶ ନାମଧାରୀ ଲୋକଟି କହିଲା ମୁଁ ଗାଁକୁ ଯାଇ ବିବାହ କରିସାରିଛି ବୋଲି କହି ସାରିଲାପରେ ତମକୁ ନେବି।

ସେଇଠି କଟକରେ ଭଡ଼ା ଘର ନେଇ ରହନ୍ତି ସେମାନେ। ମଝିରେ ମଝିରେ ବେପାର ବାହାନା ଦେଖାଇ ୧୫/୨୦ ଦିନ କୁଆଡ଼େ ଚାଲିଯାଏ ଦୀନେଶ। ପୁଣି ଆସେ ଏବଂ ଆସିଲେ ସରସ୍ୱତୀର ଲେଖାସବୁ ନେଇଯାଏ। ମନଭରି ଉପଭୋଗ କରେ ନୂଆ ପତ୍ନୀକୁ। ଛଳନାକୁ ବୁଝେନା ସରସ୍ୱତୀ, ଭାବେ ଏହା ତା' ସ୍ୱାମୀର ଭଲପାଇବା। ତେଣୁ ସେ କିଛି ପ୍ରତିବାଦ କରେନି। କିଛି ଦିନ ଭିତରେ ଲେଖିକା ସରସ୍ୱତୀ ହଜିଯାଏ ସାହିତ୍ୟ ଜଗତରୁ ଏବଂ ସେଇ ସ୍ଥାନରେ ନୂଆ ଲେଖକଟିଏ ଜନ୍ମନିଏ ଦୀନେଶ ଦାସ ନାମରେ। ସରସ୍ୱତୀର ବାପା, ମା, ଭଉଣୀ, ଭିଣୋଇ ଯେତେ ଚେଷ୍ଟା କରନ୍ତି ଦୀନେଶ ବିଷୟରେ ବୁଝିବାକୁ କିଛି ଜାଣିପାରନ୍ତି ନାହିଁ। ଦିନେ ଏମିତି ହୁଏ, ସେ ସରସ୍ୱତୀକୁ ନେଇ ତା'ବାପାଙ୍କ ଘର ଠାରୁ ୨ଟା ଘର ଛାଡି ଗାଁରେ ଭଡ଼ାରେ ରଖିଲା। ବାପ ମା ଭାବିଲେ ଝିଅ ନିକଟରେ ରହିଲେ ଆମେ ତାର ଭଲମନ୍ଦ ବୁଝିବାକୁ ସୁବିଧାହେବ। ଜ୍ୱାଇଁତ ଏଯାଏଁ ନିଜର କିଛି ଅସଲ ପରିଚୟ ଦେଲେନି ବରଂ ଝିଅ ସୁରକ୍ଷୀତ ଆମ ସାମ୍ନାରେ ଥାଉ। ସରସ୍ୱତୀ ଦୀନେଶର ଏଭଳି ଆଚରଣ ଦେଖି ବହୁତ ଥର ଚେଷ୍ଟା କରିଛି ମା'ହେବାକୁ କିନ୍ତୁ ଦିନେଶ କିଛିନା କିଛି ବାହାନା କରି ଦୁଇଟା ଗର୍ଭ ନଷ୍ଟ କରେଇଛି। ଭଲ ପାଇ ବାହାହୋଇଛି ବୋଲି ସରସ୍ୱତୀ ବାପା ଭାଇଙ୍କୁ ଦୋଷ ବି ଦେଇ ପାରୁନି ବା ନିଜ ନିର୍ଯାତନା ବିଷୟରେ କିଛି କହିପାରୁନି। ଦିନେ ତା'ଭାଇ ଦୀନେଶକୁ ପଚାରିବାକୁ ଚେଷ୍ଟା କରିଥିଲା ହେଲେ ସେଇଦିନରୁ ସରସ୍ୱତୀକୁ ତାଙ୍କ ଘର ଲୋକଙ୍କ ସହ ସଂପର୍କ ରଖିବାକୁ କଡ଼ା କଟକଣା ଲଗାଇଦେଲା ଦୀନେଶ। ସରସ୍ୱତୀ ସବୁ ସହେ, ନିଜର ଲେଖିକା ଜୀବନ ଗଲା, ବାପ ଘର ସହ ସଂପର୍କ ଗଲା, ପିଲାଛୁଆ ହେବାର ସ୍ୱପ୍ନ ଗଲା, ତଥାପି ସେ ସହୁଥିଲା ଦୀନେଶର ଅତ୍ୟାଚାର। ମଝିରେ ମଝିରେ ଯେତେବେଳେ ସେ କୁଆଡ଼େ କିଛିଦିନ ଚାଲିଯାଉଥିଲା ଏବଂ ଯେବେ ଫେରୁଥିଲା କାଳେ ସରସ୍ୱତୀ ବାପଘର ସହ ସଂପର୍କ ରଖିଛି ବୋଲି ମିଛ ଦୋଷ ଦେଇ ମଦ ପିଇ ତାକୁ କବାଟ ବନ୍ଦକରି ଏବଂ ଘର ଭିତରେ ରେଡ଼ିଓରେ ଫୁଲ ସାଉଣ୍ଡ ଦେଇ ବାଡ଼ଉଥିଲା। ସାହି ପଡିଶା ଲୋକ କି ବାପା, ଭାଇ କିଛି ପଦକ୍ଷେପ ନେବାକୁ ଚାହିଁଲେ ସରସ୍ୱତୀ ତା'ନିଜ ଘର କଥାରେ କେହି ନ ପଶିବାକୁ ମନା କରିଦେଉଥିଲା। ଜଣାପଡୁନଥିଲା ଏହା ସରସ୍ୱତୀର ପତିବ୍ରତା ଧର୍ମ ପାଳନର ନିଶା ନା ଭୟ। ସେମିତି କେବଳ ଗୋଟିଏ ଉପଭୋଗର ବସ୍ତୁ ଭଳି ସେ ମରିମରି ବଞ୍ଚୁଥିଲା ସେଇଜଣକ ପାଇଁ। ସେ ଫସିଥିବା ଚକ୍ରବ୍ୟୁହରୁ ଉଦ୍ଧାର କରିବା ଆଉ କାହା ଆୟତ୍ତରେ ନଥିଲା କେବଳ ଈଶ୍ୱରଙ୍କ ବିନା।

ଏମିତି ଏମିତି ୫ବର୍ଷ କଟିଗଲା କିନ୍ତୁ ସରସ୍ୱତୀ ଜାଣିଲାନାହିଁ ତା ସ୍ୱାମୀର ଅସଲ ନାମ, ଗାଁ, ଠିକଣା। ଗାଁରେ ସବୁ ଫୁସୁରୁ ଫାସର ହେଉଥିଲେ କାଳେ ଦୀନେଶ ତାର ଅସଲ ନାମ ନୁହେଁ। ଏ ଗୋଟାଏ ଧୋକ୍କାବାଜ। ତାର ନିଶ୍ଚୟ କୋଉଠି ଗାଁ ଅଛି ଏବଂ ସ୍ତ୍ରୀ ପିଲା ବି ଅଛନ୍ତି। କେବଳ ସରସ୍ୱତୀକୁ ଉପଭୋଗ କରିବାକୁ ଏବଂ ତା' ଲେଖାକୁ ନିଜ ନାମରେ କରିବାକୁ ସେ ବାହା ହୋଇଛି, ନହେଲେ ଛୁଆ ପିଲା କାହିଁକି ଚାହାନ୍ତା ନାହିଁ ?

ଥରେ ଏଇ କଥାକୁ ନେଇ ସରସ୍ୱତୀ ମୁହଁ ଖୋଲିଲା । କାରଣ ନିଜ ବାପଘର ଗାଁ, ନିଜ ଜନ୍ମସ୍ଥାନ । କେବଳ ମିଛ ପ୍ରଲୋଭନରେ ସେ ନିଜ ଲୋକଙ୍କଠାରୁ ମଧ୍ୟ ଦୂରେଇ ରହିଛି । ସହିବାର ବି ଗୋଟିଏ ସୀମା ଥାଏ । ଗୋଟାଏ ଘରେ ବନ୍ଦ କରି ରଖି ଭଲ ଖାଇବା ପିନ୍ଧିବା ଦେଇଦେଲେ କଣ ଜଣେ ନାରୀ ପରିପୂର୍ଣ୍ଣା ହୋଇଯିବ ! ନିଜର ଅବଚେତନ ମନକୁ ଜାଗ୍ରତ କଲା ସେ । ଯେତେବେଳେ ଦୀନେଶ ବାହାରିଲା ଯିବାକୁ ସରସ୍ୱତୀ ଜିଦି କଲା ସାଙ୍ଗରେ ଦୀନେଶର ଗାଁ କୁ ଯିବାକୁ । ଏଇ କଥାରୁ ମହାଭାରତ ହୋଇଗଲା । ସେ ପ୍ରବଳ ବାଡ଼େଇଲା ସରସ୍ୱତୀକୁ ଏବଂ ବାହାରୁ ତାଲା ପକାଇ ଚାଲିଗଲା । ପାଟିତୁଣ୍ଡ ଶାନ୍ତ ହୋଇଗଲାପରେ ଯେତେବେଳେ ବାପଘର ଲୋକ ଦେଖିଲେ ବାହାରୁ ତାଲା ପଡ଼ିଛି ସେ ଝିଅକୁ ଆସି ଡାକିଲେ । ସେ ଭିତରେ ଥାଇ କାନ୍ଦି କାନ୍ଦି ସବୁ କହିଲା । ବାପା ଭାଇ ଆସି ତାଲା ଭାଙ୍ଗି ସରସ୍ୱତୀକୁ ଘରକୁ ନେଇଗଲେ । ବହୁତ ବୁଝାବୁଝି କଲେ ଝିଅକୁ । ଅପେକ୍ଷା କଲେ ଦୀନେଶର ଫେରିବାକୁ କିନ୍ତୁ ସେ ଆଉ ଫେରିଲା ନାହିଁ । ଭାଇ, ଭିଣୋଇ ବିଭିନ୍ନ ଆଡ଼େ ଖୋଜ ଖବର ଲଗେଇଲେ ହେଲେ ସବୁ ବ୍ୟର୍ଥ ହେଲା । ସେ କୁଆଡେ ଗଲା ଯେ ଗଲା । ଲାଜରେ ସରସ୍ୱତୀ ଦାଣ୍ଡକୁ ବାହାରିଲା ନାହିଁ । ବାପା, ମା, ଭାଇ, ଭାଉଜ ସମସ୍ତେ ନିଜ ଭାଗ୍ୟକୁ ନିନ୍ଦିଲେ । ବାପା କହିଲେ ଠିକ ଅଛି, ସେ ମଧ୍ୟ ମୋର ଆଉ ଗୋଟିଏ ପୁଅ । ଏଇ ଘରେ ରହିବ । ଅବଶ୍ୟ କିଛିଦିନ ପରେ ସରସ୍ୱତୀ ମାନସିକ ସ୍ତରରେ ଭଲହେବା ପରେ ତାକୁ ଅନ୍ୟତ୍ର ବିବାହ କରିବାକୁ ଆତ୍ମୀୟ ମାନେ ପ୍ରବର୍ତ୍ତାଇ ଥିଲେ, କିନ୍ତୁ ସେ ରୋକଠୋକ ମନା କରିଦେଲା ।

ସମୟ କାହାକୁ ଅପେକ୍ଷା କରେନାହିଁ । ସୁଖ ପରେ ଦୁଃଖ ଓ ଦୁଃଖ ପରେ ସୁଖ ଆବଶ୍ୟମ୍ଭାବି । ସରସ୍ୱତୀର ବାପା ଆରପାରିକୁ ଚାଲିଗଲେ । ଭାଇଭଉଣୀ ସବୁ ବାହା ହୋଇଗଲେ । ଘରେ ତିନି ଭାଉଜ ଓ ବିଧବା ମା ' । ମା ସହିତ ସରସ୍ୱତୀ ରହେ, ତେବେବି ସୁଯୋଗ ଦେଖି ଭାଉଜ ମାନେ କିଛି ନା କିଛି କହି ଦିଅନ୍ତି । ଝିଅ ବାହା ନ ହୋଇଥିବା ଯାଏ ବାପ ଘର ତାର କିନ୍ତୁ ବିବାହ ପରେ ନୁହେଁ ଏହା ଆମ ସମାଜର ଧାରଣା । ଅନେକ ଧନ ସଂପତ୍ତି ଥିଲେ ମଧ୍ୟ ଲୋଭ ମଧ୍ୟ ମଣିଷକୁ ନିମ୍ନକୁ ନେଇଯାଏ । ଘରର ସବୁ କାମ କଲାପରେ ମଧ୍ୟ ସେ କାହାର ହୁଏନି ଏକା ମା ବିନା । ଭାଇ ମାନଙ୍କର ପିଲା ପିଲି ହେଲାପରେ ସେମାନେ ଭିନ୍ନେ ହୋଇଯାଆନ୍ତି । ମାଆ ଓ ଭଉଣୀ କଥା ଭାଗରେ ରହିଯାଏ । ସଂପତ୍ତି ସବୁ ବାଣ୍ଟି ନେଲାପରେ ଗୋଟିଏ ଘର ଓ ବାପାଙ୍କର ପେନସନ ଥାଏ ମା 'ଝିଅଙ୍କର । ସରସ୍ୱତୀ ଯେହେତୁ ସରଳ ଝିଅଟିଏ ସେ କାହାକୁ କିଛି କହେନି ବରଂ ନିଜ ଭବିଷ୍ୟତ କଥା ନିଜେ ଚିନ୍ତାକରେ ।

କଥାରେ ଅଛି ଇଚ୍ଛା ଥିଲେ ଉପାୟ ଆସେ । ସମସ୍ତଙ୍କର ଦୃଷ୍ଟି କଟୁ ନହେବା ପାଇଁ ସେ ଗାଁରେ ସରପଞ୍ଚଙ୍କ ପରାମର୍ଶରେ ଅଙ୍ଗନବାଡ଼ି ଟ୍ରେନିଂ ନେଇ ଆଶାଦିଦି ଭାବେ କାମ କରିବାକୁ ଇଚ୍ଛା ପ୍ରକାଶ କଲା । ସେଇଆ ହେଲା । ନିଜର ଉଦ୍ୟମ ବଳରେ ଏବେ ସେ ଗ୍ରାମ ପଞ୍ଚାୟତର ଆଶାଦିଦି । ମା ମଧ୍ୟ ଚାଲିଗଲେଣି ଆରପୁରକୁ । ସରସ୍ୱତୀ ଏବେ ଗାଁରେ ସମସ୍ତଙ୍କର ପ୍ରିୟ । ଦିନରାତି ତା'ର କଟେ ଗାଁ'ର ମା ଭଉଣୀ ଛୁଆ ପିଲାଙ୍କ ଭଲମନ୍ଦ ବୁଝିବାରେ । ସମସ୍ତେ ତାକୁ ଭଲ ପାଆନ୍ତି । ଯେକୌଣସି ସମୟରେ ସେ ସମସ୍ତଙ୍କ ନିକଟରେ ପହଁଚି ସାହାଯ୍ୟ କରେ ନିଜ ଲୋକଭଳି । କାହା ଜୀବନ କେମିତି କଟିବ ତାହା ଈଶ୍ୱର ନିର୍ଦ୍ଧିଷ୍ଟ । ଆମେ ଚାହିଁଲେ କିଛି ବଦଳେଇ ପାରିବାନାହିଁ ଏ କଥା ଭଲଭାବେ ବୁଝିଥିଲା ସରସ୍ୱତୀ । ତେଣୁ ସବୁ ପଛକଥାକୁ ମନରୁ ସଂପୂର୍ଣ୍ଣ ପାଶୋରି ସେ ଏବେ ନିଜ ଗାଁର ଝିଅ ଗାଁରେ ରହି ସେବା କାମରେ ନିଜର ବାକି ଜୀବନ କଟାଇବରେ ପାଉଛି ପରମ ଆନନ୍ଦ ଏବଂ ସ୍ୱାଧୀନତା । କୁଆଁରୀ ବେଳର ସ୍ୱପ୍ନ ସିନା ହଜିଗଲା ହେଲେ ତା 'ପାଇଁ ଈଶ୍ୱର ଯେଉଁ କାର୍ଯ୍ୟଟି ରଖିଛନ୍ତି ତା' ହୁଏତ ପୂର୍ବ ଜନ୍ମର ତପସ୍ୟା କାହିଁକିନା ସେବାକାର୍ଯ୍ୟ କେତେଜଣଙ୍କ ଭାଗ୍ୟରେ ମିଳେ ?

*ସଂପାଦିକା -ଶିଳାଶ୍ରୀ, ଭୀମଟାଙ୍ଗୀ -୧*
*ପ୍ଲଟ -ନଂ -୨୩୮୦, ଭୁବନେଶ୍ୱର -୨*
*ଦୂରଭାଷ: ୯୮୫୩୯୯୩୯୯୩, ୮୨୪୯୦୦୫୬୯୩*

# ଅଶାନ୍ତ ଗ୍ରହ

**ଦାଶରଥି ଭୂୟାଁ**

ଚନ୍ଦ୍ରକାନ୍ତ ପକ୍ଷୀଭଳି ଆକାଶରେ ଉଡ଼ି ସୀମାହୀନ ଦିଗ୍‌ବଳୟର ଅଭେଦ୍ୟ ରହସ୍ୟକୁ ଭେଦ କରିବାକୁ ଚାହୁଁଥିଲା । ୟୁରୋପ ମହାଦେଶର ଏକ ସୈନ୍ୟଘାଟିର ବିମାନବନ୍ଦରରେ ଫ୍ଲାଇଙ୍ଗ ସ୍କ୍ୱାଡ୍ରନ ଚନ୍ଦ୍ରକାନ୍ତକୁ ସ୍ୱାଗତ ଜଣାଇବା ପାଇଁ ଠିଆ ହୋଇଥିଲା ଯୁଦ୍ଧ ବିମାନ "ଇଗଲ" । ଚନ୍ଦ୍ରକାନ୍ତ "ଇଗଲ" ରେ ଚଢ଼ି ହେଲ୍‌ମେଟ୍ ପିନ୍ଧିଲା ଏବଂ କକପିଟ୍ ର କାଚ ଝରକା ବନ୍ଦ କରି ବିଜୟୀ ମୁଦ୍ରାରେ ହାତମୁଠାର ବୃଦ୍ଧାଙ୍ଗୁଳି ଉପରକୁ ଉଠାଇ ବିମାନକୁ ଉଡ଼ାଇଲା । ତୀକ୍ଷ୍ଣ ତୀର ଭଳି ବିମାନଟି ଆକାଶର ଛାତିକୁ ଚିରି ଦ୍ରୁତ ବେଗରେ ଉଡ଼ିଚାଲିଲା ଭାରତ ଅଭିମୁଖେ । ବିମାନଟି ପରମାଣୁ ମିସାଇଲ ଦ୍ୱାରା ସଂଯୁକ୍ତ ଥିଲା । ଭାରତରେ ପହଞ୍ଚିଲା ମାତ୍ରେ ତାହାକୁ ଯୁଦ୍ଧରେ ନିୟୋଜିତ କରାଯିବାର ଆଶୁ ଆବଶ୍ୟକତା ଥିଲା । ସେଇ ଯୁଦ୍ଧ ବିମାନ ଚଳାଇବାର ରଣକୌଶଳ ଶିଖିବା ପାଇଁ ଚନ୍ଦ୍ରକାନ୍ତ ଦୀର୍ଘଦିନ ହେଲା ସେଠାରେ ରହିଆସୁଥିଲା । କୌଣସି ଏକ ସୀମା ବିବାଦକୁ ନେଇ ଭାରତର ଏକ ପଡ଼ୋଶୀ ଦେଶ ସହିତ ଯୁଦ୍ଧ ଅବଶ୍ୟମ୍ଭାବୀ ଥିଲା । ତେଣୁ, ଭାରତ ସରକାରଙ୍କ ନିର୍ଦ୍ଦେଶ ପାଇବା ମାତ୍ରେ ସେ ବିମାନକୁ ଭାରତକୁ ଉଡ଼ାଇ ଆଣୁଥିଲା । ଚନ୍ଦ୍ରକାନ୍ତ ଜାଣିଥିଲା, ଅବତରଣ କରିବା ମାତ୍ରେ ଶତ୍ରୁ ଦେଶରେ ମାଡ଼ କରିବା ନିମନ୍ତେ ତାଙ୍କୁ ନିର୍ଦ୍ଦେଶ ଦିଆଯିବ । ସେ ଟ୍ରିଗର ଦବାଇବା ମାତ୍ରେ ଲକ୍ଷ୍ୟ ସ୍ଥଳରେ ଥିବା ସବୁକିଛି ଧ୍ୱଂସ ହୋଇଯିବ ।

ଆକାଶରେ ଉଡ଼ିବା ପରେ ଚନ୍ଦ୍ରକାନ୍ତର ମନରେ ଥିବା କାଳ୍ପନିକ ଦିଗ୍‌ବଳୟର ମୃତ୍ୟୁ ହୋଇଯାଇଥିଲା ଏବଂ ବାସ୍ତବିକ ପୃଥିବୀର ଦୃଶ୍ୟ ସାମନାକୁ ଆସିଥିଲା । ଅକାଶକୁ ମାପିଲା ଭଳି ତା ବିମାନର ଡେଣା ବିସ୍ତାରିତ ହୋଇଥିଲା । ସମୁଦ୍ରକୁ ମାପିଲା ଭଳି ତା ଆଖିର ଡୋଳା ଈଶ୍ୱରଙ୍କ ତୃତୀୟ ନୟନ ଭଳି ଖୋଲିଯାଇଥିଲା । ପିଲା ଦିନେ ସାଙ୍ଗ ସାଥିଙ୍କ ଖେଳରେ ଲମ୍ବା ଲଂପ ପ୍ରଦାନ କରି ନିଜେ ନିଜେ ପାହାଡ଼ ହେବା, ପୋଖରୀ ଜଳରେ ଗୋଡ଼ି-ପଥର ଡିଆଁଇ ନିଜକୁ ମିଛି ମିଛିକା ସମୁଦ୍ରରେ ପହଁରାଇବା, ଆକାଶକୁ ଢେଲା ଫିଙ୍ଗି, ଗୁଡ଼ି-ପତଙ୍ଗ ଉଡ଼ାଇ ନିଜେ ଆକାଶ ବୋଲି ଭାବିବା ସେଦିନ ସମାପ୍ତ ହୋଇଯାଇଥିଲା । ସେ ଅନୁଭବ କରୁଥିଲା ଯେ ପୃଥିବୀ ପୃଷ୍ଠରେ ପବନରେ ସ୍ପର୍ଶ ଥିଲା, ପାଣିରେ ରସ ଥିଲା, ଗଛଲତା, ଫଳ-ପୁଷ୍ପର ଗନ୍ଧ ଥିଲା, କିନ୍ତୁ ଆକାଶରେ ସେଭଳି କିଛି ସ୍ପର୍ଶ, ଗନ୍ଧ ଓ ରସ ନଥିଲା । ଏହି କାରଣରୁ ପୃଥିବୀ ପ୍ରତି ତାଙ୍କର ସ୍ୱତନ୍ତ୍ର ମମତା ଥିଲା ଏବଂ ତାଙ୍କୁ ଆକାଶରୁ ପୃଥିବୀର ଦୃଶ୍ୟ ଦେଖିବା ଅତ୍ୟନ୍ତ ରୋମାଞ୍ଚକ ଲାଗୁଥିଲା ।

> ଯେଉଁ ଦର୍ପଣରେ ଦେଖିଲେ ପିଲାମାନେ କେବେ ବୁଢ଼ା ହୁଅନ୍ତି ନାହିଁ, ଜେଜେ ମାଆଙ୍କ ସ୍ମୃତିର ସେଇ ଆଖି ଦର୍ପଣରେ ନିଜକୁ ସେ ପୁଣିଥରେ ଦେଖିବାକୁ ଚେଷ୍ଟାକଲା । ତାର ମନେ ପଡ଼ିଲା ପିଲାଦିନର ସେଇ ଘନ ଅନ୍ଧକାରର ନିର୍ମଳ ଆକାଶର ଧ୍ରୁବ ତାରା, ସପ୍ତର୍ଷି ମଣ୍ଡଳ ଓ ଆକାଶ ଗଙ୍ଗା । ମାନବଜାତି ବର୍ତ୍ତମାନ 'ମହାକାଶ ଅନୁସନ୍ଧାନ' ର ପ୍ରକ୍ରିୟାରେ ଅନ୍ୟ ଗ୍ରହଗୁଡ଼ିକୁ ବିପର୍ଯ୍ୟସ୍ତ କରିବା ପାଇଁ ଚେଷ୍ଟା କରୁଛି ।

ଆଠ ହଜାର ମାଇଲ ଦୂରତ୍ୱ ଏକ ପଶ୍ଚିମ ୟୁରୋପୀୟ ଦେଶରୁ ଅତ୍ୟାଧୁନିକ ଯୁଦ୍ଧ ବିମାନଟି ଯେଉଁଠି ଉଡୁଥିଲା, ତା ଉପରକୁ ବାୟୁମଣ୍ଡଳ ନଥିଲା । ତା ଉଡ଼ାଣ ମହାକାଶ ଯାତ୍ରାର ସମକକ୍ଷ ଥିଲା । କକପିଟ୍ ରୁ ପୃଥିବୀ ପୃଷ୍ଠର ଦୃଶ୍ୟ ଅତ୍ୟନ୍ତ ମନ୍ତ୍ର-ମୁଗ୍ଧକର ଥିଲା । ପୃଥିବୀ ପୃଷ୍ଠରୁ ଆକାଶର ଦୃଶ୍ୟ ଯେମିତି ଦେଖାଯାଏ, ତାଠାରୁ ଅଧିକ ଚମତ୍କାର ଦିଶୁଥିଲା ଆକାଶରୁ ପୃଥିବୀ ପୃଷ୍ଠର ଦୃଶ୍ୟ । ବିମାନ ତଳେ ଏକ ସମାନ୍ତରାଳ ମେଘାଚ୍ଛନ୍ନ ଆକାଶ ଦେଖାଯାଉଥିଲା । ତୁଳା ପରି ଶୁଭ୍ର ମେଘମାଳାରେ ସୂର୍ଯ୍ୟର ପ୍ରତିଫଳନ ଅନ୍ୟ ଏକ ସୂର୍ଯ୍ୟର ଭ୍ରମ ସୃଷ୍ଟି କରୁଥିଲା । ଆକାଶର ଦୃଶ୍ୟ ଉପରୁ ଦେଖିଲେ ଯେମିତି ତଳୁ ଦେଖିଲେ ସେମିତି । ସେଇ ଇନ୍ଦ୍ରଧନୁ, ସେଇ ବାଘନିଶହନାଲାର ସପ୍ତରଙ୍ଗ, ସେଇ ଦିଗ୍‌ବଳୟ, ତଳ

ଆକାଶ ଓ ଉପର ଆକାଶ ମଧ୍ୟରେ କିଛି ବୋଇଲେ କିଛି ଫରକ ନାହିଁ। ନୀଳ ସମୁଦ୍ର, ବହିଯାଉଥିବା ନଦୀ-ନାଳ, ବରଫାବୃତ ପାହାଡ଼-ପର୍ବତ ଆଦି ମନ୍ତ୍ରମୁଗ୍ଧକର ଦୃଶ୍ୟ ବର୍ଣ୍ଣନାତୀତ ଥିଲା। ତା ଠାରୁ ରାତିରେ ପୃଥିବୀ ପୃଷ୍ଠର ମନୋରମ ଦୃଶ୍ୟ ଅତ୍ୟନ୍ତ ରହସ୍ୟମୟ ଥିଲା। ଗାଁ ଓ ସହର ମାନଙ୍କର ଆଲୁଅ ଆକାଶର ଜହ୍ନ-ତାରା ପରି ଝିଲମିଲ ହେଉଥିଲେ। ସହରର କଳ-କାରଖାନା ମାନଙ୍କରୁ ନିର୍ଗତ ଧୂଆଁ ଆକାଶ-ଗଙ୍ଗାର ଭ୍ରମ ସୃଷ୍ଟି କରୁଥିଲା। ବିମାନ ମେଘ ଭିତର ଦେଇ ଉଡ଼ିବା ଠିକ୍ ସମୁଦ୍ର ଭିତରେ ବୁଡ଼ାଜାହାଜ ଗତି କରିବା ପରି ଅନୁଭବ ହେଉଥିଲା ଚନ୍ଦ୍ରକାନ୍ତଙ୍କୁ।

ଦୂର ଆକାଶରୁ ନିଜ ପୃଥିବୀକୁ ଦେଖି ଚନ୍ଦ୍ରକାନ୍ତର ମନ ଫେରିଗଲା ଗାଁକୁ। ଯେଉଁ ଦର୍ପଣରେ ଦେଖିଲେ ପିଲାମାନେ କେବେ ବୁଢ଼ା ହୁଅନ୍ତି ନାହିଁ, ଜେଜେ ମାଙ୍କ ସେଇ ଆଖି ଦର୍ପଣରେ ନିଜକୁ ଦେଖିଲା ସେ। ଗ୍ରୀଷ୍ମଦିନ ରାତିରେ ଘର ବାରଣ୍ଡାରେ ଖଟିଆରେ ଶୋଇ ଆକାଶର ଦୃଶ୍ୟ ଦେଖିବା କେତେ ସୁନ୍ଦର ଅନୁଭବ ଥିଲା। ଚନ୍ଦ୍ରକାନ୍ତ ତାରାମାନଙ୍କୁ ଦେଖିବାକୁ ଭଲ ପାଉଥିଲା। ରହସ୍ୟମୟ ଅକାଶରେ ଅଗଣିତ ତାରାଙ୍କ ମେଳାରେ ଜହ୍ନ। ରାତି ଆକାଶର କୌଣସି ଆକାର ନଥିଲା କି ଆଦି ଅନ୍ତ ନଥିଲା। ସୀମାହୀନ ଆକାଶର ସୀମା ମାପିବାକୁ ଚାହୁଁଥିଲା ଚନ୍ଦ୍ରକାନ୍ତ, କିନ୍ତୁ ରାତିର ଅସୀମ ଆକାଶର କୌଣସି ରୂପରେଖ ତାକୁ ଜଣାପଡୁନଥିଲା। ଗେଣ୍ଡୁଫୁଲ ପରି ଶୀତଳ ପ୍ରଦାନ କରୁଥିବା ତାରାମାନେ କେବଳ ଆଖି ମିଟିମିଟି କରି ଡାକୁଥିଲେ। ପିଲାମାନେ ଗାଉଥିଲେ – "ଆ ଜହ୍ନ ମାମୁଁ ଶରଗ ଶଶୀ।" ଡାଳିମ୍ବ ଦାନା ଓ ଗେଣ୍ଡୁ ଫୁଲ ଭଳି ଦିଶୁଥିବା ଅନ୍ଧକାର ରାତିର ତାରାମାନଙ୍କୁ ଆକାଶରୁ ତୋଳି ଆଣିବାକୁ ଚନ୍ଦ୍ରକାନ୍ତର ଇଚ୍ଛା ହେଉଥିଲା। ସାତସମୁଦ୍ର ତଳେ ଫରୁଆ ଭିତରେ ଭଅଁର ପାଖରେ ଥିବା ବୁଢ଼ୀ ଅସୁରୁଣୀର ଜୀବନର ରହସ୍ୟ ଭଳି ଅନନ୍ତ ଆକାଶର ରହସ୍ୟ, ଧ୍ରୁବଙ୍କ ଭୟଙ୍କର ତପସ୍ୟାରେ ସନ୍ତୁଷ୍ଟ ହୋଇ ଭଗବାନ ତାଙ୍କୁ କୋଳରେ ବସାଇ ଆକାଶର ତାରା କରିବା କାହାଣୀର ରହସ୍ୟ, ସପ୍ତର୍ଷି ମଣ୍ଡଳର ସାତ ଋଷିଙ୍କ ବିସ୍ମିତ କାହଣୀ ଇତ୍ୟାଦି- ଇତ୍ୟାଦି ଜେଜେ ମାଆଙ୍କ ମୁଖରୁ ଶୁଣିବା କେତେ ବିସ୍ମୟକାରୀ ଥିଲା। ଗପ ଶୁଣିଶୁଣି ନିଦ ଆସି ଯାଉଥିଲା।

ତା ପରଦିନ ରାତିରେ ଚନ୍ଦ୍ରକାନ୍ତର ଯେତେ ସାଙ୍ଗ-ସାଥୀଙ୍କ ମାଆ-ବାପା, ଭଉଣୀ-ଭାଇ, ସଂପର୍କୀୟ ମରି ଯାଇଥଲେ ସେମାନଙ୍କୁ ସାନ୍ତ୍ୱନା ଦେବାପାଇଁ ସେ ଉପରେ ବୁଝାଇ କହୁଥିଲା ଯେ, "ସେମାନେ ଆକାଶର ତାରା ହୋଇ ଯାଇଛନ୍ତି।"

ଯଦି କିଏ ପଚାରୁଥିଲା ସେଇଟା କେଉଁ ତାରା, ସେ ମିଛିମିଛିକା ଗୋଟିଏ ତାରାକୁ ଅଙ୍ଗୁଳି ଦେଖାଇ କହୁଥିଲା- "ଏଇ ଦେଖ ସେଇ ତାରା।" ସେମାନେ ସେଇ ତାରାକୁ ଚିହ୍ନଟ କରିପାରୁନଥିଲେ ମଧ୍ୟ ଚନ୍ଦ୍ରକାନ୍ତର କଥାରେ ନିଜନିଜର ମୃତଲୋକେ ଆକାଶର ତାରା ହୋଇଯାଇଥିବା ଜାଣି ଖୁସୀ ଓ ଆତ୍ମବିଭୋର ହୋଇଯାଉଥିଲେ ।

ସେ ଗୋଟିଏ ରାତିରେ ତାଙ୍କ ଜେଜେବାପାଙ୍କୁ ପଚାରିଲା – 'ଅନ୍ୟ ଗ୍ରହ ନକ୍ଷତ୍ର ଓ ତାରାମାନେ ଏତେ ନୀରବ କାହିଁକି ଏବଂ ପୃଥିବୀ ସବୁବେଳେ ଏତେ ଅଶାନ୍ତ କାହିଁକି ?'

ଜେଜେବାପା କହିଲେ – ଯେତେବେଳେ ସୌରଜଗତ ବହୁତ ଛୋଟ ଥିଲା, କିଏ କେଉଁଠାରେ ରହିବ ତାହା ବ୍ରହ୍ମାଣ୍ଡ ନିଷ୍ପତ୍ତି ନେବାବେଳେ ସମସ୍ତ ଗ୍ରହ ପରସ୍ପର ପ୍ରତିଦ୍ୱନ୍ଦିତା କରୁଥିଲେ।

ବୃହସ୍ପତି ଗ୍ରହ ବହୁତ ବଡ଼ ଥିଲେ ଏବଂ କହିଥିଲେ, 'ମୁଁ ସମସ୍ତ ଗ୍ୟାସ ନେଇ କେବଳ ଥଣ୍ଡା ହୋଇରହିବି। ମୁଁ ଏକ ନୀରବ ଦୈତ୍ୟ ହେବି।'

ମଙ୍ଗଳ ଗ୍ରହ କହିଥିଲେ, 'ମୁଁ ଏକ ଶାନ୍ତ, ଲାଲ ମରୁଭୂମି ହେବି। ଯେଉଁଠାରେ କୌଣସି ଯାତାୟାତ ରହିବ ନାହିଁ କୌଣସି ଶବ୍ଦ ରହିବ ନାହିଁ।'

ଶୁକ୍ର ଏକ ଗରମ ଗ୍ରହ ହେବାକୁ ଚାହୁଁଥିଲେ, ଏବଂ ଶନି ଚୁପ୍ ବସି ନିଜ ଚାରିପାଖରେ ବଳୟ ତିଆରି କରିବାକୁ ଚାହୁଁଥିଲେ। ସେମାନେ ସମସ୍ତେ ଶାନ୍ତି ଚାହୁଁଥିଲେ।

କିନ୍ତୁ ତା'ପରେ, ବ୍ରହ୍ମାଣ୍ଡ ପୃଥିବୀ ସୃଷ୍ଟି କରିଥିଲେ। ପୃଥିବୀ ସ୍ୱତନ୍ତ୍ର ଥିଲା। ଏଥିରେ ନୀଳ ରଙ୍ଗର ସମୁଦ୍ର ଏବଂ ସବୁଜ ରଙ୍ଗର ଗଛ ଥିଲା। ଏହା କେବଳ ସୁନ୍ଦର ଦେଖାଯିବାକୁ ଚାହୁଁନଥିଲା; ଏହା ସଙ୍ଗୀତ ବଜାଇବାକୁ ଚାହୁଁଥିଲା। ତେଣୁ, ବ୍ରହ୍ମାଣ୍ଡ ପୃଥିବୀକୁ ପଶୁ, ପବନ, ତରଙ୍ଗ ଏବଂ ଶେଷରେ ... ମଣିଷରେ ପରିପୂର୍ଣ୍ଣ କରିଥିଲେ।

ଚନ୍ଦ୍ରକାନ୍ତ ପଚାରିଲା, 'ଜେଜେ ତେବେ ସେମାନେ କାହିଁକି ଏହାକୁ ଅଶାନ୍ତ କଲେ ?'

ଜେଜେ କହିଲେ, 'ହଁ!' ମାନବର କିଛି ଅନନ୍ୟ ଶକ୍ତିଥିଲା ତାହା ହେଉଛି ଭାବନା। ସେମାନେ ଈର୍ଷା ନାମକ ଏକ ଭାବନା ଅନୁଭବ କରନ୍ତି।

ଚନ୍ଦ୍ରକାନ୍ତ ପଚାରିଲା — ଜେଜେ! ଅନ୍ୟ ଗ୍ରହମାନଙ୍କର ଈର୍ଷା ନାହିଁ ?'

ଜେଜେ କହିଲେ- 'ନା' ସେମାନେ ପରସ୍ପରଠାରୁ କିଛି ଚାହାଁନ୍ତି ନାହିଁ। ସେମାନେ ଈର୍ଷାଶୂନ୍ୟ ହୋଇଥିବାରୁ ସେମାନେ ଶାନ୍ତିପ୍ରିୟ। ପୃଥିବୀ ଅଶାନ୍ତପ୍ରିୟ କାରଣ ଏହାର ଜୀବନ ଈର୍ଷା ଏବଂ ଭାବନାରେ ପରିପୂର୍ଣ୍ଣ। କିନ୍ତୁ ଏହାର ଏକ ଗୁପ୍ତ ଅନ୍ତ ଅଛି।'

ଚନ୍ଦ୍ରକାନ୍ତ ପଚାରିଲା – 'ଏହା କ'ଣ ?'

ଜେଜେ କହିଲେ- 'ମାନବଙ୍କର ମଧ୍ୟ ଏକ ବିଶେଷ ଭାବନା ଅଛି ଯାହା ଗ୍ରହକୁ ପୁଣି ଥରେ ଶାନ୍ତିପୂର୍ଣ୍ଣ କରିପାରିବ। ଏହାକୁ ପ୍ରେମ କୁହାଯାଏ। ଯେତେବେଳେ ଲୋକମାନେ ପ୍ରେମକୁ ଏକତ୍ର ବାଣ୍ଟି ନିଅନ୍ତି, ପରସ୍ପରକୁ ସାହାଯ୍ୟ କରନ୍ତି, ସେତେବେଳେ ପୃଥିବୀ ସମଗ୍ର ବ୍ରହ୍ମାଣ୍ଡର ସବୁଠାରୁ ସୁନ୍ଦର, ଆନନ୍ଦଦାୟକ ସ୍ଥାନ ହେବ। ଯେତେବେଳେ ଆମେ ଈର୍ଷା ସହିତ କାର୍ଯ୍ୟ କରୁ, ସେତେବେଳେ ଆମେ ବନ୍ୟ ପଶୁ। ଯେତେବେଳେ ଆମେ ପ୍ରେମ ସହିତ କାର୍ଯ୍ୟ କରୁ, ସେତେବେଳେ ଆମେ ଦେବଦୂତ।'

ଚନ୍ଦ୍ରକାନ୍ତ ଭାବିଲା ପୃଥିବୀ ଅଶାନ୍ତ କାରଣ ମଣିଷ ସ୍ୱାର୍ଥପର କିମ୍ବା ସମ୍ପଳ, ଶକ୍ତି ଏବଂ ଧନ ଉପରେ ଈର୍ଷା ଦ୍ୱାରା ଚାଳିତ। ପୃଥିବୀକୁ ଶାନ୍ତିପୂର୍ଣ୍ଣ କରିବା ଲୋକଙ୍କ ଉପରେ ନିର୍ଭର କରେ।

ଅନ୍ୟକୁ ସାନ୍ତ୍ୱନା ଦେଉଥିବା ଚନ୍ଦ୍ରକାନ୍ତ ଜେଜେବାପା ଓ ଜେଜେ ମାଆଙ୍କ

କାହାଣୀରେ ସନ୍ତୁଷ୍ଟ ହେଉଥିଲେ ମଧ୍ୟ ତା ମନ ବୁଝୁନଥିଲା। ସ୍କୁଲରେ ସାର୍‌ଙ୍କୁ ଯେତେବେଳେ ସୌରମଣ୍ଡଳର ରହସ୍ୟ, ସପ୍ତର୍ଷି ମଣ୍ଡଳ ଓ ଧ୍ରୁବ ତାରାର ଚମତ୍କାର କାହାଣୀ ସଂପର୍କରେ ପଚାରୁଥିଲା, ସାର୍ ତାକୁ ବୁଝାଇ ଦେଉଥିଲେ- "ଉତ୍ତର ଗୋଲାର୍ଦ୍ଧରେ ରାତିରେ ସପ୍ତର୍ଷି ମଣ୍ଡଳ ଦେଖିବାକୁ ମିଳେ। ସେମାନଙ୍କ ନିକଟରେ ଆଉ ଗୋଟିଏ ତାରା ଅଛି ଯାହାକୁ ଧ୍ରୁବ ତାରା କୁହାଯାଏ। ଏହାକୁ ଇଂରାଜୀରେ ଉର୍ସା ମାଇନୋରିସ୍ ବା ପୋଲାର-ଷ୍ଟାର କୁହାଯାଏ। ଆମ ପୃଥିବୀ ହେଉଛି ଏକ ସ୍ୱୟଂଚାଳିତ ମହାକାଶ ଯାନ, ଯାହା କେବଳ ବାହ୍ୟଶକ୍ତି ଦ୍ୱାରା ପରିଚାଳିତ। ସେହି ବାହ୍ୟ ଶକ୍ତି ହେଉଛି ସୂର୍ଯ୍ୟ। ପୃଥିବୀର ସମସ୍ତ ମଣିଷ, ପଶୁ-ପକ୍ଷୀ, ବୃକ୍ଷ-ଲତା, ପାଣି-ପବନ ଆଦିଙ୍କ ଅସ୍ତିତ୍ୱ ସୂର୍ଯ୍ୟଙ୍କ ଉପରେ ନିର୍ଭରଶୀଳ। ଚନ୍ଦ୍ର-ତାରା, ଗ୍ରହ-ନକ୍ଷତ୍ର ସମସ୍ତେ ସୂର୍ଯ୍ୟଙ୍କ ଠାରୁ ଆଲୋକ ପାଆନ୍ତି, ତେଣୁ ସେମାନଙ୍କୁ ଆମେ ରାତିରେ ଦେଖିପାରୁ। ସେଭଳି ମଙ୍ଗଳ, ଶନି ଆଦି ଗ୍ରହ ଓ ଚନ୍ଦ୍ର ଭଳି ଉପଗ୍ରହ ମାନଙ୍କରେ ପହଞ୍ଚିବାକୁ ପୃଥିବୀ ଗ୍ରହର ମଣିଷମାନଙ୍କ ମଧ୍ୟରେ ପ୍ରତିଯୋଗିତା ଚାଲିଛି। ୧୯୬୯ ମସିହାରେ ନିଲ୍ ଆର୍ମଷ୍ଟ୍ରଙ୍ଗ୍ ଚନ୍ଦ୍ରପୃଷ୍ଠରେ ପାଦ ଦେବାରେ ପ୍ରଥମ ବ୍ୟକ୍ତି ଥିଲେ। ଚନ୍ଦ୍ର ପୃଷ୍ଠରେ ପହଞ୍ଚିବାକୁ ଭାରତ ଦୁଇ-ଦୁଇ ଥର ଚେଷ୍ଟା କରି ସେଥିରେ ସଫଳ ହୋଇଛି।"

ସ୍କୁଲରୁ ଫେରିଲା ପରେ ଚନ୍ଦ୍ରକାନ୍ତ ପୁଣି ଜେଜେ ମାଆଙ୍କୁ ଅଭିଯୋଗ କରି ପଚାରେ- "ଜେଜେ ତୁମେ ସପ୍ତର୍ଷି ମଣ୍ଡଳ ଓ ଧ୍ରୁବତାରା ବିଷୟରେ ମୋତେ ଯେଉଁ କାହାଣୀ ଶୁଣାଇଥିଲ ତାହା ଭୁଲ ନା ଠିକ୍। ସାର୍ କହୁଥିଲେ ଯେ ଚନ୍ଦ୍ର ପୃଷ୍ଠରେ ପହଞ୍ଚିବା ଆମର ଚେଷ୍ଟା ସଫଳ ହୋଇଛି। ସପ୍ତର୍ଷି ମଣ୍ଡଳ, ଧ୍ରୁବ ତାରା କୌଣସି ମାନବ କିମ୍ବଦନ୍ତୀ ନୁହଁନ୍ତି।"

ସତରେ ଗ୍ରହ-ନକ୍ଷତ୍ର, ଜହ୍ନ-ତାରା ବିଷୟରେ ଭାବିଲା ବେଳକୁ ଚନ୍ଦ୍ରକାନ୍ତକୁ ଅଜବ ଲାଗୁଥିଲା। ସୌରମଣ୍ଡଳର ଅଡୁଆ ସୁତାର ଖିଅ ଖୋଜି ପାଉନଥିଲା। ସେଇ ଦିନଠୁ ସେ ଆକାଶରେ ଉଡ଼ିବା ସ୍ୱପ୍ନ ଦେଖିଥିଲା। କି ବିଚିତ୍ର ସୌଦାଗର ଥିଲା ସମୟ। ଯୌବନର ପ୍ରଲୋଭନ ଦେଖାଇ ପିଲାଦିନ ଛଡ଼ାଇ ନେଇଥିଲା ସମୟ। ପିଲା ଦିନର ନିର୍ବୋଧତା କୁଆଡ଼େ ଚାଲି ଯାଇଥିଲା। ତାଙ୍କର କଠିନ ପରିଶ୍ରମ ଫଳରେ ଆକାଶରେ ଉଡ଼ିବା ସ୍ୱପ୍ନ ଦିନେ ସାକାର ହୋଇଥିଲା। ସେ ଭାରତୀୟ ବାୟୁ ସେନାରେ ଫ୍ଲାଇଙ୍ଗ ସ୍କାଡ୍ରନ ପଦବୀରେ ନିଯୁକ୍ତି ପାଇଥିଲେ। ସେଇ ଦିନ ଠାରୁ ସେ ଆକାଶର ଇଗଲ ପକ୍ଷୀ ସଦୃଶ ହୋଇଯାଇଥିଲେ।

ଭାରତର ସୀମିତ ଆକାଶରେ ଜେଟ୍ ବିମାନ ଚଳାଇ ସେ ପୃଥିବୀ ପୃଷ୍ଠର ବାସ୍ତବ ଚିତ୍ରକୁ ଭଲଭାବେ ଦେଖିପାରି ନଥିଲେ। କିନ୍ତୁ "ଇଗଲ" ଯୁଦ୍ଧ ବିମାନରେ ବିଶ୍ୱର ପଶ୍ଚିମ ଦିଗରୁ ପୂର୍ବ ଦିଗକୁ ସୁଉଚ୍ଚରେ ଉଡ଼ିବା ସମୟରେ ମନ୍ତ୍ରମୁଗ୍ଧ କଲାଭଳି ପୃଥିବୀ ପୃଷ୍ଠର ଦୃଶ୍ୟ ଦେଖି ସେ ଆତ୍ମବିଭୋର ହୋଇ ପଡୁଥିଲେ। ପୃଥିବୀ ପୃଷ୍ଠର ସୁନ୍ଦର ଦୃଶ୍ୟକୁ ଦେଖୁ ଦେଖୁ ସେ ହଠାତ୍ ଉଦାସ ହୋଇ ପଡ଼ିଲେ। ଉଦାସ ହେବାର କାରଣ ଥିଲା ଯେ- ପରସ୍ପରକୁ ବିନାଶ କରିବା ପାଇଁ ଦେଶ ଦେଶ ମଧ୍ୟରେ ଯୁଦ୍ଧ ଚାଲିଛି ଏବଂ ପରମାଣୁ ଧମକ ଦେବା-ନେବା ଚାଲିଛି। ମଣିଷ ମନରେ ପରସ୍ପର ମଧ୍ୟରେ ଲାଗିରହିଛି ହିଂସା, ଦ୍ୱେଷ, ଅବିଶ୍ୱାସ ଯାହା ଦିନେ ତୃତୀୟ ବିଶ୍ୱଯୁଦ୍ଧରେ ପରିଣତ ହୋଇ ଏହି ସୁନ୍ଦର ବିଶ୍ୱକୁ ଧ୍ୱଂସ କରିଦେବ।

ପୁଣିଥରେ ଚନ୍ଦ୍ରକାନ୍ତ ଜହ୍ନ-ତାରା, ଗ୍ରହ-ନକ୍ଷତ୍ର ଭରା ଆକାଶକୁ ଦେଖିଲା। ସେମାନେ କେତେ ଶାନ୍ତ ଓ ସ୍ନିଗ୍ଧ ଦେଖା ଯାଉଥିଲା। କିନ୍ତୁ ସେ ଉଡୁଥିବା ବିମାନର ତଳେ ଦୃଶ୍ୟମାନ ସୁନ୍ଦର ପୃଥିବୀ କେତେ ଅଶାନ୍ତ, ଅସ୍ଥିର, ଅତୃପ୍ତ, ଧୃଷ୍ଟ, ଅଶିଷ୍ଟ, କ୍ରୁଦ୍ଧ ଓ ଭୟଙ୍କର ଥିଲା। ସେଇ ମୁହୂର୍ତ୍ତରେ ତା ମନ ମଧ୍ୟରେ ଅନ୍ୟ ଏକ ପ୍ରଶ୍ନ ପ୍ରତିଧ୍ୱନିତ ହେଉଥିଲା- "ଏଇ ଅଶାନ୍ତ ପୃଥିବୀ ଗ୍ରହର ମଣିଷ ନିଜେ ଅତୃପ୍ତ ହୋଇ ମଧ୍ୟ ବ୍ରହ୍ମାଣ୍ଡର ଅନ୍ୟ ଶାନ୍ତ ଗ୍ରହମାନଙ୍କୁ ଅଶାନ୍ତ କରିବାକୁ ଚେଷ୍ଟା କରୁଛନ୍ତି କାହିଁକି ?"

ଏମିତି ଅଶାନ୍ତ ଗ୍ରହ ପୃଥିବୀ ବିଷୟରେ ଭାବୁ ଭାବୁ ସେ ଚଳାଉଥିବା ଯୁଦ୍ଧ ବିମାନ ଭାରତ ସୀମାରେ ପ୍ରବେଶ କରିସାରିଥିଲା। ସେ ହାତ ଘଣ୍ଟାକୁ ଦେଖିଲା। ରାତି ସାଢ଼େ-ଏଗାର ବାଜିବାକୁ ଯାଉଥିଲା। ପୂର୍ବ ନିର୍ଦ୍ଧାରିତ ଅମ୍ବାଲା ସହରର ବାୟୁସେନା ଘାଟିର ବିମାନ ବନ୍ଦରରେ ଅବତରଣ ପାଇଁ ବେତାର ନିର୍ଦ୍ଦେଶ ଆସିଲା। ବିମାନକୁ ଅବତରଣ କରି ତଳକୁ ଓହ୍ଲାଇବା କ୍ଷଣି ବାୟୁସେନାର ପଦାଧିକାରୀ, ସହକର୍ମୀ ସମସ୍ତେ ସ୍ୱାଗତ ଜଣାଇବା ପାଇଁ ତା ନିକଟକୁ ଦୌଡ଼ି ଆସିଲେ।

ଯେଉଁ ଦର୍ପଣରେ ଦେଖିଲେ ପିଲାମାନେ କେବେ ବୁଢ଼ା ହୁଅନ୍ତି ନାହିଁ, ଜେଜେ ମାଆଙ୍କ ସ୍ମୃତିର ସେଇ ଆଖି ଦର୍ପଣରେ ନିଜକୁ ସେ ପୁଣିଥରେ ଦେଖିବାକୁ ଚେଷ୍ଟାକଲା। ତାର ମନେ ପଡ଼ିଲା ପିଲାଦିନର ସେଇ ଘନ ଅନ୍ଧକାରର ନିର୍ମଳ ଆକାଶର ଧ୍ରୁବ ତାରା, ସର୍ପ୍ତଷି ମଣ୍ଡଳ ଓ ଆକାଶ ଗଙ୍ଗା। ମାନବଜାତି ବର୍ତ୍ତମାନ 'ମହାକାଶ ଅନୁସନ୍ଧାନ' ର ପ୍ରକ୍ରିୟାରେ ଅନ୍ୟ ଗ୍ରହଗୁଡ଼ିକୁ ବିପର୍ଯ୍ୟସ୍ତ କରିବା ପାଇଁ ଚେଷ୍ଟା କରୁଛି।

ଚନ୍ଦ୍ରକାନ୍ତ ନିଜକୁ ନିଜେ ପ୍ରଶ୍ନ କଲା –"ମଣିଷ ନିଜେ ତ ଏକ ଅଶାନ୍ତ ଗ୍ରହରେ ବାସ କରୁଛି, ଅନ୍ୟ ଗ୍ରହକୁ କାହିଁକି ଅଶାନ୍ତ କରିବାକୁ ଯାଉଛି ? ସେଇ ମୁହୂର୍ତ୍ତରେ ସେ ମନେ ମନେ ଈଶ୍ୱରଙ୍କୁ ସ୍ମରଣ କରି ଆଶୀର୍ବାଦ ମାଗିଲା- "ହେ ଭଗବାନ ! ପୃଥିବୀ ପୃଷ୍ଠର ଅତୃପ୍ତ ମଣିଷଙ୍କ କବଳରୁ ଏଇ ବ୍ରହ୍ମାଣ୍ଡର ସମସ୍ତ ଗ୍ରହ-ଉପଗ୍ରହମାନଙ୍କୁ ରକ୍ଷାକର। ଏଇ ଅଶାନ୍ତ ଗ୍ରହ ପୃଥିବୀର ଅସନ୍ତୁଷ୍ଟ ମଣିଷଙ୍କ ହିଂସା, ଦ୍ୱେଷ ଓ ଭୟଙ୍କର ଯୁଦ୍ଧ କବଳରୁ ମୁକ୍ତ କର। ମୋର ସେଇ ପିଲା ଦିନ ଫେରାଇଦିଅ, ଯେଉଁଠି ମୁଁ ନିତି ରାତିରେ ଜେଜେ ମାଆଙ୍କ କୋଳରେ ବସି ଗପ ଶୁଣି ଶୁଣି ଅନ୍ୟ ଗ୍ରହ-ଉପଗ୍ରହ ମାନଙ୍କୁ ଜହ୍ନ-ତାରା ଭାବି ଫୁଲପରି ଆକାଶରୁ ତୋଳି ଆଣୁଥିବି ଏବଂ ସେମାନଙ୍କ ଶୀତଳ ପରଶରେ ଶୁଖ ନିଦ୍ରାରେ ଶୋଇ ରହି ଏକ ଶାନ୍ତ ପୃଥିବୀର ସ୍ୱପ୍ନ ଦେଖୁଥିବି।

*ପ୍ରଫେସର ଓ ବିଭାଗୀୟ ମୁଖ୍ୟ,*
*ନିର୍ଦ୍ଦେଶକ, ଦକ୍ଷିଣ ଏସୀୟ ଅଧ୍ୟୟନ କେନ୍ଦ୍ର,*
*ନାଗାଲାଣ୍ଡ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ*
*ଲୁମାମୀ, ଜିଲ୍ଲା –ଜୁନ୍‌ହେବୋଟୋ, ନାଗାଲାଣ୍ଡ-୭୯୮୬୨୭*
*ଦୂରଭାଷ -୭୦୦୮୧୩୨୧୩୪*

# ଶୁଧାର ଟଙ୍କା

ପ୍ରଶାନ୍ତ ତ୍ରିପାଠୀ

'ଆଶା ଦିଦି କହୁଥିଲେ ଶୁଧାର ଟଙ୍କା ଖାତାକୁ ଆସିସାରିଛି। କାଲି ବେଙ୍କକୁ ଯାଇ ଟଙ୍କାଟା ଉଠାଇଲେ ସାହୁକାରର ଋଣ ଶୁଝି ଚକଡ଼ା ଜମିଟାକୁ ଫେରାଇ ଆଣିବି। ଖାତାଟା କେଉଁଠି ରଖିଛୁ ଦେଲୁ।' ମଦନର କଥା କାନରେ ପଡୁ ପଡୁ କଣିକା ନଶୁଣିଲା ପରି ବାରିପଟକୁ ଚାଲିଗଲା।

ମଦନ ବୁଝି ପାରିଲା ସ୍ତ୍ରୀ କଣିକା ଶୁଧାର ଟଙ୍କା ହାତଛଡ଼ା କରିବାକୁ ନଚାହିଁ ତା' କଥା ନଶୁଣିବାର ବାହାନା କରୁଛି। ତେବେ ସେ ମଧ ମର୍ଦ୍ଦପିଲା, ସ୍ତ୍ରୀର ଟଙ୍କାତ ତା'ରି ଟଙ୍କା, ନଦେବ କିଆଁ ?

ବାରିପଟ ଆମ୍ବଗଛ ମୂଳେ ଠିଆ ହୋଇ କଣିକା ମନକୁ ମନ କହିଲା, 'ମା'ବାପ ସରକାର ଶୁଧାର ଟଙ୍କା ଦେଇଛନ୍ତି ମାଇପିମାନଙ୍କ ହାତମୁଠାକୁ ଟାଣ କରିବାକୁ। ହେଲେ, ସେଥିକୁ ମଧ ଗେରସ୍ତର ଡାହାଣା ଆଖି। ଜମି ମୁକୁଳେଇବା ମିଛ, ଟଙ୍କାଟା ହାତରେ ପଡ଼ିଗଲେ ଦିନ କେଇଟା ମଦଭାଟିରେ ମଉଜ ଚାଲିବ। ତା'ପରେ, ଯେଉଁ କାଙ୍ଗାଳକୁ ସେଇ କାଙ୍ଗାଳ। ବେଙ୍କ ପୋଥି କି ଦସ୍ତଖତ ବି ଟିପ ଚିହ୍ନ କିଛି ବି ଦେବିନି। ପୋଥିଟାକୁ ଏମିତି ଜାଗାରେ ଲୁଚାଇଛି ଯେ ଯେତେ ଖୋଜିଲେ ବି ପାଇବ ନାହିଁ। ଟଙ୍କାଟା ଆଇଲେ ପୁଅ ମନୁଆ କହୁଥିଲା ପଲସଟୁ ଫାରମ ଭରିବ। ଗଲା ସନ ଟଙ୍କା ଅଭାବରୁ ସେ ଫାରମ ଭରି ପାରିନଥିଲା। ତା' ପିଛିଲା ଦୁଇ କି ତିନିଥର ଫାରମ ଭରିଥିଲା ଯେ ସେ କୁଆଡ଼େ ଅଧିକ ଟଙ୍କା ନପାଇ କପି, ଫର୍ମ କ'ଣ ଯୋଗାଡ କରିପାରିଲାନି। ସେତେବେଳେ ସିନା ଶାଶୂ ବୁଢ଼ୀର ବାରଧକ୍ୟ ଭତ୍ତା ଟଙ୍କା ପୁଣି ନୋଥ ଆଉ ରୂପା ଖଡୁ ଥିଲା ଯେ କାମ ଚଳି ଯାଇଥିଲା, ଏବେ ଶୁଧାର ଟଙ୍କାଟା ଭାଟିକୁ ଗଲେ ମନୁଆର କ'ଣ ହେବ ?'

ମଦନ ମନକୁ ଟାଣକଲା। ଭାଟି ମାଲିକର କଡା ତାଗିଦା ତା' ମନକୁ ଦୋହଲାଇ ଦେଇଥିଲା। ଭାଟି ମାଲିକ କହିଯାଇଛି, ବାକିଥିବା ଟଙ୍କା ପଇଠନକଲେ ତା'ର ଠେଙ୍ଗୁଆଳମାନେ ଅସୁଲ କରିବାକୁ ଆସିବେ। ଏଇ ଶୁଧାର ଟଙ୍କାଟାକୁ ସେ ଟାକି ରହିଥିଲା, ଆସିଲା ମାତ୍ରେ ଆଗେ ଭାଟିବାଲାର ବାକି ଶୁଝିବ। ଅଥଚ, ଏଇନେ ଛାର ମାଇପିଟା ତା' କଥାକୁ ଏଡାଇଦେବାକୁ ବସିଛି ? ସତେକି ଯେମିତି ଟଙ୍କାଟା ତା' ବୋପାଘରୁ ଆଇଛି।

> ମଧୁର ଲୋଭ ମନୁଆ ପାଇଁ ଅସହ୍ୟ। ବାପ, ମା'ଙ୍କର ସ୍ଥାଣୁ ଅବସ୍ଥାରୁ ସେ ଜାଣି ପାରିଲା।, ସେମାନେ ଭୟରେ ମଧୁ କଥାରେ ରାଜି ହୋଇଯିବେ। ଏଣୁ ସେ ଅବିଳମ୍ବେ ବଜ୍ର କଣ୍ଠରେ ଜବାବ ଦେଲା - ନାଁ ଶୁଆର ଟଙ୍କାରୁ ପଇସାଟିଏ ବି ମୁଁ କାହାରିକୁ ଦେଇ ପାରିବନି। ସେ ଟଙ୍କା ସବୁ ମୋର। ତାହା ଉପରେ ମୋର ପ୍ଲସଟୁ ନିର୍ଭର କରେ।'

ମଦନ ବାରିପଟକୁ ଯାଇ ଆମ୍ବଗଛ ମୂଳେ କଣୀକୁ ଦେଖି କହିଲା, 'ଦେଖ କଣି, ଟଙ୍କାଟା ମୋର ଦରକାର, ଭଲରେ ଭଲରେ ଦେଇଦେ ନ ହେଲେ' -

ମଦନ କଥାରେ କଣିକା ଚିହିଁକି ଉଠିଲା, 'ନଦେଲେ କ'ଣ କରିବୁ ? ମାରିବୁତ ? ମାର, ମାଡ ଖାଇ ଖାଇ ମରିଗଲେ ମଧ ମୋ ଟଙ୍କା ମୁଁ ତତେ ଦେବିନି। କଣିର ଟାଣପଣ ଦେଖି ମଦନ ଟିକେ ନରମିଗଲା। କଅଁଳିଆକଥାରେ ସ୍ତ୍ରୀର ମନ ଜିଣିବାକୁ କହିଲା,

'ଆଲୋ, ତୋର ମୋର କ'ଣ ଅଲଗା ? ତୁ ଯଦି ମୋର ହେଲୁ, ତୋ ଟଙ୍କାଟା କ'ଣ ମୋର ନୁହେଁ ? ତା' ଛଡା ମୁଁ ତ ଟଙ୍କାଟା ମୋର ଜାମାଯୋଡ଼ କି ମଉଜ ମଜଲିସ ପାଇଁ ମାଗୁନାହିଁ,ଖାସ ଜମି ଖଣ୍ଡକ'-

କଣିକା ମଦନକୁ ବାକ୍ୟ ପୂରଣ ପାଇଁ ନ ଦେଇ, ପ୍ରତ୍ୟୁତ୍ତର ଦେଲା, 'ରଖ ତୋର ଚାଲାକି କଥା। ଜମି ମୁକୁଳେଇବା ଖାଲି ବାହାନା। ଟଙ୍କାଟା ହାତରେ ପଡ଼ିଲେ ଭାଟିରେ ଉଡ଼ିବ। ମତେ ଆଉ ସେ ଚାଟୁ କଥା ଶୁଣାନା। ଶୁଧାର ଟଙ୍କା ମୋର,ତା'କୁ ମୁଁ ଭାଟିକୁ ଯିବାକୁ ଦେବିନି, ଦେବିନି, ଦେବିନି। ଏହା ମୋର ତ୍ରିବାର ସତ୍ୟ।'

ମଦନ କଟମଟ କରି କଣିକାକୁ ଅନେଇ କହିଲା, 'ରହ, ସେ ବେଙ୍କ ପୋଥିଟା କୋଉଠି ରଖିଛୁ ପାଇଗଲେ, ତୋର ଦିନେକୁ ମୋର ଦିନେ। ସ୍ତ୍ରୀର ପୋଥିର ଟଙ୍କାକୁ ଗେରସ୍ତ ପାଇବାକୁ କେହି ଅଟକ କରିପାରିବେନି।' ଏତିକି କହି ମଦନ ରାଗ ତମ ତମ ହୋଇ ପୋଥି ଖୋଜିବାକୁ ଘର ଭିତରକୁ ଚାଲିଗଲା।

କଣିକା ପଛରୁ ତା'କୁ ଅନାଇ ମନେ ମନେ ହସିଲା। ଯା, ଘର ଭିତରଟାଯାକ ଦରାଣ୍ଡି ପକା। ପୋଥି ପାଇବୁନିକି, ଫୋତି ପାଇବୁନି।

ତା'ପରେ ସେ ମୂକ ସାକ୍ଷୀ ପରି ଠିଆ ହୋଇଥିବା ଭେଣ୍ଡା ଆମ୍ବଗଛଟିର ମୂଳଟିକୁ ଅନାଇଲା। ଗଛ ମୂଳରେ ଗଦେ ନୂଆ ମାଟି ପକାଇ ସେ ପୋଥିଟିକୁ ଛୋଟ ଟିପ ବାକ୍ସରେ ରଖି ସେହି ଗଛ ମୂଳରେ ପୋତି ଦେଇଛି। ସେହି ବୃକ୍ଷ ଦେବତାହିଁ ତା'ର ସାହା ଭରସା। ବୃକ୍ଷସାରା କଅଁଳ, କଅଁଳ ବଉଳଭରା। ପୁଷମାସର ହାଲୁକା ଖରାରେ ବଉଳ ପେନ୍ଥାଗୁରା ଯେମିତି ହସ ମୁଖର। ସଜ ଫୁଟିଥିବା ଆମ୍ବ ବଉଳର ବାସନାରେ ଆଖପାଖ ମହକୁଛି। କୁହୁଡ଼ି ଦାଉ ନସାଥିଲେ ଏସନ ଗଛଟାରୁ ଶଗଡ଼େ କି ଦି' ଶଗଡ଼ ଆମ୍ବ ଥୁଆ। ବାହା ହୋଇ କଣିକା ଏ ଘରେ ପାଦ ଥାପିଥିବା ଯେତେ ବରଷ, ଗଛଟାକୁ ସେତେ ବରଷ। ଚଉଠି ରାତି ବାସିଦିନ ପୁଅଟିଏ ମନାସି କଣିକା ନିଜ ହାତରେ ଏ ବାରିରେ ରସାଳ ଆମ୍ବ ଟାକୁଆଟିଏ ପୋତି ଢାଳେ ପାଣି ଅଜାଡି ଦେଇଥିଲା। ବରଷା ଆସୁ,ଆସୁ ଟାକୁଆରୁ ଗଜା ବାହାରି ଚାହୁଁ ଚାହୁଁ ଦୁଇପତ୍ର ମେଲି ଆମ୍ବ ଚାରାଟି ଆକାଶକୁ ଅନେଇଲା। କଣିକା ଚାରାଟିକୁ ନିଜ ପୁଅଭଳି ଆଦର ଯତ୍ନରେ ବଢ଼େଇଥିଲା। ସେଦିନର ଚାରାଟି ଆଜି ଯୁଆନ। ଏଇ କେତେ ବରଷ ହେଲା ଫଳନ୍ତି ହେଲାଣି। ହେଲେ ଏ ବର୍ଷ ଯେତେ ବଉଳ ଖୁନ୍ଦି ହୋଇଛି, ଆଗରୁ କେବେ ହୋଇନଥିଲା। ସୁଖ, ଦୁଃଖରେ ଅବା ନିଜର ଏକେଲାପଣ କଟାଇବାକୁ ମନହେଲେ ସେ ଏଇ ଆମ୍ବଗଛମୂଳକୁ ଚାଲି ଆସେ। ଅକୁହା ବୃକ୍ଷଟା ସହ ମନେ ମନେ ଦୁଃଖସୁଖ ହୁଏ। ମଣିଷ ସିନା ଅବିବେକି, ଅବିଶ୍ଵାସୀ ହୋଇପାରେ, ହେଲେ ବୃକ୍ଷ ନୁହେଁ, ସେ ସଦା ସର୍ବଦା ମଣିଷର ଉପକାରୀ।

କଣିକାର ମନେ ପଡ଼ିଲା, ଗାଁ ଚାଟଶାଳୀରେ ପାଠପଢୁଥିବାବେଳେ ଘନ ମାଷ୍ଟ୍ରେ କହିଥିଲେ, 'ବୃକ୍ଷବିନା ଜୀବ ଜଗତ ତିଷ୍ଠି ପାରିବନି। ଏଣୁ, ବୃକ୍ଷ ରୋପଣକରି ଧରିତ୍ରୀ ମା'ର ସେବା କରିବା ଆମର ଧର୍ମ,' ଘନ ମାଷ୍ଟ୍ରେଙ୍କ କଥା ମନେ ପଡୁପଡୁ କଣିକା ନିଜ ଦିହକୁ ଅନେଇଲା। ସେଦିନର ପତଳା ବାଉଁଶ କଣି ଭଳି ଗୋରା ଦିହଟାକୁ ଦେଖି ଘନ ମାଷ୍ଟ୍ରେ ରେଜିଷ୍ଟରରେ ତା'ର ବାପା ମା ଦେଇଥିବା କନକ ନାଁଟାକୁ ବଦଳାଇ କଣିକା ଲେଖିଦେଇଥିଲେ। ଘର ମାଷ୍ଟ୍ରେ କହିଥିଲେ ତୋର ଚେହେରାକୁ ଏ ପୁରୁଣା କାଳିଆ କନକ ନାଁଟା ପସନ୍ଦ ଆସୁନି। ବାଉଁଶ କଣି ଭଳି ତୋର ପତଳା ଗୋରା ତକ ତକ ଦିହଟାକୁ କଣିକା ନାଁଟା ଭଲ ସାଜିବ। ସେହି ଦିନରୁ ସେ କନକ ବଦଳରେ କଣିକା ହୋଇଗଲା। ବାପ, ମା ଦେଇଥିବା କନକ ନାଁଟାକୁ ସଭିଁଏ ପାଶୋରି ପକାଇଲେ। ତା' ତନୁ ପତଳା ନହ ନହକା ଦିହଟା ଚାହୁଁ ଚାହୁଁ ବଢ଼ି ବଢ଼ି ସୁଠାମ ହୋଇଗଲା।

ବାପ, ମା କାହିଁ କେଉଁ ଦିନୁ ଏ ଜଗତରୁ ବିଦା ନେଲେଣି। ଖାନ୍‌ଦାନ ଘରର ଚାରିଭାଇଙ୍କ ପରେ ସେ ଥିଲା ବକଟେ ଦୁହିତା। ଗେଲ ବସରରେ ବଢ଼ିଥିଲା। ଖିର ସର ଖାଇ ବାଲୁତକାଳରୁ ଝଲସି ଝଲସି ବଢ଼ି ସେ ନ ଦଶ ବର୍ଷର ହେବା ପରେ ଘର ଆକଟରେ ସ୍କୁଲଯିବା ବନ୍ଦ। ସେହି ଗାଁ ସ୍କୁଲରେ ହିଁ ପାଠରେ ଡୋର। ଆଉ ଏଇ ମଦନା –

ବାପଘର ଗାଁରେ ଦୋଳ ଯାତବେଳକୁ ଏଇଗାଁର ଯାତରା ଦଳ ରାମଲୀଳା କରିବାକୁ ଯାଇଥିଲେ। ସେହି ରାମଲୀଳାରେ ମଦନା ଲକ୍ଷ୍ମଣ ରୋଲରେ ନିଖୁଣ ଅଭିନୟ କରି ସମସ୍ତଙ୍କର ମନ ଜିଣିଥିଲା। ତା'ର ସୁଠାମ, ଶ୍ୟାମଳ ଚେହେରାରେ ସରଳତା, ସରସତା ଭରି ରହିଥିଲା। ତାହାର ବାପା ମଦନାକୁ ଦେଖି ମନେ ମନେ ଜୁଆଁଇ କରିବାକୁ ସ୍ଥିର କରି ଖୋଜ, ଖବର ନେଇଥିଲେ। ଏଇ ଗାଁର ଭଲ ଚଳନ୍ତା ପରିବାରର ଗୋଟିଏ ପୁଅ ଥିଲା ମଦନ। ଜମିବାଡ଼ି ସାଙ୍ଗକୁ ଗୋଠେ ଗୋ ସମ୍ପଦ। ଜାତି ପତି ସବୁ ସମାନ। ବିଳମ୍ବ ନ କରି ବାପା ମଧ୍ୟସ୍ଥ ପଠାଇଲେ। ମଦନାର ବାପା ଅରାଜି ହେବାର କିଛି କାରଣ ନଥିଲା। ଦବାନବା କଥାରେ କିଛି ମନାନ୍ତର ହେଲା ହେଲାନାହିଁ। ଚାହୁଁ ଚାହୁଁ କଣିକାର ଦାଣ୍ଡ ଦୁଆରେ ବେଦୀ ବନ୍ଧା ହେଲା। ମଦନା ସହ ତାର ହାତଗଣ୍ଠି ପଡ଼ିଗଲା। ଚଉଦ ବର୍ଷ ପୁରୁପୁରୁ କଣିକା ବୋହୂ ହୋଇ ମଦନା ଘରେ ପାଦ ଥାପିଥିଲା।

ଆମ୍ବ ଚାରିଟା ଦି' ହାତ ଉଚ୍ଚ ହେଲାବେଳକୁ କଣିକାର ଗର୍ଭ ବେଦନା। ହେଲେ ତା'ର ସବୁ ମନାସିକୁ ନିରାଶ କରି ପୁଅ ବଦଳରେ ଜନମ ହେଲା ଝିଅ ବକଟେ। ଘରେ ସମସ୍ତଙ୍କର ମନ ଉଣା। କିନ୍ତୁ, ମଦନାର ବାପା ଦମ୍ଭ ହୋଇ କହିଲେ, 'ଝିଅ ନୁହେଁ ଲକ୍ଷ୍ମୀ ମା ଘରକୁ ଆସିଲେ। ତାଙ୍କରି କୁରୁପା ହୋଇ ବରଷକ ପରେ ପୁଣି ଏ ଘରେ ପୁଅଟିଏ କୁଆଁ କୁଆଁ ରାବିବ।'

ସତକୁ ସତ ବରଷକ ପରେ ମନୁଆର କୁଆଁ କୁଆଁ ରାବରେ ଘରଟା ପଡ଼ି ଉଠିଥିଲା। ଘରର ଏତେ ହସଖୁସିକୁ ବୋଧେ କୋଉ ଦେବ, ଦେବତା ସହି ପାରିଲେନି। ସେହି ବରଷ କାହିଁ କୋଉଠୁ ଆସି ଅଜଣା ବେମାରିଟାଏ ମଦନାର ବାପାକୁ ଗ୍ରାସ କଲା। ବଇଦର ଚେର, ମୂଳ, ଗୁଣିଆର ଜଡ଼ିବୁଟି, ମେଡିକାଲ ଡାକ୍ତରର ଚିକିତ୍ସା, କିଛି କାମ ଦେଲାନି। ଚିକିତ୍ସା ଆଉ ପଥି ଖର୍ଚ୍ଚରେ ଗୋରୁ, ବଳଦ ପରେ, ପରେ ଖଣ୍ଡେ ଖଣ୍ଡେ ଜମି ବି ବିକ୍ରି ହୋଇଗଲା। ବାପାତ ବଞ୍ଚିଲାନି, କିନ୍ତୁ ସେଇ ନିରାଶରେ କୋଉ ବାଡ଼ିପଡ଼ା ସାଙ୍ଗର କଥାରେ ପଡ଼ି ମଦନା ଦୁଃଖ ଭୁଲିବାକୁ ଢୋକେ, ଢୋକେ ପିଇବା ଆରମ୍ଭ କରି ଚାହୁଁ ଚାହୁଁ ପକ୍କା ନିଶାଖୋର ହୋଇଗଲା। ନିଶାପାଣି ଖର୍ଚ୍ଚ ପାଇଁ ଫି' ବର୍ଷ ଖଣ୍ଡେ ଖଣ୍ଡେ ଜମି ବିକା ଅବା ବନ୍ଧା ପଡ଼ି, ଏବକୁ ଖଣ୍ଡେ ଅଧେ ବଞ୍ଚିଛି। ଚଳନ୍ତି ପରିବାରଟା ଏବେ ଅଚଳ।

ତେଣେ, ବାପଘରଟା ବି ଛାରଖାର। ଚାରିଭାଇ ବାହାଚୁଡ଼ା ହୋଇ ଅଲଗା, ଅଲଗା ଘର ସଂସାର କଲେ। ଜମିବାଡ଼ି ଘରଦ୍ଵାର ଭାଗ, ଭାଗ ହୋଇଗଲା। ସବୁ ଭାଇଙ୍କର ଗୋଛେ, ଗୋଛେ ପିଲାଝିଲା। ସେଥିରୁ କେତେଟା ବି ବାହା, ସାହା ହେଲେଣି। କିଏ କିଏ ପଢ଼ିବାକୁ ସହର ଯାଇ ଅପରଯାପ୍ତ ଧନ ଉଡ଼େଇଲେଣି। ଚାକିରୀ ବାକିରୀ ସାତ ସପନ। ଏଣେ, ଗାଁର ଜମିବାଡ଼ି ଚାଷବାସରେ କାହାରି ମନ ନାହିଁ। କେତେ ବିକ୍ରିବଟା ହେଲାଣି, କେତେ ପଡ଼ିଆ ପଡ଼ିଛି, କେତେ ଅନ୍ୟ କାହାର ଦଖଲରେ। ସେଥିପାଇଁ ମାଲିମକଦମା ହୋଇ ଖର୍ଚ୍ଚ ବଢ଼ି ଚାଲିଛି। ଖାନଦାନ, ସ୍ଵଚ୍ଛଳ ପରିବାରଟା ଏବେ ଛିନ୍‌ଛତ୍ର। ବୁଢ଼ାବୁଢ଼ୀମାନେ ବାରଧକ୍ୟ ଭତ୍ତାକୁ ଆଉ ମାଇପିମାନେ ଶୁଧାର ଟଙ୍କାକୁ ଅନେଇ ବସିଛନ୍ତି। ଯୁଆନ ଟୋକାଗୁଡ଼ା ଯାହା ପାଇଲେ ତାହା ବନ୍ଧାଛନ୍ଦା ପକାଇ ଭାଟି ମୁହାଁ।

ଆମ୍ବ ଗଛ ମୂଳେ ପଛ ଜୀବନଟାକୁ ଘାଣ୍ଟି ଚକଟିବାରେ ଦଣ୍ଡେ ଗଲାଣି। ସୂର୍ଯ୍ୟ ଦେବତା ମଥା ନୁଆଁଇବାକୁ ବସିଲେଣି। ପୁଷ ମାସର ପାଣିଚିଆ ଖରା ମଉଳି ଆସିଲାଣି। ଅଜାଣତରେ ଆଖିରୁ ବହି ଆସୁଥିବା ଲୁହଧାରକୁ ପଣତକାନିରେ ପୋଛି କଣିକା ଘର ଭିତରକୁ ମୁହାଁଇଲା। ଘର ଭିତରର ଥାନ ଅଥାନ ସବୁ ଖୋଜି ସାରି ମଦନ ମୁହଁକୁ ଶୁଖାଇ ବସିଥିଲା। ତା'ର ଅସହାୟ ମୁହଁଟାକୁ ଦେଖି କଣିକା ଆଖିରୁ ବନ୍ଦ ହୋଇଯାଇଥିବା ଲୁହଧାର ପୁଣି ବୋହିବା ଆରମ୍ଭ ହେଲା। ସ୍ଵାମୀର ଉଦାସିଆ ଚାହାଣୀ ତାର ପଥୁରିଆ ହୃଦୟଟାକୁ ନରମ କରିଦେଲା। ଭାବିଲା, ଶୁଧାର ଟଙ୍କାଟା ପାଇଁ ଏତେ ସବୁ। ଟଙ୍କାଟା ପଛେ ହାତଛଡ଼ା ହେଉ, ସ୍ଵାମୀର ମୁହଁରେ ହସଧାରେ ଫୁଟୁ। ସ୍ଵାମୀକୁ କଷ୍ଟଦେଇ ଟଙ୍କାଟାକୁ ନେଇ ସେ କ'ଣ ଖୁସି ହୋଇପାରିବ ? ଏମିତି ଭାବି ଘର ଭିତରୁ କଣିକା ପୁଣି ବାରିପଟ ଆମ୍ବଗଛମୂଳକୁ ମୁହାଁଇବା ବେଳେ

ଦାଣ୍ଡପଟରୁ ଘର ଭିତରକୁ ଜୁଆଁଇ ମଧୁ ଆସୁଥିବା ଦେଖି ଅଟକିଗଲା।

ଜୁଆଁଇକୁ ଦେଖି ସ୍ୱାମୀ ସ୍ତ୍ରୀ ଉଭୟେ ଦଣ୍ଡକ ତଳୁ ଆରମ୍ଭ ହୋଇଥିବା ମନାନ୍ତରକୁ ଭୁଲି ତାର ଚର୍ଚ୍ଚା ପାଇଁ ହଡ଼ବଡ଼ ହେଲେ। କଣିକା ଭାଡ଼ି ଉପରୁ ସାଇତାଥିବା ମସିଣାଟିକୁ ବାହାର କରି ଚଟାଣରେ ବିଛେଇଦେଲା। ମଧୁ ଶାଶୂ, ଶ୍ୱଶୁରଙ୍କୁ ଓଳିକି ହୋଇ ସାରି ଶପ ଉପରେ ବସୁ, ବସୁ ଆରମ୍ଭ କଲା – 'ବୁଝିଲ ମା' ଶୁଣିଲି ଶୁଧାର ଟଙ୍କାଟା ତୁମ ଖାତାକୁ ଆସିଯାଇଛି। ସେଇଥିପାଇଁ ସବୁ କାମଧାମକୁ ପଛରେ ପକାଇ ଦୌଡ଼ି ଆସିଲି। କଥା କ'ଣ କି ଆମ ଗାଁ ସରପଞ୍ଚଙ୍କ ପାଖଲୋକ କହୁଛି ମୋ ନାଁରେ ଆବାସ ଘର ମଂଜୁର ହୋଇଯାଇଛି। ଖାଲି ଆଗତୁରା ଟଙ୍କା ପାଞ୍ଚ ହଜାର ଦେଇଦେଲେ ପଚାଶ ହଜାର ଥୁଆ। ମୋ ପାଖରେ ଏବେ ନଗଦ, ଫଗଦ କିଛି ନାହିଁ। ଯାହା ସଞ୍ଚି ସଞ୍ଚି ରଖିଥିଲି ସବୁ ତୁମ ଝିଅର ପୋଖତୀ ଖର୍ଚ୍ଚରେ ଉଡ଼ିଗଲା। ଭାବିଲି ତୁମର ଶୁଧାର ଟଙ୍କାରୁ ପାଞ୍ଚଟା ହଜାର ନେଇ ଦେଇଦେଲେ ପଚାଶ ହଜାର ଥୟ। ସେଥିପାଇଁ ବିଳମ୍ବ ନ କରି ଚାଲି ଆସିଲି।'

ମଧୁର କଥା ଶୁଣି କଣିକା ଆଉ ମଦନ ଉଭୟେ ହତଭମ୍ବ। ଜୁଆଁଇଁକୁ ଜବାବ ଦେବା ପାଇଁ କାହାରି ପାଟିରୁ ପଦେ କଥା ବାହାରିଲା ନାହିଁ। ମଧୁ ସେମାନଙ୍କର ଏକ ମାତ୍ର କନ୍ୟା ରତ୍ନର ସ୍ୱାମୀ। ଏଇ ତିନି ବର୍ଷ ତଳେ ଦି'ଖଣ୍ଡି ଜମି ବିକ୍ରି କରି ଝିଅକୁ ମଧୁ ହାତରେ ଛନ୍ଦି ଦେଇଥିଲେ। ଝିଅ ଜୁଆଁଇଙ୍କୁ କେବେ ଅମର୍ଯ୍ୟାଦା କରି ନାହାନ୍ତି। ନିଜର ଦରିଦ୍ରତାକୁ ପଛରେ ପକାଇ ଜୁଆଁଇର ସମ୍ମାନ ରକ୍ଷା କରି ଆସିଛନ୍ତି। କିନ୍ତୁ ଆଜି ଜୁଆଁଇର ଦାବି ଶୁଣି ସେମାନେ ହତଚକିତ। କ'ଣ କହିବେ ଭାବି ଉଭୟେ ପରସ୍ପରର ମୁହଁକୁ ଅନାଇ ରହିଲେ।

ମଧୁ ଘରକୁ ପ୍ରବେଶ କରିବା ସମୟରେ ତା' ପଛେ ପଛେ ମନୁଆ ଘରେ ପହଞ୍ଚି ଭଗ୍ନୀ ପତିର ସବୁ କଥା ଶୁଣି ସାରିଥିଲା। ମଧୁର ଲୋଭ ମନୁଆ ପାଇଁ ଅସହ୍ୟ। ବାପ, ମା'ଙ୍କର ସ୍ଥାଣୁ ଅବସ୍ଥାରୁ ସେ ଜାଣି ପାରିଲା।, ସେମାନେ ଭୟରେ ମଧୁ କଥାରେ ରାଜି ହୋଇଯିବେ। ଏଣୁ ସେ ଅବିଳମ୍ବେ ବଜ୍ର କଣ୍ଠରେ ଜବାବ ଦେଲା – ନାଁ ଶୁଆର ଟଙ୍କାରୁ ପଇସାଟିଏ ବି ମୁଁ କାହାରିକୁ ଦେଇ ପାରିବନି। ସେ ଟଙ୍କା ସବୁ ମୋର। ତାହା ଉପରେ ମୋର ପ୍ଲସଟୁ ନିର୍ଭର କରେ।'

ମନୁଆର ଅତର୍କିତ ଆବିର୍ଭାବ ଆଉ ଜବାବରେ ମଧୁ ଟିକିଏ ବିଚଳିତ ହୋଇଗଲା। ଶାଶୁ, ଶ୍ୱଶୁରଙ୍କୁ ପଟେଇ ସେ ଟଙ୍କାଟା ହାତେଇ ପାରିବ ବୋଲି ଧରି ନେଇଥିଲା। ହେଲେ ମନୁଆଟା ବାଧାଦେଲେ ସମ୍ଭବଟା ଅସମ୍ଭବ ହୋଇଯାଇପାରେ। ଏଣୁ, ନିଜର କ୍ରୋଧକୁ ଦମନ କରି କହିଲା – 'ଆରେ ମନୁ, ତୁ ଆସିଗଲୁ, ଭଲ ହେଲା। ତତେ ନଜଣାଇ ମୁଁ କ'ଣ ଟଙ୍କାଟା ନେଇଥାନ୍ତି ? ତୁ ଭାବୁଛୁ ମୁଁ ଟଙ୍କାଟା ମୋଫତରେ ନେଇଯିବି ? ଆରେ ନାଁ, ମୁଁ ମୋର ଆବାସ ଟଙ୍କାଟା ପାଇଗଲେ ସୁଧ, ମୂଳ ହିସାବ କରି ଫେରାଇ ଦେବି। ତୁ ଏଥିପାଇଁ ଦମ୍ଭିଲା ରୁହ। ତୁ ପାଠପଢ଼ି ବଡ଼ଲୋକ ହେଲେ ମୁଁ କ'ଣ ଖୁସି ହେବିନି ?

ଭଗ୍ନୀପତିର ଚାଟୁଳ କଥାରେ ମନୁଆ ଭୁଲିଯିବା ପିଲା ନୁହେଁ। ସେ ମଧୁର ମତଲବ ଭଲ ଭାବେ ବୁଝି ପାରିଥିଲା। ଅତୀତରେ ସେ ଶାଶୁ, ଶ୍ୱଶୁରଙ୍କୁ ଭୁଟେଇ କେତେଥର ଏ ଘରକୁ ଲୁଣ୍ଠନ କରିସାରିଥିଲା। ଝିଅର ଅନିଷ୍ଟ ଆଶଙ୍କାରେ ସେମାନେ ଜୁଆଁଇର କଥାକୁ ଏଡାଇବା ସମ୍ଭବ ନୁହେଁ। ତାକୁ ହିଁ ବାଧା ଦେବାକୁ ହେବ। ହାତ ମୁଠାରୁ ଅର୍ଥ ଥରେ ଖସିଗଲେ ଆଉ ଫେରିବା ମୁସ୍କିଲ। ତା' ଛଡା ସେ ଜାଣେ, ମଧୁ ହାତରେ ଥରେ ଟଙ୍କା ପଡ଼ିଲେ ତାହା ମଦଭାଟି ଅବା ଜୁଆ ଆଡ୍ଡାରେ ଉଡ଼ିବ। ସେଥିରେ ଭଉଣୀର ହିତ ନୁହେଁ, ଅହିତ ହିଁ ହେବ। ଏଣୁ ସେ ଦବି ନ ଯାଇ ଉତ୍ତରଦେଲା, 'ତୁମର ମତଲବ ମୁଁ ବୁଝିଛି। ଆଗରୁ ଏମିତି କେତେଥର ଫେରାଇଦେବ କହି ଟଙ୍କା ନେଇ କାଣି କଉଡ଼ିଟାଏ ମଧ ଫେରାଇ ନାହଁ। ସେ ସବୁ ହିସାବ ମନେ ଅଛି ତ ?

ମଧୁ ଆଉଟିକେ ଦୃଢ଼ ହେଲା। 'ମୋ ମତଲବ କଥା ଛାଡ଼। ତୁ ଫି ବରଷ ପାଠ ପଢ଼ା ବାହାନାରେ କେତେ ଟଙ୍କା ଉଡାଉଛୁ ? ତା'ର ହିସାବଟା ଦେଲୁ ? ବିରାଡ଼ି ଆଖି ବୁଜି କ୍ଷୀର ପିଇବାଭଳି ତୁ ଭାବିଛୁ ତୋର ବେହିସାବ ବଦ୍ ଖର୍ଚ୍ଚ କାହାରିକୁ ଜଣା ନାହିଁ ? ଆରେ ତୁ ଭୁଲି ଯାଉଛୁ। ଏ ଘର, ଏ ସମ୍ପତ୍ତିରେ ତୋର ଯେତିକି ଅଧିକାର ତୋ ଭଉଣୀର ମଧ ସେତିକି ଅଧିକାର। ତୁ ଉଡାଉଥିବା ଧନର ହିସାବ ଦେଇ ତା'ର ଅଧା ତୋର ଭଉଣୀକୁ ଆଗେ ଦେଇସାର, ତା'ପରେ ମୋଠାରୁ ହିସାବ ନେବୁ।'

କଥାର ଗତି ଆଉ ମଧୁ ଏବଂ ମନୁଆର କ୍ରୋଧ ଜର୍ଜରିତ ମୁହଁକୁ ଅନାଇ କଣିକା ଏବଂ ମଦନ ଉଭୟେ ଆତଙ୍କିତ। କ'ଣ କହିବେ ? କାହାକୁ ସମର୍ଥନ କରିବେ ? ଦୁଇଟା ଅରଣା ଷଣ୍ଢଙ୍କର ଆସନ୍ନ ଲଢ଼େଇକୁ କେମିତି ରୋକିବେ ? ସେମାନଙ୍କର ନିରୁତ୍ତର ଅବସ୍ଥା ମନୁଆକୁ ଅଧିକ ଉତ୍କ୍ଷିପ୍ତ କଲା। ସେ ମଧୁର ଆକ୍ରୋଶକୁ ପ୍ରତିହତ କରିବାକୁ କହିଲା। ବାହାଘର ବେଦୀରେ ଯାହା ସବୁ ଯାନି ଯୌତୁକ ନେଇଥିଲୁ ମନେ ନାହିଁ ? ମୋ ଖର୍ଚ୍ଚର ହିସାବ ମାଗିବା ପୂର୍ବରୁ ସେ ଗୁଡିକର ହିସାବ ଦେଲୁ।'

ମନୁଆର ତୁଣ୍ଡରୁ ଏପରି ଶୁଣି ମଧୁର କ୍ରୋଧ ପଞ୍ଚମରେ। ଭୋକିଲା ପଶୁ ମୁହଁରୁ ଆହାର ଛଡ଼ାଇବାକୁ ଉଦ୍ୟମ କରୁଥିବା ଜନ୍ତୁକୁ ପ୍ରତିହତ କରିବା ପଶୁର ଧର୍ମ। ମଧୁତ ଇତର ପଶୁଠାରୁ ଢେର ଉଚ୍ଚରେ। ସେ ସହିବ କେମିତି ? ମନୁଆକୁ ପାନେ ଦେବା ଉଦ୍ଦେଶ୍ୟରେ ଅଣ୍ଟିରେ ଖୋସା ହୋଇଥିବା ଛୁରୀକୁ ବାହାରକଲା। ମନୁଆ ପଛଘୁଞ୍ଚା ଦେବା ଅବୋଧ ବାଳକ ନୁହେଁ। ସେ ତତ୍କ୍ଷଣାତ ଘରକୋଣରେ ଥିବା ଠେଙ୍ଗାକୁ ଉଠାଇ ଆସନ୍ନ ଯୁଦ୍ଧ ପାଇଁ ପ୍ରସ୍ତୁତ ହୋଇଗଲା। ପୁଅ ଆଉ ଜୁଆଁଇର ଭୀମ, ଦୁଃଶାସନ ଅବତାର ଦେଖି, ଉଭୟ ମଦନ ଆଉ କଣିକା ହାଁ, ହାଁ କହି ସେମାନଙ୍କୁ ନିବାରିବା ପାଇଁ ଦୁହିଁଙ୍କ ମଧ୍ୟରେ ଠିଆ ହୋଇଗଲେ। କିନ୍ତୁ ଉତ୍ଥିତ ଅସ୍ତ୍ର ନିମଗ୍ନ ହେଲା ନାହିଁ। ନିମିଷକ ମଧ୍ୟରେ ମଧୁର ଛୁରୀ କଣିକାର ଉଦର ଭେଦ କଲାଏବଂ ମନୁଆର ଠେଙ୍ଗା ମଦନ ମଥାକୁ ଛତୁ କରିଦେଲା। ରକ୍ତ ଜୁଡୁବୁଡୁ ସ୍ୱାମୀ, ସ୍ତ୍ରୀଙ୍କର ପ୍ରାଣହୀନ ଶରୀର ଦିଟା ଚଟାଣରେ ଅଜାଡ଼ି ହୋଇପଡ଼ିଲା। ଉଭୟଙ୍କର ଶରୀରର ଲହୁ ଧାର ମିଶି ଘରର ଚଟାଣ ଭିଜିଗଲା।

ଘର ଭିତରର ଉଚ୍ଚବାଚ୍ଚ ବନ୍ଦ ହୋଇ ଶ୍ମଶାନର ନୀରବତା ଖେଳିଗଲା। ସାହି, ପଡିଶା ଲୋକ ଜମାହେବା ପୂର୍ବରୁ ମଧୁ ଘରର ଦାଣ୍ଡପଟେ ଆଉ ମନୁଆ ବାରିପଟେ ଅଦୃଶ୍ୟ ହୋଇଗଲେ। କଣିକାର ଶୁଧାର ଟଙ୍କାଟା ଆମ୍ବ ଗଛ ମୂଳରେ ମାଟିତଳେ ସୁରକ୍ଷିତ ରହିଲା।

*ଡି - ୯୯୩, ସେକ୍ଟର - ୬*
*ମର୍କତ ନଗର, କଟକ-୧୪*
*ଦୂରଭାଷ: ୯୪୩୭୩୪୪୬୫୫*



# ପଳାତକ ଅତୀତକୁ

**ଅଶ୍ୱିନୀ କୁମାର ମିଶ୍ର**

ଯେମିତି ସ୍ମୃତିର ଫଟୋକାନ୍ଥରୁ
ଝରୁନି ଲାବଣ୍ୟ ଆଗଭଳି
ଠିକ୍ ହେଜି ପାରୁନି ମଗଜ ସେ ପୁରୁଣା
ଦିନ ଗୁଡ଼ିକର ଦୃଶ୍ୟବଳ
ସମୟ କ୍ଷୁରରେ ଚାଲିଛି ହନନ
ଭର୍ତ୍ତି ହୋଇଗଲେଣି ଡଷ୍ଟବିନ୍ ସବୁ
ଅତୀତର ମାସ, ବର୍ଷକ
ଭଙ୍ଗା ହାତଗୋଡ଼ରେ,
ଯେମିତି ଟାଣ ଖରାଂକ ଶକ୍ତ ଚାପୁଡ଼ା
ସବୁଜ ଡାଳ, ପତ୍ରଂକ ମୁଲାଏମ୍ ଗାଲରେ।

ଆଜିର ପ୍ରଜନ୍ମ
ତାଂକୁ ଡେଇଁ ଚାଲିଆସଂତି
ଯେଝା ବାଟରେ।

ଦେଖୁ ଦେଖୁ
ସବୁ କିଛି ଲାଲଗୁଲାଲ୍
ଫିକା ଦିଶିଲେ, ଧୂସର ପାଲଟି ଗଲେ
ପିଲାବେଳ, ଯୌବନ କାଳ
ଚାଲବୁଲ୍‌ର ଗଳି, ଉପଗଳି
ପାରି ହେଇଥିବା ଖଟିଆ, ସାନ କୁଟୀର
ନୂଆଁ ରଂଗ, ନୂଆଁ ମହକର ସୁରାକ୍ ଖୋଜଂତି
ଆଜିର ଦିନ କାଳ,
ମେଘ, ଆକାଶ, ଝରଣା ସବୁକିଛି
ବାଟ ଭାଂଗିଛଂତି ନିଜ ମର୍ଜିରେ
ପକ୍ଷୀବି ପୋଛି ଦେଲେଣି ଗଳାରୁ
ତାଂକ ପୁରୁଣା ରାବ
ନିଜ କାନକୁ ଶୁଭୁଛି ନିଜ ସ୍ୱର
ଆଉ କାହାର ଭଳି।

ଏବେ ପାଠ୍ୟ ବହିରେ
ବେଳେ ବେଳେ ମୁଂଡ ଟୁଂଗାରଂତି
ପୁରୁଣା କବି କେଇଟା, ବାକିମାନେ ନିର୍ବାସିତ,
ଖସିଯାଂତି ଭଗିଆ, ସାରିଆ ଭଳି ସରଳ, ଗାଉଁଲି
ଉପନ୍ୟାସର ପୃଷ୍ଠାରୁ
କୋଟ୍, ଟାଇ ଆଗରେ ମାମୁଲି ଦିଶଂତି
ଧୋତି, ଗାମୁଛା,
ଫୋନ୍ ରାବିଲେ
ଲାଗୁଚି, କେହିଜଣେ
ଘେରୁଛି ଆମଭଳି ଅକିଂଚନଂକୁ
କୃତ୍ରିମ ବୁଦ୍ଧିମତାରେ,
କୂଟକୌଶଳର କଂଟାବାଡ଼ରେ।

ଏବେ ଉଦ୍ଦାମ ସଂଗରୋଳ
ହଟି ବସିଲେଣି ମହାଶୂନ୍ୟର ଚତୁର୍ଦ୍ଧକୋଣରୁ
ବହୁଦିନ ଧରି ରାଜୁତି କରୁଥିବା
ପରାକ୍ରମୀ ସ୍ମୃତିମାନଂକର
ଏବେ ଧକେଇବାର ପାଳି,
ଯେମିତି ବୁଲାଜଂତୁଟିଏ
କେଉଁ ସୈନ୍ୟଦୃଷ୍ଟିଙ୍କ ସିଂହଦ୍ୱାରରେ
ହୁଏତ ସ୍ୱଚ୍ଛମିଆଦୀ ଅମ୍ଳଜାନ୍ ଟିକକର
ଅଂତିମ ନିର୍ଭରତାରେ।

*ଏମ୍-୧, ନେତାଜୀ ସୁବାସ୍ ଏନ୍‌କ୍ଲେଭ, ଗାଡ଼କଣ,*
*ଭୁବନେଶ୍ୱର-୭୫୧୦୧୭*
*ଦୂରଭାଷ: ୯୪୩୮୬୧୫୭୪୨*



# କଙ୍କାଳ କୋହ

**ପିନାକୀ ମିଶ୍ର**

ଅତୀତ ମନେପଡୁଛି ହେ ମହାପୁରୁ

ନଅଙ୍କରେ
ଏ କଙ୍କାଳଜାତିର ମଶାଣି,
କେତେ ଲୁଟିଖିଆ ଆସିଲେ ଗଲେ
ଦେଖିଲ ତ କ୍ଷତ ଆଉ କ୍ଷତିର ଚିଲିକା।

ଅନେଶତ ମହାବାତ୍ୟା – ଭାଙ୍ଗିଦେଲା ଛାତିହାଡ଼,
କୁମ୍ଭୀର ପରି ସମୁଦ୍ର ଟାଣିନେଲା କଞ୍ଚାଦେହ
ତା'ପରେ ବି ଥରକୁଥର କାଳରପ୍ରହାର
ଅଦିନିଆ ତୋଡ଼,
ତୁମ ପ୍ରଭୁପଣକୁ ଜୁହାର ହୋ ଦଇବ।

ମଝିସମୁଦ୍ରରେ ପବନ ଭଉଁରୀ ଖେଳିଲେ
ଏପଟେ ତାଳୁରେ ବାତଚକ୍ର,
ସେପଟେ ତରଙ୍ଗକରାଳ ଫେନିଳ କୋପ
ଏପଟେ ଜୀବନ ବରଡ଼ାପତ୍ର।

ଏଇଠି ପା ତୁମୋ ଅଛ ଆମଲାଗି ?
ତଥାପି ଭୋକର ଭୂଗୋଳ ଲେଖୁଛି ସନନ୍ଦ,
କାହା ଉଦାସୀନତାରେ କଟିଗଲା-
ମଞ୍ଜୁଷା, ଟିକାଲି, ଷଢ଼େଇକଳା ଫୁଲଝର,
ପ୍ରତିବାଦ ପାଣି ଫାଟିଗଲା
ଅଛି ଖାଲି ତୁମଠି ଦରଦ, ଆବିଳ ଅନନ୍ଧ।

ତୁମେ ପା ଅଛ ମହାପ୍ରଭୁ !!
କାହିଁ ଆଖି ଭୁଜ ଚକ୍ର
ଆରତ ନଳିନୀ ଦଳନ, ଗଜ ଉଦ୍ଧାରଣ
ବନମାଳିଆ ଭାବର ବନ୍ଧନ, କାହିଁ ??
ଯାହା କଲଣି ନା' ତମେ
ଦୁଃଖର କଳାଛାଇ ହଟୁନି କାହିଁକି ?
ପୁଣି ଏ କଙ୍କାଳ ଜାତି- ଧାଇଁବ କି ବଡ଼ଦାଣ୍ଡକୁ,
ତୁମ ବଡ଼ପଣ ଟେକ ଲାଗି – ସେ ବାଇଆବାତୁଳା
ଖାଲି ଜୁହାରୁଥିବ ନୀଳଚକ୍ର।

ଧନ୍ୟ ତୁମେ ଏ ଜାତିର ବଳ !!
କ୍ଷମାର ସାଗର ନା' କ୍ଷୁବ୍ଧ ସାଗର ତୁମେ ?

ଚାଉଳଗାଡ଼ି ଗାଁରେ ପଶିଲା
ଗଛମୂଳେ ତାସ୍ ମାଡ଼ ହେଲା,
କ୍ଷେତଖମାର ଉଜୁଡ଼ିଗଲା, ଜଂଗଲ ପଦା,
ସ୍ୱପ୍ନ କଳା ସାମର୍ଥ୍ୟ ତାରୁଣ୍ୟର – ପରାଜୟ,
ତଥାପି ତୁମର ଭୟ।

ଏ ଆଭାଗା ଜାତି ତୁମକୁ କେତେ ଝୁରେ ହୋ !!
ଅହରହ ମୋହନମାୟାରେ,
ବେଦନାଦଗ୍ଧ ହୃଦୟଛନ୍ଦରେ –
କୋଠଭୋଗ ଖିଆର ଆକର୍ଷଣ ବଳେ।

*"ଶୂନ୍ୟନୀଳ"*
*ଚର୍ଚ୍ଚ ପାଖ, ଜେଲ୍ ରୋଡ଼, କେନ୍ଦୁଝର*
*ଦୂରଭାଷ: ୯୪୩୮୧୧୮୩୯୭*

# ପ୍ରେମ-୭

**ସରୋଜିନୀ ମିଶ୍ର (ଏମ୍.ଏ.)**

ପ୍ରେମର ଆରପାଖଟା କ'ଣ ସୁଇସାଇଡ୍।
ଖବରକାଗଜରେ ଅଧିକାଂଶ ଖବର
ଟିଭିରେ ଅଧିକାଂଶ ସଂବାଦ ଏଇ ପ୍ରେମକୁ ନେଇ।
ପ୍ରେମୀ ଯୁଗଳଙ୍କ ଆତ୍ମହତ୍ୟା।
ସ୍ତ୍ରୀକୁ ସ୍ୱାମୀର ହତ୍ୟା।
ସଂଦେହ ପ୍ରତାରଣାରେ ପରିପୂର୍ଣ୍ଣ ଆଜିର ଖବର।
ଅନ୍ୟ ପଟେ ଧର୍ମଗୁରୁମାନଙ୍କର ପ୍ରେମକୁ ପ୍ରୋତ୍ସାହନ।
ପ୍ରେମ ହିଁ ଶ୍ରେଷ୍ଠ।
ପ୍ରେମ ହିଁ ଈଶ୍ୱରଙ୍କ ଦାନ।
ମନୁଷ୍ୟକୁ ଦେବତା କରେ।
ଉପନ୍ୟାସ ଗଳ୍ପ ନାଟକ ପୁରାଣ,
ପ୍ରେମ କାହାଣୀରେ ଭରପୂର।
ତେବେ ପ୍ରେମ ପାପହେଲା କେମିତି।
ଝିଅଟିଏ ପୋଡ଼ିହୋଇ ମରିଯାଏ
ଏଇ ପ୍ରେମପାଇଁ।
ଯୁଗଟା ବଦଳିଛି ସତ,
କିନ୍ତୁ ଲୋକଙ୍କ ଚିନ୍ତାଧାରା ବଦଳିନି।
ଲୋକମାନେ ଶିକ୍ଷିତ ହୋଇଛନ୍ତି ସତ,
କିନ୍ତୁ କାମ କରୁଛନ୍ତି ଅଶିକ୍ଷିତଙ୍କ ପରି।
ଲକ୍ଷ ଲକ୍ଷ ପୁଅଝିଅମାନେ ଆଜି

ପ୍ରେମ ପ୍ରତାରଣାର ଶିକାର।
ସବୁଜାଣି ବି ଲୋକମାନେ ଚୁପ୍।
ଏମିତି ଚୁପ୍ କେତେ ଦିନ।
ଏବେ ତ ସମସ୍ୟା ଅତିଶୟ ହୋଇଗଲାଣି।
କିଛି ଲୋକ ଏହାର ମଜା ଉଠାଉଛନ୍ତି।
ଆଉ ହତ୍ୟାକୁ ପ୍ରୋତ୍ସାହନ ଦେଉଛନ୍ତି।
ଏଭଳି ଏକ ଦିବ୍ୟଗୁଣକୁ କଦାକାର ନକଲେ କଣ ଚଳନ୍ତାନି।

*କଳିଙ୍ଗ ବିହାର, କେ-୬-ଏ, ଭୁବନେଶ୍ୱର*

# କିଛି ରହିନାହିଁ

**ସୁଶୀଲ କୁମାର ପାଣିଗ୍ରାହୀ**

ବହିଯିବ ତା ବାଟେ
ସମୟର କଳାପାଣି

ରାସ୍ତା ଉପରୁ କଣ୍ଟାର
ରକ୍ତ ପିପାସୁ ମୁନ ଯିବ ଭାଙ୍ଗି
ଧିରେ ଧିରେ ଶୁଖିଯିବ ବିଷ

ଝଡ଼ର ଅମାନିଆ ଡେଣାର
ଛାଇ କେତେ ଡରାଇବ

କିଏ ପଚାରୁଛି
ମାଟିତଳେ ପୋତିହେଇଯାଇଥିବା
ପରିତ୍ୟକ୍ତ ସମୟକୁ ?

ପୂର୍ଣ୍ଣ କଳସୀ
ଖାଲି ହେଉଥିବ
ଏନ୍ତୁଡ଼ିରୁ ମଶାଣିକୁ
ବାଟଟାଏ ଅଲବତ୍ ଥିବ
ଜୀବନର ଉତ୍ସବ
ବି ଚାଲିଥିବ

ଅକାଳର ଅନ୍ଧକାରରେ ସାକାର
ମୃତ୍ୟୁଦାତାର ବିଶ୍ୱବିଜୟ ସ୍ୱପ୍ନ
ପୁରା ହେବନି
ଆମର ବି ନିରାପଦ ଶିଖର ବୋଲି
କିଛି ଥିବନି
ଅହଂର ପାଦ ବି
ମାଟି ଖୋଜିବ

ରାସ୍ତା ତିଆରି ହେଉଥିବ
ନୂଆ ନୂଆ
ପୁଣି ଯାଉଥିବ ଭାଙ୍ଗି
କେତେବେଳେ ହେଲେ
କିଛି ରହିନାହିଁ
ଚାହିଁ ଆଜି ଈଶ୍ୱରଙ୍କ
ଅବତାରୀ ଶରୀର ?

***କଲ୍ୟାଣୀ ରେସିଡେନ୍ସି, ଫ୍ଲାଟ୍ - ୨୦୩,***
***ପୋ.- ମୁଦିପଡ଼ା, ସମ୍ବଲପୁର-୨***
***ଦୂରଭାଷ: ୮୧୪୪୨୨୮୨୦୨***

# ଘାଟ

**ଶିବ ଶଙ୍କର ଦାସ**

ଏପଟ ଘାଟରେ
ଏବେ ଅନେକ କୋଳାହଳ,
ଚଳଚଞ୍ଚଳ ଜୀବନ,
ବହି ଯାଉଥିବା ନଈପରି
ଏଠି ସୁଅ ଛୁଟେ
ଅନେକ ସମ୍ଭାବନାର...,
ମୁଁ ଜାଣେ
ତୁମେ ଏବେବି ଛିଡ଼ା ହୋଇଛ
ସେପଟ ଘାଟରେ... !

ହୁଁ...
କାଲି ସଂଧ୍ୟାରେ
ଚେଷ୍ଟା କରିଥିଲି
ଦେଖା କରିବା ପାଇଁ ତୁମକୁ।
କିନ୍ତୁ
ଏପଟ ଘାଟର କୋଳାହଳ
ଜାବୁଡ଼ି ଧରିଥିଲା
ମୋର ଦୁଇ କ୍ଷତାକ୍ତ ପାଦକୁ... ! !

ଏବେ,
ତୁମେ କୁହ -
ସେପଟ ଘାଟର ଖବର କ'ଣ... ?

ସେଇ ପରିଚିତ
ଫମ୍ପା ମଣିଷ ମାନେ
ଏବେ ଅଛନ୍ତି ନା ନାହିଁ
ସେପଟ ଘାଟରେ... ? ?

ହଁ...
ଯଦି ହୁଏ,
ଆଜି ସଂନ୍ଧ୍ୟାରେ
ଯାଇପାରେ
ସେପଟ ଘାଟକୁ
ଆମର ସେଇ ପରିଚିତ
ହୁଲି ଡଙ୍ଗାରେ
ପୁଣି ସମର୍ପିଦେବି
ଦୁଇମୁଠା ସଫେଦ୍ ଫୁଲ
ଖାସ୍ ତୁମରି ପାଦତଳେ...।

*ବିଭାଗୀୟ ମୁଖ୍ୟ, ପ୍ରାଣୀ ବିଜ୍ଞାନ ବିଭାଗ, ହିନ୍ଦୋଳ ମହାବିଦ୍ୟାଳୟ,*
*ଢେଙ୍କାନାଳ-୨୦*
*ଦୂରଭାଷ: ୯୯୩୮୦୪୬୪୪୬*

# ବ୍ୟଥା

**ଡ.ଚନ୍ଦ୍ରକଳା ନାୟକ**

କିଛି କଥା ଅଛି
ମୁଁ ତୁମକୁ ହିଁ କହିପାରେ
ଯାହା କହି ପାରେନା
ମୋ ନିଜର ମଣିଷ ମାନଙ୍କୁ
ଅବା ମୋ ଅନ୍ତରକୁ।
ତୁମେ କଣ ଜାଣିଛ, କି କଥା ?
ସେ କଥା ମୋ ଅବ୍ୟକ୍ତର
ତାଳଗଛ ପରି ଖୁବ ବକ୍ର
ନଦୀ ପରି ଗଭୀର
ସ୍ରୋତ ପରି ତେଜ
ମା ପରି ଅତି କୋମଳ
ଅଥଚ ସେ ମୋର ସାଧା କାଗଜ ତଳର
ଅବ୍ୟକ୍ତ ଅନାଶକ୍ତ
କହି ପାରୁ ନଥିବା ବ୍ୟଥା।
ବେଳେବେଳେ ସେ କହେ
ଖରାର କିରଣକୁ ଯିବାକୁ
ଶୀତର ପରଶକୁ ମାପିବାକୁ
ବସନ୍ତରେ ମତୁଆଲା ହେବାକୁ
ଝିପଝିପ ବର୍ଷାରେ ଭିଜିବାକୁ
ସବୁ କ୍ଳାନ୍ତି ପରେ ବି
ସମୟ ସହ ଏକଲା ଚାଲିବାକୁ।
ଅନେକ ବେଳେ ମନର ବ୍ୟଥାଟା
ବେଦନାର ପରଶରେ ତରଳି ଯାଏ
ଆଗ୍ନେୟଗିରିର ଲାଭା ପରି ନୁହେଁ
ଶୀତଳ ସ୍ୱର୍ଶର ଭାବରେ ନୁହେଁ
ଶୂନ୍ୟତାର ପଦଚିହ୍ନରେ
ପୁଣି ଉଲଗ୍ନ ଆଲିଙ୍ଗନର
ଶେଷ ପରଶର ଚୁମ୍ବନରେ ।
ସେ ବ୍ୟଥା କଥା ମୁଁ କାହାକୁ କହିପାରେନା
ତତେ ତାକୁ ସେମାନଙ୍କୁ
କହେ କେବଳ ସ୍ରଷ୍ଟାକୁ
ଗଢିଥିବା ପୃଥିବୀର ସୁପ୍ତ
ଚେତନାର ପଥିକ ଗୁଡାକୁ ।
ତୁ କିନ୍ତୁ ଆସୁ ବେଳ ଅବେଳରେ
ଆପଣାର ମାନଙ୍କର ଆକ୍ରୋଶରେ
ମୋ ଛାଇର ଶେଷଚିତ୍ର ପରି
ଭିଡ ଭିତରୁ ଧକ୍କା ଖାଇ
ଆଖିକୁ ମଳି ମଳି କାନ୍ଦିବା ପାଇଁ
ପୁଣି ଫେରାଇ ନେବାକୁ
ଭିନ୍ନ ଏକ ଦୁନିଆକୁ
ଯେଉଁଠି ଆଖିର ଲୁହଟାବି ପ୍ରତାରଣା କରି
ବ୍ୟଥାର ଶେଷ ସନ୍ତକଟିକକୁ
ଗୁଡେଇ ତୁଡେଇ ଖୋଜୁଥାଏ ଅନବରତ।

*ଅଧ୍ୟାପିକା, ମହାପୁରୁଷ ହାଡିଦାସ ମହାବିଦ୍ୟାଳୟ, ଛତିଆ,*
*ଯାଜପୁର, ମୋ-୯୪୩୭୯୫୭୬୧୭*

# ସମ୍ପର୍କ କାଲି ଓ ଆଜିର

**କବିତା ମହାନ୍ତି**

ନାହିଁ ଆଜି ପର କଲମ
ନା କାଠି କଲମ
ହଜି ଗଲାଣି କେବେଠାରୁ

କାଳି ଆଉ ସାହି ଦୁଆତ ॥

ଆଜିର ପିଲା ପାଇନାହାଁନ୍ତି
କଲମ ଛାଟର ମାଡ଼
ଅକ୍ଷର ଗୋଲେଇ ଲେଖିବା ପାଇଁ
ପାଞ୍ଚ ଆଗୁଣ୍ଠିରେ ବେତ ॥

ଖଡ଼ିଛୁଆଁର ଜାଗା ନେଇଛି
କି ବୋର୍ଡ଼ ଆଉ
ସ୍କ୍ରିନ୍ ଟଚ

ଚିଠିର ଅକ୍ଷରରେ ଭରି ରହୁଥିବା
ସ୍ନେହ ଶ୍ରଦ୍ଧା ଦରଦ ବା
କାହୁଁ ଆଜି ଆସିବ ! !

ସମୟ ସାଂଗେ
ସମ୍ପର୍କ ବି ରଙ୍ଗ ବଦଳାଇ
ହୋଇଛି ଯାନ୍ତ୍ରିକ
ଢଳି ଯାଇଥିବା କାଳି ଦୁଆତରୁ
ହାତ ସାରା ଲାଗିଥିବା କାଳି କଲମରୁ
ସେ ବି ଲମ୍ବା ଡିଆଁ ଡେଇଁଛି

ଆଜି ଆଉ ସମ୍ପର୍କ
ହୃଦୟରେ ବାନ୍ଧି ହୋଇ ନାହିଁ
ଆଙ୍ଗୁଳି ଅଗରୁ
ସ୍କ୍ରିନ ଟଚରେ
ବହିଯାଇଛି ହ୍ୱାଟ୍ସଆପ, ଫେସବୁକ୍, ଇଂଷ୍ଟାଗ୍ରାମ ଦେଇ ॥

*ଶୈଳ ନିବାସ, ବମିଖାଲ, ଭୁବନେଶ୍ୱର*
*ଦୂରଭାଷ: ୯୯୩୭୭୩୪୮୨୫୦*

# ପୂରିବା ଆଗରୁ କାଳ

**ରବୀନ୍ଦ୍ର କୁମାର ମହାପାତ୍ର**

ପୂଜିଲୁ ନାହିଁ ତୁ ଜୀବନ୍ତ ଦେବତା
ପୂଜୁଁ ପାଷାଣ ପ୍ରତିମା,
ତୋର ହସେ ଯାର ଶ୍ରମ ଆଖି ଲୁହ
ଲଂଘି ସବୁ ଦୁଃଖ ସୀମା ।
ପ୍ରତିଦାନ ଆଶା କେଭେ ସେ କରିନି
ଜାଳେ ସେ ଅଖଣ୍ଡ ବତୀ,
ତୋର ବିଭବରେ ରାତି ଉଜାଗର
ନଥାଏ ତା ଭୟ ଭୀତି ।
ତୋ ଶିରୀ ସଂପଦେ ନୁହେଁ ଭାଗିଦାର
ଦିଏ ପେଟେ ଓଦା କନା,
ତୋ ରଙ୍ଗମହଲେ ଦାସୀ ଭଳି ଖଟେ
ଉଡ଼ାଉ ତୁ ଯଶ ବାନା ।
ମିଥ୍ୟା ଗରବରେ ତୁହି ହୀନ ମତି
ଧରାକୁ ମଣୁ ତୁ ସରା,
ଘୂରେ କାଳଚକ୍ର ସୁଖ ପରେ ଦୁଃଖ
ଭାଙ୍ଗିବ ଗରବ ପରା ।
ମୋହ ମାୟାଜାଲ ସଂସାରଟି ଜାଣ
ଧରିଛି ବିଧାତା ଡୋର,
ଡୋର ଟାଣିଦେଲେ ଭାଙ୍ଗିଯିବ ଦର୍ପ
ରହିବନି କିଛି ତୋର ।
ଯାବତ ଜୀବନ ତାବତ୍ ମରଣ
ମନରେ ଥରେ ତୁ ଭାଳ,
ଜୀବନ୍ତ ଦେବତା ପୂଜ ଥରେ ତୁହି
ପୂରିବା ଆଗୁଁ ତୋ କାଳ ।

*ପ୍ଲଟ ନଂ. ୨/୯୫ (୮୯୨), କଲ୍ୟାଣ ବିହାର,*
*ହାଇଟେକ୍ ପ୍ଲାଜା ପାଖ, ସୁନ୍ଦରପଦା, ପୋ: କୁହା*
*ଭୁବନେଶ୍ୱର-୭୫୧୦୦୨*
*ଦୂରଭାଷ: ୮୮୯୫୭୫୮୮୬୦*

# ସପନ ଡଙ୍ଗା

**ପୀୟୂଷ ପଟ୍ଟନାୟକ**

ଚାଲ ଯିବା ଖୋଜିବାକୁ ଦ୍ୱୀପ ଦ୍ୱୀପାନ୍ତର
ହଜିଯାଇଥିବା ଆମ ପ୍ରେମର ସ୍ୱାକ୍ଷର ।
ଆକାଶରେ ଫୁଟିଥିବ ଫୁଲ
ସୁଲୁ ସୁଲୁ ବୋହୁଥିବ ବାଆ
ସପନ ଡଙ୍ଗାରେ ଦୁହେଁ, ନୀରବ ରାତିର ।

ଏଇଯେ ଅଦୂରେ ଦିଶେ ପ୍ରବାଳର ଦ୍ୱୀପ
ନୀଳ ସମୁଦ୍ରରେ ଯେହ୍ନେ ଆଶାର ଉଦ୍ରେକ
ଦିଗ ହଜା ଡଙ୍ଗାଟିଏ ପାଇଁ
ସଂଗୀ ହୀନ ଯାତ୍ରୀଟିଏ ପାଇଁ
ସେ ଦ୍ୱୀପକି ଆମ ପାଇଁ ଖୋଜୁଥିବା ଦ୍ୱୀପ ।

ଶିଶିର ସକାଳେ ଧରି କାକରର ଟୋପା
ଟିକି ଟିକି ଦର୍ପଣର ଅସୁମାରୀ ଲେଖା।
ବେଳାଭୂଇଁ ନିଶ୍ଚିନ୍ତରେ ଶୋଇ
ଅପେକ୍ଷାରେ କିବା ଆମ ପାଇଁ
ସପନରେ ଖୋଜୁଛି କି ଆମ ପାଦଟିକା।

ତୁମେ ଯେବେ ରଖ ପାଦ ବେଳାଭୂଇଁ ପରେ
ଆକାଶ ବି ଚାହେଁ ଶୁଭ୍ର ବାଦଲ ଆଖିରେ
ଯେତେ ଖେଳ ଛାଇ ଆଲୁଅର
ପଢ଼େନିତ ଜଣା ସେଠି ବେଳ
ତୁମରି ନାଁ ଲେଖି ଦିଏ ସେଠି ବାଲୁକାରେ।

ଆସିବ କି, ପଢ଼ିବାକୁ କେବେ ତୁମ ନାଁଆ
ଦୁରନ୍ତ ସେ ପ୍ରବାଳର ଦ୍ୱୀପେ ବାହି ନାଆ।
ଭିଜିବକି ଶୀତ ସକାଳରେ
କାକରେ, ଅରୁଣ କିରଣରେ
ସ୍ମୃତିର ବହିରେ ଅଲିଭା ରହିବ ଯାହା।

ତୁମେ ତ ସବୁଜ ଘାସର ପଣତ ତଳେ
କେବେଠୁ ଶୋଇଛ ଶୀତଳ ନିଦର କୋଳେ।
ପ୍ରବାଳ ଦ୍ୱୀପର ଡାକ ଏବେ
ପଡ଼ିବନି ତୁମ କାନେ କେବେ
ଝାପ୍ସା ତ ଏବେ ସପନ ଡଙ୍ଗା ଦିଗନ୍ତରେ।

*ଦୂରଭାଷ: ୭୫୦୬୧୮୯୦୩୦*

# ...ମା'ର ଘର...

**ଦେବସ୍ମିତା ବେହେରା**

ଯା'ଭିତରେ ବିତିଗଲାଣି ଅନେକବର୍ଷ
ସେହିଘରୁ ବିଦା ହେବାର
ବିତିଗଲାଣି ଅନେକ ବର୍ଷ..
ନୂଆ ଦୁନିଆ ବସେଇବାର
ହେଲେଜଣା ନାହିଁ କଥା କ'ଣ ?
ସଞ୍ଜ ନଇଁଲେ ମନ
ପହଞ୍ଚିଯାଏ ସେହି ଘରେ ।
ମା'ର କଣ୍ଠ ସ୍ୱର ଶୁଣିବାକୁ
ମନ ଆଜିବି ତରସି ଯାଏ,
ବାସ୍ନା ମା' ହାତ ତିଆରି ଖାଦ୍ୟର
ମନ ଆଜିବି ଝୁରିହୁଏ
ସଞ୍ଜ ହେଲେ ମନେପଡ଼େ,
ଘରେ ଗୁଞ୍ଜରିତ ହେଉଥିବା ସେହି ହସର ଶବ୍ଦ।
ବାପାଙ୍କର କାମରୁ ଘରକୁ ଫେରିବା ମାତ୍ରେ
ଗରମ ଗରମ ଚାହା ପିଆ
ଦିନଯାକର ଖବର ଶୁଣେଇବା
ଭାଇର ଖେଳିକୁଦି ଘରକୁ ଫେରିବା,
ସଞ୍ଜ ହେଲେ ମନେପଡ଼େ ଘର,
ଯେଉଁଠି ସବୁବେଳେ ଲାଗିଥିଲା
ଅତିଥିଙ୍କର ଯିବା ଆସିବା।
ମନକୁ ବୁଝାଏ ମୁଁ ନିତି
ଅତି କଷ୍ଟରେ ଚୁପ୍‌ଚାପ୍ ବସି
ସେଦିନ ବିତିଗଲା, ଯାହା ଫେରିବନି କେବେ
ଏବେ ତୁମେ ଜୀଇଁଚାଲ ସ୍ୱପ୍ନରେ,
ସେହି କ୍ଷଣକୁ ଯାହା ଫେରିକରି
ଆସିବେନି ଆଉ କେବେ ଜୀବନରେ।
ଆଜି ମଧ୍ୟ ମା'କୁ ଦେଇଥିବା କଥାର
ନିର୍ବାହ ମୁଁ କରିଆସୁଛି,
ସମସ୍ତଙ୍କୁ ଖୁସିରେ ରଖିବା ଚେଷ୍ଟାରେ
ମୁଁ ନିତି ଘାଣ୍ଟିହେଇ ମରୁଛି,
ଆଖିର ଲୁହକୁ ଲୁଚିଲୁଚି ପିଉଛି
ଆଉ ମା'କୁ ଝୁରି ଜୀବନକୁ ଜୀଉଁଛି।
କେହି କହିଦିଅ ଟିକିଏ ପ୍ରଭୁଙ୍କୁ
ଯା'ତ ସଞ୍ଜ କେବେ ନଆସୁ
ନହେଲେ ମା'ର ଘରର ସେହି
ଅସହନୀୟ ସ୍ମୃତି ଆଉମନରେ ନ ଆସୁ ।
କଷ୍ଟ ହେଲେବି ଖୁସି ଅଛି ମୁଁ
ନିଜର ଏହି ନୂଆ ଦୁନିଆରେ
ନମାଗିଲେବି ବହୁତ କିଛି ପାଇଛି
ହେଲେ ମା'..ମା'କୁ ପାଇନି କେବେ !
ମନରୁ କଣ ସ୍ମୃତି କେହି କାଢ଼ିପାରିଛି ?
ମା'ର ଘରର ସ୍ମୃତିକୁ
କ'ଣ କିଏ କେବେ ଭୂଲିପାରିଛି ?

*ପ୍ଲଟ ନମ୍ବର-୨୧୭/ପି, ବାୟାବାବା ମଠ ଲେନ୍,*
*ୟୁନିଟ୍-୯(ଫ୍ଲାଟ), ଭୁବନେଶ୍ୱର-୨୨*

# ମା'ର ହସ..

**ମନୋଜ କୁମାର ବେହେରା**

ବୟସର ସାୟାହ୍ନରେ ପହଞ୍ଚିଲାବେଳକୁ
ମା' ହସୁଥିଲା ସଭିଙ୍କୁ ଦେଖି
କିଛି ବାଛବିଚାର ନଥିଲା ତା'ର..
କିଏ ଚିହ୍ନା କିଏ ଅଚିହ୍ନା ଫରକ ପଡୁନଥିଲା
ହସି ହସି ସେ ସ୍ୱାଗତ କରୁଥିଲା ଅତିଥିଙ୍କୁ
ସମସ୍ତଙ୍କୁ ଆଦର କରୁଥିଲା ସ୍ନେହରେ ହସି
ବେଳେବେଳେ ତାକୁ ଦେଖିଲେ ଲାଗୁଥିଲା
ସେ ଯେମିତି ଏକ ନିଷ୍ପାପ ଶିଶୁ..
ନାହିଁ ତା'ର ବାକି ଆଉ ଦୁଃଖ କିଛି।
ଯିଏ ଗଲା ଆସିଲା ତାକୁ ସ୍ନେହରେ କହେ
ବସ୍! ଟିକିଏ, କିଛି ଖାଇଦେଇ ଯା'
ସମସ୍ତେ ପ୍ରାୟ ମନକୁ ତା'ର ରଖିବା ପାଇଁ
ଖାଇବା ଜିନିଷ ଧରି ବସିପଡ଼ନ୍ତି ତା' ପାଖରେ
ଯେମିତି ତାକୁ ଲାଗିବ ସମସ୍ତେ ତାକୁ ମାନନ୍ତି
ଏତିକ ଟିକିଏରେ ସେ ହେଇଯାଏ ଖୁସି
ଆଉ ମୁରୁମୁରୁ ହେଇ ହସୁଥାଏ ଚୁପ୍‌ଚାପ୍ ବସି
ଖୁସି ମନରେ ମା' ଦେଖେ ସଭିଙ୍କୁ
ହସି ହସି ଢାଳିଦିଏ ସେ ଆଶୀଷ
ସାଉଁଳେଇ ଦେଇ ମୁଣ୍ଡକୁ ଟିକିଏ ସ୍ନେହରେ
ମାରି ଦେଇ ତା'ର ଥରୁଥାଏ ଶିରାଳ ହାତ।
ରାଗେନାହିଁ ଜମା ସେ କେବେ କାହା ଉପରେ
ସବୁବେଳେ ହସୁଥାଏ କେତେ କଅଣ ଭାବି
ବୋଧହୁଏ ହସର ଧାର ଭିତରେ ସେ
ଲୁଚାଇ ରଖିଥାଏ ଛାତିତଳର କୋହକୁ!
ଜାଣେନା ମୁଁ ସେ ସତରେ ଖୁସିଥାଏ
ଅବା ମିଛମିଛିକା ଏମିତି ହସୁଥାଏ
ସେ ସମସ୍ତଙ୍କୁ ସୁଖରେ ରଖିବା ପାଇଁ
ବେଳେବେଳେ ତା'ର କଥା ଶୁଣି
ବହୁତ ଚିଡ଼ିମାଡ଼େ, ରାଗଲାଗେ..
ହେଲେ ତା'ର ପାକୁଆ ପାଟିର ହସହସ
ମୁହଁର ସେଇ ପଦିଏ କଥା..
ବସ୍! ଟିକିଏ, କିଛି ଖାଇଦେଇ ଯା'..
ପୋଛିଦିଏ ସବୁ ରାଗ କ୍ଷଣିକରେ
କାହିଁକିନା ସେ ତ ମା'..
ଆଉ ଏ ଦୁନିଆରେ କେବଳ ମା'ହିଁ ଚିହ୍ନେ
ତା' ଛୁଆପେଟର ଭୋକକୁ।
ଯେତେବେଳେ ମୃତ୍ୟୁ ଆସିଲା ତା' ପାଖକୁ
ଏତେ ନିକଟରେ ମୃତ୍ୟୁକୁ ଦେଖି
ଆଉ ନିଜ ଜୀବନକୁ ତାକୁ ଦେଲାବେଳେ
ହୁଏତ ନିଶ୍ଚୟ କହୁଥିବ ସେ ଯମଦୂତଙ୍କୁ
ବସ୍! ଟିକିଏ, କିଛିଖାଇ ଦେଇ ଯା'।

*ପ୍ଲଟ ନମ୍ବର-୨୧୭/ପି,*
*ବାୟାବାବା ମଠ ଲେନ୍, ୟୁନିଟ୍-୯(ଫ୍ଲାଟ), ଭୁବନେଶ୍ୱର-୨୨*
*ଫୋନ୍-୭୯୭୮୮୩୦୬୧୧*

# କର୍ମରେ ବିଶ୍ୱାସ

**ମନ୍ମଥ କୁମାର ସାହୁ**

ଉଦ୍‌ଯୋଗୀ ନରଟିଏ
ନିରନ୍ତର କାର୍ଯ୍ୟେ ରତଥାଏ
କର୍ମରେ ରଖି ବିଶ୍ୱାସ
କରେ ସତତ ପ୍ରୟାସ
ଈପ୍‌ସିତ ପଦାର୍ଥଟିର ପ୍ରାପ୍ତିପାଇଁ ।

ନିରଳସ ସିଏ, ତିଥିବାର ପଛରେ ପକାଇ
ରତଥାଏ କର୍ମେ ତା'ର ଦୃଢ଼ମନ ନେଇ
ସୁଯୋଗ କେବେ ଆସିବ
ସେପାଇଁ ଅପେକ୍ଷାକରି ବସେ ନାହିଁ ।

ଜାଣେ ସେ, ଆପ୍ତବାକ୍ୟଟିକୁ
'ଉଦ୍‌ଯୋଗିନଃ ପୁରୁଷସିଂହଃ'
ସୁସମୟ, ସୁଯୋଗ ଯେଉଁ ଶବ୍ଦ କୁହ
କେବଳ ଆଳସ୍ୟର ତମୋଗୁଣ
ତମୋଗୁଣେ ସତ୍ତ୍ୱଗୁଣର ପ୍ରାପ୍ତି କାହିଁ ?
ଈପ୍‌ସିତ ପଦାର୍ଥଟିର ତ ଆଦୌ ପ୍ରାପ୍ତି ନାହିଁ ।

ନଦୀଟିଏ ପାଖରେ ବସି ଶୋଷ ଲାଗୁଛି କହିଲେ
ନଦୀଜଳ ମୁଖେ ସ୍ୱତଃ ପ୍ରବେଶିବ ନାହିଁ
ସିଂହଟିଏ ଆହାରକୁ ଚାହିଁ ନିଦ୍ରାଗଲେ
ମୃଗଟିଏ ଆସି ତା' ମୁଖେ ପ୍ରବେଶ କରିବ ନାହିଁ ।

ଈପ୍‌ସିତ ବସ୍ତୁର ପ୍ରାପ୍ତିପାଇଁ

ସତତ ପ୍ରୟାସ କର ନିରଳସ ହୋଇ
ଈପ୍‌ସିତ ବସ୍ତୁଟି ମିଳିବ
ଚିତ୍ତ ତ ନିଶ୍ଚେ ଶାନ୍ତି ଲଭିବ
କିଛି କୀର୍ତ୍ତି ରହିଯିବ ଭବିଷ୍ୟତପାଇଁ ।

କଳିଙ୍ଗ ସାଧବ କଥା ଚିନ୍ତା କର ତ ଥରେ ମନରେ
ଉଦ୍‌ଯୋଗୀ, ସାହସୀ ଥିଲେ ବୋଲି ସିନା
ସେକାଳେ କଳିଙ୍ଗ ହୋଇଥିଲା ବିଭବଶାଳୀ
ଧନ, ଜନ, ଗୋପଲକ୍ଷ୍ମୀରେ ପୂର୍ଣ୍ଣଥିଲା କଳିଙ୍ଗ
ସର୍ବତ୍ର ତାହା ଥିଲା ଏକ ଆଲୋଚ୍ୟ ପ୍ରସଙ୍ଗ ।

କଳିଙ୍ଗର ଶିଳ୍ପୀକୁଳ ଥିଲେ ନିରଳସ
ମନ ମଧ୍ୟରେ ଥିଲା କର୍ମର ବିଶ୍ୱାସ
ଗଢ଼ିଦେଲେ ଶ୍ରୀକ୍ଷେତ୍ରେ 'ବଡ଼ଦେଉଳ'ଟିଏ
ଅର୍କକ୍ଷେତ୍ରେ ଗଢ଼ିଦେଲେ 'କୋଣାର୍କ' ମନ୍ଦିରଟିଏ
'ବ୍ଲାକ୍ ପାଗୋଡ଼ା' ରୂପେ ହେଲା ଜଗତେ ବିଖ୍ୟାତ ସିଏ ।

ବୟନଶିଳ୍ପରେ କଳିଙ୍ଗ ଶିଳ୍ପୀ ଥିଲେ ଅଦ୍ୱିତୀୟ
ଖଣ୍ଡୁଆ, ପାଟ, ସମ୍ବଲପୁରୀ, ସୋନପୁରୀ ବସ୍ତ୍ର ସହ ଝୀନ ବସ୍ତ୍ର
କଟକର ତାରକସୀ ଶିଳ୍ପ ସଙ୍ଗେ ପିପିଲିର ଚାନ୍ଦୁଆ, ପଟ୍ଟଚିତ୍ର
ସେକାଳେ ଜଗତେ ଥିଲା ବିଖ୍ୟାତ ।

ଏବେ ମଧ୍ୟ କର୍ପୂର ଉଡ଼ିଯାଇନି
କନାରୁ ସୁବାସ ସରିଯାଇନି
ଉତ୍କଳ-ଉତ୍କର୍ଷ-କୃତି ହଜିଯାଇନି
ଗଢ଼ନ୍ତି ଶିଳ୍ପୀକୁଳ ଏବେ ମଧ୍ୟ ନିରଳସ ହୋଇ
କର୍ମରେ ରଖନ୍ତି ବିଶ୍ୱାସ ବିଭୁଙ୍କ ଆଶିଷ ପାଇ ।

'ଗୀତା' ବାଣୀ କହେ
'କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ'
ତେଣୁ ମନେରଖ ସର୍ବେ
ଯେବେ ହେବ ନିରଳସ, କରିବ ନୂତନ ସୃଜନ
ନିଶ୍ଚୟ ଲଭିବ ସୁଫଳମାନ
ରହିବ ମାତୃଭୂମିର ମାନ
ଧନ ତ ଆସିବ ନିଶ୍ଚୟ, ସାଥିରେ ଆଣିବ ସମ୍ମାନ ।

*ମାନସିଂହପାଟଣା, ତୁଳସୀପୁର*
*କଟକ - ୭୫୩୦୦୮*
*ଦୂରଭାଷ : ୯୮୬୧୪୪୨୨୯୭*

# ପ୍ରଥମ ପ୍ରେମ

**ଅଶ୍ୱିନୀ କୁମାର କର**

**ସ୍ତବକ - ୧**
ଚାହାଣିରେ ଲଜ୍ଜା ଫୁଟେ,
ହୃଦୟରେ ସ୍ପନ୍ଦନ ନୂଆ।
ସ୍ୱପ୍ନରେ ଆଲୋକ ଝରେ,
ପ୍ରଥମ ପ୍ରେମର ମଧୁର କଥା।

**ସ୍ତବକ -୨**
ହସରେ ଲୁଚିଥାଏ ଗୀତ,
ନୀରବତାରେ ଭାବର ରାଗ।
ସେଇ ମୁହୂର୍ତ୍ତର ମାୟା,
ଜୀବନରେ ଅମର ସ୍ମୃତି।

**ସ୍ତବକ - ୩**
ସ୍ପର୍ଶରେ କମ୍ପନ ଜାଗେ,
ନୂଆ ଭାବନାର ଜଗତ।
ଚାହିଁଲେ ମିଳେ ଅଜଣା ସୁଖ,
ହୃଦୟ ହୁଏ ନୂଆ ସ୍ୱପ୍ନରେ ବିଭୋର।

**ସ୍ତବକ - ୪**
ସେଇ ପ୍ରଥମ ପ୍ରେମର ରଙ୍ଗ,
ଜୀବନରେ ଅମର ଗୀତ।
ସ୍ମୃତିରେ ରହିବ ସଦା,
ହୃଦୟରେ ଲୁଚିଥିବା ପ୍ରେମ।

*ଡୁପ୍ଲେକ୍ସ ହାଉସ୍-୨୪୩,*
*ଅମୃତାଳୟ, ମନୋରମା ଇଷ୍ଟେଟ୍, ରସୁଲଗଡ଼,*
*ଭୁବନେଶ୍ୱର-୭୫୧୦୧୦*
*ଦୂରଭାଷ: ୯୪୩୭୦୨୨୦୦୨*

# କାମନାର କନ୍ଦନ

**ଅନସୂୟା ପଣ୍ଡା**

ରାତିନ ପାହୁଣୁ ଷଡ଼ଯନ୍ତ୍ର ଶଙ୍ଖନାଦ
କୋମଳ ହସମାନଙ୍କର ହତ୍ୟା
ଭାବନା ସବୁରେ ଅପଶବ୍ଦର ଭିଡ଼
ଆଧୁନିକତା ନାଁରେ କିଛି ଅବୁଝା ଉପପାଦ୍ୟ।

ପରସ୍ତ ପରସ୍ତ ଭୋଗିବା ଭିତରେ
ସୁରମ୍ୟତାହୀନ କିଛି ମିଛ ସୁଖ
କିଛି ମସୃଣ ଅବୋଧ ପୀଡ଼ା
ତା'ରି ଭିତରେ ଗତିଶୀଳ
ଜାଗତିକ ଉନ୍ନତିର ବାର୍ତ୍ତା।

ସେଇ ଛୋଟ ପିଲାଟା
ବୟସ ବାର କି ଚଉଦ
ସେ କେମିତି ଜାଣିଲା ବଳାତ୍କାର ? ?

ଗୋଟେ କୁତ୍ସ ମାନସିକତା
ନିଶ୍ଚୟ ଇ-ମିଡ଼ିଆର ଦାନ
ଅର୍ଦ୍ଧନଗ୍ନ ଚିତ୍ର ଉତ୍ତେଜିତ ଚଳଚ୍ଚିତ୍ର
ୟୁଟ୍ୟୁବର ଅଶ୍ରାବ୍ୟ ବ୍ଲଗ
କାମନାର କଦନ।

ପ୍ରାପ୍ତ ବୟସ ପୂର୍ବରୁ ମୋବାଇଲ୍
ମନରେ ଭରୁଛି କାମନାର ତରଙ୍ଗ
ଧରେଇ ଦେଉଛି ଛଳନାର ଛୁରାଟିଏ
ପ୍ରାପ୍ତିର ତୃଷ୍ଣାରେ ବିଚଳିତ
ଦୁର୍ଯ୍ୟୋଧନମାନେ ହେଉଛନ୍ତି ପୁନର୍ଜୀବିତ
ଅନ୍ୟକୁ ଦେଖି ଅନ୍ୟର ଦେଖି
ନିଜକୁ ସେଇ ସମତୁଲ
ଧାରାରେ ଠିଆ କରିବାର ପ୍ରୟାସ।

ଛୋଟଠାରୁ ବଡ଼ଯାଏ ସବୁରି ଭିତରେ
ସିଗାରେଟ ପ୍ୟାକେଟ୍ ଉପରେ
ଦେହ ପାଇଁ ଅହିତ ଲେଖିବା
ମଦ ବନ୍ଦ ଅଭିଯାନର
ଶୋଭାଯାତ୍ରା କରିବା ପରି
ୟୁଟ୍ୟୁବରେ ପ୍ରସାରିତ ଅଶ୍ଳୀଳ ବ୍ଲଗ
ଅନୁମୋଦନ କରିବା
ଯେମିତି ନିଅନ୍ ଆଲୁଅରେ ଅନ୍ଧାରକୁ ଗିଳିବା।

ଅନୁରୋଧଟିଏ
ରଖିଲେ ହୁଅନ୍ତାନି ଛାମୁ
କିଛି ଅସହିଷ୍ଣୁ ବ୍ଲଗକୁ ଜଉମୁଦ ଦେବାପରେ
କିଛି ଜୀବନ ବଞ୍ଚି ଯାଆନ୍ତେ
କିଛି ସୁଧୁରି ଯାଆନ୍ତେ
ଭବିଷ୍ୟତ ଖେଳି ଯାଆନ୍ତା

କିଛି ସୁବାସିତ କୁସୁମରେ
କିଛି ମହାପୁରୁଷ କିଛି ଭକ୍ତ
କିଛି ସନ୍ଥ ନ୍ୟାୟନିଷ୍ଠ ଜନ୍ମ ନିଅନ୍ତେ
ପୃଥିବୀର ଏନ୍ତୁଡ଼ିଶାଳରେ।

ହେଲେ ନିଘା ନାହିଁ
ଧାଆଁ ଦୌଡ଼ ଦୁନିଆଁରେ
ପ୍ରାପ୍ତିର ପରଳ ତଳେ
କେବଳ ଜାଲଟି ଫିଙ୍ଗା ଚାଲେ
ଶିକାର ଉଦ୍ଦେଶ୍ୟରେ
ଏଠି ପୁଣ୍ୟ ପ୍ରାପ୍ତିର ଲାଳସାରେ
ମହାକୁମ୍ଭ ଖେଳାଯାଏ ନିଇତି ସଂସାରେ।

*ବୁର୍ଲା, ସମ୍ବଲପୁର*
*ଦୂରଭାଷ: ୯୪୩୯୨୧୧୯୭୧*



ରମ୍ୟରଚନା

# ମାଗିଅଣା ତିଅଣ ସୁଦ୍ଧୁକେ

ବୀରେଶ୍ୱର ମହାନ୍ତି

ଚୈତନ୍ୟବାବୁ ଏବେ ନଗଦାନଗଦି ସାହିତ୍ୟ ବଜାରରେ ପ୍ରବେଶ କରିଛନ୍ତି। ସୁଧି ପାଠକବର୍ଗେ ଭାବୁଥିବେ ସାହିତ୍ୟ ବଜାର ପୁଣି କ'ଣ ? ମାଛ, ଶୁଖୁଆ, ପରିବା ବଜାର ବାବଦରେ ଜଣାଅଛି । ମାତ୍ର ସାହିତ୍ୟ ବଜାରର ଆକାର ପ୍ରକାର କ'ଣ ? ସାହିତ୍ୟ ସିନା ସାଧାରଣ ଲୋକଙ୍କ ହିତ ପାଇଁ ସମର୍ପିତ, ସେଠି ପୁଣି ବେପାର କାହୁଁ ଅଇଲା ! ତେବେ ଚାକିରିରେ ଥିବା ସମୟରେ ଚଇତନେ ସାହିତ୍ୟ ବଜାର ବାବଦରେ ଜ୍ଞାତ ନ ଥିଲେ କି ତହିଁରେ ପ୍ରବେଶ କରିବାର ସୁଯୋଗ ନ ଥିଲା । ଘରୁ ଦପ୍ତର ପୁଣି ଦପ୍ତରରୁ ଘରକୁ ଧାଁ ଧପଡ଼ରେ ସମୟ ଗୁଡାକ କିଲିବିଲିଆ ହୋଇ ପାଣି ପ୍ରମାଣେ ଖର୍ଚ୍ଚ ହୋଇଯାଉଥିଲା । ଚାକିରିର ଅଧା ସମୟ ଉପରିସ୍ଥ ହାକିମଙ୍କଠୁ ତିରସ୍କାର ଶୁଣିବାରେ ଯାଏ, ପୁଣି ଅଧା ସମୟ ତଳିଆ କର୍ମଚାରୀଙ୍କୁ ଗାଳି ଫଜିତ କରିବାରେ ଯାଏ । ଅଧା ସମୟ ମୁହଁ ଉପରକୁ, ଅଧା ସମୟ ମୁହଁ ତଳକୁ। ଦରମାର ଅଧା ଗାଳି ଉଗାରିବା ପାଇଁ ତ ବାକି ଅଧକ ଗାଳି ହଜମ କରିବା ପାଇଁ । କାମ ହେଉ ବା ନହେଉ ଏଣେ ତେଣେ ଗୁଡ଼ାଏ ଦଉଡ଼ାଦଉଡ଼ି କରି ନିଜକୁ ବ୍ୟସ୍ତ ଥିବାର ନଜିର ଦେଖାଇ ପାରିଲେ କଚେ ପୁଅ ବାର ବୋଲି ଜାଣ । ମାତ୍ର ଚାକିରିରୁ ଅବସର ପରେ ସେ ସବୁ କାମରୁ ଏବେ ନିସ୍ତାର ମିଳିଛି । ହାତରେ ସମୟ ହାଉଯାଉ ହେଉଥିବାରୁ ବାବୁ ଚୈତନ୍ୟ ଏବେ ଗଳ୍ପ ଲିଖନରେ ମନ ନିବେଶ କରି ସାହିତ୍ୟ ବଜାରରେ ପ୍ରବେଶ କରିବାକୁ ଉଦ୍ୟମ କରୁଛନ୍ତି ।

ଏବେ ବାବୁଙ୍କର ଗଳ୍ପ ଲିଖନରେ ମନ । କିନ୍ତୁ କଥାଟିକୁ ଯେତେ ସହଜ ଭାବିଥିଲେ, ସେ କଥା ସେମିତି ବୋଧ ହେଲା ନାହିଁ । ଗପ କେଉଁଠୁ ଆରମ୍ଭ ହେବ, କେମିତି ଶେଷ ହେବ ସେ ନେଇ ଯାବତୀୟ ଦ୍ୱନ୍ଦ୍ୱ । କେବେ ଗପ ଆରମ୍ଭ କରିବା ମୁସ୍କିଲ ଲାଗିଲାଣି ତ କେବେ ଶେଷ କରିବାର ସୂତ୍ର ହାତ ଲାଗୁନି । ଗପର ନାମକରଣ କରିବା ମଧ୍ୟ ଏକ ଗହନ ପାଠ ।

ଲିଖନ ପଠନର ଅଭ୍ୟାସ ତ ଚୈତନ୍ୟ ବାବୁଙ୍କ ଜାତକରେ କେବେ ବି ନ ଥିଲା । କଲେଜ ସମୟରେ ପଢ଼ାପଢ଼ିରେ ଯାବୀତୟ ହେଲା । ଖେଳ, ନାଟକ, ଗୁଲିଖଟିରେ ସମୟର ନିର୍ଘାତ ଅପଚୟ କରିଛନ୍ତି ଯାହା। ହେଲେ ଭାଗ୍ୟବଳେ ଚାକିରି ଖଣ୍ଡିଏ ମିଳିଯିବାରୁ ତହିଁରେ ମୁକରିର ହୋଇଯାଇଥିଲେ । ସେଇ ଚାକିରି ସମୟରେ ଅଫିସ୍ କାର୍ଯ୍ୟ ସମ୍ବନ୍ଧୀୟ ଯାହା ଲେଖା-ପଢ଼ା କରିଛନ୍ତି। ଖବର କାଗଜଟିଏ ପଢ଼ିବାକୁ ତର ନ ଥାଏ କି ମନ କହେନା । ଫୁଲାଫାଙ୍କିଆ ମୁଖ୍ୟ ସମ୍ବାଦ ଉପରେ ନଜର ବୁଲେଇ ଆଣିଲେ ପାଇଟି ସରିଲା ବୋଲି ଜାଣ।

ଏବେ ଚାକିରି ପରେ ସାହିତ୍ୟ ଚାଷ କରି ବାବୁଙ୍କର ସାହିତ୍ୟ ବଜାରରେ କିଣାବିକା କରିବାକୁ ମନ । ଜଣେ ଗଛ ପାକଲା ସାହିତ୍ୟିକ ବନ୍ଧୁ କହୁଥିଲେ, ସେଆର ବଜାର ସମ ଆଜିକାଲିକା ସାହିତ୍ୟ ବଜାରର ଅବସ୍ଥା । ବିଚାର ବୁଦ୍ଧି ନ ଖଟେଇ କିଣା ବିକାରେ ମାତିଲେ ଲୋକସାନି ହେବା ଥୟ । ସାହିତ୍ୟ ବଜାରରେ ସଦ୍ୟ ପ୍ରବେଶ କରିଥିବା ଚୈତନ୍ୟ ବାବୁଙ୍କ ମଗଜରେ ଏତେ କଥା ରହିବାକୁ ଥାନ କାହିଁ ? ଏମନ୍ତ ଗହନ କଥା ହେଜି ନ ପାରି ମନ ସ୍ଥିର କରି ଭାବିଲେ ଆଗ ସାହିତ୍ୟ ଚାଷ ଆରମ୍ଭ କରାଯାଉ । ପଛକୁ କିଣା ବିକା କଥା ।

ସାହିତ୍ୟ ଚାଷ କରିବା ନିଶାରେ ଚୈତନ୍ୟବାବୁ ଏବେ ଲେଖାଲେଖିରେ ମାତିଛନ୍ତି । କ'ଣ ଲେଖିବେ-ଗଳ୍ପ,କବିତା,ପ୍ରବନ୍ଧ ନା ଉପାନ୍ୟାସ ? ଏକ ସାହିତ୍ୟ ସଭାରେ ଜଣେ ପ୍ରକାଶକ କବିତା ଚାଷ ସବୁଠୁ କଷ୍ଟକର ଚାଷ ବୋଲି କହିଥିବା ତାଙ୍କ କାନରେ ପଡ଼ିଛି । ପ୍ରବନ୍ଧ ଲେଖିବାକୁ ଗୁଡ଼ାଏ ପଢ଼ାପଢ଼ିର ଆବଶ୍ୟକତା ରହିଛି । ତହିଁକୁ ତାଙ୍କର ଧୈର୍ଯ୍ୟ କାହିଁ ? ଉପନ୍ୟାସ ଲେଖା ଏକ ଲମ୍ବା ଖୋଲା ପଡ଼ିଆ । ଏ ବୟସରେ ଏତେ ବଡ଼ ପଡ଼ିଆରେ ଦଉଡ଼ା ଦଉଡ଼ି କରିବାକୁ ନା ସମୟ ଅଛି ନା ତାକତ ଅଛି । ବାକି ରହିଲା ଗପ । ସ୍ଥିର କଲେ ଗପ ଲେଖାରେ ମନ ଦିଆଯାଉ । ଭାବିଲେ ଏଇଟା ବୋଧହୁଏ ସବୁଠୁ ହାଲୁକା କାମ। ଗପୁ ଗପୁ ଗପ । ଏପଟ ସେପଟ କରି କିଛି ଲେଖି ପକେଇଲେ ଗପଟିଏ ଜନ୍ମ ନେବାରେ କିଛି ଅସୁବିଧା ନାହିଁ ।

ଏବେ ବାବୁଙ୍କର ଗଳ୍ପ ଲିଖନରେ ମନ । କିନ୍ତୁ କଥାଟିକୁ ଯେତେ ସହଜ ଭାବିଥିଲେ, ସେ କଥା ସେମିତି ବୋଧ ହେଲା ନାହିଁ । ଗପ କେଉଁଠୁ ଆରମ୍ଭ ହେବ, କେମିତି ଶେଷ ହେବ ସେ ନେଇ ଯାବତୀୟ ଦ୍ୱନ୍ଦ୍ୱ । କେବେ ଗପ ଆରମ୍ଭ କରିବା ମୁସ୍କିଲ ଲାଗିଲାଣି ତ କେବେ ଶେଷ କରିବାର ସୂତ୍ର ହାତ

ଲାଗୁନି । ଗପର ନାମକରଣ କରିବା ମଧ୍ୟ ଏକ ଗହନ ପାଠ । ପିଲାଦିନେ ସାହିତ୍ୟ ପ୍ରଶ୍ନରେ ଅମୁକ ଗଳ୍ପର ନାମକରଣର ଯଥାର୍ଥତା ବାବଦରେ ଲେଖିବାକୁ କୁହାଯାଉଥିଲା । ସେ ଦୃଷ୍ଟିରୁ ଗପର ଠିକ ନାମକରଣ ହେବା ନିତାନ୍ତ ବିଧେୟ । ଏ ବାବଦରେ ଅଭିଜ୍ଞ ସାହିତ୍ୟ ଚାଷୀଙ୍କ ପାଖରୁ ଇଲମ ନେବା ଚାହି ଭାବି ଜଣେ ପୋଖତ ସାହିତ୍ୟ ଚାଷୀଙ୍କ ଦ୍ୱାରସ୍ଥ ହେଲେ ଚୈତନ୍ୟବାବୁ ।

ପୋଖତ ଚାଷୀ ଜଣଙ୍କ ଦ୍ୱାରରେ ମାଳମାଳ ଯୋତା । ତାଙ୍କ ଦରବାରରେ କ୍ଷୁଦ୍ର ଚାଷୀଙ୍କର ମେଳଣ ଲାଗିଛି । ଚୈତନ୍ୟବାବୁ ସେ ମେଳାରେ ସାମିଲ ହୋଇଗଲେ । ପୋଖତ ଚାଷୀ ଜଣଙ୍କ ଚୈତନ୍ୟଙ୍କ ବାଲ୍ୟକାଳର ବନ୍ଧୁ । ତାଙ୍କ ଦୃଷ୍ଟି ପଡ଼ନ୍ତେ ହଇରେ ଚଇତା କିଆଁ ଅଇଲୁ ବୋଲି ସମ୍ଭାଷଣ କଲେ । ସବୁ ଚାଷୀଙ୍କ ପ୍ରସ୍ଥାନ ପରେ ଦୁଇ ବନ୍ଧୁ ଦୁଃଖ ସୁଖ ହେଲେ । ବନ୍ଧୁ ଚୈତନ୍ୟଙ୍କଠୁ ଆସିବାର କାରଣ ଜ୍ଞାତ ହେବା ପରେ ଚକ୍ଷୁ ମୁଦ୍ରିତ କରି ଧ୍ୟାନ ମୁଦ୍ରାରେ କହିଲେ ସବୁ ଚାଷପରି ସାହିତ୍ୟ ଚାଷରେ ମଧ୍ୟ ଉପଯୁକ୍ତ ଭିତ୍ତିଭୂମି, ଜଳ, ପିଡ଼ିଆର ଆବଶ୍ୟକ ରହିଛି । ସାହିତ୍ୟ ଫସଲ ଉତ୍ପାଦନ ବାଦ ବିକ୍ରିବଟା କଥା ପଛକୁ । ରାତ୍ରରେ ଶୟନ ସମୟରେ ନିରୋଳା ଦେଖି ସ୍ଥିର ମନରେ ଗପର ପଟାଳି ପ୍ରସ୍ତୁତ କରି ବ୍ରାହ୍ମ ମୁହୂର୍ତ୍ତରେ ଗପ ଲେଖା ଶୁଭାରମ୍ଭ କର । ଦେଖିବୁ ତୋ କ୍ଷେତରେ ସୁନା ଫଳିବ ।

ବନ୍ଧୁଙ୍କଠାରୁ ଗୁରୁ ଜ୍ଞାନ ପାଇ ଚୈତନ୍ୟବାବୁ ଗଳ୍ପ ଲିଖନ ପାଇଁ ପଟାଳି ପ୍ରସ୍ତୁତ କରୁକରୁ ରାତ୍ର ଅନିଦ୍ରା ରହିଲେ । କାଉ, କଜଳପାତିଆ କୁମ୍ଭାଟୁଆଙ୍କୁ ବାବୁଙ୍କ ଗପ ଲେଖା ବିଷୟରେ କି ଜ୍ଞାନ । ସିନ୍ଦୁରା ନ ଫାଟୁଣୁ ସେମାନେ ତାଙ୍କ ମତେ ରାବ କରି ଚତୁର୍ଦ୍ଦିଗ ପ୍ରକମ୍ପିତ କରନ୍ତି । ଚଇତନେ ତ ରାତ୍ରରେ ନିଦ୍ରା ଯାଇ ନ ଥାନ୍ତି କି ଗଳ୍ପ ପ୍ଲଟ୍‌ର ସନ୍ଧାନ ସେ ଯାବତ୍ ପାଇନଥାନ୍ତି । ସୁତରାଂ ବ୍ରାହ୍ମ ମୁହୂର୍ତ୍ତର ଉପଯୋଗ ହୋଇପାରେ ନାହିଁ କି ଗଳ୍ପ ଲେଖା ଆରମ୍ଭ ହୋଇପାରେ ନାହିଁ । ଚିନ୍ତାଗ୍ରସ୍ତ ହୋଇ ଭାବନ୍ତି ଗପ ଲେଖା ତ ଆରମ୍ଭ ହେଲାନି, ସାହିତ୍ୟ କ୍ଷେତରେ ଫସଲ ଫଳିବ କେମନ୍ତେ ? ଚୈତନ୍ୟ ବାବୁଙ୍କର ଧର୍ମପତ୍ନୀ ବୀଣାପାଣି ସ୍ୱାମୀଙ୍କର ଏମନ୍ତ ଛଟପଟିଆ କିଲିବିଲି ଅବସ୍ଥାକୁ ଦେଖି ଶଙ୍କି ଯାଇ କହନ୍ତି, ହଇହେ ସେ ଶିବେଇ ସାନ୍ତରା ପରି ଗରମ ଭାତ ଏକ ପାଖରୁ ନ ଖାଇ ମଝିରେ ହାତ ପୁରେଇବାରେ କି କାମ ! ସବୁ କାମର ଗୋଟେ ତରିକା ଅଛି । ବ୍ରାହ୍ମ ମୁହୂର୍ତ୍ତରେ ଲେଖାଲେଖି କଲେ, ସେଗୁଡ଼ା କ'ଣ ଚଉକସିଆ ଗପ ହୋଇଯିବ ! ସବୁ ସଫଳ କାର୍ଯ୍ୟ ପାଇଁ ସାଧନା ଆବଶ୍ୟକ ନା !

ଚୈତନ୍ୟଙ୍କ ବାଲ୍ୟକାଳର ବନ୍ଧୁ ନିତ୍ୟାନନ୍ଦ । ଚଇତା-ନିତେଇ ବୋଲି ପରସ୍ପର ଡକାଡ଼କି ହୁଅନ୍ତି । ଭଲମନ୍ଦରେ ଦୁହେଁ ପରାମର୍ଶ କରନ୍ତି । ସମୟ ଅସମୟରେ ପାଖରେ ଠିଆ ହୁଅନ୍ତି । ଚଇତା ସ୍ତୀର ସାଧନା ବାବଦ ଉପଦେଶ ଶୁଣିବା ପରେ ଛିଗୁଲେଇ ନିତେଇ କହିଲା- ନିଶ ଉଠା ପାଠ, ଛତୁ ଉଠା କାଠ । ହଇରେ ବୁଢ଼ା ହେଲୁଣି, ସାଧନା କରିବା ପାଇଁ ଆଉ ସମୟ ଅଛି ? ତେଣେ ଅଗ୍ରିମ ଟିକଟ କଟା ସରିଛି । କେତେବେଳେ ଉପରକୁ ଯିବୁ ତା'ର ଠିକଣା ନାହିଁ । ଏତେ ସପନକୁ ରାତି କାହିଁ ? ପରୀକ୍ଷା ମୁଣ୍ଡ ଉପରେ, ଏଣୁ ତେଣୁ ଗୁଡ଼େ ପଢ଼ାପଢ଼ି ନ କରି ମାନେ ବହିର ସାହାରା ନେଲେ ତୋ କାମ ଫତେ ହେଲା ବୋଲି ଜାଣେ ।

ନିତେଇଙ୍କ ଉପଦେଶ ବାଣୀଗୁଡ଼ାକ ଚୈତନ୍ୟଙ୍କ ମଗଜକୁ ବାଟ ନ ପାଇ ଏପଟ ସେପଟ ହେଲେ । ଗପ ଲେଖିବା ପାଇଁ ମାନେ ବହିର କି ପ୍ରୟୋଜନ ! ନିତ୍ୟାନନ୍ଦ କଥା ବୁଲେଇ ଦେଇ କହିଲେ, ଗଣ୍ଡେ ଦି'ଗଣ୍ଡା ବଛାବଛା ଗପ ବହି ସଂଗ୍ରହ କରି ତାକୁ ଓଲଟପାଲଟ କରି ନାଁ ବଦଳେଇ ଥୋଇଦେଲେ ସଳଖ ସୁନ୍ଦର ଗପଗୁଡ଼ିଏ ତୟାର ହେବା ଥୟ । ନିତ୍ୟାନନ୍ଦଙ୍କ କଥା ଚୈତନ୍ୟଙ୍କ ମନକୁ ଘେନିଗଲା । ବନ୍ଧୁଙ୍କ ସୂତ୍ର ପ୍ରୟୋଗ କରି ଚୈତନ୍ୟ ଉର୍ଜନେ ହେବ ଗପ ଲେଖିପକେଇଲେ । କୁହାବୋଲା କରିବାରୁ କିଛି ଗପ ବି ପତ୍ରିକାରେ ପ୍ରକାଶ ପାଇଗଲା ।

ଏବେ ଗାଳ୍ପିକ ଚୈତନ୍ୟଙ୍କର ପୁରସ୍କାରକୁ ମନ । ପୁରସ୍କାର ନ ମିଳିଲେ ଗପ ଲେଖାରେ କି କାର୍ଯ୍ୟ । ପୁଣି ବନ୍ଧୁ ନିତ୍ୟାନନ୍ଦଙ୍କ ଶରଣ ପଶିଲେ । ନିତ୍ୟାନନ୍ଦ ଓରଫ ନିତେଇଙ୍କ ମସ୍ତିଷ୍କରେ ମସଲା ହାଉଯାଉ । ତହିଁରୁ କିଛି ଉପଯୋଗ କରି କହିଲେ-'ପୈସା ଫେକୋ, ତମାସା ଦେଖୋ' । କିଛି ପୁଞ୍ଜି ନିବେଶ କଲେ ସେୟାର ବଜାର ପରି ସାହିତ୍ୟ ବଜାରରେ ବି ଲାଭ ମିଳିବାରେ କିଛି ଅସୁବିଧା ନାହିଁ ।

ଏବେ ଗାଳ୍ପିକ ଚୈତନ୍ୟ ନିଜ ପେନସନ୍ ଅର୍ଥରୁ କିଛି ନେଇ ସାହିତ୍ୟ ବଜାରରେ ନିବେଶ କରିଛନ୍ତି । ଧୈର୍ଯ୍ୟର ସହ ଅପେକ୍ଷା କରିବା ପରେ କ୍ରମେ ସୁଫଳ ମିଳିବା ଆରମ୍ଭ ହେଲାଣି । ସାହିତ୍ୟ ସଭା ସମିତି ମାନଙ୍କରେ ବାବୁ ଚୈତନ୍ୟଙ୍କୁ ତାଙ୍କର ସାହିତ୍ୟ କୃତି ପାଇଁ ପୁରସ୍କୃତ କରିବା ଉଦ୍ଦେଶ୍ୟରେ ଡକରା ଆସୁଛି । ହେଲେ ସାହିତ୍ୟ ସଭାରେ ସମ୍ମାନିତ ହେବାକୁ ଯିବା ପାଇଁ ସ୍ୱତନ୍ତ୍ର ବେଶ ପୋଷାକର ବିଶେଷ ପ୍ରୟୋଜନ । କିଛି ଅର୍ଥ ଶ୍ରାଦ୍ଧ କରି ବାବୁ ସେ ସବୁର ସୁବନ୍ଦୋବସ୍ତ କରିଛନ୍ତି । ସଭାସମିତିମାନଙ୍କରେ ବେକରେ ଉପଢ଼ୌକନ ପଡ଼େ, ମାନପତ୍ର ମିଳେ ଏବଂ ତାଙ୍କ ପ୍ରଶସ୍ତିଗାନ ହୁଏ । ଏ ସମସ୍ତ ବାବଦରେ ତାଙ୍କର ପକେଟ ହାଲୁକା ହେଲେ ମଧ୍ୟ ସେଥିକୁ ତାଙ୍କର ପରବାୟ ନ ଥାଏ । ଠାକୁରଙ୍କ କୃପାଲାଭ ପାଇଁ ତ ପୁଣି ଭୋଗ ଲଗେଇବାକୁ ପଡ଼େ । ମନସ୍କାମନା ପୂରଣ ପାଇଁ ମାନସିକ କରିବାକୁ ହୁଏ । ଦବାନବାର ଦୁନିଆରେ କିଛି ନ ଦେଲେ କିଛି ପ୍ରାପ୍ତ ହେବ କେମିତି ? ପିଲା ନ କାନ୍ଦିଲେ ତ ତା' ଜନ୍ମଦାତ୍ରୀ ବି କ୍ଷୀର ଦିଏନା ।

ଏବେ ସାହିତ୍ୟ ବଜାରରେ ପୁଞ୍ଜି ନିବେଶର ଅନ୍ୟ ଏକ କଳାକୌଶଳ ଆପଣେଇଛନ୍ତି ସାହିତ୍ୟିକ ଚୈତନ୍ୟ । ତାଙ୍କ ପରି ଅନ୍ୟ କିଛି ନିବେଶକଙ୍କୁ ଖୋଜି ନିଜେ କିଛି ଆର୍ଥିକ ରିହାତି ପାଇବା ଚକ୍କରରେ ଅଛନ୍ତି ।

ଘରଣୀ ବୀଣାପାଣି ପହିଲେ ପହିଲେ ସ୍ୱାମୀଙ୍କର ସାହିତ୍ୟ ପ୍ରେମରେ ବିଶେଷ ଉତ୍ସାହିତ ଥିଲେ । ମାତ୍ର ପଛକୁ ତାଙ୍କର ଏମନ୍ତ ଦୋ-ନମ୍ବରିଆ କାରବାରକୁ ଦେଖି ଭାବୁଥିଲେ, ଏମିତି କ'ଣ ସାହିତ୍ୟ ସାଧନା କରାଯାଏ ! । ଖାଲି ସାହିତ୍ୟ କ୍ଷେତ୍ରରେ କାହିଁକି, ଯେକୌଣସି ବ୍ୟବସାୟରେ ବି ସାଧନା ଏବଂ ନିଷ୍ଠାର ଆବଶ୍ୟକତା ନିହାତି ଜରୁରୀ । ଅନ୍ୟ ଲୋକଙ୍କୁ ନକଲ କରି ଶସ୍ତା ଗପ ଅଗପ ଲେଖିବାରେ କି ବାହାଦୁରି ଯେ ! ମାଗିଅଣା ତିଅଣ ସୁଡୁକେ ପରା ।

ଘରଣୀଙ୍କ ଛାଟରେ ବାବୁ ଚୈତନ୍ୟଙ୍କର ବୁଦ୍ଧି ଉଦୟ ହୋଇଛି । ଏବେ ସେ ଗଳ୍ପ ଲେଖାରୁ ବିରତ ରହି ପଢ଼ାପଢ଼ି ଉପରେ ଧ୍ୟାନ କେନ୍ଦ୍ରିତ କରିଛନ୍ତି ।

*ସି-୧୦୫, ଶୁଭମ୍‌ରୟାଲ୍, ନାକାଗେଟ୍*
*ଘାଟିକିଆ, ଭୁବନେଶ୍ୱର*
*ଦୂରଭାଷ-୯୯୩୮୬୧୫୬୭୧*

ତନ୍ମାତ୍ର

# ନୂଆ ଓଡ଼ିଆ ଚଳଚ୍ଚିତ୍ର ସମ୍ପର୍କରେ




**-: କାଙ୍ଗୁଲା :-**

ଅପ୍ରେଲ ୨୪ ତାରିଖରେ ସମ୍ବିତ ଆଚାର୍ଯ୍ୟ ଅଭିନୀତ 'କାଙ୍ଗୁଲା' ଚିତ୍ର ସାରା ଓଡ଼ିଶାରେ ମୁକ୍ତିଲାଭ କରିଛି। 'କାଙ୍ଗୁଲା' ଚିତ୍ରର ଅନ୍ୟତମ ପ୍ରଯୋଜକ ହେଲେ ଖୋଦ ଏହାର ହିରୋ ସମ୍ବିତ ଆଚାର୍ଯ୍ୟ। ଏହି ଚିତ୍ରଟି ଓଡ଼ିଶାର ଦଣ୍ଡ ନାଚ ଓ ଅନୁଗୋଳର ପ୍ରତ୍ୟେକ୍ଷ ଦେବର ମା' କାଙ୍ଗୁଲାଙ୍କ ଏକ ଦଣ୍ଡୁଆର ସତ୍ୟ ଘଟଣା ଉପରେ ଆଧାରିତ ହୋଇଛି। ବର୍ତ୍ତମାନ ଆଗଧାଡ଼ିର ଅଭିଜ୍ଞ ଯୁବ ନିର୍ଦ୍ଦେଶକ ଅଶ୍ୱିନୀ କୁମାର ତ୍ରିପାଠୀ ଏହାର ନିର୍ଦ୍ଦେଶନା ଭାର ତୁଲାଇଛନ୍ତି। ବାବୁ ଭାଇ ପ୍ରଡ଼କସନ୍ ଏହାର ସମସ୍ତ କପି ରାଇଟ୍ସ ନେଇଛନ୍ତି। ବ୍ୟାନର- ସତ୍ୟନାରାୟଣ ପ୍ରଡ଼କସନ୍ ଓ ସମ୍ବିତ ଆଚାର୍ଯ୍ୟ ଫିଲ୍ମସ୍। ପ୍ରଯୋଜକ- ଶୁଭେନ୍ଦୁ କୁମାର ମଲ୍ଲ (ଲିଟୁ)। ନିର୍ଦ୍ଦେଶନା- ଅଶ୍ୱିନୀ ତ୍ରିପାଠୀ। ସଙ୍ଗୀତ- ବୈଦ୍ୟନାଥ ଦାଶ, ଜେ. ଏନ୍. ପଦ୍ମା ଓ ସୁମିତ ଦୀକ୍ଷିତ। ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି:- ସମ୍ବିତ ଆଚାର୍ଯ୍ୟ, ସୂର୍ଯ୍ୟମୟୀ ମହାପାତ୍ର, ଶୁଭେନ୍ଦୁ ମଲ୍ଲ, ଅଭିଷେକ ମଲ୍ଲ, ଅଭିଷେକ ଗିରି, ଶ୍ରୀତମ ଦାସ, ନମ୍ରତା ଦାସ, ପ୍ରଦ୍ୟୁମ୍ନ ଲେଙ୍କା, ପୁପିନ୍ଦର ସିଂ, ତୃଷାର ଆଚାର୍ଯ୍ୟ, ଚେଣ୍ଟ, ଅଂଶୁମାନ, ସୁଶାନ୍ତ ଦାଶ ମହାପାତ୍ର, ଭକ୍ତି, ଗୋବିନ୍ଦ ପ୍ରମୁଖ।

**-: ମନ୍ତ୍ରମୁଗ୍ଧ :-**

ପୁଣି ଜମିବ ଅନୁପମ-ଦୀପନ୍ୱିତଙ୍କ ଯୋଡ଼ି : 'ମନ୍ତ୍ରମୁଗ୍ଧ' କରିବାକୁ ଆସୁଛନ୍ତି ସୂର୍ଯ୍ୟମୟୀ ଓ ଦୀପନ୍ୱିତ। ଓଲିଉଡ଼ ପ୍ରତିଭାବାନ ପ୍ରଯୋଜକ ତଥା ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକଙ୍କ ନୂଆ ଚଳଚ୍ଚିତ୍ର 'ମନ୍ତ୍ରମୁଗ୍ଧ' ଖୁବ୍‌ଶୀଘ୍ର ମୁକ୍ତିଲାଭ କରିବ। ଏହି ଚଳଚ୍ଚିତ୍ର ମାଧ୍ୟମରେ ସେ ପୁଣି ଥରେ ଏକ ଭିନ୍ନ ସ୍ୱାଦର କାହାଣୀ ପରଦାକୁ ଆଣୁଛନ୍ତି, ଯାହାକୁ ନେଇ ଚଳଚ୍ଚିତ୍ରପ୍ରେମୀଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଛି। ସାମାଜିକ କିମ୍ବା ମନସ୍ତାତ୍ତ୍ୱିକ ବିଷୟବସ୍ତୁ ଉପରେ ଚିତ୍ରଟି ଗତିଶୀଳ କରିଛି। ବର୍ଷା ପଟ୍ଟନାୟକ ଏହାର ପ୍ରଯୋଜନା ଭାର ସମ୍ଭାଳୁ ଥିଲାବେଳେ ସଂଳାପ- ପ୍ରଣବ ରଥ, ସଙ୍ଗୀତ ନିର୍ଦ୍ଦେଶକ- ଆଶିଷ ପ୍ରଧାନ, ଅନୁରାଗ ପଟ୍ଟନାୟକ, ସଂଗୀତ ପଟ୍ଟନାୟକ, ଅନୁରାଗ ପଣ୍ଡା ଓ ସୌମ୍ୟରାଜ ପ୍ରଧାନ, ସିନେମାଟୋଗ୍ରାଫର- ଦୀପକ କୁମାର, ସଂପାଦନା- ରଶ୍ମିରଞ୍ଜନ ଦାଶ, ଭୂମିକାରେ- ଦ୍ୱୀପନ୍ୱିତ ଦାସ ମହାପାତ୍ର, ସନୋଜ କୁମାର, ମଣ୍ଟୁୟ ଦେ, ସୂର୍ଯ୍ୟମୟୀ ମହାପାତ୍ର, ଭୂମିକା ଦାଶ, ହର ରଥ, ଚୌଧୁରୀ ଜୟପ୍ରକାଶ ଦାସ, ନିଶାନ୍ତ ମାଝିଟିଆ, ସୋମା ହୋତା, ଗୁଡ୍ଡୁ, ବିନ୍ଦୁ ମହାପାତ୍ର, ଭକ୍ତି ଦାସ ରହିଛନ୍ତି।

**-: ଜହ୍ଲାଦ :-**

ପ୍ରଯୋଜକ ଅଶୋକ ନାୟକଙ୍କ ନିର୍ମାଣାଧୀନ ଚଳଚ୍ଚିତ୍ର 'ଜହ୍ଲାଦ' ଖୁବ୍‌ଶୀଘ୍ର ମୁକ୍ତିଲାଭ କରିବ। 'ଜହ୍ଲାଦ' ମୁଖ୍ୟତଃ ଏକ ସାଇକୋଥ୍ରୀଲର। ବଡ଼ମାନଙ୍କ ପ୍ରଭାବ ପିଲାଙ୍କ ଉପରେ ପଡ଼େ; କିନ୍ତୁ ତାହା ଯଦି ସକାରାତ୍ମକ ନ ହୋଇ ନକାରାତ୍ମକ ହୁଏ, ତା'ହେଲେ ପରିସ୍ଥିତି ଭୟଙ୍କର ରୂପ ନିଏ। ଏହା ହିଁ 'ଜହ୍ଲାଦ' ର ମୁଖ୍ୟ କଥାବସ୍ତୁ। ପ୍ରଯୋଜକଙ୍କ କହିବା କଥା, ଫିଲ୍ମର ସୁଟିଂ ଶେଷ ହୋଇଥିଲା ନିର୍ଦ୍ଧାରିତ ସମୟରେ। କିନ୍ତୁ ମହାଭାରତର କିଛି ଚରିତ୍ରଙ୍କ ନାମାନୁସାରେ ଫିଲ୍ମର କିଛି ଚରିତ୍ରଙ୍କ ନାମକରଣ କରାଯାଇଥିବାରୁ ସେନ୍‌ସର ସାର୍ଟିଫିକେଟ୍ ମିଳିବାରେ ଅସୁବିଧା ଦେଖାଦେଇଥିଲା। ଫଳରେ ଫିଲ୍ମଟିର ଅଧିକାଂଶ ଅଂଶ ପୁଣି ଥରେ ସୁଟିଂ କରାଯାଇଛି। ବିଭିନ୍ନ ଭୂମିକାରେ ରତନ ମେହେର, ଦେବଦତ୍ତ, ସନ୍ତୁ, ପ୍ରେମ, ଶୁଭଶ୍ରୀ ପ୍ରମୁଖ ଅଭିନୟ କରିଛନ୍ତି। ଫିଲ୍ମରେ ସଂଯୋଜିତ ଆଇଟମ୍ ଗୀତ 'ମୁଁ ସେକ୍ସି ସନ୍ନି ଲିଓନି...' ରେ ନିଶା ମହାରଣାଙ୍କ ମାଦକତାଭରା ନୃତ୍ୟ ଦର୍ଶକଙ୍କୁ ମତୁଆଲା କରିବ ବୋଲି ଆଶା କରିଛନ୍ତି ପ୍ରଯୋଜକ।

**-: ଛକି ଶୂନ :-**

ଆମର ମ୍ୟୁଜିକ୍ ଓ ଟୁ ନାଇନ ଫିଲ୍ମସ୍ ବ୍ୟାନରରେ ନିର୍ମାଣ ହେଉଛି 'ଛକି ଶୂନ' ଚଳଚ୍ଚିତ୍ର। ପ୍ରଯୋଜକ- ନବୀନ ଭଣ୍ଡାରୀ ଓ ଜାଗୃତି ମହାନ୍ତି। କାହାଣୀ, ଚିତ୍ରନାଟ୍ୟ, ସଂଳାପ ଓ ନିର୍ଦ୍ଦେଶନା- ମାନସ ପଢ଼ୀଆରୀ, ସଙ୍ଗୀତ- ହ୍ୟୁମାନ ସାଗର। ବିଭିନ୍ନ ଭୂମିକାରେ- ଅନୁଭବ ମହାନ୍ତି, ସମ୍ଭାବନା, ବିଦ୍ୟା, ଅଭିଷେକ, ଉଦିତ ଗୁରୁ, ଚୌଧୁରୀ ଜୟପ୍ରକାଶ ଦାସ, ସନ୍ତୁ ପ୍ରମୁଖ। ଚିତ୍ରଟି ଖୁବ୍‌ଶୀଘ୍ର ମୁକ୍ତିଲାଭ କରିବ।

*ସୌଜନ୍ୟ:- "ଚଳଚ୍ଚିତ୍ର ଜଗତ"*

**ଖେଳ ଓ ଖେଳାଳୀ**

# ବିଶ୍ୱକପ୍ ହକି - ୨୦୨୬

ଚଳିତ ୨୦୨୬ ରେ ପୁରୁଷ ବିଶ୍ୱକପ୍ ହକି ପ୍ରତିଯୋଗିତାର ଯୁଗ୍ମ ଆୟୋଜକ ହେଲେ ବେଲ୍‌ଜିୟମ ଓ ନେଦରଲାଣ୍ଡସ୍। ପୂର୍ବରୁ ନେଦରଲାଣ୍ଡସ ଏହି ପ୍ରତିଯୋଗିତାର ଆୟୋଜନ କରିସାରିଥିଲା ବେଳେ ବେଲଜିୟମ ପ୍ରଥମ ଥର ବିଶ୍ୱକପ୍ ଆୟୋଜନ କରିବାର ସୁଯୋଗ ପାଇଛି। ଅଗଷ୍ଟ ୧୪ ତାରିଖରୁ ୩୦ ତାରିଖ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା ପ୍ରଥମଥର ଯୁଗ୍ମ ଭାବରେ ଆୟୋଜିତ ହେବାକୁ ଯାଉଛି ବେଲ୍‌ଜିୟମ୍‌ର ୱାଭରେ ଏବଂ ନେଦରଲାଣ୍ଡ୍‌ସର ଆମଷ୍ଟରଡ୍ୟାମ ଠାରେ। ଷୋହଳଟି ଦେଶ ଅଂଶଗ୍ରହଣ କରୁଥିବା ଏହି ବିଶ୍ୱକପ୍‌ରେ ଦଳମାନଙ୍କୁ ନିମ୍ନମତେ ଋରୋଟି ପୁଲରେ ସ୍ଥାନୀତ କରାଯାଇଛି ଯେଉଁମାନେ ନିମ୍ନମତେ ବିଭିନ୍ନ ପ୍ରତିଯୋଗିତାରେ ଅଂଶ ନେବେ।

| ପୁଲ - 'ଏ' | ପୁଲ - 'ବି' | ପୁଲ - 'ସି' | ପୁଲ - 'ଡି' |
|---|---|---|---|
| ନେଦରଲାଣ୍ଡ୍‌ସ | ବେଲ୍‌ଜିୟମ | ଅଷ୍ଟ୍ରେଲିଆ | ଇଂଲଣ୍ଡ |
| ଆର୍ଜେଣ୍ଟିନା | ଜର୍ମାନୀ | ସ୍ପେନ୍ | ଭାରତ |
| ନ୍ୟୁଜିଲାଣ୍ଡ | ଫ୍ରାନ୍‌ସ | ଆୟର୍ଲାଣ୍ଡ | ପାକିସ୍ତାନ |
| ଜାପାନ | ମାଲେସିଆ | ଦ. ଆଫ୍ରିକା | ୱେଲସ |

ଏଇ ପ୍ରତ୍ୟେକ ପୁଲରୁ ଦୁଇଟି ଲେଖାଏଁ ଶ୍ରେଷ୍ଠ ଦଳ କ୍ୱାର୍ଟର ଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହେଲାପରେ ସେଥି ମଧ୍ୟରୁ ୪ଟି ଦଳ ସେମିଫାଇନାଲକୁ ଉନ୍ନୀତ ହେବେ। ଅଗଷ୍ଟ ୨୮ ରେ ଦୁଇଟିଯାକ ସେମିଫାଇନାଲ ଅନୁଷ୍ଠିତ ହୋଇ ଅଗଷ୍ଟ ୩୦ ତାରିଖରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ।

୧୯୭୫ ର ବିଶ୍ୱକପ୍ ବିଜୟୀ ଭାରତୀୟ ଦଳ ତା ପରଠାରୁ ଚରମ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଆସିଛି ପରବର୍ତ୍ତୀ ବିଶ୍ୱକପ୍‌ମାନଙ୍କରେ। ଏହାପରେ ଆଜି ପର୍ଯ୍ୟନ୍ତ ଭାରତ ଆଉଥରେ କେବେ ମଧ୍ୟ ସେମିଫାଇନାଲ ପର୍ଯ୍ୟନ୍ତ ପହଞ୍ଚିପାରିନାହିଁ। କିନ୍ତୁ ୧୫ଟି ଯାକ ବିଶ୍ୱକପ୍‌ରେ ଭାରତ ଯୋଗ୍ୟତା ପର୍ଯ୍ୟାୟରେ ଉତ୍ତୀର୍ଣ୍ଣ ହୋଇ ଚୂଡ଼ାନ୍ତ ପର୍ଯ୍ୟାୟରେ ଅଂଶଗ୍ରହଣ କରିଛି। ୧୯୭୧ ରେ ପ୍ରଥମ ବିଶ୍ୱକପ୍‌ରେ ବ୍ରୋଞ୍ଜ ଏବଂ ୧୯୭୩ ରୌପ୍ୟପଦକ ବିଜୟୀ ହେବା ବ୍ୟତୀତ ଅନ୍ୟ ବିଶ୍ୱକପ୍‌ମାନଙ୍କରେ ଭାରତୀୟ ଦଳ ନିମ୍ନମତେ ମାନ୍ୟତା ପାଇଛି।

| | | |
|---|---|---|
| ୧୯୮୨ | ମୁମ୍ବାଇ | ପଞ୍ଚମ ସ୍ଥାନ |
| ୧୯୯୪ | ସିଡ୍‌ନୀ | ପଞ୍ଚମ ସ୍ଥାନ |
| ୨୦୧୮ | ଭୁବନେଶ୍ୱର | ଷଷ୍ଠ ସ୍ଥାନ |
| ୨୦୨୩ | ଭୁବନେଶ୍ୱର / ରାଉରକେଲା | ନବମ ସ୍ଥାନ |

ଅନ୍ୟ ବିଶ୍ୱକପ୍ ଗୁଡ଼ିକରେ ଯୋଗ୍ୟତା ପର୍ଯ୍ୟାୟରୁ ଉନ୍ନୀତ ହୋଇ ଅଂଶଗ୍ରହଣ କରିଥିଲେ ମଧ୍ୟ ପ୍ରଥମ ଦଶ ସ୍ଥାନ ମଧ୍ୟରେ ରହିନପାରି ନୈରାଶ୍ୟର ଭାରତ ବିଦାୟ ନେଇଛି ପ୍ରତିଯୋଗିତାରୁ। ଚଳିତ ବିଶ୍ୱକପ୍‌ରେ ଯୋଗ୍ୟତା ହାସଲ କରି ଭାରତୀୟ ଦଳ ସ୍ଥାନୀତ ହୋଇଛି ଇଂଲଣ୍ଡ ଓ ପାକିସ୍ତାନ

ସହିତ । ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହେବାକୁ ହେଲେ ଜୋରଦାର ସଂଘର୍ଷ ଓ ଉତ୍କୃଷ୍ଟ ପ୍ରଦର୍ଶନ ଅବଶ୍ୟମ୍ଭାବୀ । ବିଶ୍ୱକପ୍‌ରେ ମାତ୍ର ଥରୁଟିଏ ଲେଖାଏଁ ପ୍ରଥମ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଭାରତୀୟ ଦଳ ପାଇଁ ସଂଘର୍ଷ ନିଶ୍ଚୟ କଠିନ ରହିବ । ୧୯୭୫ ବିଶ୍ୱକପ୍ ଚାଂପିୟାନ ହେବା ପରଠାରୁ ଓ ୧୯୮୦ ଅଲିଂପିକ ସ୍ୱର୍ଣ୍ଣ ବିଜୟ ପରଠାରୁ ଭାରତୀୟ ଦଳର ସର୍ବଶେଷ ଶ୍ରେଷ୍ଠ ପ୍ରଦର୍ଶନ ହେଲା ୨୦୨୧ ଓ ୨୦୨୪ ଅଲିଂପିକ୍‌ସରେ ଯେଉଁଠାରେ ଲଗାତାର ଦୁଇଟି ବ୍ରୋଞ୍ଜ ପଦକ ଜିତିବା ପରେ ଭାରତୀୟ ଦଳ ଦୃଢ଼ ମନୋବଳ ସହ ଅବତୀର୍ଣ୍ଣ ହେବାକୁ ଯାଇଛି ଏହି ବିଶ୍ୱକପ୍‌ରେ ।

**ବିଭିନ୍ନ ପ୍ରତିଯୋଗିତାରେ ଭାରତୀୟ ଦଳର ପ୍ରଦର୍ଶନ**

| | ପ୍ରଥମ ସ୍ଥାନ | ଦ୍ୱିତୀୟ ସ୍ଥାନ | ତୃତୀୟ ସ୍ଥାନ |
|---|---|---|---|
| ଅଲିଂପିକ୍ | ୮ ଥର | ୧ ଥର | ୪ ଥର |
| ବିଶ୍ୱକପ୍ | ୧ ଥର | ୧ ଥର | ୧ ଥର |
| ପ୍ରୋ ଲିଗ୍ | ୦ | ୦ | ୧ ଥର |
| ବିଶ୍ୱ ଲିଗ୍ | ୦ | ୦ | ୨ ଥର |
| ଚାଂପିୟାନ୍‌ସ ଟ୍ରଫି | ୦ | ୨ ଥର | ୧ ଥର |
| କମନ୍‌ୱେଲଥ ପ୍ରତିଯୋଗିତା | ୦ | ୩ ଥର | ୦ |
| ଏସିଆନ୍ ଗେମ୍‌ସ | ୪ ଥର | ୯ ଥର | ୩ ଥର |
| ଏସିଆ କପ୍ | ୪ ଥର | ୫ ଥର | ୨ ଥର |
| ଏସିଆନ୍ ଚାଂପିୟାନ୍‌ସ ଟ୍ରଫି | ୫ ଥର | ୧ ଥର | ୧ ଥର |
| **ସମୁଦାୟ** | **୨୨ ଥର** | **୨୨ ଥର** | **୧୫ ଥର** |

ତୁଳନାତ୍ମକ ଭାବରେ ଦେଖିଲେ କ୍ରୀକେଟରେ ଏକଦା ସର୍ବଶ୍ରେଷ୍ଠ ଦଳ ଭାବରେ ବିବେଚିତ ଇଣ୍ଡିଜ ଦଳର ମାନ୍ୟତା ଯଥେଷ୍ଟ ହ୍ରାସ ପାଇସାରିଛି । ଠିକ୍ ସେଇଭଳି ବ୍ରାଜିଲ୍‌ର ପ୍ରଭାବ ମଧ୍ୟ ଫୁଟବଲ ଦୁନିଆରେ କ୍ରମ କ୍ଷୟିଷ୍ଣୁ ହୋଇଚାଲିଛି । ବ୍ୟାଡ୍‌ମିଣ୍ଟନରେ ମଧ୍ୟ ଏକଦା ଶ୍ରେଷ୍ଠତମ ଇଣ୍ଡୋନେସିଆ ଓ ଟେନିସରେ ଏକଦା ଶ୍ରେଷ୍ଠତମ ବିବେଚିତ ଆମେରିକା ଓ ଅଷ୍ଟ୍ରେଲିଆର ପ୍ରଭାବ କ୍ରମେ ନିଷ୍ପ୍ରଭ ହୋଇଚାଲିଛି । ସେଇପ୍ରକାରରେ ହକିରେ ମଧ୍ୟ ଭାରତ ତା'ର ପୂର୍ବ ମର୍ଯ୍ୟାଦା ହରାଇ ପୁନରାୟ ତାହା ଫେରିପାଇବାକୁ ଅହରହ ଚେଷ୍ଟା କରିଚାଲିଛି । ହକି ବିଶ୍ୱକପ୍‌ରେ ଭାରତ ପାଇଁ ପଦକ ମରୁଡ଼ି ଏଇଥର ଶେଷ ହେବ ବୋଲି ହକି ସମର୍ଥକମାନେ ଆଗ୍ରହୀ ହୋଇ ଚାହିଁ ରହିଛନ୍ତି ।

Postal Regd. No. CK (C)/91/2024-2026

**The Samaroha** May - 2026, Vol. - 35, Issue - 8

RNI Regd. No. : 034056/1981

KALINGA COMMERCIAL CORPORATION LTD

A Leading Turnkey Service Provider for Mining Sector

(ISO 9001 : 2008 Certified)

*Our Strength is- Unity & Teamwork with*





*Commitment and Dedication*

*Our Motto — No Words but Deeds*





*Aiming for Excellence in Achievement with Customer Satisfaction*

Our Vision:
Aspire to set Benchmark on Global Mining,Value Creation and Corporate Social Responsibility

***CORPORATE OFFICE***

**A/47, NILAKANTHA NAGAR, NAYAPALLI, BHUBANESWAR, ODISHA 751012**

**MOB: 9937559264**

**WEB: www.kccl.co.in**

₹ 20/-

Date of Publication : 16.05.2026

Facebook: The Samaroha

E-mail: thesamaroha@gmail.com, Website: www.samaroha.in